# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧୦/୨୦୧୯ (୨୦ ପୃଷ୍ଠା) | Bhubaneswar, Sunday, March 10/2019 (ଛୁଟିଦିନ ସହ) | ★★★★★★

୪୫ଶ ଭାଗ ୧୦୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ଚେନ୍ନାଇ ସିଟିକୁ ଜିତାଇଲେ ଗୌରବ

ଗୌରବ ବୋରାଙ୍କ ଡବଲ ଗୋଲ ସହାୟତାରେ ମିନର୍ଭା ପଞ୍ଜାବକୁ ୩-୧ରେ ପରାସ୍ତ କରି ଚେନ୍ନାଇ ସିଟି ଆଇ-ଲିଗ୍ ଟାଇଟଲ ହାସଲ କରିଛି।

୧୯

୦୭

## ଆକାଶ-ଶ୍ଳୋକାଙ୍କ ବାହାଘର

ମୁମ୍ବାଇରେ ରଙ୍ଗାରଙ୍ଗ ପରିବେଶ ମଧ୍ୟରେ ଏବଂ ବିଶ୍ୱର ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଆକାଶ ଅମ୍ବାନୀ ଏବଂ ଶ୍ଳୋକା ମେହେଟାଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହେଉଛି।



# ୧,୦୦୦ କେଜି ବିସ୍ଫୋରକ ଜବତ




ଜବତ ବିସ୍ଫୋରକ ସାମଗ୍ରୀ।

ବସ୍ତା/ରୂପ୍‌ସା, ୯।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଞ୍ଚଳରୁ ଏକ ଟ୍ରକ ଯୋଗେ ଚାଲାଣ ହେଉଥିବା ପ୍ରାୟ ୧୦ କୁଇଣ୍ଟାଲ ବିସ୍ଫୋରକ ସାମଗ୍ରୀକୁ ପଶ୍ଚିମବଙ୍ଗ ପୋଲିସ ଜବତ କରିଛି। ଶୁକ୍ରବାର ରାତି ୯ଟା ବେଳେ ଓଡ଼ିଶା ସୀମାଠାରୁ ଅନତି ଦୂର ୧୬ ନମ୍ବର ଜାତୀୟ ରାଜପଥ ଜାନ୍ତୁନ ନିକଟସ୍ଥ ଅଞ୍ଚଳରେ ପୋଲିସ ଚଢାଉ କରି ବିସ୍ଫୋରକ ସାମଗ୍ରୀ ବୋଝେଇ ଟ୍ରକ ଧରିବା ସହ ଏହାର ଡ୍ରାଇଭର ଓ ଅନ୍ୟ ଜଣେ ସହଯୋଗୀଙ୍କୁ ଗିରଫ କରିଛି। ଏହି ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ କେଉଁଠାରୁ କେଉଁ ସ୍ଥାନକୁ ଚାଲାଣ ହେଉଥିଲା ତାହା ସ୍ପଷ୍ଟ ହୋଇନାହିଁ।

ପୋଲିସ ସୂଚନା ଅନୁଯାୟୀ ଶୁକ୍ରବାର ଅପରାହ୍ନରେ ବାଲେଶ୍ୱର ☞ପୃଷ୍ଠା-୪

# ଖଣି ଖନନରେ କଳା କାରନାମା

ମାନସ ରଞ୍ଜନ ମହାନ୍ତି
ଯୋଡା, ୯।୩(ଡି.ଏନ.ଏ)




କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳରେ ସର୍ବାଧିକ ଲିଜ୍ ଅକ୍ତିଆର କରିଥିବା ଟାଟା ଷ୍ଟିଲ କମ୍ପାନୀର ଆଉ ଏକ କଳା କାରନାମା ଜଣାପଡ଼ିଛି। ବନ ସଂରକ୍ଷଣ ଆଇନ ଓ ପରିବେଶଗତ ମଞ୍ଜୁରୀ ଆଇନର ଖୋଲା ଉଲ୍ଲଂଘନ କରି ବ୍ୟାପକ ଲୁହାପଥର ଉତ୍ତୋଳନ କରାଯାଇଥିବା ଜଣାପଡ଼ିଛି। ଜଷ୍ଟିସ ଶାହା କମିଶନଙ୍କ ଅନୁଧ୍ୟାନ ବେଳେ ଟାଟା କମ୍ପାନୀର ଏହି ଖଣି ଦୁର୍ନୀତି ପଦାରେ ପଡିଥିଲା। ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ସେଣ୍ଟ୍ରାଲ ଏମ୍‌ପାୱାର୍ଡ କମିଟି(ସିଇସି) ଟାଟା ଷ୍ଟିଲ ଅଧୀନରେ ଥିବା ବିଭିନ୍ନ ଖଣିର ଯାଞ୍ଚ କରି ସୁପ୍ରିମକୋର୍ଟଙ୍କୁ ରିପୋର୍ଟ ପ୍ରଦାନ କରିଥିଲା। ସିଇସିଙ୍କ ଚୂଡାନ୍ତ ରିପୋର୍ଟର ପୃଷ୍ଠା ସଂଖ୍ୟା ୪୩ରେ ଉଲ୍ଲେଖ ଅଛି ଯେ, ଟାଟା ଆଇରନ୍ ଆଣ୍ଡ ଷ୍ଟିଲ କମ୍ପାନୀ ଟିସ୍କୋ ଲିମିଟେଡ ଥିବାବେଳେ ପରିବେଶଗତ ଅନୁମୋଦନ ନ ଥାଇ ବହୁ ପରିମାଣର ଲୁହାପଥର ଓ ମାଙ୍ଗାନିଜ ପଥର ବେଆଇନ ଭାବେ ଉତ୍ତୋଳନ କରିଥିଲା। ଯାହାକି ଅନୁମତି ଠାରୁ ପ୍ରାୟ ୯୪,୫୨,୬୦୦ମେଟ୍ରିକ ଟନ୍ ଲୁହାପଥର ଏବଂ ୧୨,୫୮,୪୦୦ ମେଟ୍ରିକ ଟନ୍ ମାଙ୍ଗାନିଜ ପଥର ଅଧିକ ଅଟେ। ଏହି ବେଆଇନ ଉତ୍ତୋଳନ କରାଯାଇଥିବା ଲୁହାପଥର ଓ ମାଙ୍ଗାନିଜ୍‌ପଥରର ଆନୁମାନିକ ମୂଲ୍ୟ ପ୍ରାୟ ୬୧୪ କୋଟି ୪୧ ଲକ୍ଷ ଟଙ୍କା ବୋଲି ସିଇସି ଆକଳନ କରିଥିବା ରିପୋର୍ଟରେ ଦର୍ଶାଇଥିଲା।

ଟାଟା ଷ୍ଟିଲ କମ୍ପାନୀର ପଶ୍ଚିମ ଯୋଡ଼ା ଲୌହ ମାଙ୍ଗାନିଜ ଖଣି ସମ୍ପର୍କରେ ସିଇସି ଅନୁଧ୍ୟାନ କରି ତାଙ୍କ ରିପୋର୍ଟର ୫୯ନଂ ପୃଷ୍ଠାରେ ଦର୍ଶାଇଛନ୍ତି ଯେ, ୧୯୯୪-୯୫ ମସିହା ଏବଂ ୧୮।୧।୨୦୦୩ ରୁ ୩୧।୪।୨୦୦୩ ପର୍ଯ୍ୟନ୍ତ ଟାଟା କମ୍ପାନୀ ଜଙ୍ଗଲ ଜମିରେ ବେଆଇନ ଭାବେ ବନ ସଂରକ୍ଷଣ ଆଇନର ଉଲ୍ଲଘଂନ କରି ଖଣିଜ ଉତ୍ତୋଳନ କରିଥିଲା। ଜଙ୍ଗଲ ଜମିକୁ ବିଭିନ୍ନ କାରଣ ଦର୍ଶାଇ ଅଣ ଜଙ୍ଗଲ ଜମିରେ ରୂପାନ୍ତରିତ ନ କରି ବେଆଇନ ଭାବେ ଖଣି ଖନନ ବ୍ୟତୀତ ଅନ୍ୟଖଣି ସମ୍ବନ୍ଧୀୟ କାର୍ଯ୍ୟରେ ବ୍ୟବହାର କରିଥିଲା। ସେହିପରି ବାମେବାରି ଲୌହ ଓ ମାଙ୍ଗାନିଜ ଖଣିରେ ବନ ସଂରକ୍ଷଣ ଆଇନକୁ ଉଲ୍ଲଂଘନ କରି ୧୯୯୪-୯୫ ମସିହାଠାରୁ ୮।୫।୨୦୦୩ ପର୍ଯ୍ୟନ୍ତ ଓ ୯।୫।୨୦୦୪ ଠାରୁ ୨୫।୫।୨୦୦୫ ଏବଂ ୨୬।୫।୨୦୦୬ ଠାରୁ ୨୪।୫।୨୦୦୭ ପର୍ଯ୍ୟନ୍ତ ବେଆଇନ ଭାବେ ଖଣିଜ ଖନନ କରାଯାଇଥିଲା। ଏନେଇ ଟାଟା ଷ୍ଟିଲ କମ୍ପାନୀକୁ ମଧ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଥିଲା। କମ୍ପାନୀର ୬ଟି ଲିଜ୍‌କୁ ମିଶାଇ ସମୁଦାୟ ୫୪୧କୋଟି ଟଙ୍କା ଜରିମାନା ସୁପ୍ରିମକୋର୍ଟ ପକ୍ଷରୁ କରାଯାଇଥିଲା। ଏଭଳି ଜରିମାନା ଭରଣ କରି ଟାଟା କମ୍ପାନୀ ତା'ର ☞ପୃଷ୍ଠା-୪




## ଲଣ୍ଡନରେ ନୀରବ



ଲଣ୍ଡନ, ୯।୩

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଠକେଇର ମୁଖ୍ୟ ଅଭିଯୁକ୍ତ ହୀରା ବ୍ୟବସାୟୀ ନୀରବ ମୋଦି ଭାରତରୁ ଫେରାର ହୋଇ ଏବେ ଲଣ୍ଡନରେ ଲୁଚିଥିବା ଜଣାପଡିଛି। ସେ ସେଠାରେ ଲକ୍‌ଜରୀ ଫ୍ଲାଟ୍‌ରେ ରହୁଥିବା ବେଳେ ସୋହୋଠାରେ ପୁଣି ହୀରା ବ୍ୟବସାୟ ଆରମ୍ଭ କରିଛନ୍ତି। ସ୍ଥାନୀୟ ଖବରକାଗଜ 'ଦି ଟେଲିଗ୍ରାଫ୍' ନୀରବଙ୍କୁ ଲଣ୍ଡନ ସଡ଼କରେ ବୁଲୁଥିବାବେଳେ ଠାବ କରିଥିଲା। ତାଙ୍କୁ ବିଭିନ୍ନ ପ୍ରଶ୍ନ କରାଯାଇଥିଲେ ହେଁ ସେ କୌଣସି ଉତ୍ତର ଦେଇ ନ ଥିଲେ। ଏ ସଂକ୍ରାନ୍ତରେ ଟେଲିଗ୍ରାଫ ଏକ ରିପୋର୍ଟ ସହ ତାଙ୍କର ଭିଡିଓ ଜାରି କରିଛି। ସେ ନିଜର ବେଶଭୂଷା ବଦଳାଇ ଦେଇଥିବା ଭିଡିଓ ଓ ଫଟୋରୁ ଜଣାପଡୁଛି।

(ସମ୍ପୂର୍ଣ୍ଣ ବିବରଣୀ ପୃଷ୍ଠା:୧୭)

**ଆଜିର ସମ୍ପାଦକୀୟ**

ଆମ ପୂର୍ବପୁରୁଷ

**ଆଜିର ମନ୍ତବ୍ୟ**

"କେନ୍ଦ୍ର ସରକାରଙ୍କୁ ବୋଧହୁଏ ଚୋର ରାଫାଲ ଦସ୍ତାବିଜ ଫେରାଇ ଦେଇଛନ୍ତି।

-ପି. ଚିଦାମ୍ବରମ୍, ବରିଷ୍ଠ କଂଗ୍ରେସ ନେତା

# ୨୭ ବର୍ଷରେ ଅଭିବୃଦ୍ଧି ଆକାଶଛୁଆଁ

**ଏସ୍‌ବିଆଇ ମାନବ ବିକାଶ ସୂଚକାଙ୍କ: ଦଶମରେ ଓଡ଼ିଶା**

ଭୁବନେଶ୍ୱର, ୯।୩(ବ୍ୟୁରୋ)

ଗତ ୨୭ ବର୍ଷ ମଧ୍ୟରେ ରାଜ୍ୟର ଅଭିବୃଦ୍ଧି ଆକାଶଛୁଆଁ ହୋଇଛି। ରାଜ୍ୟର ଆର୍ଥିକ ଅଭିବୃଦ୍ଧି ଦ୍ରୁତ ଗତିରେ ମାଡିଚାଲିଛି। ଏଥିପାଇଁ ରାଜ୍ୟରେ ମୁଣ୍ଡପିଛା ଆୟ ମଧ୍ୟ ବହୁତ ବଢିଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ ମାନବ ବିକାଶ ସୂଚକାଙ୍କ(ଏଚଡିଆଇ) ରିପୋର୍ଟରେ ଏହି ତଥ୍ୟ ପ୍ରକାଶ କରାଯାଇଛି। ଦ୍ରୁତ ଆର୍ଥିକ ଅଭିବୃଦ୍ଧି କରୁଥିବା ପ୍ରଥମ ୧୦ଟି ରାଜ୍ୟ ତାଲିକାରେ ଓଡିଶାକୁ ମିଳିଛି ଦଶମ ସ୍ଥାନ। ୧୯୯୦ରୁ ୨୦୧୭ ମଧ୍ୟରେ ରାଜ୍ୟକୁ ଉକ୍ତ ସୂଚକାଙ୍କ ମିଳିଛି। ଇଣ୍ଡେକ୍ସ ରିପୋର୍ଟରେ କୁହାଯାଇଛି ଯେ, ଓଡ଼ିଶା ପୂର୍ବ ଭାରତ ରାଜ୍ୟ ବର୍ଗରେ ମଧ୍ୟ ସବୁଠୁ ଉତ୍ତମ ପ୍ରଦର୍ଶନ କରୁଥିବା ରାଜ୍ୟ ତାଲିକାରେ ରହିଛି। ଏଥିସହିତ ସାମାଜିକ ବ୍ୟୟ କ୍ଷେତ୍ରରେ ଓଡିଶାର ଯୌଗିକ ବାର୍ଷିକ ଅଭିବୃଦ୍ଧି(ସିଏଜିଆର) ହାର ୧୫.୧ ପ୍ରତିଶତ ରହିଛି। ମୁଣ୍ଡ ପିଛା ଆୟ କ୍ଷେତ୍ରରେ ମଧ୍ୟ ଓଡିଶା ଉପରେ ରହିଥିବା ରିପୋର୍ଟରେ ଦର୍ଶାଯାଇଛି। ଏଚ୍‌ଡିଆଇ ରିପୋର୍ଟ ଅନୁଯାୟୀ ହରିୟାଣା ୧ ନମ୍ବର ସ୍ଥାନରେ ଥିବାବେଳେ ହିମାଚଳ ପ୍ରଦେଶ ଦ୍ୱିତୀୟ, ତାମିଲନାଡୁ ତୃତୀୟ, କର୍ନାଟକ ଚତୁର୍ଥ, ପଞ୍ଜାବ ପଞ୍ଚମ, ଅରୁଣାଚଳ ପ୍ରଦେଶ ଷଷ୍ଠ, ରାଜସ୍ଥାନ ସପ୍ତମ, କେରଳ ଅଷ୍ଟମ, ଆନ୍ଧ୍ର ପ୍ରଦେଶ ନବମ ଏବଂ ଓଡିଶା ଦଶମ ସ୍ଥାନରେ ରହିଛି। ହରିୟାଣା, ହିମାଚଳ ପ୍ରଦେଶ, ତାମିଲନାଡୁ ଏବଂ କର୍ନାଟକ ଏଚଡିଆଇର ଉଲ୍ଲେଖନୀୟ ର୍ୟାଙ୍କକୁ ଉଠିଥିବା ବେଳେ ନାଗାଲାଣ୍ଡ ଏବଂ ମଣିପୁର ଭଳି ପୂର୍ବ ଭାରତ ରାଜ୍ୟ ତଳକୁ ଖସି ଯାଇଛନ୍ତି। ତେବେ ୧୯୯୦ରେ ଯେଉଁ ରାଜ୍ୟଗୁଡିକର ପ୍ରଦର୍ଶନ ଭଲ ନ ଥିଲା ୨୦୧୪ ବେଳକୁ ସେମାନଙ୍କର ସାମାଜିକ ମାନଦଣ୍ଡ ଉତ୍ତମ ରହିଥିବା ରିପୋର୍ଟରେ କୁହାଯାଇଛି। ଦେଶର ୨୫ଟି ବୃହତ୍ ରାଜ୍ୟ ମଧ୍ୟରେ ରାଜସ୍ଥାନ, ☞ପୃଷ୍ଠା-୪






■ ଛିଣ୍ଡୁନି ମହାନଦୀ ଜଳ ବିବାଦ

# ପୁଣି ଆଲୋଚନା ଲାଗି ଓଡ଼ିଶା, ଛତିଶଗଡ଼କୁ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ/ ଭୁବନେଶ୍ୱର (ବ୍ୟୁରୋ), ୯।୩



ଓଡିଶା ଓ ଛତିଶଗଡ ମଧ୍ୟରେ ମହାନଦୀ ଜଳ ବିବାଦର ସମାଧାନ ଆପୋସ ଆଲୋଚନା ମାଧ୍ୟମରେ ହୋଇପାରୁ ନାହିଁ। ଗୋଟିଏ ପରେ ଗୋଟିଏ ଆଲୋଚନା ଫେଲ୍ ମାରୁଛି। ନୂଆଦିଲ୍ଲୀରେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ, ସଚିବମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ ତାହା ସଫଳ ହୋଇପାରି ନ ଥିଲା। ଏହି ମାମଲା ସୁପ୍ରିମକୋର୍ଟକୁ ଗଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ ହୋଇଛି। ମାମଲାର ଶୁଣାଣି ଶେଷ ହୋଇଛି। ରାୟ ଶୁଣାଇବା ପୂର୍ବରୁ ଟ୍ରିବ୍ୟୁନାଲ ଏହି ବିବାଦର ସମାଧାନ ଆପୋସ କଥାବାର୍ତ୍ତା ମାଧ୍ୟମରେ ଉଭୟ ରାଜ୍ୟର ଅଧିକାରୀ ଓ ବିଶେଷଜ୍ଞଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସେହି ଆଲୋଚନା ମଧ୍ୟ ଫେଲ୍ ମାରିଲା। ଶନିବାର ଟ୍ରିବ୍ୟୁନାଲ ଉଭୟ ରାଜ୍ୟର ଆଡଭୋକେଟ ଜେନେରାଲଙ୍କ ଜରିଆରେ ମହାନଦୀ ଜଳ ବିବାଦର ଆପୋସ ସମାଧାନ ପନ୍ଥା ବାହାର କରିବା ଲାଗି ଓଡ଼ିଶା ଓ ଛତିଶଗଡ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୩୦ ତାରିଖ ପୂର୍ବରୁ ଦୁଇ ରାଜ୍ୟର ଆଡଭୋକେଟ୍ ଜେନେରାଲ ପରସ୍ପର ମଧ୍ୟରେ ଆଲୋଚନା କରି ଏହାର ନିର୍ଯାସ ଜଣାଇବାକୁ କୁହାଯାଇଛି। ଏହାପରେ ଟ୍ରିବ୍ୟୁନାଲ ମହାନଦୀ ଜଳ ବିବାଦ ଉପରେ ରାୟ ଶୁଣାଇବେ।

ମହାନଦୀ ଜଳ ବଣ୍ଟନକୁ ନେଇ ଓଡ଼ିଶା ଓ ଛତିଶଗଡ଼ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଜଷ୍ଟିସ ଏ.ଏମ୍. ଖାନ୍‌ୱିଲକର, ☞ପୃଷ୍ଠା-୪


NECC NATIONAL EGG CO-ORDINATION COMMITTEE | 09.03.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 80 | 132 | 142 |
| CTC | 81 | 133 | 143 |
| DKL | 81 | 133 | 143 |
| BDK | 82 | 135 | 145 |
| BLS | 83 | 136 | 146 |
| ANG | 82 | 135 | 145 |

*Conditions Apply

Eggs Retail Price- 49/-Dozen
Issued in the Interest of Consumers


**କିଛି ତଥ୍ୟ**

୨୦୧୮ରେ ଭାରତକୁ ୩୮ ବିଲିୟନ ଡଲାର ଏଫ୍‌ଡିଆଇ ଆସିଛି। ଏହି ସମୟରେ ଚାଇନାର ଏଫ୍‌ଡିଆଇ ୩୨ ବିଲିୟନ ଡଲାର ରହିଛି।

-ବାଣିଜ୍ୟ ମନ୍ତ୍ରଣାଳୟ






ପାକିସ୍ତାନ ନିଜ ମାଟିରେ ସକ୍ରିୟ ଥିବା ଆତଙ୍କବାଦୀଙ୍କୁ ଯଦି ଲଗାମ ନ ଦିଏ, ତେବେ ବିଶ୍ୱରେ ଏକଘରିକିଆର ସମ୍ମୁଖୀନ ହେବ।
-ଆମି ବେରା, ଆମେରିକା କଂଗ୍ରେସ ସଦସ୍ୟ

## ସଂକ୍ଷେପରେ

### ଇମ୍ରାନ୍‌ଙ୍କୁ ଅଯୋଗ୍ୟ ଘୋଷଣା ଆବେଦନ ୧୧ରେ ଶୁଣାଣି

**ଲାହୋର,୯।୩(ପି.ଟି.):** ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ଅଯୋଗ୍ୟ ଘୋଷଣା କରିବା ପାଇଁ ହୋଇଥିବା ଆବେଦନର ଶୁଣାଣି ଲାହୋର ହାଇକୋର୍ଟରେ ଆସନ୍ତା ସୋମବାର ଅନୁଷ୍ଠିତ ହେବ। ଇମ୍ରାନ ସଚ୍ଚୋଟ ଏବଂ ନ୍ୟାୟ୍ ପରାୟଣ ନୁହନ୍ତି। ସେ ୨୦୧୮ ନିର୍ବାଚନ ବେଳେ ଦାଖଲ କରିଥିବା ନାମାଙ୍କନପତ୍ରରେ ତଥ୍ୟ ଲୁଚାଇଥିବା ଅଭିଯୋଗ ହୋଇଛି। ସମ୍ବିଧାନର ଧାରା ୬୨ ଓ ୬୩ର ଉଲ୍ଲଂଘନ କରିଥିବାରୁ ତାଙ୍କୁ ଅଯୋଗ୍ୟ ଘୋଷଣା କରିବା ଲାଗି ଆବେଦନ ହୋଇଛି । ଇମ୍ରାନ ତାଙ୍କ ପୂର୍ବତନ ପ୍ରେମିକାଙ୍କ ଝିଅ ତିରିଆନ ଜାଦେଖାନ୍ ହ୍ୱାଇଟଙ୍କ ପିତୃତ୍ୱ ସମ୍ପର୍କରେ ନାମାଙ୍କନପତ୍ରରେ ଉଲ୍ଲେଖ କରି ନାହାନ୍ତି।

### ମିଜୋରାମ ଦାୟିତ୍ୱରେ ଆସାମ ରାଜ୍ୟପାଳ


ଜଗଦୀଶ ମୁଖୀ

**ଆଇଜ୍ୱାଲ,୯।୩ (ପି.ଟି.):** ମିଜୋରାମର ୧୯ତମ ରାଜ୍ୟପାଳ ଭାବେ ଜଗଦୀଶ ମୁଖୀ ଶନିବାର ଶପଥ ନେଇଛନ୍ତି। ମୁଖୀ ବର୍ତ୍ତମାନ ଆସାମର ରାଜ୍ୟପାଳ ରହିଛନ୍ତି। କୁମ୍ମାନମ୍ ରାଜଶେଖରନ୍‌ଙ୍କ ଇସ୍ତଫା ପରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ମିଜୋରାମର ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ରାଜଭବନରେ ଗୁଆହାଟୀ ହାଇକୋର୍ଟର ବିଚାରପତି ନେଲସନ ସାଇଲୋ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି।

### ନାଇଟ୍ କ୍ଲବ୍‌ରେ ଗୁଳି ୧୫ ନିହତ

**ମେକ୍ସିକୋ ସିଟି,୯।୩ :** ମେକ୍ସିକୋର କେନ୍ଦ୍ରଭାଗରେ ରହିଥିବା ଆନାଜୁଆଟୋସ୍ଥିତ ଏକ ନାଇଟ୍ କ୍ଲବ୍‌ରେ ଗୁଳିକାଣ୍ଡ ଘଟି ୧୫ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ୪ ଜଣ ଗୁରୁତର ହୋଇଛନ୍ତି । ନାଇଟ୍ କ୍ଲବ୍‌ରେ ତେଲ ଚୋରି ଘଟଣାରେ ସମ୍ପୃକ୍ତ ବିଭିନ୍ନ ଅପରାଧୀ ଗୋଷ୍ଠୀଙ୍କ ଆଡ୍ଡା ଜମୁଥିଲା। ଗୁଳିକାଣ୍ଡ ଘଟଣା ପରେ ପୋଲିସ ସମ୍ପୃକ୍ତ ଅପରାଧୀଙ୍କୁ ଧରିବା ପାଇଁ ଅପରେଶନ ଆରମ୍ଭ କରିଛି।

### କାର୍-ଟ୍ରକ୍ ଦୁର୍ଘଟଣା ପରିବାରର ୧୦ ମୃତ

**ରାମଗଡ଼,୯।୩(ପି.ଟି.):** ଝାଡ଼ଖଣ୍ଡର ରାମଗଡ଼ ଜିଲା ୩୩ ନମ୍ବର ଜାତୀୟ ରାଜପଥ ପେଙ୍କି ଗ୍ରାମ ନିକଟରେ ଶନିବାର କାର୍ ଓ ଟ୍ରକ୍ ମଧ୍ୟରେ ଧକ୍କାରେ ୧୦ଜଣଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ ୩ ମହିଳା, ୨ ଶିଶୁ ରହିଛନ୍ତି। ଏକ ମୁଣ୍ଡନ କାର୍ଯ୍ୟକ୍ରମରେ ଯୋଗଦେଇ ପରିବାର ଲୋକେ କାର୍‌ରେ ବିହାରର ଔରଙ୍ଗାବାଦ୍‌ରୁ ରାଞ୍ଚି ଫେରୁଥିଲାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

# ଶେଷନିଃଶ୍ୱାସ ଗଣୁଛି ଆଇଏସ୍

ବିରୁଟ,୯।୩



ଇସ୍‌ଲାମୀୟ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦୀ ସଂଗଠନ ୪ ବର୍ଷ ପୂର୍ବେ ସିରିଆ ଓ ଏହାର ପଡୋଶୀ ଦେଶ ଇରାକର ବିସ୍ତୃତ ଅଞ୍ଚଳକୁ ଅକ୍ତିଆର କରିନେଇଥିଲା। ଏବେ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳିଯାଇଛି। ଏହି ସଂଗଠନ ହାତରୁ ଗୋଟିଏ ପରେ ଗୋଟିଏ ଅଞ୍ଚଳ ଖସିଯିବା ପରେ ଏବେ ଇରାକ ସୀମା ନିକଟରେ ଏକ ଛୋଟ ଗାଁରେ ସୀମିତ ରହିଛି। ସୁରକ୍ଷା ବଳର ଆକ୍ରମଣରେ କ୍ରମାଗତ ଭାବେ ଆଇଏସ୍ ଆତଙ୍କବାଦୀ ନିହତ ହେଉଛନ୍ତି ଓ ଅନେକ ଉକ୍ତ ସଂଗଠନ ଛାଡ଼ିସାରିଲେଣି। ତେଣୁ ଖଲିଫତ୍ ଘୋଷଣା ଲକ୍ଷ୍ୟରେ ସୃଷ୍ଟି ହୋଇଥିବା ଏହି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଏବେ ଶେଷ ନିଃଶ୍ୱାସ ଗଣୁଥିବା କୁହାଯାଉଛି।

ବ୍ରିଟେନର ରୟାଲ ଏୟାରଫୋର୍ସ (ଆର୍‌ଏଏଫ୍) ଆକ୍ରମଣରେ ଇରାକ ଓ ସିରିଆରେ ୨୦୧୪ ସେପ୍ଟେମ୍ବରରୁ ଚଳିତବର୍ଷ ଜାନୁୟାରୀ ମଧ୍ୟରେ ୪୦୧୩ ଜଣ ଆଇଏସ୍ ଆତଙ୍କବାଦୀ ନିହତ ହୋଇଥିବାବେଳେ ୩୦୨ ଜଣ ଆହତ ହୋଇଥିବା ସେଠାର ପ୍ରତିରକ୍ଷା ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି। ଇରାକରେ ୨୯୯୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସିରିଆରେ ୧୦୧୯ ଆତଙ୍କବାଦୀ ନିହତ ହୋଇଛନ୍ତି। ରାକା ଏବଂ ମୋସୁଲ୍ ସହରରେ ଆର୍‌ଏଏଫ୍ ୧୦୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ବୋମାମାଡ଼ କରିଛି। ଆମେରିକା ଓ ବ୍ରିଟେନର ମିଳିତ ସେନା ୨୦୧୪ ଅଗଷ୍ଟରୁ ଚଳିତବର୍ଷ ଜାନୁୟାରୀ ମଧ୍ୟରେ ମୋଟ ୩୩,୯୨୧ ଥର ବିମାନ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣରେ ୧୨୫୭ ସାଧାରଣ ନାଗରିକଙ୍କ ପ୍ରାଣହାନି ଘଟିଛି। ଆମେରିକା ସେନା ସହ କୁର୍ଦ୍ଦିଶ୍ ନେତୃତ୍ୱାଧୀନ ମିଲିସିଆ ସିରିଆ ଡେମୋକ୍ରାଟିକ ଫୋର୍ସ (ଏସ୍‌ଡିଏଫ୍) ମିଳିତ ଭାବେ ଆଇଏସ୍‌କୁ ଏହାର ଶେଷ ଦୁର୍ଗ କୁହାଯାଉଥିବା ପୂର୍ବ ସିରିଆର ବାଗ୍‌ରୁଜ୍ ଗ୍ରାମରୁ ନିଶ୍ଚିହ୍ନ କରିବା ଲାଗି ଅପରେଶନ୍ ଜାରି ରଖିଛି। ନିଜକୁ ବଞ୍ଚାଇବା ପାଇଁ ଏବେ ଆଇଏସ୍ ଆତଙ୍କବାଦୀ ନିରୀହ ଲୋକଙ୍କୁ ଢ଼ାଲ କରିଛନ୍ତି। ନିଜର ସୁରକ୍ଷା ଲାଗି ସେମାନେ ସାଧାରଣ ନାଗରିକଙ୍କ ଘରେ ଆଶ୍ରୟ ନେଉଥିବା ସିରିଆ ମାନବାଧିକାର ପର୍ଯ୍ୟବେକ୍ଷଣ ସଂସ୍ଥା କହିଛି। ଏସ୍‌ଡିଏଫ୍ ଉକ୍ତ ଅଞ୍ଚଳରୁ ସାଧାରଣ ନାଗରିକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରିଛି। ଶୁକ୍ରବାର ୪୦ରୁ ଊର୍ଦ୍ଧ୍ୱ ଟ୍ରକରେ ପୁରୁଷ, ମହିଳା ଓ ପିଲାମାନେ ଉକ୍ତ ଅଞ୍ଚଳ ଛାଡିଛନ୍ତି। ଏହାପରେ ବାଗ୍‌ରୁଜ୍‌ର ଆଇଏସ୍ ଆତଙ୍କବାଦୀଙ୍କୁ ନିପାତ କରିବା ଲାଗି ଶେଷ ଆକ୍ରମଣ କରାଯିବ ବୋଲି ଏସ୍‌ଡିଏଫ ପକ୍ଷରୁ କୁହାଯାଇଛି।

- ଆର୍‌ଏଏଫ୍ ଆକ୍ରମଣରେ ୪,୦୧୩ ଆତଙ୍କବାଦୀ ନିହତ
- ବାଗ୍‌ରୁଜ୍ ଗ୍ରାମରେ ସୀମିତ ରହିଛି ଆଇଏସ୍‌ର ଆଡ୍ଡା
- ଚୂଡ଼ାନ୍ତ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛି ଏସ୍‌ଡିଏଫ୍

## ଆଇଏସ୍ ସଦସ୍ୟ ଶମିମାଙ୍କ ଶିଶୁପୁତ୍ରର ମୃତ୍ୟୁ



**ବିରୁଟ,୯।୩:** ବ୍ରିଟେନ ଜନ୍ମିତ ଆଇଏସ୍ ସଦସ୍ୟା ଶମିମା ବେଗମଙ୍କର ୩ ସପ୍ତାହର ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ସେ ଗତ ମାସରେ ଉତ୍ତରପୂର୍ବ ସିରିଆସ୍ଥିତ ଏକ ଶରଣାର୍ଥୀ ଶିବିରରେ ଶିଶୁଟିକୁ ଜନ୍ମ ଦେଇଥିଲେ। ୪ ବର୍ଷ ତଳେ ମାତ୍ର ୧୫ ବର୍ଷ ବୟସରେ ଲଣ୍ଡନ ଛାଡ଼ି ଇସ୍‌ଲାମିକ ଷ୍ଟେଟ୍ ଗ୍ରୁପ୍ (ଆଇଏସ୍)ରେ ସାମିଲ ହୋଇଥିଲେ ଶମିମା। ସେ ନିଜ ଦେଶକୁ ଫେରିବାକୁ ଚାହିଁଥିଲେ ମଧ୍ୟ ବ୍ରିଟିଶ ସରକାର ତାଙ୍କ ନାଗରିକତ୍ୱକୁ ରଦ୍ଦ କରିଦେଇଥିଲେ। ଡାକ୍ତରୀ ରିପୋର୍ଟ ଅନୁଯାୟୀ ତାଙ୍କ ଶିଶୁପୁତ୍ରଙ୍କର ନିମୋନିଆରେ ମୃତ୍ୟୁ ହୋଇଛି। ଏହା ପୂର୍ବରୁ ଶମିମା ଅନ୍ୟ ଦୁଇଟି ସନ୍ତାନଙ୍କୁ ଜନ୍ମ ଦେଇଥିଲେ ମଧ୍ୟ ଅସୁସ୍ଥତା ଏବଂ ଅପପୁଷ୍ଟି ଯୋଗୁ ସେମାନଙ୍କର ମୃତ୍ୟୁ ଘଟିଥିଲା।

ଆମେରିକା ସମର୍ଥିତ ସୈନ୍ୟଙ୍କ ସହ ସଂଘର୍ଷ ବେଳେ ଆଇଏସ୍ କ୍ୟାମ୍ପ ଛାଡି ପଳାଇ ଆସିଥିବା ଶମିମା ବ୍ରିଟେନ ଫେରିବାକୁ ଚାହୁଁଛନ୍ତି। ତେବେ ଏହା ଅନେକ ୟୁରୋପୀୟ ରାଷ୍ଟ୍ରକୁ ଧର୍ମସଙ୍କଟରେ ପକାଇଛି। ଜଣେ ଜେହାଦୀ ଏବଂ ଆଇଏସ୍ ସମର୍ଥକଙ୍କୁ ସ୍ୱଦେଶ ଫେରାଇଆଣି ବିଚାରର ସମ୍ମୁଖୀନ ହେବାକୁ ଦିଆଯିବ ନା ଫେରିବାକୁ ଦିଆଯିବନି ତାକୁ ନେଇ ୟୁରୋପୀୟ ରାଷ୍ଟ୍ରଗୁଡିକ ମଧ୍ୟରେ ମତଭେଦ ସୃଷ୍ଟି ହୋଇଛି।



ଫ୍ରାନ୍ସ ସରକାରଙ୍କ ଆର୍ଥିକ ନୀତିଗୁଡ଼ିକ ଧନିକ ବର୍ଗର ଲୋକଙ୍କୁ ସୁହାଉଥିବା ପ୍ରତିବାଦରେ ୟେଲୋ ଜାକେଟ୍ ଆନ୍ଦୋଳନ ୧୭ତମ ସପ୍ତାହରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ଶନିବାର ୟେଲୋ ଭେଷ୍ଟ ବିକ୍ଷୋଭକାରୀ ଓ ମହିଳାମାନେ ରାଜଧାନୀ ପ୍ୟାରିସର ରାଜରାସ୍ତାକୁ ଓହ୍ଲାଇଛନ୍ତି।

## ‘୫ ବର୍ଷରେ ୩ ସର୍ଜିକାଲ ଷ୍ଟ୍ରାଇକ୍’

ମାଙ୍ଗାଲୁରୁ,୯।୩



ଗତ ୫ ବର୍ଷରେ ଭାରତୀୟ ବାୟୁସେନା ତିନି ଥର ସଫଳତାର ସହ ସୀମା ଅତିକ୍ରମ କରି ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ ଶନିବାର କହିଛନ୍ତି। ଉରି ସେନା କ୍ୟାମ୍ପରେ ଆତଙ୍କବାଦୀ ଆକ୍ରମଣ ପରବର୍ତ୍ତୀ ସର୍ଜିକାଲ ଷ୍ଟ୍ରାଇକ ଏବଂ ଗତ ମାସରେ ହୋଇଥିବା ବାଲାକୋଟ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସମସ୍ତେ ଜାଣିଥିଲେ ହେଁ ବାୟୁସେନାର ତୃତୀୟ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ କେହି ଜାଣି ନାହାନ୍ତି। ଆତଙ୍କବାଦୀଙ୍କୁ ଆଶ୍ରୟ ଓ ସୁରକ୍ଷା ଦେଉଥିବା ପାକିସ୍ତାନକୁ ବହୁମୂଲ୍ୟ ଦେବାକୁ ପଡିବ ବୋଲି ସେ କହିଛନ୍ତି। ଗୁଇନ୍ଦା ସୂଚନା ଆଧାରରେ ବାୟୁସେନା ବାଲାକୋଟରେ ବୋମା ବର୍ଷଣ କରି ସଫଳତାର ସହ ଆତଙ୍କବାଦୀଙ୍କ ଶିବିର ଧ୍ୱଂସ କରିଥିବା ରାଜନାଥ କହିଛନ୍ତି।

## ରାଜନୈତିକ ଦଳଗୁଡ଼ିକୁ ଇସିଙ୍କ ପରାମର୍ଶ
## ଯବାନଙ୍କ ଫଟୋ ପ୍ରଦର୍ଶନ କରନାହିଁ

ନୂଆଦିଲ୍ଲୀ,୯।୩(ପି.ଟି.)

ଯବାନମାନଙ୍କ ଫଟୋ ପ୍ରଦର୍ଶନରୁ ଦୂରେଇ ରହିବା ଲାଗି ନିର୍ବାଚନ କମିଶନ (ଇସି) ଶନିବାର ରାଜନୈତିକ ଦଳଗୁଡିକୁ ପରାମର୍ଶ ଦେଇଛନ୍ତି। ଏକ ହୋର୍ଡିଂରେ ଭାଜପା ନେତାମାନଙ୍କ ସହ ଭାରତୀୟ ବାୟୁସେନାର ୱିଙ୍ଗ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କ ଫଟୋ ସ୍ଥାନ ପାଇବା ଏବଂ ସୋସିଆଲ ମିଡିଆରେ ତାହା ଭାଇରାଲ ହେବାରୁ ଇସିଙ୍କ ନଜରକୁ ଆସିଥିଲା। ଫଳରେ ଇସି ସମସ୍ତ ରାଜନୈତିକ ଦଳ ନିକଟକୁ ସାନି ନିୟମାବଳୀ ପଠାଇଛନ୍ତି। ଏହା ପୂର୍ବରୁ ୨୦୧୩ ଡିସେମ୍ବରରେ ଇସି ପତ୍ର ଲେଖି ରାଜନୈତିକ ଦଳର ନେତା ଏବଂ ପ୍ରାର୍ଥୀଙ୍କୁ ପ୍ରତିରକ୍ଷା କର୍ମଚାରୀଙ୍କ ଫଟୋ ପ୍ରଦର୍ଶନ ନ କରିବା ଏବଂ ବିଜ୍ଞାପନରେ ସେମାନଙ୍କ ଫଟୋ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଥିଲେ।



ସାନ୍ ଜୋଶ୍‌ଠାରେ ଭାରତର ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ କୋଷ୍ଟାରିକା ରାଷ୍ଟ୍ରପତି କାର୍ଲୋସ୍ ଆଲଭାରାଡୋ କ୍ୱେସାଡାଙ୍କ ସହ ସୀମାପାର ଆତଙ୍କବାଦ ଦମନ ଏବଂ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଆଲୋଚନା କରୁଛନ୍ତି।

## ୟୁପିରେ ଏକାକୀ ଲଢ଼ିବ କଂଗ୍ରେସ

ନୂଆଦିଲ୍ଲୀ,୯।୩(ପି.ଟି.)


ଜ୍ୟୋତିରାଦିତ୍ୟ ସିନ୍ଧିଆ

ଉତ୍ତରପ୍ରଦେଶ (ୟୁପି)ରେ କଂଗ୍ରେସ ଏକାକୀ ଲୋକ ସଭା ନିର୍ବାଚନ ଲଢ଼ିବ। ପଶ୍ଚିମ ଉତ୍ତରପ୍ରଦେଶ ଦାୟିତ୍ୱରେ ଥିବା ଏଆଇସିସି ସାଧାରଣ ସମ୍ପାଦକ ଜ୍ୟୋତିରାଦିତ୍ୟ ସିନ୍ଧିଆ ଶନିବାର ଏହି ସୂଚନା ଦେଇଛନ୍ତି। ତାଙ୍କ ଦଳର ମାର୍ଗ ସମାଜବାଦୀ ପାର୍ଟି ଏବଂ ବିଏସ୍‌ପିଠାରୁ ଅଲଗା ହେଲେ ମଧ୍ୟ ଲକ୍ଷ୍ୟ ଗୋଟିଏ ବୋଲି ସେ କହିଛନ୍ତି। ମେଣ୍ଟ ସମ୍ପର୍କରେ ସିନ୍ଧିଆ କହିଥିଲେ, ସମଭାବାପନ୍ନ ଦଳଗୁଡିକ ସମାନ ବିଚାରଧାରାର ରାସ୍ତାରେ ଚିନ୍ତା କରିବା ଆବଶ୍ୟକ। ଉତ୍ତରପ୍ରଦେଶରେ କଂଗ୍ରେସକୁ ନେଇ ମହାମେଣ୍ଟର ପୁନର୍ବିଚାର କରାଯାଇପାରେ ବୋଲି ଖବର ପ୍ରକାଶ ପାଇବା ପରେ ସିନ୍ଧିଆ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଏସ୍‌ପି-ବିଏସ୍‌ପି-ଆର୍‌ଏଲ୍‌ଡି ମେଣ୍ଟରେ କଂଗ୍ରେସ ରହିଛି ଏବଂ ଉକ୍ତ ଦଳକୁ ୨ଟି ଆସନ ଛଡାଯାଇଥିବା ଅଖିଳେଶ ଯାଦବ ପୂର୍ବରୁ ମନ୍ତବ୍ୟ ଦେଇଥିଲେ। ଯଦି ଏହା ତାଙ୍କର ଚିନ୍ତାଧାରା, ତେବେ ଆମେ ମଧ୍ୟ ସେମାନଙ୍କୁ ୨-୩ଟି ଆସନ ଛାଡିଦେବୁ ବୋଲି ସିନ୍ଧିଆ କହିଛନ୍ତି। ଏଥର କେନ୍ଦ୍ରରେ ଉପା ଏବଂ ୨୦୨୨ରେ ଉତ୍ତର ପ୍ରଦେଶରେ କଂଗ୍ରେସ ସରକାର ଗଢ଼ିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ମିର୍‌ୱେଜ, ଗିଲାନିଙ୍କ ପୁଅଙ୍କୁ ଏନ୍‌ଆଇଏ ସମନ

**ଶ୍ରୀନଗର,୯।୩(ପି.ଟି):** ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲାର ତଦନ୍ତ କରୁଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ହୁରିୟାତ କନ୍‌ଫରେନ୍ସ ଅଧ୍ୟକ୍ଷ ମିର୍‌ୱେଜ ଉମାର ଫାରୁକ ଏବଂ ପାକିସ୍ତାନୀ ସପକ୍ଷବାଦୀ ବିଚ୍ଛିନ୍ନତାବାଦୀ ନେତା ସୟେଦ ଅଲି ଶାହ ଗିଲାନିଙ୍କ ପୁଅ ନସିମ୍‌ଙ୍କୁ ଜେରା ପାଇଁ ସମନ କରିଛି। ନୂଆଦିଲ୍ଲୀସ୍ଥିତ ଏନଆଇଏ ମୁଖ୍ୟ କାର୍ଯ୍ୟାଳୟରେ ସୋମବାର ସେମାନଙ୍କୁ ହାଜର ହେବାକୁ କୁହାଯାଇଛି।


ମିର୍‌ୱେଜ ଉମାର ଫାରୁକ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–**ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୭ | ୧୬.୮ |
| ଚାନ୍ଦବାଲି | ୩୩.୩ | ୧୯.୮ |
| କଟକ | ୩୩.୮ | ୨୦.୦ |
| ପାରାଦ୍ୱୀପ | ୨୯.୬ | ୨୧.୩ |
| ଭୁବନେଶ୍ୱର | ୩୫.୨ | ୨୦.୭ |
| ଗୋପାଳପୁର | ୩୦.୮ | ୨୨.୦ |
| ପୁରୀ | ୩୦.୬ | ୨୨.୫ |
| ଅନୁଗୋଳ | ୩୪.୭ | ୧୩.୬ |
| ବାରିପଦା | ୩୩.୦ | ୧୭.୦ |
| ଝାରସୁଗୁଡ଼ା | ୩୩.୫ | ୧୫.୫ |
| କେନ୍ଦୁଝର | ୩୧.୬ | ୧୪.୮ |
| ସମ୍ବଲପୁର | ୩୫.୦ | ୧୫.୮ |
| ସୁନ୍ଦରଗଡ଼ | ୩୨.୦ | ୧୪.୫ |
| ହୀରାକୁଦ | ୩୪.୧ | ୧୬.୬ |
| ତାଳଚେର | ୩୪.୨ | ୧୯.୫ |
| ଭବାନୀପାଟଣା | ୩୬.୮ | ୧୭.୫ |
| ବଲାଙ୍ଗୀର | ୩୫.୩ | ୧୬.୫ |
| କୋରାପୁଟ | ୩୨.୦ | ୧୭.୨ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୬.୦ |
| ମାଲକାନଗିରି | ୩୯.୦ | ୧୬.୫ |
| ସୋନପୁର | --- | ୧୭.୦ |
| ଦାରିଙ୍ଗିବାଡ଼ି | ୩୨.୫ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

# ‘ନୂଆ ପାକିସ୍ତାନ ନୂଆ କାର୍ଯ୍ୟାନୁଷ୍ଠାନ ନେଉ’

ନୂଆଦିଲ୍ଲୀ,୯।୩

ଆତଙ୍କବାଦ ନିରୋଧୀ ଲଢ଼େଇ


ରବୀଶ କୁମାର

ଆତଙ୍କବାଦୀଙ୍କ ବିରୋଧରେ ନୂଆ ପାକିସ୍ତାନ ନୂଆ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପ୍ରବକ୍ତା ରବୀଶ କୁମାର ଶନିବାର ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି। ପାକିସ୍ତାନ ମାଟିରେ ଏକାଧିକ ଆତଙ୍କବାଦୀ ଶିବିର ଚାଲିଛି। ସେଗୁଡିକ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାକ୍ ସରକାର ଦାୟିତ୍ୱବୋଧତା ଓ ପ୍ରତିବଦ୍ଧତା ଜାହିର୍ କରୁ ବୋଲି କୁମାର ସୂଚାଇଛନ୍ତି। ଜୈଶ୍-ଇ-ମହମ୍ମଦ (ଜେଇଏମ୍)ର ମୁଖ୍ୟ ମାସୁଦ୍ ଆଝାରଙ୍କୁ ଅନ୍ତର୍ଜାତୀୟ ଆତଙ୍କବାଦୀ ଘୋଷଣା କରାଯିବାକୁ ଭାରତ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ଠାରେ ପୁନର୍ବାର ଦାବି ଉପସ୍ଥାପନ କରିବ ବୋଲି ଜଣାଇଛନ୍ତି। ପାକିସ୍ତାନରେ ଜେଇଏମ୍‌ର ଏକାଧିକ ତାଲିମ ଶିବିର ରହିଥିବାବେଳେ ଆଝାର ସେଗୁଡ଼ିକୁ ପରିଚାଳନା କରୁଛନ୍ତି। ୟୁଏନଏସ୍‌ସିର ସମସ୍ତ ସଦସ୍ୟ ଦେଶ ଏହା ଭଲ ଭାବେ ଜାଣିଛନ୍ତି। ପୁଲ୍‌ୱାମା ଘଟଣାରେ ଆଝାରଙ୍କ ସିଧାସଳଖ ସମ୍ପୃକ୍ତି ନେଇ ଯଥେଷ୍ଟ ପ୍ରମାଣ ରହିଛି। ଆମେରିକା, ବ୍ରିଟେନ ଏବଂ ଫ୍ରାନ୍ସ ଆଝାରଙ୍କ ଉପରେ ପ୍ରତିବନ୍ଧକ ଲଗାଇବାକୁ ୟୁଏନ୍‌ଏସ୍‌ସିକୁ ପ୍ରସ୍ତାବ ଦେଇଛନ୍ତି।

## ଜମାତ୍ ସହ ଆଇଏସ୍‌ଆଇ ଲିଙ୍କ୍

**ନୂଆଦିଲ୍ଲୀ,୯।୩ (ପି.ଟି.):** ପାକିସ୍ତାନ ଗୋଇନ୍ଦା ଏଜେନ୍ସି ଆଇଏସ୍‌ଆଇ ସହ ବେଆଇନ ଘୋଷିତ ବିଚ୍ଛିନ୍ନତାବାଦୀ ସଙ୍ଗଠନ ଜମାତ୍-ଇ-ଇସ୍‌ଲାମୀ (ଜେଇଆଇ)ର ଲିଙ୍କ୍ ପର୍ଦ୍ଦାଫାଶ ହୋଇଛି। ଜମ୍ମୁ-କଶ୍ମୀରର ସ୍କୁଲଗୁଡିକରେ ଭାରତ-ବିରୋଧୀ ଅଭିଯାନ ଚଳାଇଥିବା ଏହି ସଙ୍ଗଠନ ନୂଆଦିଲ୍ଲୀସ୍ଥିତ ପାକିସ୍ତାନ ଉଚ୍ଚାୟୁକ୍ତଙ୍କ ସହ ନିୟମିତ ଯୋଗସୂତ୍ର ରଖିଆସୁଥିବା ମଧ୍ୟ ଜଣାପଡ଼ିଛି। ସୟଦ୍ ଅଲି ସାହ ଗିଲାନୀଙ୍କ ତେହରିକ୍-ଇ-ହୁରିୟାତ୍‌ର ଛତ୍ରଛାୟା ତଳେ ଚାଲିଥିବା ଜେଇଆଇ ବିରୋଧରେ ଗତ ସପ୍ତାହରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏହାର ୭୦ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରି ଦିଆଯାଇଥିଲା। ୫୨ କୋଟିର ନଗଦ ପାଣ୍ଠିକୁ ବାଜ୍ୟାପ୍ତ କରାଯାଇଥିଲା। ସଙ୍ଗଠନର ଆଗଧାଡ଼ିର ନେତାଙ୍କୁ ଜମ୍ମୁ-କଶ୍ମୀର ପୋଲିସ ଅଟକ ରଖିଥିଲା। ସେମାନଙ୍କୁ ପଚରାଉଚୁରା ସମୟରେ ଜେଇଆଇର ଅସଲି ଚେହେରା ପଦାକୁ ଆସିଛି। ଆଇଏସ୍‌ଆଇ ସହ ବିଚ୍ଛିନ୍ନତାବାଦୀଙ୍କ ଘନିଷ୍ଠ ସମ୍ପର୍କ ସ୍ପଷ୍ଟ ହୋଇଛି। ଅଲ୍ ପାର୍ଟି ହୁରିୟତ୍ କନ୍‌ଫରେନ୍ସ (ଏପିଏଚ୍‌ସି) ଗଠନ ଏବଂ ହିଜ୍‌ବୁଲ୍ ମୁଜାହିଦିନର ନେଟ୍‌ୱାର୍କ ବିସ୍ତାର କରିବାରେ ଜେଇଆଇ ନେତାଙ୍କ ହାତ ରହିଥିବା ଜଣାଯାଇଛି। କଶ୍ମୀର ଉପତ୍ୟକାରେ କୋମଳମତି ଶିଶୁମାନଙ୍କୁ ଭାରତ-ବିରୋଧୀ ଶିକ୍ଷା ଦେବା ସହ ଯୁବବର୍ଗଙ୍କୁ ‘ଜିହାଦ୍’ ନାମରେ ଆତଙ୍କବାଦୀ ଗୋଷ୍ଠୀଙ୍କ ସହ ସାମିଲ୍ ହେବାକୁ ଉତ୍ସାହିତ କରିଆସୁଛି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.








# ୩୭୭ ଚିଟ୍‌ଫଣ୍ଡ ସଂସ୍ଥାର ଠିକଣା ମିଳୁନି

**କଟକ ଅଫିସ,୯।୩:** ୩୭୭ଟି ଚିଟଫଣ୍ଡ ସଂସ୍ଥାର ଠିକଣା ମିଳୁନାହିଁ। ଫଳରେ ଏହି ସଂସ୍ଥାଗୁଡିକୁ ନେଇ ସମସ୍ୟା ଉପୁଜିଛି। କାରଣ ଠିକଣା ନ ଥିବାରୁ କମିଶନଙ୍କ ପକ୍ଷରୁ ଏମାନଙ୍କ ପାଖକୁ ନୋଟିସ ଯାଇପାରୁନାହିଁ। ତେଣୁ ଏଭଳି ସ୍ଥିତିରେ ଗଣମାଧ୍ୟମ ଜରିଆରେ ଠିକଣା ନଥିବା ଏବଂ ପୂର୍ବରୁ ଜାରି କରାଯାଇଥିବା ନୋଟିସର ଉତ୍ତର ରଖି ନ ଥିବା ମୋଟ ୫୭୬ଟି ଚିଟଫଣ୍ଡ ସଂସ୍ଥା ନିକଟକୁ ସାନି ନୋଟିସ ଜାରି କରାଯାଇଛି। ସେପ୍ଟେମ୍ବର ୨୯ ମଧ୍ୟରେ ଏହାର ଉତ୍ତର ରଖିବାକୁ କୁହାଯାଇଛି। ବହୁ କୋଟି ଟଙ୍କାର ଚିଟଫଣ୍ଡ ଦୁର୍ନୀତିର ନ୍ୟାୟିକ ତଦନ୍ତ କରୁଥିବା ଜଷ୍ଟିସ ମଦନ ମୋହନ ଦାସଙ୍କ କମିଶନ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଉପରୋକ୍ତ ସମୟସୀମା ମଧ୍ୟରେ ସଂସ୍ଥାଗୁଡିକ ନୋଟିସର ଜବାବ ନ ରଖିଲେ କମିଶନ ଏକପାଖିଆ ଭାବେ ଶୁଣାଣି କରି ରାୟ ଶୁଣାଇବେ ବୋଲି ଜଣାପଡିଛି।

# ‘ଚାଷୀଙ୍କ ସହ ସରକାର’

## ମୁଖ୍ୟମନ୍ତ୍ରୀଙ୍କ କନ୍ଧମାଳ ଗସ୍ତ

**ଫୁଲବାଣୀ ଅଫିସ/କ.ନୂଆଗାଁ, ୯।୩**

କନ୍ଧମାଳରେ ଏ ବିରାଟ ଜନ ସମାବେଶ ଦେଖି ମୁଁ ବହୁତ ଖୁସି। କାଳିଆ ଯୋଜନାରେ ବିନା ସୁଧରେ ଚାଷୀଙ୍କୁ ସହାୟତା ଦିଆଯାଉଛି। ଲକ୍ଷ ଲକ୍ଷ ଚାଷୀ ସହାୟତା ପାଇଲେଣି। ଯେଉଁ ଚାଷୀମାନେ ସହାୟତା ପାଇନାହାନ୍ତି ସେମାନଙ୍କ ତାଲିକା ପଞ୍ଚାୟତକୁ ଦିଆଯାଇଛି। ଏପ୍ରିଲ ୧ରୁ ସମସ୍ତେ ଏହି ସହାୟତା ପାଇବେ। କେହି ଯେପରି ଏଥିରୁ ବଞ୍ଚିତ ନ ହେବେ, ସେଥିପ୍ରତି ପ୍ରାଧାନ୍ୟ ଦିଆଯାଉଛି। କେତେକ ବିରୋଧୀ ଚାଷୀଙ୍କୁ ଏହି ଋଣ ପ୍ରଦାନ କରାଯାଉଥିବା କଥା କହୁଛନ୍ତି। ଏହି ଟଙ୍କା ଆପଣମାନଙ୍କର। ଏହି ଟଙ୍କାକୁ ଚାଷରେ ଲଗାନ୍ତୁ। ମୁଁ କନ୍ଧମାଳକୁ ସ୍ୱତନ୍ତ୍ର ଦୃଷ୍ଟି ଦେଉଛି। କାଳିଆ ଯୋଜନା ସାରା ଦେଶକୁ ବାଟ ଦେଖାଇଛି। ମୋ ସରକାର ଚାଷୀ ଗରିବ ଲୋକଙ୍କ ସହ ରହିଛି। ହିତାଧିକାରୀଙ୍କ ତାଲିକା ପଞ୍ଚାୟତ ଅଫିସରେ ମାସର ୨୦ ତାରିଖ ପର୍ଯ୍ୟନ୍ତ ରହିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର କନ୍ଧମାଳର କ.ନୂଆଗାଁ ବ୍ଲକ ମାହାସିଙ୍ଗିରେ କାଳିଆ ଓ ମିଶନଶକ୍ତି ସମାବେଶରେ କହିଛନ୍ତି।


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

୨୭ ଦିନ ବ୍ୟବଧାନ ପରେ ମୁଖ୍ୟମନ୍ତ୍ରୀଙ୍କର ଏହା ଥିଲା କନ୍ଧମାଳକୁ ଦ୍ୱିତୀୟ ଗସ୍ତ। ପୂର୍ବାହ୍ନ ୧୧ଟା ୪୫ରେ ମୁଖ୍ୟମନ୍ତ୍ରୀ ପହଞ୍ଚିବାର କାର୍ଯ୍ୟକ୍ରମ ଥିଲେ ହେଁ ନିର୍ଦ୍ଧାରିତ ସମୟଠାରୁ ପ୍ରାୟ ୪୫ ମିନିଟ୍ ବିଳମ୍ବରେ ଆସି ସଭାରେ ଯୋଗ ଦେଇଥିଲେ। ପାଖରେ ମୁଖ୍ୟମନ୍ତ୍ରୀଙ୍କୁ ପାଇ ଚାଷୀ ଏବଂ ମହିଳାମାନେ ବେଶ ଉତ୍ସାହିତ ହୋଇପଡିଥିଲେ। ସଭାରେ ଜି.ଉଦୟଗିରି ମିଶନ ଶକ୍ତି ସଦସ୍ୟା କୁମୁଦିନୀ ଦିଗାଲ ଓ ମାମୁନି ପ୍ରଧାନ ମହିଳା ସଶକ୍ତୀକରଣ ଉପରେ ମତ ରଖିଥିଲେ। ଦାରିଙ୍ଗବାଡିର ଚାଷୀ ସଦାନନ୍ଦ ପୂଜାରୀ ଏବଂ ପ୍ରଶାନ୍ତ ପ୍ରଧାନ କାଳିଆ ସହାୟତା ଉପରେ ନିଜର ଅନୁଭୂତି ବଖାଣିଥିଲେ। ଏହି ଅବସରରେ ମିଶନଶକ୍ତିର ୧୨ ଜଣ ମହିଳା ଏବଂ ୧୨ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପ୍ରାରମ୍ଭରେ ନୃତ୍ୟ ସଂଗୀତ ପରିବେଷଣ କରାଯାଇଥିଲା। ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ କୁନା ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ବହୁ ସଂଖ୍ୟାରେ ଚାଷୀ ଏହି ସମାବେଶରେ ଯୋଗଦେଇଥିଲେ।

ଗତ ୧୦ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କନ୍ଧମାଳ ଗସ୍ତରେ ଆସି ଫୁଲବାଣୀ ଷ୍ଟାଡିୟମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ କରିବା ସହ ବିଜୁ ଯୁବ ବାହିନୀ ଆଞ୍ଚଳିକ ସମାବେଶରେ ଉଦ୍‌ବୋଧନ ଦେଇଥିଲେ।




ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୦ ମାର୍ଚ୍ଚ,୨୦୧୯



ଗୁଜରାଟର ଏକ ସୂତା ମିଲରୁ ଚୋରି କରି ଫେରାର ଥିବା ବିଚିତ୍ର ବେହେରାଙ୍କୁ ସୁରଟ ପୋଲିସ ଶୁକ୍ରବାର ରାତିରେ ସ୍ଥାନୀୟ ପୋଲିସ ସହାୟତାରେ କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଥାନା ଅଧୀନ ଓଉପଦା ଗ୍ରାମରୁ ଗିରଫ କରିଛି। ଚୋରିରେ ସଂପୃକ୍ତ ଉକ୍ତ ଗ୍ରାମର କୁମର ବେହେରା ଏବେ ବି ଫେରାର ଅଛନ୍ତି।



**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ............................



ବିରାଜ୍
ପରିବାରବର୍ଗ



ଆଦିତ୍ୟ
ପରିବାରବର୍ଗ



ତନ୍ମୟ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମେଡିକାଲରୁ ଚୋରି ନବଜାତ ଶିଶୁପୁତ୍ର ଉଦ୍ଧାର: ୨ ଗିରଫ

**ବଲାଙ୍ଗୀର ଅଫିସ,୯।୩**

ବଲାଙ୍ଗୀର ଜିଲା ପାଟଣାଗଡ ଉପଖଣ୍ଡ ଡାକ୍ତରଖାନାରୁ ମା' କୋଳରୁ ଚୋରି ହୋଇଥିବା ନବଜାତ ଶିଶୁପୁତ୍ରକୁ ଘଟଣାର ୩ ଦିନ ପରେ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରିଛି ପୋଲିସ । ଉଦ୍ଧାର ଶିଶୁକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଚୋରି ଅଭିଯୋଗରେ ଦମ୍ପତିଙ୍କୁ ଗିରଫ କରି ଘଟଣାର ତଦନ୍ତ ଆରମ୍ଭ କରିଛି ବଲାଙ୍ଗୀର ପୋଲିସ । ଉଦ୍ଧାର ଶିଶୁର ସ୍ୱାସ୍ଥ୍ୟ ଅବସ୍ଥା ଠିକ ନ ଥିବାରୁ ତାକୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତ ଦମ୍ପତି ହେଲେ କଳାହାଣ୍ଡି ଜିଲା କେଗାଁ ଅଞ୍ଚଳର ସବିତା ସାହୁ ଓ ତାଙ୍କ ସ୍ୱାମୀ ଶୁକଦେବ ସାହୁ । ଅଭିଯୁକ୍ତ ଦମ୍ପତିଙ୍କୁ ପୋଲିସ ଅଧିକ ତଦନ୍ତ ପାଇଁ ରଖିଥିବା ଯୋଗୁ କ୍ୟାମେରା ସାମ୍ନାକୁ ଆଣିବାକୁ ମନା କରିଛି। ଶନିବାର ଅପରାହ୍ନରେ ବଲାଙ୍ଗୀରରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି କେ.ଶିବା ସୁବ୍ରମଣି।

ପାଟଣାଗଡ ଉପଖଣ୍ଡ ସରକାରୀ ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତି ବିଭାଗରୁ ଗତ ୬ ତାରିଖ ଜୟନ୍ତୀ ତାଣ୍ଡି ନାମକ ଜଣେ ପ୍ରସୂତିଙ୍କ ୩ଦିନର ଶିଶୁ ପୁତ୍ରକୁ କେହି ଚୋରାଇ ନେଇଥିବା ଅଭିଯୋଗ ହୋଇଥିଲା। ତଦନ୍ତ ସମୟରେ ପୋଲିସକୁ ମିଳିଥିବା ସିସି ଟିଭି ଫୁଟେଜରୁ ଏକ ବାଇକ ନମ୍ବରକୁ ଆଧାର କରି ଅଭିଯୁକ୍ତଙ୍କ ପାଖରେ ପୋଲିସ ପହଞ୍ଚିଥିଲା। ଶନିବାର ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଅନ୍ତର୍ଗତ ଗରସରା ଗାଁରେ ଚଢାଉ କରି ସବିତା ସାହୁ ଓ ତାଙ୍କ ସ୍ୱାମୀ ଶୁକଦେବ ସାହୁଙ୍କୁ ପୋଲିସ ଠାବ କରିଥିଲା। ପଚରାଉଚରା ବେଳେ ଅଭିଯୁକ୍ତ ଦମ୍ପତିଙ୍କର ଗୋଟିଏ ଅଢେଇ ବର୍ଷର ଝିଅ ଥିବା ଜଣାପଡିଥିଲା। ଉଭୟେ ଏକ ପୁତ୍ର ସନ୍ତାନ ପାଇବାକୁ ଇଚ୍ଛା କରିଥିଲେ। ତେବେ ସବିତାଙ୍କର ଅନେକ ଥର ଗର୍ଭପାତ ହୋଇଥିବାରୁ ପୁତ୍ର ସନ୍ତାନ ଇଚ୍ଛା ପୂରଣ ହୋଇପାରି ନ ଥିଲା। ଫଳରେ ସେମାନେ କୌଣସିମତେ ଏକ ଶିଶୁପୁତ୍ର ହାସଲ କରିବାକୁ ସ୍ଥିର କରିଥିଲେ। ପ୍ରକାଶ ଯେ, ନବଜାତ ଶିଶୁ ପୁତ୍ର ଚୋରି ପରେ ପାଟଣାଗଡରେ ଚାପା ଉତ୍ତେଜନା ଦେଖା ଦେଇଥିଲା। ଉତ୍ୟକ୍ତ ଲୋକେ ବଲାଙ୍ଗୀର-ପାଟଣାଗଡ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ସ୍ଥାନୀୟ ପୋଲିସ ଘଟଣାର ସମାଧାନ କରିବା ପରିବର୍ତ୍ତେ ନିଖୋଜ ଶିଶୁର ବାପା ଓ କାକାଙ୍କୁ ନିଷ୍ଠୁକ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏଥିରେ ଶିଶୁର ବାପା ଲହୁଲୁହାଣ ହୋଇ ପାଟଣାଗଡ଼ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏହି ଘଟଣାରେ ଜଣେ ଏଏସ୍‌ଆଇଙ୍କୁ ନିଲମ୍ବନ କରାଯାଇଥିଲା।

# ୟୁପିରେ ବିକ୍ରି ନାବାଳିକା ଉଦ୍ଧାର

- ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଗିରଫ, ଅନ୍ୟ ଜଣେ ଫେରାର
- ୫୨ ରୁ ୬୦ହଜାର ଟଙ୍କାରେ ବିବାହ ପାଇଁ ବିକ୍ରି ହୋଇଥିଲା



ଖବରଦାତା ସମ୍ମିଳନୀରେ ସୁନ୍ଦରଗଡ଼ ଏସ୍‌ପି ସୌମ୍ୟା ମିଶ୍ରା।

**ସୁନ୍ଦରଗଡ଼, ୯।୩ (ଡି.ଏନ୍.ଏ.)**

ଆଦିବାସୀ ବହୁଳ ସୁନ୍ଦରଗଡ ଜିଲାରୁ ନିଯୁକ୍ତି ପ୍ରଲୋଭନ ଦେଖାଇ ନାବାଳିକା, ଯୁବତୀ ଚାଲାଣ ଘଟଣା ବୃଦ୍ଧି ପାଉଛି। ଜିଲାର ଲେଫ୍ରିପଡା ଥାନା ଅଞ୍ଚଳରୁ ଗତ ଫେବୃୟାରୀରେ ଜଣୈକା ନାବାଳିକାଙ୍କୁ ଉତ୍ତରପ୍ରଦେଶ (ୟୁପି)ର ମୁଜାଫରନଗର ଅଞ୍ଚଳରେ ବିକ୍ରି କରାଯାଇଥିବା ଘଟଣାରେ ସୁନ୍ଦରଗଡ ପୋଲିସ ଶନିବାର ୩ଜଣଙ୍କୁ ଗିରଫ କରିଛି। ବିକ୍ରି ହୋଇଥିବା ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଶନିବାର ସନ୍ଧ୍ୟାରେ ସୁନ୍ଦରଗଡ ଏସ୍‌ପି ସୌମ୍ୟା ମିଶ୍ରା ଜିଲା ପୋଲିସ ମୁଖ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ ଏସମ୍ପର୍କରେ ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ ସୂଚନା ମୁତାବକ ନାବାଳିକାଙ୍କ ନିଖୋଜ ସମ୍ପର୍କରେ ତାଙ୍କର ମାତାପିତା ଲେଫ୍ରିପଡା ଥାନାରେ ରିପୋର୍ଟ କରିଥିଲେ। ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଏହି ନାବାଳିକାଙ୍କୁ ତାଙ୍କର ଜଣେ ସମ୍ପର୍କୀୟଙ୍କ ସହାୟତାରେ ହେମଗିର ଥାନା ଗୋପାଳପୁରରେ ରହୁଥିବା ଉତ୍ତରପ୍ରଦେଶ ମୁଜାଫରନଗର ଅଞ୍ଚଳର ଦମ୍ପତିଙ୍କ ନିକଟରେ କାମ କରିବା ପାଇଁ ରଖାଯାଇଥିଲା। ଏହା ପରେ ଏହି ଦମ୍ପତି ନାବାଳିକାଙ୍କୁ ଉତ୍ତରପ୍ରଦେଶର ମୁଜାଫରନଗର ଜିଲା ସାହାପୁର ଥାନା କଦକୀ ଗ୍ରାମରେ ବିକ୍ରି କରିଥିବା ଜଣାପଡିଥିଲା। ଏହା ପରେ ଏସଆଇ ଲକ୍ଷ୍ମୀକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ମୁଜାଫରନଗର ଯାଇ ଏହି ନାବାଳିକାଙ୍କୁ ଗତ ୨୭ ତାରିଖରେ ଉଦ୍ଧାର କରି ସୁନ୍ଦରଗଡ ଆଣିଥିଲେ। ତାଙ୍କୁ କାଉନ୍‌ସେଲିଂ ପରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ସହାୟତାରେ ଏହି ଦମ୍ପତି ମୁଜାଫରନଗରର ଜଣେ ବ୍ୟକ୍ତିଙ୍କୁ ବିବାହ ପାଇଁ ୫୨ ରୁ ୬୦ହଜାର ଟଙ୍କା ମଧ୍ୟରେ ବିକ୍ରି କରିଥିବା ଜଣାପଡିଥିଲା। ଏହା ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ କ୍ରାଇମ ଡିଏସ୍‌ପି ପ୍ରଭାତ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ସୁନ୍ଦରଗଡ ପୋଲିସ ଏହି ଦମ୍ପତିଙ୍କୁ ଧରିବା ପାଇଁ ମୁଜାଫରନଗର ଜିଲା କଦକୀ ଗ୍ରାମରେ ଚଢାଉ କରିଥିଲା। ପରେ ଛତିଶଗଡ଼ ଜିଲା ଚକ୍ରଧରନଗର କଟୁଆଲି ଅଞ୍ଚଳରୁ ଦମ୍ପତି ଚୌଧୁରୀ ପୁଷ୍ପେନ୍ଦ୍ର ସିଂ (୩୬) ଓ ତାଙ୍କ ସ୍ତ୍ରୀ ବିମଳା ଚୌଧୁରୀ (୨୮)ଙ୍କୁ ଗିରଫ କରିଥିଲା। ପରେ ସୁନ୍ଦରଗଡ ଟାଉନଥାନା ଅଞ୍ଚଳରେ ରହୁଥିବା ନାବାଳିକାଙ୍କ ସମ୍ପର୍କୀୟା ପଞ୍ଚମୀ କମାର (୪୮)ଙ୍କୁ ଗିରଫ କରାଯାଇଥିଲା। ଗିରଫ ଏହି ୩ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଥିବା ବେଳେ ମୁଜାଫରନଗରରେ ନାବାଳିକାଙ୍କୁ ବିବାହ ପାଇଁ କିଣିଥିବା ଅଭିଯୁକ୍ତଙ୍କୁ ଗିରଫ ପାଇଁ ସୁନ୍ଦରଗଡ ପୋଲିସର ସ୍ୱତନ୍ତ୍ର ଟିମ୍ ଉଦ୍ୟମ ଜାରି ରଖିଥିବା ଏସ୍‌ପି ପ୍ରକାଶ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଡିଏସ୍‌ପି କ୍ରାଇମ୍ ପ୍ରଭାତ କୁମାର ବିଶ୍ୱାଳ, ଲେଫ୍ରିପଡା ଥାନା ଅଧିକାରୀ ଦାୟିତ୍ୱରେ ଥିବା ଡିଏସପି ଜ୍ୟୋସ୍ନା ପ୍ରଧାନ, ଟାଉନଥାନା ସବଇନ୍ସପେକ୍ଟର ଲକ୍ଷ୍ମୀକାନ୍ତ ପ୍ରଧାନ ଉପସ୍ଥିତ ଥିଲେ।

# ଡମ୍ପିଂ ୟାର୍ଡରୁ ଅତଡା ଧସି ଜଣେ ମୃତ

**ବଡବିଲ, ୯।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲ ଥାନା ମାଟକାମବେଡାସ୍ଥିତ କଳିଙ୍ଗ ଲୌହ କାରଖାନା(ଇଡକଲ କଳିଙ୍ଗ ଆଇରନ ୱାର୍କ୍ସ ଲିମିଟେଡ)ର ବିପଦପୂର୍ଣ୍ଣ ଡମ୍ପିଂ ୟାର୍ଡରୁ ଚାରକୋଲ ସଂଗ୍ରହ କରୁଥିବାବେଳେ ଅତଡା ଧସିଯିବାରୁ ସେଥିରେ ପୋତି ହୋଇ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ତପ୍ପୋ ହଟିଂ ଅଞ୍ଚଳର ରଘୁନାଥ ଦାସ(୫୦)। ଶନିବାର ପୂର୍ବାହ୍ନରେ ରଘୁ ଓ ତାଙ୍କ ସହ ଅନ୍ୟ କେତେକ ଲୋକ ଶାବଳ ସାହାଯ୍ୟରେ ଖୋଳି ଚାରକୋଲ ସଂଗ୍ରହ କରୁଥିଲାବେଳେ ହଠାତ୍ ଅତଡା ଧସିଯାଇଥିଲା।

# ଚାପୁଡ଼ା ମାଡ଼ରେ ସାଙ୍ଗ ମୃତ

**ଗୋପାଳପୁର,୯।୩**

ଗଞ୍ଜାମ ଗୋଳନ୍ଥରା ଥାନା ଆର. ସୁମାଣ୍ଡି ରେଞ୍ଜୀସାହିରେ ସାମାନ୍ୟ ବଚସାକୁ ନେଇ ସାଙ୍ଗର ଚାପୁଡ଼ା ମାଡ଼ରେ ଅନ୍ୟ ସାଙ୍ଗର ମୃତ୍ୟୁ ଘଟିଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ଏମ୍. ସତ୍ୟମ(୩୫)। ଏ ନେଇ ଏକ ହତ୍ୟା ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ଶନିବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶୁକ୍ରବାର ରାତିରେ ସତ୍ୟମଙ୍କ ଘର ସମ୍ମୁଖ ବାରଣ୍ଡାରେ ବାଇରୀ ଓ ସତ୍ୟମ୍ ବସି କଥା ହେଉଥିଲେ। ଏହି ସମୟରେ ସତ୍ୟମ୍ ନିସାଶକ୍ତ ହୋଇ ବାଇରୀଙ୍କୁ ଗାଳିଗୁଲଜ କରିଥିଲେ। ପରେ ବାଇରୀ ସତ୍ୟମଙ୍କୁ ଏକ ଚାପୁଡ଼ା ମାରିଥିଲେ। ଫଳରେ ସତ୍ୟମ୍ ରାସ୍ତାରେ ପଡିଯାଇଥିଲେ। ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

# ବନ୍ଧୁକ ସହ ଧରାହେଲେ ନବମ ଶ୍ରେଣୀ ଛାତ୍ର

**ବିରଜାକ୍ଷେତ୍ର,୯।୩(ଡି.ଏନ୍.ଏ)**

ଯାଜପୁର ଥାନା ପୋଲିସ ଜଣେ ନାବାଳକଙ୍କୁ ମୋବାଇଲ ଚୋରି ଉଦ୍ୟମ ଅଭିଯୋଗରେ ଶନିବାର ଯାଜପୁରସ୍ଥିତ ପ୍ରିନ୍‌ସିପାଲ୍ ମାଜିଷ୍ଟ୍ରେଟ୍ ଜୁଭେନାଇଲ ବୋର୍ଡ ନିକଟରେ ହାଜର କରିଥିଲା। ପରେ ତାଙ୍କୁ ଅନୁଗୁଳସ୍ଥିତ ବାଳ ସ୍ୱଧାର ଗୃହକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ଏହି ଘଟଣାରେ ପୋଲିସ ଉକ୍ତ ନାବାଳକଙ୍କଠାରୁ ଏକ ଦେଶୀ ବନ୍ଧୁକ ଜବତ କରିଛି। ନାବାଳକ ଜଣକ ଯାଜପୁରସ୍ଥିତ ଏକ ବିଦ୍ୟାଳୟରେ ନବମ ଶ୍ରେଣୀରେ ପାଠ ପଢୁଥିବାବେଳେ ତାଙ୍କ ମା' ଓ ବାପା ଭୁବନେଶ୍ୱରରେ ବ୍ୟବସାୟ କରୁଥିବା ଜଣାପଡ଼ିଛି।

## ■ ନବନିଯୁକ୍ତ ଡାକ୍ତରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

# ନିଷ୍ଠାର ସହ କର୍ତ୍ତବ୍ୟ ପାଳନ କର

**ଭୁବନେଶ୍ୱର,୯।୩(ବ୍ୟୁରୋ)**

ନିଷ୍ଠାର ସହ କର୍ତ୍ତବ୍ୟ ପାଳନ କର। ରାଜ୍ୟରେ ଜଣେ କେହି ଯେପରି ଉପଯୁକ୍ତ ସେବା ପାଇବାରୁ ବଞ୍ଚିତ ନ ହେବେ ସେଥିପ୍ରତି ଯତ୍ନବାନ ହୁଅ। ନବନିଯୁକ୍ତ ଡାକ୍ତରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି ପରାମର୍ଶ ଦେଇଛନ୍ତି। ଶନିବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ୧୫୬୦ ଡାକ୍ତରଙ୍କୁ ସମ୍ବର୍ଦ୍ଧିତ କରିବା ସହ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଗତ ଦୁଇ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ଡାକ୍ତରଖାନା ପାଇଁ ମୁଖ୍ୟମନ୍ତ୍ରୀ ଉକ୍ତ ଡାକ୍ତରମାନଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏତେ ସଂଖ୍ୟକ ଡାକ୍ତରଙ୍କୁ ନିଯୁକ୍ତି ଦେଇଥିବାରୁ ଆତ୍ମସନ୍ତୋଷ ମିଳିଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହା ଏକ ଐତିହାସିକ ପଦକ୍ଷେପ। ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଲାଗି କଠିନ ପରିଶ୍ରମ କରିବାକୁ ମୁଖ୍ୟମନ୍ତ୍ରୀ ଡାକ୍ତରମାନଙ୍କୁ ପରାମର୍ଶ ଦେଇଛନ୍ତି। ସ୍ୱାସ୍ଥ୍ୟ ସଚିବ ପ୍ରମୋଦ ମେହେର୍ଦ୍ଦା କହିଛନ୍ତି ଯେ ଏହି ନିଯୁକ୍ତି ଦ୍ୱାରା ରାଜ୍ୟରେ ଡାକ୍ତରମାନଙ୍କ ସଂଖ୍ୟା ୬୩୨୯ରେ ପହଞ୍ଚିଛି। ରାଜ୍ୟରେ ଆବଶ୍ୟକ ହେଉଥିବା ଡାକ୍ତରଙ୍କର ଏହା ହେଉଛି ୯୪ ପ୍ରତିଶତ। ନିକଟରେ ଡାକ୍ତରମାନଙ୍କ ବହୁଦିନର ଦାବି ମେଡିକାଲ ସର୍ଭିସ କ୍ୟାଡର ପୁନର୍ଗଠନ କରିବା ସହ ରାଜ୍ୟ ସରକାର ଦାବି ପୂରଣ କରିଥିବାରୁ ଡାକ୍ତରମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ବୈଠକରେ ଉନ୍ନୟନ କମିଶନର ଅସିତ ତ୍ରିପାଠୀ, ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# କାର୍ ଦୁର୍ଘଟଣାଗ୍ରସ୍ତ:ନାଲ୍‌କୋ ଇଞ୍ଜିନିୟର, ସ୍ତ୍ରୀ ମୃତ

**ଅନୁଗୋଳ ଅଫିସ, ୯।୩**

ଅନୁଗୋଳ ସହର ଉପକଣ୍ଠ ଛେଳିଆପଡା ଛକ ନିକଟରେ ଶନିବାର ପୂର୍ବାହ୍ନରେ ଏକ କାର୍ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ନାଲ୍‌କୋ କର୍ମଚାରୀ ସମ୍ବଲପୁର ଜିଲା ବୁର୍ଲା ଅଞ୍ଚଳର ଶିବ ପଣ୍ଡା(୫୭) ଓ ସ୍ତ୍ରୀ ପ୍ରମିଳା ପଣ୍ଡାଙ୍କ ମୃତ୍ୟୁ ଘଟିଛି। ଶିବ ଓ ପ୍ରମିଳା ଶୁକ୍ରବାର ଏକ ବିବାହ ଭୋଜିରେ ଯୋଗଦେବାକୁ ଭୁବନେଶ୍ୱର ଯାଇଥିଲେ। ଶନିବାର ଉଭୟେ କାର୍ (ଓଡ଼ି-୧୯-ବି-୩୫୫୧) ଯୋଗେ ଅନୁଗୋଳ ନାଲ୍‌କୋ ଫେରୁଥିବାବେଳେ ଛେଳିଆପଡାଠାରେ ଗାଡ଼ି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ପ୍ରମିଳାଙ୍କୁ ମୃତ ଘୋଷଣା କରିଥିବାବେଳେ ଗୁରୁତର ଥିବା ଶିବଙ୍କୁ କଟକ ସ୍ଥାନାନ୍ତର କରିଥିଲେ। କଟକ ଯାଉଥିବା ସମୟରେ ଶିବଙ୍କ ମୃତ୍ୟୁ ହୋଇଥିଲା। ଅନୁଗୋଳ ପୋଲିସ ନଂ. ୧୭୨/୧୯ରେ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

# ଘାଟିରୁ ଓଲଟିଲା ବସ୍, ଚାଳକ ମୃତ



**କ.ନୂଆଗାଁ,୯।୩(ଡି.ଏନ୍.ଏ.)**

କନ୍ଧମାଳ ଜିଲା କ.ନୂଆଗାଁ ୫୯ ନଂ. ଜାତୀୟ ରାଜପଥ କନ୍ଦିବାନ୍ଦାରେ ଶୁକ୍ରବାର ରାତି ପ୍ରାୟ ୨ଟାରେ ସିଟି ବସ୍ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଏଥିରେ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଛତ୍ରପୁର ଗ୍ରାମର ଚିତ୍ତ ରଞ୍ଜନ ନାୟକ। ଏ ନେଇ ନଂ.୧୩/୧୯ରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଥାନା ଅଧିକାରୀ ଚାନ୍ଦମଣି ସିଂ କହିଛନ୍ତି। ବସ୍‌ଟି ବ୍ରହ୍ମପୁରରୁ ବାଲିଗୁଡ଼ାକୁ ମୁଖ୍ୟମନ୍ତ୍ରୀଙ୍କ କୃଷକ ସମାବେଶ ପାଇଁ ଆସୁଥିଲା। କନ୍ଦିବାନ୍ଦା ଘାଟିରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

## ଖଣି ଖନନରେ...

ଚୋରିକୁ ସ୍ୱୀକାର କରିଥିଲା। ଏବେକାର ପରିସ୍ଥିତିରେ ଲୁହାପଥର ଠାରୁ ୪ଗୁଣ ଅଧିକ ମୂଲ୍ୟବାନ ମାଙ୍ଗାନିଜ୍ ପଥରର ବେଆଇନ ଖନନ ଓ ଚୋରି ଲାଗି ରହିଛି ବୋଲି ସ୍ଥାନୀୟ ବାସିନ୍ଦା ଧରିତ୍ରୀକୁ ସୂଚନା ଦେଇଛନ୍ତି। ଏହା ବ୍ୟତୀତ ଟାଟା କମ୍ପାନୀ ଏବେ ମଧ୍ୟ ଲୁହାପଥର ଖନନ କରିବା ପାଇଁ ବିଭିନ୍ନ ଠିକାଦାରଙ୍କୁ ବ୍ୟବହାର କରୁଛି। ଏଥିରେ ଅଟୱାଲ୍ କମ୍ପାନୀ, ବ୍ରଜ ମାଇନିଂସ, ଟିପିଏଲ୍ ଏବଂ ଏନ୍.ଏନ୍.ସିଂ ଭଳି ବ୍ୟବସାୟିକ ଠିକା ସଂସ୍ଥା ନିଯୁକ୍ତ ହୋଇଥିବା ପ୍ରମାଣ ଧରିତ୍ରୀ ନିକଟରେ ପହଞ୍ଚିଛି। ଖଣି ଆଇନ ଅନୁଯାୟୀ ଲିଜ୍‌ଧାରୀ ନିଜେ ଖନନ କରିବା ବାଧ୍ୟ। ଅର୍ଥାତ୍ ଠିକାଦାର ବ୍ୟବହାର କରିବା ବେଆଇନ ଅଟେ। ଏହିଭଳି ଟାଟା କମ୍ପାନୀ ଅନେକ ବେଆଇନ କାର୍ଯ୍ୟ କରୁଥିବାର ପ୍ରମାଣ ସ୍ଥାନୀୟ ବାସିନ୍ଦାଙ୍କ ପାଖରେ ଅଛି। କିନ୍ତୁ ରାଜ୍ୟ ସରକାରଙ୍କ ଉପରଠାରୁ ତଳ ପର୍ଯ୍ୟନ୍ତ ଅଧିକାରୀଙ୍କ ମନକୁ ଜିଣି ନେଇପାରିଥିବା ଏହି କମ୍ପାନୀ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ।

## ୧,୦୦୦ କେଜି...

ଜିଲା ରୂପ୍‌ସା ଥାନା ଅଧୀନ ବାମଡ଼ା ଗ୍ରାମରୁ ବିସ୍ଫୋରକ ସାମଗ୍ରୀ ବୋଝେଇ ଟ୍ରକ ପଶ୍ଚିମବଙ୍ଗ ଅଭିମୁଖେ ବାହାରିଥିଲା। ଦାନ୍ତୁନଠାରୁ ୧୨ କି.ମି. ଦୂର ତୁର୍କା ଗ୍ରାମ ନିକଟବର୍ତ୍ତୀ ଅଞ୍ଚଳକୁ ଏହି ସାମଗ୍ରୀ ନିଆଯାଉଥିଲା ବୋଲି ଟ୍ରକ ଚାଳକ ସୂଚନା ଦେଇଥିବା କଥା ପୋଲିସ କହିଛି। ବିସ୍ଫୋରକ ସାମଗ୍ରୀ ଚାଲାଣ ଉପରେ କଡା କଟକଣା ଥିବା ସତ୍ତ୍ୱେ ଏହା ଓଡ଼ିଶା-ପଶ୍ଚିମବଙ୍ଗ ସୀମା ଚେକ୍‌ଗେଟ୍ କିପରି ପାରି ହୋଇଗଲା ତାହା ସନ୍ଦେହର କାରଣ ହୋଇଛି। ପଶ୍ଚିମବଙ୍ଗ ପୋଲିସ ଗିରଫ ଡ୍ରାଇଭର ଓ ତାଙ୍କ ସହଯୋଗୀଙ୍କୁ ପଚରାଉଚୁରା ଚଳାଇଥିଲେ ମଧ୍ୟ ସବିଶେଷ ତଥ୍ୟ ଦେଇନାହିଁ। ବାଣ ତିଆରିରେ ଲାଗୁଥିବା ବାରୁଦ ଟ୍ରକରେ ନିଆଯାଇଥିବା ଚର୍ଚ୍ଚା ହେଉଛି।

ପଶ୍ଚିମବଙ୍ଗ ପୋଲିସ ସୂଚନା ଅନୁଯାୟୀ ଜବତ ବିସ୍ଫୋରକ ବୋଝେଇ ଟ୍ରକର ମାଲିକ ହେଲେ ରୂପସା ଅଞ୍ଚଳର ତପନ ମହାପାତ୍ର । ଟ୍ରକ ଚାଳକ ଇନ୍ଦ୍ରଜିତ୍‌ଙ୍କ ଘର ବସ୍ତା ଥାନା ଅଞ୍ଚଳରେ। ତାଙ୍କ ସହଯୋଗୀ ପଦ୍ମଲୋଚନଙ୍କ ଘର ମଥାନୀ ଗ୍ରାମରେ। ଘଟଣା ସମ୍ପର୍କରେ ଟ୍ରକ ମାଲିକଙ୍କ ସହ ଯୋଗାଯୋଗ କରାଯିବାରୁ ସେଥିରେ ବିସ୍ଫୋରକ ସାମଗ୍ରୀ ନୁହେଁ, ସର୍ଫ ବୋଝେଇ ହୋଇ ଯାଉଥିଲା ବୋଲି କହିଛନ୍ତି। କିନ୍ତୁ ଟ୍ରକ ଚାଳକ ବାରୁଦ ଚାଲାଣ କଥା ସ୍ୱୀକାର କରିବା ସହ ଏହାର କାଗଜପତ୍ର ରହିଥିବା ପଶ୍ଚିମବଙ୍ଗ ପୋଲିସକୁ କୁଆଡେ ସୂଚନା ଦେଇଛନ୍ତି। ଏଭଳି ପରିସ୍ଥିତିରେ ଚୋରା ବିସ୍ଫୋରକ ସାମଗ୍ରୀ ଚାଲାଣ ପଛରେ କାହାର ହାତ ଅଛି ତାହା ରହସ୍ୟ ଘେରରେ ରହିଛି। ଚାଳକଙ୍କ ସହଯୋଗୀ କୁହାଯାଉଥିବା ପଦ୍ମଲୋଚନ ଏକ ଘରୋଇ ଫାଇନାନ୍ସ କମ୍ପାନୀରେ କାମ କରୁଥିବା ତାଙ୍କ ପରିବାରବର୍ଗ ପ୍ରକାଶ କରିଛନ୍ତି। ଟ୍ରକ ଚାଳକ ଇନ୍ଦ୍ରଜିତ ଶୁକ୍ରବାର ଟ୍ରକ ନେଇ ଯିବା ବେଳେ ତାଙ୍କୁ ସାଥୀରେ ଡାକି ନେଇଯାଇଥଲେ। ସ୍ଥାନୀୟ ବସ୍ତା ଥାନା ଆଇଆଇସି ଧନେଶ୍ୱର ସାହୁ, ରୂପ୍‌ସା ଥାନା ଓଆଇସି ସୁଚିନ୍ଦ୍ର ମହାଲିକ ଓ ଏସ୍‌ଡିପିଓ ରଣଜିତ ପୃଷ୍ଟିଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେମାନେ କିଛି ଜାଣିନାହାନ୍ତି ବୋଲି କହିଛନ୍ତି।

## ପୁଣି ଆଲୋଚନା...

ଜଷ୍ଟିସ ରବି ରଞ୍ଜନ ଏବଂ ଜଷ୍ଟିସ ଇନ୍ଦରମିତ୍ କୌରଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠ ଅନ୍ତରୀଣ ଆବେଦନର ଶୁଣାଣି କରିଥିଲେ। ଉଭୟ ପକ୍ଷ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ଆଗ୍ରହ ପ୍ରକାଶ କରିବାରୁ ରାୟ ଘୋଷଣାକୁ ଟ୍ରିବ୍ୟୁନାଲ ଅନ୍ତରୀଣ ରାୟ ଶୁଣାଇବାକୁ ମାର୍ଚ୍ଚ ୩୦କୁ ଧାର୍ଯ୍ୟ କରିଛନ୍ତି।

ଶୁଣାଣି ବେଳେ ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କ ପକ୍ଷରୁ ମାମଲା ଲଢୁଥିବା ଆଇନଜୀବୀ କହିଥିଲେ, ୨୦୧୯ ଫେବୃୟାରୀ ୨୫ ଓ ମାର୍ଚ୍ଚ ୫ରେ ବୈଷୟିକ ବିଶେଷଜ୍ଞ ଏବଂ ଅଫିସର ସ୍ତରୀୟ ବୈଠକ ହୋଇଥିଲେ ମଧ୍ୟ ଅନ୍ତରୀଣ ବ୍ୟବସ୍ଥା ଲାଗି ସହମତିରେ ପହଞ୍ଚିପାରି ନ ଥିଲେ। ଫଳରେ ଅଧିକ ଆଲୋଚନା ଆବଶ୍ୟକ ଅନୁଭବ କରି ଟ୍ରିବ୍ୟୁନାଲ ଉଭୟ ରାଜ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି। ଆଉ ଥରେ ଆଲୋଚନାରେ ସଫଳତା ମିଳିପାରିବ ବୋଲି ଖଣ୍ଡପୀଠ ଆଶାବ୍ୟକ୍ତ କରିଛନ୍ତି। ଆଲୋଚନା ସଫଳ ନ ହେଲେ ଟ୍ରିବ୍ୟୁନାଲ ଅନ୍ତରୀଣ ଆବେଦନର ଗୁରୁତ୍ୱକୁ ବିଚାରକୁ ନେଇ ରାୟ ପ୍ରକାଶ କରିବେ ବୋଲି ଓଡ଼ିଶାର ପ୍ରତିନିଧିତ୍ୱ କରୁଥିବା

**ପ୍ରଥମ ପୃଷ୍ଠାରୁ...**

ଆଇନଜୀବୀ ମୋହନ କାଟାର୍କି କହିଛନ୍ତି। ଆସନ୍ତା ୧୬ ତାରିଖରେ ଆପାତତଃ ଆଲୋଚନା ଲାଗି ସମୟ ଧାର୍ଯ୍ୟ ହୋଇଥିବା ଓଡ଼ିଶା ଆଡଭୋକେଟ ଜେନେରାଲ ସୂର୍ଯ୍ୟପ୍ରସାଦ ମିଶ୍ର କହିଛନ୍ତି।

ସୂଚନାଯୋଗ୍ୟ ଯେ ଟ୍ରିବ୍ୟୁନାଲ ଓଡ଼ିଶା ସରକାରଙ୍କ ଦ୍ୱାରା ଦାଏର କରାଯାଇଥିବା ଅନ୍ତରୀଣ ଆବେଦନର ଶୁଣାଣି ଫେବୃୟାରୀ ୯ରେ ଶେଷ କରିଥିଲେ। ନିଷ୍ପତ୍ତି ଶୁଣାଇବା ପୂର୍ବରୁ ଟ୍ରିବ୍ୟୁନାଲ ଉଭୟ ରାଜ୍ୟକୁ ବିବାଦର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ଯଦି ଏହା ନ ହୁଏ ତେବେ ମାର୍ଚ୍ଚ ୯ ତାରିଖରେ ନିଷ୍ପତ୍ତି ଶୁଣାଇ ଦିଆଯିବ ବୋଲି ଟ୍ରିବ୍ୟୁନାଲ କହିଥିଲେ। ମହାନଦୀ ଉପରେ ଛତିଶଗଡ ବ୍ୟାରେଜ ନିର୍ମାଣ କାର୍ଯ୍ୟ ସ୍ଥଗିତ ରଖିବା ସହ ଅଣ ମୌସୁମୀ ସମୟରେ ଅର୍ଥାତ ନଭେମ୍ବରରୁ ମେ ମାସ ମଧ୍ୟରେ ଦୈନିକ ୧.୭୪ ନିୟୁତ ଏକର ଫିଟ (ଏମ୍‌ଏଏଫ) ପାଣି ଛାଡିବାକୁ ନିର୍ଦ୍ଦେଶ ଦେବା ସକାଶେ ଆବେଦନରେ ରାଜ୍ୟ ସରକାର ଅନୁରୋଧ କରିଥିଲେ।

## ୨୭ ବର୍ଷରେ...

ଉତ୍ତର ପ୍ରଦେଶ, ଓଡ଼ିଶା ଏବଂ ମଧ୍ୟପ୍ରଦେଶ ଏଚଡିଆଇ ର୍‍ୟାଙ୍କରେ ଦ୍ରୁତ ଅଗ୍ରଗତି କରିଛନ୍ତି। ୧୯୯୦ରୁ ୨୦୧୭ ମଧ୍ୟରେ ଦେଶର ମାନବ ବିକାଶ ସୂଚକାଙ୍କରେ ଦ୍ରୁତ ଅଭିବୃଦ୍ଧି ହୋଇଛି। ଦେଶର ଏଚଡିଆଇ ମୂଲ୍ୟାୟନ ୦.୪୨୭ରୁ ୦.୬୪୦ ରହିଛି ଅର୍ଥାତ ପାଖାପାଖି ୫୦ ପ୍ରତିଶତ ବୃଦ୍ଧି ଘଟିଛି। ଦକ୍ଷିଣ ଓ ପୂର୍ବ ଭାରତ ରାଜ୍ୟଗୁଡିକ ଏ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିଛନ୍ତି। ବିଶେଷକରି ଓଡ଼ିଶା ଓ ବିହାରର ଆର୍ଥିକ ଅଭିବୃଦ୍ଧି ବହୁମାତ୍ରାରେ ବୃଦ୍ଧି ପାଇଛି। ସାମାଜିକ କ୍ଷେତ୍ରରେ ଅଧିକ ବ୍ୟୟ ଏଚଡିଆଇ ର୍‍ୟାଙ୍କରେ ସୁଧାର ଆଣିବାରେ ସହାୟକ ହୋଇଥାଏ। ପ୍ରଶାସନିକ ଉଦାସୀନତା, ସଚେତନତା ଅଭାବ ଏବଂ ଯୋଜନା କାର୍ଯ୍ୟକାରିତାରେ ଶିଥିଳତା ଯୋଗୁ ଏଚ୍‌ଡିଆଇ ର୍‍ୟାଙ୍କରେ ଆଖିଦୃଶିଆ ଉନ୍ନତି ହେଉନାହିଁ। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା ବିଶ୍ୱର ଏକ ବୃହତ୍ ସରକାରୀ ସ୍ୱାସ୍ଥ୍ୟ ଯୋଜନା । ଏହାକୁ ଜାତୀୟ ଓ ରାଜ୍ୟସ୍ତରରେ ଲାଗୁ କରାଗଲେ ଏଚଡିଆଇ ବିକାଶରେ ସହାୟକ ହେବ ବୋଲି ରିପୋର୍ଟରେ କୁହାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଚନ୍ଦ୍ର ମଙ୍ଗଳ ଯୋଗ ଆପଣଙ୍କ ଆଶା ଓ ଅଭିଳାଷକୁ ସମ୍ପୂର୍ଣ୍ଣ କରିବାରେ ସାହାଯ୍ୟ କରିବ। ସ୍ୱାସ୍ଥ୍ୟ, ପରିବାର, ବାଣିଜ୍ୟ, ବ୍ୟବସାୟ, ଯାତ୍ରା ଓ ନୂତନ କର୍ମାରମ୍ଭ ସକାଶେ ଦିନଟି ଖୁବ୍ ଭଲ। ନୂତନ ଯୋଜନା, ଅର୍ଥନୈତିକ ଆଲୋଚନା, ମନୋରଞ୍ଜନ କାର୍ଯ୍ୟକ୍ରମାଦି କ୍ଷେତ୍ରରେ ସାମାନ୍ୟ ଗଡ୍‌ବଡ୍ ହୋଇପାରେ।

**ବୃଷ**
ଚନ୍ଦ୍ର ଓ ବୃହସ୍ପତିଙ୍କ ଷଡାଷ୍ଟକ ସ୍ଥିତି କାରଣରୁ ନିଜର ଅତି ବିଶ୍ୱସ୍ତ ଲୋକଟି ଆପଣଙ୍କ ବିପକ୍ଷରେ ଯାଇପାରେ। କୌଣସି କାର୍ଯ୍ୟ ସହଜ କିମ୍ବା ଶୃଙ୍ଖଳିତ ଭାବରେ ସମ୍ପନ୍ନ ହେବା କଷ୍ଟକର ହୋଇପଡିବ। କାର୍ଯ୍ୟ ହାସଲ ପରିପ୍ରେକ୍ଷୀରେ ଅନ୍ୟମାନଙ୍କୁ ମନେଇବାକୁ ବିଭିନ୍ନ ପ୍ରକାର ଚେଷ୍ଟା କରି କିଛି ମାତ୍ରାରେ ସଫଳ ହୋଇପାରନ୍ତି।

**ମିଥୁନ**
ଚତୁର୍ଥକେନ୍ଦ୍ରାଧିପ ସ୍ୱଗୃହକୁ ଅବଲୋକନ କରୁଥିବାରୁ ସଭାସମିତି, ବନ୍ଧୁ ସମ୍ପର୍କ, ପାରିବାରିକ ସୌହାର୍ଦ୍ଦ୍ୟ ଅକ୍ଷୁଣ୍ଣ ରହିବ। କିନ୍ତୁ ଆରଦ୍ରା ନକ୍ଷତ୍ର ସକାଶେ କେତେକ ପ୍ରତିବନ୍ଧକଜନିତ ଅଟକି ରହିଥିବା କାମ ସକାଶେ ଅନୁତାପ କରିପାରନ୍ତି। ଆଗାମୀ ମାଙ୍ଗଳିକ କର୍ମ ସକାଶେ ଘର ସାଜସଜା ସାଙ୍ଗକୁ ବକେୟା କର୍ମ ସମାପନ ସକାଶେ ବ୍ୟସ୍ତତା ପ୍ରକାଶ କରିବେ।

**କର୍କଟ**
କର୍ମସ୍ଥାନରେ ଶୁଭ ସମ୍ପର୍କ ଆପଣଙ୍କ କାମରେ, ଚିନ୍ତାଧାରା, ଅନୁକୂଳ ବାତାବରଣ ସୃଷ୍ଟି କରିବ। ଆପଣ ଯାହା ଓ ଯେପରି ଭାବୁଛନ୍ତି ତାହା ହିଁ ହେବ ଓ ପାଇବେ ମଧ, କିନ୍ତୁ ପରିଣତ ସମୟକୁ ଅପେକ୍ଷା କରିବାକୁ ପଡିପାରେ। ଅଶ୍ଳେଷା ନକ୍ଷତ୍ର ଅନ୍ୟଦ୍ୱାରା ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି।

**ସିଂହ**
ସ୍ୱଗୃହରେ ଭାଗ୍ୟାଧିପ ବନ୍ଧୁ ପରିଜନଙ୍କ ସହାୟତାରେ କାମ ହାସଲ କରାଇବ। ପାରିବାରିକ ସମସ୍ୟାର ସରଳ ସମାଧାନ ସକାଶେ ଆପଣଙ୍କ ଚେଷ୍ଟା ବ୍ୟର୍ଥ ହେବନାହିଁ। ଜମିଜମା କିଣାବିକା ବାବଦରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବା ସହ ରାଜନୀତିରେ ଗଠନ ମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ।

**କନ୍ୟା**
ଅଷ୍ଟମାଧିପତି ସ୍ୱଗୃହରେ ଲାଭାଧିପତିଙ୍କ ସାଙ୍ଗରେ ରହିଥିବାରୁ ଯାହା ପାଇବା ସକାଶେ ଆଶା ବାନ୍ଧି ବସିଛନ୍ତି ତାହା ହରାଇପାରନ୍ତି। ବିବାଦୀୟ ପରିସ୍ଥିତି କ୍ରମଶଃ ଜଟିଳାକାର ଗ୍ରହଣ କରିବାର ଆଶଙ୍କା ରହିଛି। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ଅଥବା ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି ଦୁଶ୍ଚିନ୍ତାର କାରଣ ହୋଇପାରେ।

**ତୁଳା**
ଆଜିର ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ କାର୍ଯ୍ୟସିଦ୍ଧି, ଆଶା କରୁଥିବା ଦିଗରୁ ଅର୍ଥ ଓ ବିବାଦର ସମାଧାନ ହୋଇପାରିବ। ନୂତନ ଭାବରେ ଯେଉଁ କାମଟିକୁ ଆରମ୍ଭ କରିବାକୁ ଯାଉଛନ୍ତି ତାହା ନିର୍ବିଘ୍ନରେ ସମାପନ ହୋଇଯିବାର ଆଶା ରହିଛି। ବୁଧଙ୍କ ପ୍ରଭାବ ବନ୍ଧୁ ପରିଜନଙ୍କ ସହ ମିତ୍ରତା ଓ ଜନକଲ୍ୟାଣକାରକ କର୍ମରେ ଆପଣଙ୍କୁ ନିଯୁକ୍ତ କରାଇପାରେ।

**ବିଛା**
ଆଜି ଷଷ୍ଠସ୍ଥାନରେ ଚନ୍ଦ୍ର ନୂତନ କର୍ମାରମ୍ଭ, ଦୂରଯାତ୍ରା ପାଇଁ ବହୁତ ଭଲ ରହିବ। କିନ୍ତୁ ଆଜି ଆପଣଙ୍କ ମନକୁ ପାଇଲା ଭଳି କୌଣସି ଆଲୋଚନା କାହା ସହ ମଧ୍ୟ ହୋଇପାରିବ ନାହିଁ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ, କଳା, ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ର ପ୍ରଭୃତିରୁ ସୁଫଳ ପାଇବାର ଆଶା ରହିଛି।

**ଧନୁ**
ଚତୁର୍ଥକେନ୍ଦ୍ରସ୍ଥ ଚନ୍ଦ୍ର ଆପଣଙ୍କୁ ଜହ୍ନମାମୁ ଭଳି ନିଜ ପରିବେଶରେ ଲୋକପ୍ରିୟତା ସୃଷ୍ଟି କରିବ। ସଭାସମିତି, ଆନୁଷ୍ଠାନିକ କାମ ଓ ଗବେଷଣାଦି କାର୍ଯ୍ୟରେ ଆଶାନୁଯାୟୀ ଫଳ ପାଇବେ। ଭାଗ୍ୟାଧିପ ରବି ନିଜର ଭାବକୁ ଦେଖୁଥିବାରୁ ନିଜର ପାରିପାର୍ଶ୍ୱିକ ପରିସ୍ଥିତି ବହୁତ ଭଲ ରହିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ମଜାଇ ଦେଇପାରନ୍ତି।

**ମକର**
ଶୁକ୍ରଙ୍କ ପ୍ରଭାବରୁ ମନରେ ପ୍ରଫୁଲ୍ଲତା, ଚନ୍ଦ୍ର ଓ ମଙ୍ଗଳ ନୂତନ ବନ୍ଧୁତ୍ୱ ସାଙ୍ଗକୁ କାର୍ଯ୍ୟସାଧନର ହେତୁ ସ୍ୱରୂପ ହୋଇପାରନ୍ତି। ସବୁ ସମୟରେ ନିଜ ପାଖରେ ରହୁଥବା କୌଣସି ବ୍ୟକ୍ତି ଦ୍ୱାରା କାମ ହାସଲ କରିବାର ସୁଯୋଗ ପ୍ରାପ୍ତ ହୋଇପାରେ। ଶିଳ୍ପ, ବ୍ୟବସାୟ, ପରିବହନ, କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ**
ବନ୍ଧୁଗହଣରେ ଅପ୍ରିୟସତ୍ୟ ଭାଷଣ ଅଯଥା ସୁସମ୍ପର୍କ ନଷ୍ଟ ହେବାର କାରଣ ହୋଇପାରେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ପାଇବା କାରଣରୁ ଚିନ୍ତା ପ୍ରକଟ କରିବେ। ବିଭିନ୍ନ ପ୍ରକାର ସମସ୍ୟାମୂଳକ କାମରେ ପ୍ରବେଶ କରି ବ୍ୟସ୍ତତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ।

**ମୀନ**
ଶନିଙ୍କ ସ୍ଥିତିଫଳ ମନ୍ଦ ନ ହୋଇଥିବାରୁ କର୍ମକ୍ଷେତ୍ରରେ ଆପଣଙ୍କର କୌଣସି ବାଧା ବିଘ୍ନ, ପ୍ରତିବନ୍ଧକାଦି ରହିବ ନାହିଁ। କିନ୍ତୁ ଶନିଙ୍କ ଦୃଷ୍ଟିଫଳ ଖରାପ ହେତୁ ପରିବାର, ଲୋସମ୍ପର୍କ, ଯାନବାହନ ପ୍ରଭୃତିରେ ସତର୍କତା ରକ୍ଷା କରିବା ଭଲ। ବ୍ୟବସାୟ, ପରିବହନ ଓ ଆନୁଷ୍ଠାନିକ କାମରେ ସଫଳତା ପାଇପାରିବେ।

ଆଜି ଫାଲ୍‌ଗୁନ ଶୁକ୍ଳ ଚତୁର୍ଥୀ ରବିବାର, ମାର୍ଚ୍ଚ ୧୦ ତାରିଖ, ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୭।୨୭ମି. ଗତେ, ଘ.୮।୫୭ମି. ମଧ୍ୟେ ଅମୃତବେଳା । ଦିବା ଘ.୮।୫୭ମି. ଗତେ ଘ.୧୦।୨୦ମି. ମଧ୍ୟେ, ଘ.୧।୨୪ମି. ଗତେ ଘ.୨।୫୩ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୯।୦୦ମି. ଗତେ ଘ.୧୦।୨୯ମି. ମଧ୍ୟେ ରାହୁକାଳ।




## ସଂକ୍ଷେପରେ

### ପ୍ରାଥମିକ ଶିକ୍ଷକଙ୍କ ଉନ୍ମତ୍ତକାଣ୍ଡ
### ଛାତ୍ରୀଛାତ୍ରଙ୍କ ସହ ସିଆର୍‌ସିସିଙ୍କୁ ପିଟିଲେ

**ନୂଆପଡା ଅଫିସ/ ତରବୋଡ, ୯।୩(ଡି.ଏନ.ଏ.):** ଜଣେ ପ୍ରାଥମିକ ଶିକ୍ଷକ ମଦପିଇ ଛାତ୍ରୀଛାତ୍ର ଏବଂ ସିଆରସିସିଙ୍କୁ ମାରପିଟ କରିବା ଭଳି ଏକ ଅଭାବନୀୟ ଘଟଣା ନୂଆପଡା ଜିଲା କୋମନା ବ୍ଲକରେ ଘଟିଛି। ସେଠିକାର ତରବୋଡ ଫାଣ୍ଡି ଅନ୍ତର୍ଗତ ହାତୀସରା ସରକାରୀ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସରୋଜ ଦାସ ନାମକ ଜଣେ ସହକାରୀ ଶିକ୍ଷକ ଦୁଇଛାତ୍ର ଏବଂ ଜଣେ ଛାତ୍ରୀଙ୍କୁ ନିଷ୍ଠୁର ପିଟିଥିଲେ। ଏହି ଖବର ପାଇ ତଦନ୍ତରେ ଆସିଥିବା ସିଆରସିସିଙ୍କୁ ମାଡ ମାରିବା ଭଳି ଅଭିଯୋଗ ଆସିଛି । ଏହି ଅଭିଯୋଗରେ ତରବୋଡ ଫାଣ୍ଡି ପୋଲିସ ସମ୍ପୃକ୍ତ ଶିକ୍ଷକଙ୍କୁ ଅଟକ ରଖିଛି। ତାଙ୍କ ବିରୋଧରେ ଦଫା ୨୯୪, ୫୦୬, ୩୨୩, ୩୪୧ରେ ଏକ ମାମଲା (ନଂ.୫୨/୧୯) ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି ପୋଲିସ କହିଛି।

### ଡିଜିପିଙ୍କ ଅଫିସ୍ ସମ୍ମୁଖରେ ଉଲଗ୍ନ ପ୍ରତିବାଦ ଘଟଣା
### ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ

**କଟକ ଅଫିସ,୯।୩:** ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗରେ ଗୁରୁବାର କନ୍ଧମାଳ ଜିଲାର ସୁଶୀଲ ହାଂସଦା ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ ଅଫିସ ସମ୍ମୁଖରେ ଉଲଗ୍ନ ହୋଇ ପ୍ରତିବାଦ କରିଥିଲେ। ଏହି ଘଟଣାକୁ ନେଇ ଅନଲାଇନ୍‌ରେ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଶନିବାର ଅଭିଯୋଗ କରିଛନ୍ତି ମାନବାଧିକାର କର୍ମୀ ସୁଜିତ୍ ସାହୁ। ପୋଲିସର ଏଭଳି କାର୍ଯ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଅଭିଯୋଗରେ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ସୁଶୀଲଙ୍କ ଭାଇ ଓଡ଼ିଶା ପୋଲିସର ଏସ୍‌ଆଇ ଭାବେ କାର୍ଯ୍ୟ କରୁଥିବାବେଳେ ତାଙ୍କ ମା’ ଫୁଲବାଣୀ ପୋଲିସ କଲୋନୀରେ ରହୁଛନ୍ତି। ସେଠାରେ କେତେଜଣ ପୋଲିସ କର୍ମଚାରୀ ତାଙ୍କ ମା’ଙ୍କୁ ନିର୍ଯାତନା ଦେଉଛନ୍ତି। ଏନେଇ ତାଙ୍କ ମା’ ନିକଟସ୍ଥ ଥାନା ଏବଂ ଫୁଲବାଣୀ ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ସୁଶୀଲ ଅଭିଯୋଗ କରିଥିଲେ। ତେଣୁ ସେ ଉଲଗ୍ନ ହୋଇ ପ୍ରତିବାଦ କରିଥିଲେ।

### ଜୟବ୍ରତ ବିଜେଡିରୁ ବହିଷ୍କୃତ

**ଭୁବନେଶ୍ୱର,୯।୩(ବ୍ୟୁରୋ):** ସମ୍ବଲପୁର ଜିଲାର ଜୟବ୍ରତ ଦେଙ୍କୁ ଦଳବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ବହିଷ୍କାର କରାଯାଇଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଦଳରୁ ବହିଷ୍କାର କରାଯାଇଛି। ବିଜେଡି ରାଜ୍ୟ ସମ୍ପାଦକ ବିଜୟ ନାୟକ ଜୟବ୍ରତଙ୍କ ବହିଷ୍କାର ସମ୍ପର୍କରେ ଗଣମାଧ୍ୟମକୁ ଅବଗତ କରାଇଛନ୍ତି।

### ଚାଷୀଙ୍କୁ ଦଳିଦେଲା ଦନ୍ତା

**ପରଜଙ୍ଗ, ୯।୩(ଡି.ଏନ୍.ଏ.):** ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନରେ ନରହନ୍ତା ଦନ୍ତାହାତୀ ଉତ୍ପାତ ଚରମସୀମାରେ ପହଞ୍ଚିଛି। ଶନିବାର ଭୋର ସମୟରେ ରୋଡ୍ ପଞ୍ଚାୟତ ଗଇଲୋ ଗ୍ରାମର ଚାଷୀ କୁମୁଦ ସାହୁ (୫୫)କୁ ଦନ୍ତା ଦଳି ମାରିଦେଇଛି। ଦନ୍ତାକୁ କାବୁ କରିବାରେ ବନ ବିଭାଗ ଫେଲ୍ ମାରିଛି। ଏହାକୁ ନେଇ କ୍ଷୋଭବ୍ୟକ୍ତ କରିଛନ୍ତି ଅଞ୍ଚଳବାସୀ। ଦନ୍ତାକୁ ଅନ୍ୟତ୍ର ଘଉଡ଼ାଇବା ବ୍ୟବସ୍ଥା ନ କଲେ ଆନ୍ଦୋଳନ ତୀବ୍ର କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ବିଜେଡିରେ ମିଶିଲେ ହେମାନନ୍ଦଙ୍କ ଝିଅ

**ଭୁବନେଶ୍ୱର,୯।୩(ବ୍ୟୁରୋ)**



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସୁନୀତା ବିଶ୍ୱାଳ।

- ନବଙ୍କ ନେତୃତ୍ୱରେ ବହୁ ନେତା ସାମିଲ
- ହେମାନନ୍ଦ କହିଲେ, ଝିଅ ଛୋଟ ପିଲା ନୁହେଁ

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିସିସି ଶୃଙ୍ଖଳା କମିଟି ଅଧ୍ୟକ୍ଷ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ସୁନୀତା ବିଶ୍ୱାଳ ଶନିବାର କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନବୀନ ନିବାସରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ହେମାନନ୍ଦଙ୍କ କନ୍ୟାଙ୍କୁ ବିଜେଡିକୁ ଆଣିବାରେ ଝାରସୁଗୁଡ଼ାର ପୂର୍ବତନ ବିଧାୟକ ନବ ଦାସଙ୍କ ପ୍ରମୁଖ ଭୂମିକା ରହିଥିବା କୁହାଯାଇଛି। ଏହି ମିଶ୍ରଣ ପାଇଁ ନବ ନିଜର ଶତାଧିକ ସମର୍ଥକଙ୍କ ସହ ନବୀନ ନିବାସରେ ଉପସ୍ଥିତ ରହିଥିଲେ।

ସୁନୀତାଙ୍କ ସହ କଳାହାଣ୍ଡିର କଂଗ୍ରେସ ନେତା ସଚ୍ଚିଦାନନ୍ଦ ମହାକୁଡ଼, ସୁଜିତ କୁମାର ନାୟକ, ରାଜକିଶୋର ଦାସ, ଦେବେନ୍ଦ୍ର କିଶୋର ପତି, ମୋତିଲାଲ ତନ୍ତି, ରୀନା ତନ୍ତି, ଫନିନ୍ଦ୍ର ପଟ୍ଟନାୟକ, ଶକ୍ତିପ୍ରସାଦ ପଣ୍ଡା ମଧ୍ୟ କଂଗ୍ରେସ ଛାଡି ବିଜେଡିରେ ସାମିଲ ହୋଇଛନ୍ତି। ସେହିପରି କୁଚିଣ୍ଡା ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ଭାଜପା ନେତା କିଶୋର ନାଏକ, କଟକର ରୀତା ଶତପଥୀ ମଧ୍ୟ ବିଜେଡିରେ ମିଶିଛନ୍ତି।

ବିଜେଡିରେ ସାମିଲ ହୋଇଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଦଳର ସଭାପତି ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ବିଶେଷକରି ସୁନୀତାଙ୍କ ଯୋଗଦାନ ସୁନ୍ଦରଗଡ଼ ଜିଲାରେ ଦଳର ଶକ୍ତି ବୃଦ୍ଧି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମିଶ୍ରଣ ପରେ ସୁନୀତା କହିଛନ୍ତି ଯେ, ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଚେଷ୍ଟା କରୁଛନ୍ତି। ତାଙ୍କ ଇଚ୍ଛାଶକ୍ତି ଓ ରାଜନୈତିକ ପ୍ରତିବଦ୍ଧତା ଅନ୍ୟମାନଙ୍କ ପାଇଁ ଉଦାହରଣ। ରାଜନୀତିରେ ମହିଳାମାନଙ୍କ ନିମନ୍ତେ ୩୩ ପ୍ରତିଶତ ସଂରକ୍ଷଣ ଏବଂ ମିଶନ ଶକ୍ତି କାର୍ଯ୍ୟକ୍ରମ ତାଙ୍କୁ ପ୍ରଭାବିତ କରିଛି। ବାପା ହେମାନନ୍ଦ କଂଗ୍ରେସ ଶୃଙ୍ଖଳା କମିଟିରେ ଅଛନ୍ତି, ଏହି ସମୟରେ ଝିଅ ସୁନୀତା ଦଳ ଛାଡିବା ଏକ ନକାରାତ୍ମକ ବାର୍ତ୍ତା ଦେବ କି ବୋଲି ଖବରଦାତାମାନେ ତାଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ସେ କହିଛନ୍ତି ଯେ, ନିରଞ୍ଜନ ପଟ୍ଟନାୟକ କଂଗ୍ରେସର ପିସିସି ସଭାପତି ଅଛନ୍ତି। ତାଙ୍କ ଭାଇ(ସୌମ୍ୟରଞ୍ଜନ) ବିଜେଡିରେ ଅଛନ୍ତି। ଏପରି ବହୁତ ଉଦାହରଣ ରହିଛି। ତେଣୁ ଏଥିରେ ନୂଆ କିଛି ନାହିଁ ବୋଲି ସୁନୀତା କହିଛନ୍ତି। ଝିଅ କଂଗ୍ରେସ ଛାଡ଼ିବା ପରେ ହେମାନନ୍ଦ କହିଛନ୍ତି ଯେ, ସୁନୀତା ଛୋଟପିଲା ନୁହଁନ୍ତି। ନିଜ ନିଷ୍ପତ୍ତି ନିଜେ ନେବାର ଅଧିକାର ତାଙ୍କର ରହିଛି। ସେ ବିଜେଡିରେ ଯୋଗଦେଇଥିବାରୁ ସେହି ଦଳର ପ୍ରଚାର କରିବେ। ନିଜେ ଆଜୀବନ କଂଗ୍ରେସ ସଦସ୍ୟ ହୋଇଥିବାରୁ କଂଗ୍ରେସର ପ୍ରଚାର କରିବେ ବୋଲି ହେମାନନ୍ଦ କହିଛନ୍ତି। ସୁନୀତାଙ୍କୁ ସୁନ୍ଦରଗଡ଼ ଲୋକ ସଭା କିମ୍ବା ବିଧାନସଭାରୁ ପ୍ରାର୍ଥୀ କରାଯିବା ନେଇ ଚର୍ଚ୍ଚା ଜୋର୍ ଧରିଛି। କିଛିଦିନ ତଳେ ସୁନ୍ଦରଗଡ଼ କଂଗ୍ରେସ ବିଧାୟକ ଯୋଗେଶ ସିଂ ବିଜେଡିରେ ସାମିଲ ହୋଇଛନ୍ତି। ସେଠାରେ କୁସୁମ ଟେଟେ ମଧ୍ୟ ଆଶାୟୀ ଅଛନ୍ତି। ତେଣୁ ସୁନୀତାଙ୍କୁ ସୁନ୍ଦରଗଡ଼ ଲୋକ ସଭା ଆସନରୁ ପ୍ରାର୍ଥୀ କରାଯିବାର ସମ୍ଭାବନା ବେଶି ବୋଲି ରାଜନୈତିକ ସମୀକ୍ଷକ କହିଛନ୍ତି।

# କଂଗ୍ରେସ ରାଜନୀତି: ପରିବାର ପିଛା ମିଳିବ ଏକାଧିକ ଟିକେଟ

**ଭୁବନେଶ୍ୱର,୯।୩(ବ୍ୟୁରୋ)**

କଂଗ୍ରେସର ବରିଷ୍ଠ ନେତାଙ୍କ ପୁତ୍ରମାନଙ୍କୁ ଆଗାମୀ ସାଧାରଣ ନିର୍ବାଚନରେ ଟିକେଟ ମିଳିବ। କେତେଜଣ ବରିଷ୍ଠ ନେତାମାନଙ୍କ କ୍ଷେତ୍ରରେ ‘ଗୋଟିଏ ପରିବାର ଗୋଟିଏ ଟିକେଟ’ ଫର୍ମୁଲା କାମ କରିବ ନାହିଁ । ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏ ସମ୍ପର୍କରେ ଶନିବାର ଦେଇଥିବା ମନ୍ତବ୍ୟରୁ ଏହା ସ୍ପଷ୍ଟ ହୋଇଛି। ଦୁଇଦିନ ତଳେ ପ୍ରଭାରୀ ଜିତେନ୍ଦ୍ର ସିଂ ପରିବାର ପିଛା ଗୋଟିଏ ଟିକେଟ ଦିଆଯିବ ବୋଲି କହିଥିଲେ। ଏହା କଂଗ୍ରେସ ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ହେଲେ ପିସିସି ସଭାପତିଙ୍କ ମନ୍ତବ୍ୟ ସେଥିରେ ପୂର୍ଣ୍ଣଚ୍ଛେଦ ଟାଣିଛି। ପିସିସି ସଭାପତି ନିରଞ୍ଜନ କହିଛନ୍ତି ଯେ, ଜିତେନ୍ଦ୍ର ସିଂଙ୍କ କଥା ଠିକ୍। ହେଲେ ପୂର୍ବରୁ ରାଜନୀତିରେ ଥିବା ପରିବାରଙ୍କ କ୍ଷେତ୍ରରେ ଏହି ନିୟମ ଲାଗୁ ହେବନାହିଁ ।

ଏହାର ଅର୍ଥ ପିସିସି ସଭାପତି ନିରଞ୍ଜନ ତାଙ୍କ ପୁଅ ନବଜ୍ୟୋତି, ବିରୋଧୀ ଦଳ ନେତା ନରସିଂହ ମିଶ୍ର ଏବଂ ତାଙ୍କ ପୁତ୍ର ସମରେନ୍ଦ୍ର ମିଶ୍ର, ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତଚରଣ ଦାସ ଏବଂ ତାଙ୍କ ପୁତ୍ର ସାଗର ଦାସଙ୍କୁ ଟିକେଟ ମିଳିବାରେ କୌଣସି ବାଧା ଉପୁଜିବ ନାହିଁ। ସେହିପରି ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ପୁଅ ସଂଗ୍ରାମ ଜେନା ପୂର୍ବରୁ ନିର୍ବାଚନ ଲଢ଼ିସାରିଥିବାରୁ ତାଙ୍କୁ ମଧ୍ୟ ଅଲଗା ଭାବେ ଟିକେଟ ଦିଆଯାଇପାରିବ। ସେହିପରି ଉପସଭାପତି ଅନନ୍ତ ସେଠୀଙ୍କ ପୁତ୍ର ତଥା ଭଣ୍ଡାରିପୋଖରୀର ପୂର୍ବତନ ବିଧାୟକ କୁମାର ଚିରଞ୍ଜୀବ ମଧ୍ୟ ଟିକେଟ ପାଇପାରିବେ। ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ ଏବଂ ରାଜ୍ୟ ସଭା ସଦସ୍ୟ ରଞ୍ଜୀବ ବିଶ୍ୱାଳଙ୍କ କ୍ଷେତ୍ରରେ ମଧ୍ୟ ‘ପରିବାର ପିଛା ଗୋଟିଏ ଟିକେଟ’ ଲାଗୁ ହେବନାହିଁ। ତେଣୁ ପରିବାର ପିଛା କଂଗ୍ରେସ ପକ୍ଷରୁ ଏକାଧିକ ଟିକେଟ ମିଳିବା ଏକପ୍ରକାର ନିଶ୍ଚିତ ହୋଇ ଯାଇଥିବା ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି।

**ପରୋକ୍ଷ ମନ୍ତବ୍ୟ ରଖିଲେ ନିରଞ୍ଜନ**



# ବିଜେଡି ଛାଡ଼ିଲେ ବାବୁ ସିଂ

**ଭୁବନେଶ୍ୱର,୯।୩(ବ୍ୟୁରୋ)**



ଯୁବ ବିଜେଡି ନେତା ତଥା ଭୁବନେଶ୍ୱର ସାଙ୍ଗଠନିକ ଜିଲା ସଭାପତି ବାବୁ ସିଂ ନିଜ ପଦ ଏବଂ ଦଳରୁ ଶନିବାର ଇସ୍ତଫା ଦେଇଛନ୍ତି। ବିଜେଡି ସଭାପତି ତଥା ନବୀନ ପଟ୍ଟନାୟକଙ୍କୁ ଚିଠି ମାଧ୍ୟମରେ ସେ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ଜନତା ଦଳ ସମୟରୁ ବାବୁ ଦଳରେ ରହିଆସିଥିଲେ। ଦୀର୍ଘଦିନ ରହିବା ପରେ ଏକାମ୍ର ଭୁବନେଶ୍ୱର ବିଧାନସଭା ଆସନରୁ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିଲେ। ହେଲେ ସେହି ଆସନରୁ ୨୦୦୯ରୁ ମନ୍ତ୍ରୀ ଅଶୋକ ପଣ୍ଡା ପ୍ରତିନିଧିତ୍ୱ କରି ଆସୁଛନ୍ତି। ଅଶୋକ ଭୁବନେଶ୍ୱର ସାଙ୍ଗଠନିକ ଜିଲା କମିଟିର ସଭାପତି ଅଛନ୍ତି। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ତାଙ୍କୁ ଚଳିତ ଥର ମଧ୍ୟ ପ୍ରାର୍ଥୀ କରାଯିବା ନେଇ ସଙ୍କେତ ଦିଆଯାଇଛି। ତେଣୁ ଟିକେଟ ସମ୍ଭାବନା ନ ଥିବାରୁ ବାବୁ ବିଜେଡି ଛାଡିଥିବା ସ୍ପଷ୍ଟ ହୋଇଛି।

ଏ ସମ୍ପର୍କରେ ବାବୁ କହିଛନ୍ତି ଯେ, ଜନତା ଦଳରୁ ବିଜେଡି। ଦୀର୍ଘ ୩୦ ବର୍ଷର ଯାତ୍ରା ଏବଂ ସାଙ୍ଗଠନିକ କାର୍ଯ୍ୟ। ଏହାପରେ ମଧ୍ୟ ପ୍ରାର୍ଥୀ ହେବା ପାଇଁ ଦଳ ସୁଯୋଗ ଦେଉନାହିଁ। ଜିଲା ସଭାପତି ତଥା ମନ୍ତ୍ରୀ ଅଶୋକ ପଣ୍ଡା କୌଣସି ସାଙ୍ଗଠନିକ କାର୍ଯ୍ୟରେ ତାଙ୍କୁ ସାମିଲ କଲେନାହିଁ। ନିକଟରେ ବିଜୁବାବୁଙ୍କ ଜୟନ୍ତୀ କାର୍ଯ୍ୟକ୍ରମ ଓ ଏହା ପୂର୍ବରୁ ହୋଇଥିବା ପ୍ରସ୍ତୁତି ବୈଠକକୁ ମଧ୍ୟ ଡାକି ନ ଥିଲେ। ତାଙ୍କୁ ସମର୍ଥନ କରୁଥିବା ପିଲାମାନଙ୍କୁ ନାନା ଉପାୟରେ ଅଶୋକ ହଇରାଣ କରିଥିବା ବାବୁ ଅଭିଯୋଗ କରିଛନ୍ତି। ଭାଜପା ବ୍ୟତୀତ ଅନ୍ୟ କେତେକ ଛୋଟ ଦଳ ସହ ଆଲୋଚନା କରୁଥିବା ବାବୁ କହିଛନ୍ତି।

# ‘ପଦବୀ ପୂରଣ ନ ହେବା ପଛରେ ୪୦ ହଜାର କୋଟିର କାରବାର’

**ଭୁବନେଶ୍ୱର, ୯।୩ (ବ୍ୟୁରୋ):** ରାଜ୍ୟରେ ଖାଲିଥିବା ୧,୩୧, ୫୧୮ ସରକାରୀ ପଦବୀ ପୂରଣ ନହେବା ପଛରେ ରହିଛି ୪୦ ହଜାର କୋଟି ଟଙ୍କାର କାରବାର। ନିର୍ବାଚନ ପୂର୍ବରୁ ୧୫୬୦ ଡାକ୍ତର ପଦବୀ ପୂରଣ କରି ସରକାର ତାଙ୍କ ଦାୟିତ୍ୱ ସାରି ଦେଇଛନ୍ତି, ଯାହା ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ ପକ୍ଷରୁ ଶନିବାର କୁହାଯାଇଛି। ପିସିସି ଗଣମାଧ୍ୟମ ପ୍ରମୁଖ ସତ୍ୟପ୍ରକାଶ ନାୟକ କହିଛନ୍ତି ଯେ, ଖୋଦ୍ ସ୍ୱାସ୍ଥ୍ୟମନ୍ତ୍ରୀ ରାଜ୍ୟରେ ୩୩୩୩ ଡାକ୍ତର ପଦ ଖାଲିଥିବା କହିଛନ୍ତି। ତେବେ ଦୁଇଟି ପର୍ଯ୍ୟାୟରେ ମାତ୍ର ୧୫୬୦ଟି ପଦବୀ ପୂରଣ କରାଯାଇଛି। ଏହା ସ୍ୱାସ୍ଥ୍ୟ ସେବା ପ୍ରତି ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରୁଛି। ପଦବୀ ପୂରଣ ବାବଦ ଅର୍ଥକୁ ସରକାର ନିଜ ଦଳର ପ୍ରଚାର ପ୍ରସାରରେ ଖର୍ଚ୍ଚ କରିଥିବା ସତ୍ୟପ୍ରକାଶ କହିଛନ୍ତି।

- ମୁଖ୍ୟମନ୍ତ୍ରୀଙ୍କ ସଭାକୁ ଯାଇ ନ ପାରିବାରୁ ଅସନ୍ତୋଷ

# କନ୍ଧମାଳ ଏମ୍‌ପିଙ୍କୁ ଘେରିଲେ ଗ୍ରାମବାସୀ

**ଫୁଲବାଣୀ ଅଫିସ, ୯।୩**

କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ପିରିକୁଡି ଗ୍ରାମବାସୀ କ.ନୂଆଗାଁ ବ୍ଲକ ମହାସିଙ୍ଗିରେ ଶନିବାର ଅନୁଷ୍ଠିତ ମୁଖ୍ୟମନ୍ତ୍ରୀଙ୍କ କାଳିଆ ସମାବେଶରେ ଗାଡି ନ ମିଳିବାରୁ ଯୋଗଦେଇପାରି ନଥିଲେ। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେହି ସମୟରେ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଉକ୍ତ ରାସ୍ତା ଦେଇ ଯାଉଥିବାବେଳେ ପିରିକୁଡି ଗ୍ରାମବାସୀ ତାଙ୍କୁ ରାସ୍ତା ଉପରେ ଘେରିଥିଲେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର କନ୍ଧମାଳ ଜିଲା ଗସ୍ତରେ ଆସିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଭାକୁ ନେବା ପାଇଁ ଉଦ୍ଦିଷ୍ଟ ଗାଡି ନ ଆସିବାରୁ ପିରିକୁଡି ଗ୍ରାମବାସୀ ମହାସିଙ୍ଗିରେ ହେଉଥିବା ସଭାକୁ ଯାଇ ପାରି ନ ଥିଲେ। ଦୀର୍ଘ ସମୟ ଧରି ଅପେକ୍ଷା ପରେ ମଧ୍ୟ ଗାଡି ନ ପହଞ୍ଚିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଲୋକେ ଏହାର ପ୍ରତିବାଦରେ ରାସ୍ତା ଉପରେ ବସି ରହିଥିଲେ। ଏହି ସମୟରେ ଏମ୍‌ପି ସିଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଯୋଗଦେବାକୁ ସେହି ରାସ୍ତା ଦେଇ ନୟାଗଡରୁ ଫୁଲବାଣୀ ଆସୁଥିଲେ। ସେଠାରେ ଲୋକେ ତାଙ୍କୁ ଅଟକାଇ ସମାବେଶକୁ ନେବା ପାଇଁ ବ୍ୟବସ୍ଥା କରିବାକୁ କହିଥିଲେ। ଜିଲାର ସମସ୍ତ ଗାଡି ସମାବେଶକୁ ଯାଇଥିବାରୁ ବ୍ୟବସ୍ଥା ହୋଇ ପାରି ନ ଥିଲା। ଫଳରେ ଲୋକେ ଉତ୍ତ୍ୟକ୍ତ ହୋଇ ଏମ୍‌ପିଙ୍କୁ ସେହି ରାସ୍ତା ଦେଇ ଯିବାକୁ ଛାଡି ନ ଥିଲେ । ବାଧ୍ୟ ହୋଇ ସେ ଅନ୍ୟରାସ୍ତାରେ ମୁଖ୍ୟମନ୍ତ୍ରୀଙ୍କ ସମାବେଶକୁ ଯାଇଥିଲେ ।



ଉତ୍ତ୍ୟକ୍ତ ଲୋକମାନେ ଏମ୍‌ପିଙ୍କୁ ଘେରିଛନ୍ତି।

# ‘ଭାଜପାରେ ମିଶିବା ପାଇଁ ପ୍ରସ୍ତାବ ଆସିଛି’

**ଭୁବନେଶ୍ୱର,୯।୩(ବ୍ୟୁରୋ)**

**ଦିଲ୍ଲୀରୁ ଫେରିଲେ ଦାମ**



ଭାଜପାରେ ମିଶିବା ପାଇଁ ପ୍ରସ୍ତାବ ଆସିଛି। ହେଲେ ହଁ କରିନାହିଁ, କି ନାହିଁ କରିନାହିଁ। ନବୀନ ସରକାରଙ୍କୁ ଯିଏ ହରାଇ ପାରିବ, ତାଙ୍କୁ ନୈତିକ ସମର୍ଥନ ଦେବି। କଂଗ୍ରେସ ଦଳ ସହ ମଧ୍ୟ ଆଲୋଚନା କରିଛି। ହେଲେ କୌଣସି ନିଷ୍ପତ୍ତି ନେଇନାହିଁ ବୋଲି ବିଜେଡିରୁ ବହିଷ୍କୃତ ନେତା ଡାକ୍ତର ଦାମୋଦର ରାଉତ କହିଛନ୍ତି। ଶନିବାର ରାତିରେ ନୂଆଦିଲ୍ଲୀରୁ ଫେରିବା ପରେ ଦାମ କହିଛନ୍ତି, ଦିନେରୁ ଦୁଇ ଦିନ ମଧ୍ୟରେ ସମର୍ଥକମାନଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନେବେ।

ବରିଷ୍ଠ ନେତା ଦାମୋଦର ରାଉତ ଭାଜପାରେ ମିଶିବା ନେଇ ସାରା ରାଜ୍ୟରେ ଚର୍ଚ୍ଚା ଜୋର୍ ଧରିଛି। ଶୁକ୍ରବାର ଦାମ ଚିକିତ୍ସା ପାଇଁ ଦିଲ୍ଲୀ ଗସ୍ତ କରିଥିଲେ। ଗସ୍ତ ସମୟରେ ସେ ଚିକିତ୍ସା ବ୍ୟତୀତ ଭାଜପାର କେତେଜଣ ତୁଙ୍ଗ ନେତାଙ୍କ ସହ ଆଲୋଚନା କରିଥିବା ସୂତ୍ରରୁ ପ୍ରକାଶ।

# ପକ୍କାଘର ବିବାଦକୁ ନେଇ ମୁହାଁମୁହିଁ

**ଭୁବନେଶ୍ୱର,୯।୩(ବ୍ୟୁରୋ)**



ଗୋଲକ ମହାପାତ୍ର



ସସ୍ମିତ ପାତ୍ର

- ୧୭ ଲକ୍ଷ ପକ୍କାଘର କେନ୍ଦ୍ର ଯୋଜନାରେ : ଗୋଲକ
- ହିସାବ ପାଇଁ ରାଜନୀତି କରୁଛି ଭାଜପା : ସସ୍ମିତ

ଓଡ଼ିଶାର ୨୦ ଲକ୍ଷ ପରିବାରକୁ ପକ୍କାଘର ପ୍ରଦାନ କରାଯାଇଥିବା ରାଜ୍ୟ ସରକାର ଦାବି କରିଛନ୍ତି। ହେଲେ ଏହାକୁ ବିରୋଧୀ ଭାଜପା ପକ୍ଷରୁ ମିଥ୍ୟା ବୋଲି ଅଭିଯୋଗ କରାଯାଇଛି। ଏଥସହିତ ପକ୍କାଘର ସମ୍ପର୍କିତ କେତେକ ମୌଳିକ ପ୍ରଶ୍ନ ଉପସ୍ଥାପନ କରିଛି। ଭାଜପା ଦଳର ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ, ଗତ ୫ ବର୍ଷ ମଧ୍ୟରେ ୨୦ ଲକ୍ଷ କଚ୍ଚା ଘରକୁ ପକ୍କା ଘରରେ ପରିଣତ କରିଥିବା ସରକାର, କେତୋଟି ନିଜସ୍ୱ ଯୋଜନାରୁ କରିଛନ୍ତି। ୨୦୧୪ ସାଧାରଣ ନିର୍ବାଚନ ଇସ୍ତାହାରରେ ବିଜେଡି ସମସ୍ତଙ୍କୁ ପକ୍କାଘର ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଏଥିସହିତ ଯାହାର ଘରଡିହ ନାହିଁ ତାକୁ ସରକାରୀ ଜମି, ଏପରି କି ସରକାରୀ ଜମି ନ ଥିଲେ ବେସରକାରୀ ଜାଗା କିଣି ଆବାସ ସୁରକ୍ଷା ଯୋଗାଇଦେବା ପାଇଁ କହିଥିଲା। ହେଲେ ତାହା ଅଦ୍ୟାବଧି ପୂରଣ ହୋଇନାହିଁ। ଏବେ ବି ରାଜ୍ୟର ସେହିପରି ୧୭ ଲକ୍ଷ ପକ୍କାଘର କେନ୍ଦ୍ରୀୟ ଯୋଜନା ଆଧାରରେ ନିର୍ମାଣ ହୋଇଛି। ଗତ ସେପ୍ଟେମ୍ବର ୧୧, ୨୦୧୮ରେ ସରକାରଙ୍କ ପକ୍ଷରୁ ବିଧାନସଭାରେ ଦିଆଯାଇଥିବା ଉତ୍ତର ଅନୁଯାୟୀ, ବିଜୁ ପକ୍କା ଘର ସଂଖ୍ୟା ମାତ୍ର ୩ ଲକ୍ଷ ୭୭ ହଜାର । ୨୦ ଲକ୍ଷ ପକ୍କାଘରରୁ ମାତ୍ର ୩ ଲକ୍ଷ ୭୭ ହଜାର ପକ୍କାଘର ନିର୍ମାଣ ହୋଇଛି । ଅବଶିଷ୍ଟ ସମସ୍ତ ୧୬ ଲକ୍ଷ ୨୩ ହଜାର କେନ୍ଦ୍ରୀୟ ଯୋଜନାରେ ନିର୍ମାଣ ହୋଇଥିବା ଗୋଲକ କହିଛନ୍ତି। ।

ଅପରପକ୍ଷରେ ଭାଜପା ଅଭିଯୋଗକୁ ଖଣ୍ଡନ କରିଛନ୍ତି ବିଜେଡି ମୁଖପାତ୍ର ସସ୍ମିତ ପାତ୍ର। ସେ କହିଛନ୍ତି ଯେ, ୨୦ ଲକ୍ଷ ପକ୍କା ଘରର ହିସାବ ପାଇବା ପରେ ଭାଜପା ନାଟକବାଜି କରୁଛି। ରାଜ୍ୟ ସରକାରଙ୍କ ୱେବସାଇଟ୍‌ରେ ଏନେଇ ତଥ୍ୟ ଉପଲବ୍ଧ କରାଯାଇଛି। ଭାଜପା ଓ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜ ଅପାରଗତାକୁ ଲୁଚାଇବା ପାଇଁ ଏହା କହୁଛନ୍ତି। ଓଡ଼ିଶାରୁ ଆଦାୟ ହେଉଥିବା ରାଜସ୍ୱକୁ ଫେରସ୍ତ ନ କରି, ସିଏସ୍‌ଆର ବାବଦ ଅର୍ଥ ବିହାର ଏବଂ ମଧ୍ୟପ୍ରଦେଶରେ ଖର୍ଚ୍ଚ କରୁଛନ୍ତି।

ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣିରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। –ଶ୍ରୀମା

# ଆମ ପୂର୍ବପୁରୁଷ



ଆକାର ପଟେଲ

ଏ ସପ୍ତାହରେ ମୁଁ ଏକ କୌତୂହଳୋଦ୍ଦୀପକ ବହି ପଢ଼ିବାର ସୁଯୋଗ ପାଇଲି– 'Which of us are Aryans' (ଆମ୍ଭମାନଙ୍କ ମଧ୍ୟରୁ ଆର୍ଯ୍ୟ କେଉଁମାନେ)। ଏହି ପୁସ୍ତକରେ ବଡ଼ ବଡ଼ ପଣ୍ଡିତ ଓ ଗବେଷକମାନଙ୍କର ପ୍ରବନ୍ଧ ପ୍ରକାଶ ପାଇଛି, ଯେଉଁମାନେ ଜେନେଟିକ୍ସ, ଭାଷାତତ୍ତ୍ୱ, ପୁରାତତ୍ତ୍ୱ ଆଦି ବିଶ୍ଳେଷଣ କରି ଆମର ମୂଳ ଉତ୍ସ ନିର୍ଣ୍ଣୟ କରିଛନ୍ତି। ୧୯୨୦ ଦଶକ ପର୍ଯ୍ୟନ୍ତ ଆମେ ସିନ୍ଧୁ ସଭ୍ୟତା ବିଷୟରେ ଜାଣି ନ ଥିଲେ, ଯାହା ପାକିସ୍ତାନୀ ପଞ୍ଜାବ ଅନ୍ତର୍ଗତ ହରପ୍ପା ଓ ସିନ୍ଧୁ ଅନ୍ତର୍ଗତ ମହେଞ୍ଜୋଦାରୋଠାରେ ଓ ତା'ପରେ ଭାରତର ଅନ୍ୟ ସ୍ଥାନରେ ଭୂମି ଖନନ ପରେ ଆବିଷ୍କୃତ ହୋଇଥିଲା। ବାସ୍ତବରେ ଯେଉଁ ବ୍ରିଟିଶ୍ ଅଫିସରମାନେ ପ୍ରଥମେ ହରପ୍ପାର ଅବଶେଷ ପରୀକ୍ଷା କରିଥିଲେ ସେମାନେ ମଧ୍ୟ ଭଲଭାବେ ବୁଝିପାରି ନ ଥିଲେ ଏସବୁ କ'ଣ ବୋଲି। ତେଣୁ ସେଠାରୁ ମିଳିଥିବା ଅଧିକାଂଶ ଉଢ଼ମାନର ଇଟାକୁ ରେଳପଥ ନିର୍ମାଣରେ ବ୍ୟବହାର କରାଯାଇଥିଲା।

ଆଜି ମଧ୍ୟ ସେହିପରି ଅନାଗ୍ରହ ଦେଖିବାକୁ ମିଳୁଛି। ପ୍ରଥମେ ମୁଁ ଯେତେବେଳେ ହରପ୍ପା ଗଲି ମୋତେ କାଉଣ୍ଟରରେ ଟିକେଟ କଲାବେଳେ ବିଦେଶୀଙ୍କ ପାଇଁ ଉଦ୍ଦିଷ୍ଟ ମୂଲ୍ୟ ଦେବାକୁ ପଡ଼ିଲା, ଯେଉଁ ଟିକେଟର ମୂଲ୍ୟ ସ୍ଥାନୀୟ ଲୋକଙ୍କ ପାଇଁ ଅପେକ୍ଷାକୃତ କମ୍। ମୁଁ କାଉଣ୍ଟରରେ ବସିଥିବା ଲୋକକୁ ପଚାରିଲି– ମୁଁ ବିଦେଶୀ ବୋଲି ଆପଣ କେମିତି ଜାଣିଲେ ? ସେ ଉତ୍ତର ଦେଲେ– ଏଠାକୁ କୌଣସି ପାକିସ୍ତାନୀ ଆସନ୍ତି ନାହିଁ। ମୁଁ ସେଠାକୁ ଦୁଇଥର ଯାଇଛି ଓ ଦୁଇଥର ଯାକ ସେହି ଏକା ଘଟଣା ଘଟିଥିଲା। ସ୍ଥାନଟି ଖୁବ୍ ସୁନ୍ଦର, ମାତ୍ର ପ୍ରାୟ ଜନଶୂନ୍ୟ। ପାଖରେ ଗୋଟିଏ ଗାଁ ଅଛି, ଯେଉଁଠି ପଞ୍ଜାବୀମାନେ ପୁରୁଷ ପୁରୁଷ ଧରି ବାସ କରି ଆସୁଛନ୍ତି। କିନ୍ତୁ ସେମାନଙ୍କର ଏ ପ୍ରାଚୀନ ଭଗ୍ନ କୀର୍ତ୍ତିରାଜି ପ୍ରତି କୌଣସି ଆଗ୍ରହ ନାହିଁ। ସେହିପରି ଅଜନ୍ତା ଓ ଏଲୋରା ଗୁମ୍ଫା ମଧ୍ୟ ୧୮୧୯ ମସିହାରେ ଜଣେ ବ୍ରିଟିଶ ଅଫିସରଙ୍କ ଦ୍ୱାରା ଆବିଷ୍କୃତ ହୋଇଥିଲା। କିନ୍ତୁ ଏହାର ନିକଟବର୍ତ୍ତୀ ଗ୍ରାମବାସୀମାନେ ଏଠାରେ ଦୁଇହଜାର ବର୍ଷ ଧରି ବାସକରି ଆସୁଥିଲେ ମଧ୍ୟ ସେମାନଙ୍କର ଏହା ପ୍ରତି କୌଣସି ଆଗ୍ରହ ନ ଥିଲା। ସିନ୍ଧୁ ସଭ୍ୟତା କେତେ ପୁରୁଣା ଥିଲା ତାହା ଆବିଷ୍କାର ପରେ ପ୍ରଥମ ଭାରତୀୟମାନଙ୍କ ବିଷୟରେ ଯେଉଁ ଧାରଣା ରହିଥିଲା, ସେଥିରେ ପରିବର୍ତ୍ତନ ଘଟିଲା। ଆଗରୁ ମନେକରାଯାଉଥିଲା ଋଗ୍‌ବେଦ ସହିତ ଆମ ସଭ୍ୟତାର ଆରମ୍ଭ ହୋଇଛି, ଯାହା ୩୫୦୦ ବର୍ଷ ତଳେ ଲେଖାଯାଇଥିଲା। କିନ୍ତୁ ଏବେ ପ୍ରମାଣ ହୋଇଯାଇଛି ଯେ, ଋଗ୍‌ବେଦର ବହୁ ପୂର୍ବରୁ ସିନ୍ଧୁ ସଭ୍ୟତା ଥିଲା। ୨୦୧୫ ମସିହାରେ ହରିୟାଣାର ରାଖିଗଢ଼ି ନାମକ ଏକ ଗାଁରୁ ଜଣେ ପୁରୁଷର ଏକ ନମୁନା ଆବିଷ୍କୃତ ହୋଇଥିଲା, ଯିଏ କି ୪୫୦୦ ବର୍ଷ ତଳେ ଏ ପୃଥିବୀରେ ବଞ୍ଚିଥିଲେ। ସେଥିରୁ ଜଣାପଡ଼ିଲା ଯେ, ତାଙ୍କର ଜିନ୍ ଆର୍ଯ୍ୟମାନଙ୍କର ଜିନ୍ ପରି ନୁହେଁ, ଯାହା ଆର୍‌ଆଇଏ ଭାବେ ପରିଚିତ ଏବଂ ଯାହା ଉତ୍ତର ଓ ପୂର୍ବ ୟୁରୋପ ଏବଂ କେନ୍ଦ୍ରୀୟ ଓ ଦକ୍ଷିଣ ଏସିଆରେ ବହୁଳଭାବେ ଦେଖିବାକୁ ମିଳେ।

ରାଖିଗଢ଼ିରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଲା ଯେ, ହରପ୍ପା ସଂସ୍କୃତି ଏବଂ ସିନ୍ଧୁ ସଭ୍ୟତା ସଂସ୍କୃତ ଭାଷାର ମୂଳ ଉତ୍ସ ନୁହେଁ। ବୈଦିକ ଯୁଗର ଲୋକମାନେ ପଶୁପାଳକ ଓ ଯାଯାବର ଥିଲେ। ଆର୍ଯ୍ୟାବର୍ତ୍ତ ଶବ୍ଦର ଅର୍ଥ ହେଉଛି ଆର୍ଯ୍ୟମାନଙ୍କର ଆବର୍ତ୍ତ ବା ଗୋରୁପଲକୁ ନେଇ ଏଣେତେଣେ ବିଚରଣ। ଅପରପକ୍ଷେ ଲୋଥାଲ ଓ ଗୁଜରାଟର ବାବରକୋଟ, ରାଖିଗଢ଼ି ଓ ପାକିସ୍ତାନରେ ଥିବା ସ୍ଥାନ ସମେତ ସିନ୍ଧୁ ସଭ୍ୟତା ଥିଲା ସୁପରିକଳ୍ପିତ ନଗର ସଭ୍ୟତା।

ଆର୍ଯ୍ୟମାନେ ବାହାରୁ ଭାରତକୁ ଆସିଥିବା ତତ୍ତ୍ୱ ମଧ୍ୟ ପ୍ରତିଷ୍ଠିତ ହୋଇପାରି ନାହିଁ। ବୈଦିକ ଗୋପାଳକ ଓ ଯାଯାବରମାନେ, ଯେଉଁମାନଙ୍କୁ ଆର୍ଯ୍ୟ କୁହାଯାଉଛି, ସେମାନେ ସିରିଆ ପରି ଦୂର ପାଶ୍ଚାତ୍ୟରେ ମଧ୍ୟ ଥିଲେ। ଆମେ ଆଜି ଯେଉଁ ସୀମାରେଖା ଚିହ୍ନିତ କରୁଛୁ, ସେମାନେ ତାହାକୁ ଗ୍ରହଣ କରନ୍ତି ନାହିଁ। ସେମାନେ ହରପ୍ପା ଓ ସିନ୍ଧୁ ସଭ୍ୟତାର ଲୋକଙ୍କ ସହ ବୈବାହିକ ସମ୍ବନ୍ଧ ବାନ୍ଧୁଥିଲେ। ସିନ୍ଧୁନଦୀ କୂଳରେ ସିନ୍ଧୁ ସଭ୍ୟତା ଗଢ଼ିଉଠିଥିଲା। ବୈଦିକ ଗୋପାଳକମାନେ ପଶ୍ଚିମରୁ ଆସି ଗାଙ୍ଗେୟ ସମତଳ ଭୂମି ଅଞ୍ଚଳରେ ବସତି ସ୍ଥାପନ କରିଥିଲେ। ସିନ୍ଧୁ ସଭ୍ୟତା ଏବେ ବି ଆମ ପାଇଁ ରହସ୍ୟ ହୋଇ ରହିଛି। କାରଣ ସେମାନଙ୍କ ଭାଷାକୁ ଆମେ ଏ ପର୍ଯ୍ୟନ୍ତ ବୁଝିପାରି ନାହୁଁ, କେବଳ ସେମାନେ ବ୍ୟବହାର କରୁଥିବା ସାମଗ୍ରୀରୁ ସେମାନଙ୍କ ବିଷୟରେ ଜାଣୁଛୁ। ନଦୀ କୂଳ ଲଂଘିବାରୁ ବା ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ସେମାନଙ୍କ ସଭ୍ୟତାର ଅବସାନ ଘଟିଲା ବୋଲି ବିଶ୍ୱାସ କରାଯାଉଛି।

ଆଜି ଆମେ ଯେଉଁ ଜାତି ପ୍ରଥା ଦେଖୁଛୁ, ତାହା ଆର୍ଯ୍ୟମାନଙ୍କ ଭିତରେ ଥିଲା, କିନ୍ତୁ ସିନ୍ଧୁ ସଭ୍ୟତାରେ ନ ଥିଲା। ରାଖିଗଢ଼ି ଗାଁରୁ ଓ ଅନ୍ୟତ୍ର ମିଳିଥିବା ଜିନ୍‌ରୁ ଜଣାପଡ଼ିଛି ଯେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ଶିଖ୍, ଭାରତୀୟ, ପାକିସ୍ତାନୀ ଓ ବାଂଲାଦେଶୀ ପ୍ରଭୃତି ସମସ୍ତ ଦକ୍ଷିଣ ଏସୀୟଙ୍କର ପୂର୍ବପୁରୁଷ ସମାନ ଥିଲେ। ସିନ୍ଧୁନଦୀ କୂଳରେ ବାସ କରୁଥିବା ଆମ ପୂର୍ବପୁରୁଷମାନଙ୍କ ଦେବତା ଓ ବାହାରୁ ଆସି ସେମାନଙ୍କ ସହ ମିଶିଥିବା ଲୋକମାନଙ୍କର ଦେବତା ସମାନ ନୁହନ୍ତି। ଏପରି କି ବୈଦିକ ଆର୍ଯ୍ୟମାନେ ଭିନ୍ନ ଭିନ୍ନ ଦେବତାଙ୍କୁ ପୂଜା କରୁଥିଲେ, ଯାହା ଆଜି ଆମେ ଯେଉଁ ଦେବତାମାନଙ୍କୁ ପୂଜା କରୁଛୁ, ସେମାନଙ୍କଠାରୁ ଭିନ୍ନ। ଆଜି ଇନ୍ଦ୍ର ଓ ବରୁଣଙ୍କୁ ପୂଜା କରୁଥିବା ଲୋକ ପ୍ରାୟ ଦେଖିବାକୁ ମିଳନ୍ତି ନାହିଁ। ଆଜି ଆମେ ରାମ, କୃଷ୍ଣ, ଗଣେଶ ଓ ଲକ୍ଷ୍ମୀ ପ୍ରଭୃତି ଯେଉଁ ଦେବତାଙ୍କୁ ପୂଜା କରୁଛୁ, ସେମାନେ ବୈଦିକ ଓ ପୌରାଣିକ ଦେବତାଙ୍କଠାରୁ ଭିନ୍ନ। ଗ୍ରୀସ୍, ରୋମ ଓ ଇଜିପ୍ଟରେ ମଧ୍ୟ ପୌରାଣିକ ଦେବତାମାନଙ୍କୁ ଆଉ ପୂଜା କରାଯାଉ ନାହିଁ। ଭାରତ ଏକ ଅଦ୍ଭୁତ ଦେଶ। ଗୋଟିଏ ପଟେ ଆମେ ଆମର ଉତ୍ସ ଓ ପୂର୍ବପୁରୁଷଙ୍କ ବିଷୟରେ ଗବେଷଣା କରୁଛୁ। ଅନ୍ୟପକ୍ଷରେ ଆମେ ଏକ ମନ୍ଦିର ଓ ଦେବତାଙ୍କ ପାଇଁ ଲଢ଼େଇ କରୁଛୁ, ଯାହାଙ୍କୁ ଆମର ପ୍ରଥମ ପୂର୍ବପୁରୁଷମାନେ ଜାଣି ନ ଥିଲେ।

Email: aakar.patel@gmail.com

# ଅଭିନନ୍ଦନଙ୍କ ନିଶ



ପ୍ରକାଶ ତ୍ରିପାଠୀ

ବନ୍ଧୁ ଅମିତ ପାଢ଼ୀଙ୍କ ମୁହଁରେ ଅଯତ୍ନ ନିଶଦାଢ଼ିର ବୃଦ୍ଧି ସମ୍ପର୍କରେ ପ୍ରଶ୍ନ କରି ଯାହା ଉତ୍ତର ପାଇଲି ତାହା ହିଁ ଆଜିର ଆଲେଖ୍ୟ ପାଇଁ ଖୋରାକ ଥିଲା। ସର୍ବଦା ମୁହଁ ଚିକ୍କଣ ରଖୁଥିବା ଅମିତଙ୍କ ମୁହଁରେ ନିଶଦାଢ଼ି ବୃଦ୍ଧି ପାଇବାର କାରଣ ଥିଲା ଏଇଆ ଯେ, ସେ ଅଭିନନ୍ଦନଙ୍କ ଶୈଳୀରେ ନିଶ ରଖିବାକୁ ପ୍ରସ୍ତୁତ ହେଉଛନ୍ତି। ଏଭଳି ଉତ୍ତର ଶୁଣିବା ପରେ ବୁଝିବାକୁ ବାକି ରହିଲା ନାହିଁ ଯେ, କେବଳ ସେ ଏକା ନୁହନ୍ତି ସାରା ଭାରତର ଯୁବ ସମ୍ପ୍ରଦାୟକୁ ଅଭିନନ୍ଦନ ଶୈଳୀ ନିଶ ଏବେ ପାଗଳ କରିଛି। ସେଲୁନ ଓ ପାର୍ଲରଗୁଡ଼ିକରେ ଏଥିପାଇଁ ଲମ୍ବାଲାଇନ। ନାକ ତଳୁ ଗାଲର ଅଧିକାଂଶ ଅଂଶକୁ ବକ୍ରାକାରରେ ଆବୃତ୍ତ କରୁଥିବା ଦୀର୍ଘ ନିଶ ଏବେ ଅଭିନନ୍ଦନ ନିଶ ଭାବେ ନୂଆ କ୍ରେଜ୍ ସୃଷ୍ଟି କରିଛି।

ଭାରତର ପୁଲୱାମାରେ ଆତଙ୍କବାଦୀ ଆକ୍ରମଣ ଓ ତତ୍‌ପରବର୍ତ୍ତୀ ପାକିସ୍ତାନର ବାଲାକୋଟ ଉପରେ ଭାରତୀୟ ବାୟୁସେନାର ବୋମାମାଡ ଘଟଣା ଉଭୟ ଭାରତ ଓ ପାକିସ୍ତାନକୁ ଏକ ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିକୁ ଟାଣିନେଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ତେବେ ଏଭଳି ଏକ ସମ୍ବେଦନଶୀଳ ପରିସ୍ଥିତିରେ ସମଗ୍ର ଭାରତରେ ଜାତି, ଧର୍ମ, ଲିଙ୍ଗ ଓ ବୟସ ନିର୍ବିଶେଷରେ ସମସ୍ତେ ଯେପରି ଏକ ସ୍ୱରରେ ଆତଙ୍କବାଦ ଓ ଏହାକୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନ ବିରୋଧରେ ଏକଜୁଟ ହୋଇପାରିଲେ ତାହା ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ। ପ୍ରତିକୂଳ ପରିସ୍ଥିତିରେ 'ପ୍ରଥମେ ଦେଶ' ଏପରି ଭାବନା ସୃଷ୍ଟି ହୋଇପାରିଥିବା ନିଶ୍ଚିତ ଅଭିନନ୍ଦନୀୟ। ୧୯୬୫ ଓ ୧୯୭୧ ଯୁଦ୍ଧ ସମୟରେ ଯେପରି ତତ୍କାଳୀନ ସରକାରଙ୍କୁ ବିପକ୍ଷ ଦଳମାନେ ସମର୍ଥନର ହାତ ବଢ଼ାଇଥିଲେ ବର୍ତ୍ତମାନର ସରକାରଙ୍କୁ ମଧ୍ୟ ବିପକ୍ଷମାନେ ଅନୁରୂପ ସହଯୋଗ ଓ ସମର୍ଥନର ହାତ ବଢ଼ାଇବା ନିଶ୍ଚିତ ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷା ପାଇଁ ଏକ ଶୁଭ ସୂଚନା। ତେବେ କିଛି ଟିଭି ଚ୍ୟାନେଲ ଓ ବିଶେଷକରି ସୋସିଆଲ ମିଡିଆରେ ଯେପରି ଭାବେ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଉପସ୍ଥାପନ କରାଯିବା ସହ ଯୁଦ୍ଧ ପାଇଁ ବିବଶତା ସୃଷ୍ଟି କରାଗଲା, ଏହାକୁ ସମ୍ପୂର୍ଣ୍ଣ ଶୁଭ ସଙ୍କେତ କୁହାଯାଇପାରିବ ନାହିଁ।

ଦେଶର ସୁରକ୍ଷାରେ ଅହୋରାତ୍ର ନିୟୋଜିତ ବୀର ଯବାନଙ୍କ ବୀରତ୍ୱ, ପରାକ୍ରମ ଓ ସାହସ ତ ନିଶ୍ଚିତ ଅଭିନନ୍ଦନୀୟ, ତେବେ ନିଜକୁ ସଚ୍ଚା ଦେଶପ୍ରେମୀ ଭାବେ ପ୍ରମାଣ ଦେବାକୁ ଚିତ୍କାର କରୁଥିବା କିଛି ଲୋକଙ୍କୁ କ'ଣ କୁହାଯିବ। ନୂଆ ପିଢ଼ିର ଯୁବ ସମ୍ପ୍ରଦାୟଙ୍କ ଉତ୍ସାହକୁ ନିଜପଟକୁ ଆକର୍ଷିତ କରିବା ଲକ୍ଷ୍ୟରେ ରାଜନୈତିକ ଦଳ ହେଉ ବା ଟିଆର୍‌ପି ବୃଦ୍ଧି ପାଇଁ ଟିଭି ଚ୍ୟାନେଲ ହେଉ, ସେମାନଙ୍କ କ୍ଷଣିକ ଆବେଗକୁ କ'ଣ କୁହାଯିବ। ଏପରି କି ଯୁଦ୍ଧ ପାଇଁ ଚିତ୍କାର କରୁଥିବା ଲୋକଙ୍କୁ ଦେଶପ୍ରେମୀ ଓ ଯୁଦ୍ଧ ଏଡ଼ାଇ ଶାନ୍ତିର କଥା କହୁଥିବା ଲୋକଙ୍କୁ ଦେଶ ବିରୋଧୀର ଆଖ୍ୟା ବି ଶୁଣିବାକୁ ମିଳିଲା। ଭାରତର ପରାକ୍ରମର ଡିଣ୍ଡିମ ତ ବିଶ୍ୱସାରା ବଜାଇ ଦେଇଛନ୍ତି ଉଇଙ୍ଗ କମାଣ୍ଡର ଅଭିନନ୍ଦନ ବର୍ଦ୍ଧମାନ। ଏକ ପୁରୁଣା ମିଗ୍–୨୧ ବିମାନ ଉଡ଼ାଇ ପାକିସ୍ତାନର ଅତ୍ୟାଧୁନିକ ଏଫ୍–୧୬ ବିମାନକୁ ପାକିସ୍ତାନ ମାଟିରେ ଧ୍ୱଂସ କରିପାରିଲେ ଓ ପାକିସ୍ତାନ ସୈନ୍ୟବାହିନୀ କବ୍‌ଜାରେ ରହି ମଧ୍ୟ ନିଜର ସୈନିକ ଧର୍ମକୁ ଶତପ୍ରତିଶତ ପାଳନ ପୂର୍ବକ ବୀରତ୍ୱର ସହ ଫେରିଆସିପାରିଲେ। ପ୍ରକୃତ ଦେଶପ୍ରେମ କ'ଣ ତାହା ମାତ୍ର ୪୮ ଘଣ୍ଟାରେ ଶତ୍ରୁପକ୍ଷ ଘେରରେ ଥାଇ ମଧ୍ୟ ସେ ବିଶ୍ୱକୁ ନିଜ ଆଚରଣରେ ଜଣାଇଦେଲେ।

ଏବେ ଆସିବା ମୂଳ ପ୍ରସଙ୍ଗକୁ। ଏହା ସ୍ୱୀକାର୍ଯ୍ୟ ଯେ, ଉଇଙ୍ଗ କମାଣ୍ଡର ଅଭିନନ୍ଦନ ଏବେ ଭାରତୀୟଙ୍କ ପାଇଁ ଏକ ଆଦର୍ଶ ବନିଯାଇଛନ୍ତି। ପ୍ରଥମଥର ପାଇଁ ଜଣେ ବୀର ଯବାନ ସମସ୍ତ ଲୋକପ୍ରିୟ ଚଳଚ୍ଚିତ୍ର ତାରକା ଓ କ୍ରୀଡ଼ା ତାରକାଙ୍କୁ ପଛରେ ପକାଇ ଆବାଳବୃଦ୍ଧବନିତାଙ୍କ ପ୍ରିୟପାତ୍ର ହୋଇପାରିଛନ୍ତି। କେବଳ ତାଙ୍କ ଦୀର୍ଘ ବକ୍ର ନିଶ ନୁହେଁ, ତାଙ୍କ ନାମ ମଧ୍ୟ ଦେଶରେ ଏକ ଅବିଶ୍ୱସନୀୟ ପାଗଳାମି ସୃଷ୍ଟି କରିଛି। ଅନେକ ନବଜାତ ପୁତ୍ର ଓ କନ୍ୟାଙ୍କ ନାମ ଅଭିନନ୍ଦନ ଓ ଅଭିନନ୍ଦିନୀ ରଖିବାକୁ ପରିବାର ଲୋକେ ଆଗ୍ରହ ଦେଖାଉଛନ୍ତି, ଏପରି କି ପ୍ରସିଦ୍ଧ ଅମୁଲ ତା'ର ସଦ୍ୟ ପ୍ରସାରିତ ବିଜ୍ଞାପନରେ ଅଭିନନ୍ଦନଙ୍କ ନିଶକୁ ତାରିଫ କରି 'ମୁଛ ନେହିଁ ତୋ କୁଛ ନେହିଁ' ଅର୍ଥାତ୍ ନିଶ ନାହିଁ ତ କିଛି ନାହିଁ ସ୍ଲୋଗାନ ବଜାରକୁ ଛାଡ଼ିଛି। ପ୍ରଧାନମନ୍ତ୍ରୀ ଅଭିନନ୍ଦନଙ୍କ ସାହସିକତା ତଥା ବୀରତ୍ୱରେ ଆତ୍ମବିଭୋର ହୋଇ କହିଛନ୍ତି ଯେ ଡିକ୍ସନାରିରେ ଅଭିନନ୍ଦନର ଅର୍ଥ ବଦଳିଗଲା। ଅଭିନନ୍ଦନଙ୍କ ବୀରତ୍ୱ ସହ ଏବେ ଯୋଡ଼ି ହୋଇଯାଇଛି ତାଙ୍କ ବ୍ୟକ୍ତିତ୍ୱ, ଯାହାର ଶ୍ରେୟ ନେଇଛି ତାଙ୍କର ସୁଦୀର୍ଘ ଓ ବକ୍ରାକାର ନିଶ। ଏକଦା ନିଶ ଥିଲା ବଳିଷ୍ଠ, ବୀରତ୍ୱ, ସମ୍ଭ୍ରାନ୍ତ ତଥା ଯୋଦ୍ଧାର ପ୍ରତୀକ ଯାହାକୁ କି ପୁନଃ ପ୍ରତିପାଦିତ ଓ ପ୍ରମାଣିତ କରିଛନ୍ତି ଉଇଙ୍ଗ କମାଣ୍ଡର ଅଭିନନ୍ଦନ। ନିଶ ମାଧ୍ୟମରେ ଶତ୍ରୁପକ୍ଷଙ୍କ ମନରେ ଭୟ ସଂଚାର କରାଯିବାର କାହାଣୀକୁ ପ୍ରମାଣିତ କରିଛନ୍ତି ଅଭିନନ୍ଦନ। ନିଶକୁ ନେଇ କିଛି ଐତିହାସିକ ତଥ୍ୟ ଏଠାରେ ଉପସ୍ଥାପିତ କରିବା ଉଚିତ ହେବ।

ନୂତନ ପ୍ରସ୍ତର ଯୁଗ ଆରମ୍ଭ ହେବା ପରେ ପୁରୁଷମାନେ ନିଜ ମୁହଁକୁ କ୍ଷୌର ପୂର୍ବରୁ ଦାଢ଼ିମୁକ୍ତ କରିବା ଆରମ୍ଭ କରିଥିଲେ। କିନ୍ତୁ ଦେଶ ସୁରକ୍ଷାରେ ନିୟୋଜିତ ବୀର ଯୋଦ୍ଧାମାନେ ନିଶ ରଖୁଥିଲେ ଏଇଥିପାଇଁ ଯେ ନିଶ ଥିଲା ବୀରତ୍ୱ ଓ ବିଜୟର ପ୍ରତୀକ। ଊନବିଂଶ ଶତାବ୍ଦୀରେ ନିଶ ହିଁ ଦର୍ଶାଉଥିଲା ସୈନିକ ଓ ସାଧାରଣ ଜନତାଙ୍କ ମଧ୍ୟରେ ପାର୍ଥକ୍ୟ। ଅବଶ୍ୟ କିଛି ସଂଭ୍ରାନ୍ତ ଲୋକ ନିଶକୁ ଏକ ସଉକ ଭାବେ ଗ୍ରହଣ କରୁଥିଲେ। ଭାରତୀୟ ପରମ୍ପରା ଅନୁଯାୟୀ ପୁରୁଷ ମୁହଁରେ ନିଶ ହେଉଛି ପୁରୁଷତ୍ୱ। ବୀର୍ଯ୍ୟବତ୍ତା ଓ ବଳବତ୍ତାର ପ୍ରତୀକ। ତେଣୁ ବ୍ରିଟିଶ ଶାସନ ସମୟରେ ଭାରତୀୟମାନଙ୍କ ନିଶ ଶାସନ ପ୍ରକ୍ରିୟାରେ ବାଧା ସୃଷ୍ଟି କରିଥିଲା। ଭାରତୀୟମାନଙ୍କ ନିଶକୁ ନେଇ ଅଭିଯୋଗ ଉଠିଥିଲା ବ୍ରିଟିଶ୍ ସୈନ୍ୟବାହିନୀରେ। କାରଣ ସେତେବେଳେ ବ୍ରିଟିଶ ସୈନ୍ୟବାହିନୀରେ ଥିବା ସେମାନଙ୍କ ଦେଶର ଯବାନମାନଙ୍କ ମୁହଁ ଥିଲା ନିଶ–ଦାଢ଼ିମୁକ୍ତ। ସେମାନଙ୍କର ନିଶ ପସନ୍ଦ ନ ଥିଲା। ମହୀଶୂର ସମ୍ରାଟ ଟିପୁ ସୁଲତାନ ଇଷ୍ଟ ଇଣ୍ଡିଆ କମ୍ପାନୀ ବିପକ୍ଷରେ ଯୁଦ୍ଧ ଜୟ କରି ରାଜପ୍ରାସାଦ ସମ୍ମୁଖରେ ଏକ ବିଶାଳ ତୈଳଚିତ୍ର ଟାଙ୍ଗିଥିଲେ, ଯେଉଁଥିରେ କି ବ୍ରିଟିଶ ସୈନ୍ୟଙ୍କ ନିଶମୁକ୍ତ ଚେହେରାକୁ ଅର୍ଦ୍ଧପୁରୁଷ ଭାବେ ବର୍ଣ୍ଣନା କରାଯାଇଥିଲା। ବ୍ରିଟିଶ୍ ସୈନ୍ୟବାହିନୀରେ ଭାରତୀୟ ଯୁବକଙ୍କୁ ନିଯୁକ୍ତି ମିଳିବା ପରେ ଭାରତୀୟ ସୈନ୍ୟଙ୍କ ନିଶ ଆଗରେ ବ୍ରିଟିଶ ସୈନ୍ୟମାନେ ନିଷ୍ପ୍ରଭ ହେବାକୁ ଲାଗିଲେ, ଏହାପରେ ବ୍ରିଟିଶ୍ ସୈନ୍ୟମାନଙ୍କୁ ନିଶ ରଖିବାକୁ ଅନୁମତି ମିଳିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଲର୍ଡ ଡେଲହାଉସି ବ୍ରିଟିଶ୍ ସୈନ୍ୟଙ୍କ ନିଶ ପ୍ରୀତିକୁ ନାପସନ୍ଦ କରିଥିଲେ। ୧୮୫୦ରେ ତତ୍କାଳୀନ ପ୍ରମୁଖ ମାଗାଜିନ 'ଦି ୱେଷ୍ଟ ମିନଷ୍ଟର ରିଭ୍ୟୁ', 'ଇଲୁଷ୍ଟ୍ରେଟେଡ ଲଣ୍ଡନ ନିୟୁଜ', 'ନାଭାଲ ଏଣ୍ଡ ମିଲିଟାରୀ ଗେଜେଟ୍' ପକ୍ଷରୁ ଏହାକୁ ନିଶ ଆନ୍ଦୋଳନ ଭାବେ ଅଭିହିତ କରାଯାଇଥିଲା। 'କାହିଁକି କ୍ଷୌର' ବୋଲି ଅଗ୍ରଲେଖ ଲେଖାଯାଇଥିଲା ଚାର୍ଲସ ଡିକେନ୍‌ସଙ୍କ ବହୁଳ ପ୍ରସାରିତ ପତ୍ରିକା 'ହାଉସ ହୋଲ୍ଡ ୱାର୍ଡସ'ରେ । ଏହାପରେ ୧୮୫୪ରେ ଭାରତରେ ଅବସ୍ଥାପିତ ଚିଫ୍ କମାଣ୍ଡର ଲର୍ଡ ଫ୍ରେଡରିକ ଫିଜକ୍ଲିୟରାନ୍ସ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ, ଯେଉଁଥିରେ କି ପ୍ରତ୍ୟେକ ବ୍ରିଟିଶ ସୈନ୍ୟଙ୍କୁ ନିଶ ରଖିବାକୁ ବାଧ୍ୟତାମୂଳକ କରାଯାଇଥିଲା। ପରବର୍ତ୍ତୀ ସମୟରେ ନିଶ କାଟି ଦେଇଥିବା କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଏପରି କି ଚାକିରିରୁ ସସ୍‌ପେଣ୍ଡ କରାଯିବାର ନଜିର ବି ଥିଲା।

କ୍ଷୁଦ୍ର ନିଶ ନୁହେଁ, ଦୀର୍ଘ ନିଶ ହିଁ ଦୃଢ଼ତା ଓ ଠିକ୍ ନିଷ୍ପତ୍ତି ନେଇପାରୁଥିବା ମଣିଷର ସଙ୍କେତ ବହନ କରିଥାଏ ବୋଲି ଅନେକ ମନସ୍ତତ୍ତ୍ୱବିତ୍‌ଙ୍କ ମତ। ସେଥିପାଇଁ ହିଟଲରଙ୍କ ଟୁଥ୍‌ବ୍ରଶ୍ ନିଶ (କ୍ଷୁଦ୍ର)କୁ ଅନେକେ ସମାଲୋଚନା କରୁଥିଲେ ଓ ତାଙ୍କୁ ଜଣେ ବିଚଳିତ ତଥା ହଠାତ୍ କୌଣସି ସିଦ୍ଧାନ୍ତରେ ଉପନୀତ ହୋଇପାରୁ ନ ଥିବା ବ୍ୟକ୍ତି ଭାବେ ସମାଲୋଚନା କରୁଥିଲେ। ଦୀର୍ଘ ନିଶ ଯେ ଏହାର ସମ୍ପୂର୍ଣ୍ଣ ବିପରୀତ ତାହା ପ୍ରମାଣ କରିଛନ୍ତି ଆମ ବୀର ଉଇଙ୍ଗ କମାଣ୍ଡର ଅଭିନନ୍ଦନ। ସଂପ୍ରତି ଅଭିନନ୍ଦନଙ୍କ ନିଶକୁ ଅନୁସରଣ କରୁଥିବା ପ୍ରତ୍ୟେକ ଯୁବକଙ୍କୁ ଆମର ପ୍ରଶ୍ନ ଯେ, ଅଭିନନ୍ଦନ ଶୈଳୀରେ ନିଶ ବଢ଼ାଇବା ସହ ତାଙ୍କ ଭଳି ଦେଶପ୍ରେମ ନିଜ ଭିତରେ ଉଦ୍ରେକ କରିବାକୁ ସେମାନେ ପ୍ରୟାସ କରୁଛନ୍ତି ତ। ବାହ୍ୟ ଶତ୍ରୁ କବଳରୁ ଦେଶର ସୁରକ୍ଷାରେ ନିୟୋଜିତ ଭାରତୀୟ ସେନା ତ ସେମାନଙ୍କର ଦେଶପ୍ରେମ ଅହରହ ପ୍ରମାଣ କରିଚାଲିଛନ୍ତି। ହେଲେ ଦେଶ ଭିତରେ ଅନ୍ୟାୟ, ଦୁର୍ନୀତି, ଅସମାନତା, ପକ୍ଷପାତିତା ଓ ଅସହିଷ୍ଣୁତା ଆଦି ଶତ୍ରୁର ବିଲୋପ କରି ଭାରତର ବିକାଶର ଗତିକୁ ତୀବ୍ର କରିବାର ଯେଉଁ ଗୁରୁଦାୟିତ୍ୱ ସାଧାରଣ ଜନତାଙ୍କ ହାତରେ ରହିଛି, ତା'ର ସଫଳ ନିର୍ବାହ ହେଉଛି ତ!

ମୋ–୯୪୩୭୨୩୨୪୬୩

# ବିଏଆର୍‌ସିରେ ଓଡ଼ିଆ ମୁଖ୍ୟ

### ବ୍ୟକ୍ତିତ୍ୱ



ଅଜିତ କୁମାର ମହାନ୍ତି

ଭାବା ଆଣବିକ ଗବେଷଣା କେନ୍ଦ୍ର (ବିଏଆର୍‌ସି) ଭାରତର ପ୍ରମୁଖ ନ୍ୟୁକ୍ଲିୟର ଗବେଷଣା ସଂସ୍ଥା ଭାବେ ପରିଚିତ। ମହାରାଷ୍ଟ୍ର ମୁମ୍ବାଇର ଟ୍ରୋମ୍ବେଠାରେ ଏହାର ମୁଖ୍ୟାଳୟ ରହିଛି। ନ୍ୟୁକ୍ଲିୟ ବିଜ୍ଞାନ, ଇଞ୍ଜିନିୟରିଂ ଭଳି ସମ୍ବନ୍ଧୀୟ କ୍ଷେତ୍ରରେ ଉଚ୍ଚତର ଗବେଷଣା ଦିଗରେ ଦେଶର ବିଭିନ୍ନ ସ୍ଥାନରେ ବିଏଆର୍‌ସି ମାଧ୍ୟମରେ ଅନୁସନ୍ଧାନମୂଳକ କାର୍ଯ୍ୟକ୍ରମ ଜାରି ରଖିଛି। ପ୍ରଖ୍ୟାତ ବୈଜ୍ଞାନିକ ହୋମି ଜାହାଙ୍ଗିର ଭାବାଙ୍କ ନାମରେ ନାମିତ ବିଏଆର୍‌ସିର ମୁଖ୍ୟଙ୍କ କାର୍ଯ୍ୟଧାରା ଆଣବିକ ଗବେଷଣା ଓ କ୍ରିୟାନ୍ୱୟନ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବୈଜ୍ଞାନିକ ଅଜିତ କୁମାର ମହାନ୍ତିଙ୍କୁ ଏବେ ଏହାର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ୬ ମାସ ଧରି ଏହି ପଦବୀ ଖାଲିପଡ଼ିଥିଲା। ଦାୟିତ୍ୱ ନେବା ପରେ ଅଜିତ ୩ ବର୍ଷ ପାଇଁ ବିଏଆର୍‌ସିର ମୁଖ୍ୟ ଭାବେ କାର୍ଯ୍ୟ କରିବେ। ଜଣେ ଓଡ଼ିଆ ବୈଜ୍ଞାନିକ ଦେଶର ଏକ ପ୍ରମୁଖ ଗବେଷଣା ସଂସ୍ଥାର ମୁଖ୍ୟ ହୋଇଥିବାରୁ ତାଙ୍କ ବିଷୟରେ ଜାଣିବା ଲାଗି ସମସ୍ତଙ୍କ ଆଗ୍ରହ ଜନ୍ମିବା ସ୍ୱାଭାବିକ।

ଅଜିତ ମୟୂରଭଞ୍ଜ ଜିଲାର ଖିଚିଙ୍ଗଦାଠାରେ ୧୯୫୯ରେ ଜନ୍ମଗ୍ରହଣ କରିଥିଲେ। ପିତା ଭଗବାନ ମହାନ୍ତି ଥିଲେ ପ୍ରାଥମିକ ସ୍କୁଲ ଶିକ୍ଷକ ଓ ମାତା ରତ୍ନମଣି ମହାନ୍ତି। ଗାଁ ସ୍କୁଲରୁ ପାଠ ଶେଷ କରିବା ପରେ ବାରିପଦାସ୍ଥିତ ଏମ୍‌ପିସି କଲେଜକୁ ଯାଇଥିଲେ। ୧୯୭୯ରେ ସେଠାରୁ ପଦାର୍ଥ ବିଜ୍ଞାନରେ ସ୍ନାତକ ଡିଗ୍ରୀ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ରେଭେନ୍‌ଶା କଲେଜରୁ ୧୯୮୧ରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର କରିଥିଲେ। ଛାତ୍ରାବସ୍ଥାରେ ଗବେଷଣାମନସ୍କ ଅଜିତ ଆଡଭାନ୍ସଡ୍ ଓରିଏଣ୍ଟେଶନ କୋର୍ସ ଲାଗି ୧୯୮୨ରେ ବିଏଆର୍‌ସିର ଟ୍ରେନିଂ ସ୍କୁଲରେ ଯୋଗ ଦେଇଥିଲେ। ପରେ ବମ୍ବେ ବିଶ୍ୱବିଦ୍ୟାଳୟରୁ ନ୍ୟୁକ୍ଲିୟର ଫିଜିକ୍ସରେ ପିଏଚ୍.ଡି. କରିଥିଲେ। ୧୯୯୫ରେ ଭାଣ୍ଡରବିଲ୍ଟ ବିଶ୍ୱବିଦ୍ୟାଳୟ ଓ ଆମେରିକାର ଏଲ୍ଏଏନ୍ଏଲ୍‌କୁ ସେ ଅତିଥି ବୈଜ୍ଞାନିକ ଭାବେ ଯାଇ ଅନ୍ତର୍ଜାତୀୟ ସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେହିପରି ସେ ୨୦୦୨ରୁ ୨୦୦୪ ଏବଂ ୨୦୧୦ରୁ ୨୦୧୧ ଦୁଇ ଥର ସୁଇଜରଲାଣ୍ଡର ଜେନେଭାସ୍ଥିତ ସର୍ନରେ ଏଲିସ୍ ଏକ୍ସପେରିମେଣ୍ଟ ବିଷୟରେ ଗବେଷକମାନଙ୍କ ନେତୃତ୍ୱ ନେଇ କାର୍ଯ୍ୟ କରିବାରେ ବିଶ୍ୱର ଅନ୍ୟତମ ବୈଜ୍ଞାନିକ ହୋଇପାରିଛନ୍ତି। କୋଲକାତାସ୍ଥିତ ଶାହା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁକ୍ଲିୟର ଫିଜିକ୍ସ ଏବଂ ଫିଜିକ୍ସ ଗ୍ରୁପ୍ ବିଏଆର୍‌ସିର ନିର୍ଦ୍ଦେଶକ ରହିଥିବା ଅଜିତଙ୍କୁ ବିଏଆର୍‌ସି ମୁଖ୍ୟ ଭାବେ ନିଯୁକ୍ତି ଦିଆଯିବା ପରେ ନ୍ୟୁକ୍ଲିୟ ଗବେଷଣାକୁ ଆଗକୁ ନେବାରେ ପ୍ରୟାସ କରିବେ ବୋଲି କହିଛନ୍ତି।

ନ୍ୟୁକ୍ଲିୟ ଓ କଣିକା ପଦାର୍ଥ ବିଜ୍ଞାନ ଉପରେ ଅନ୍ତର୍ଜାତୀୟ ସ୍ତରର ଗବେଷକଙ୍କ ସହ ମିଶି କାର୍ଯ୍ୟ କରି ସେ ବହୁ ଅଭିଜ୍ଞତା ଅର୍ଜନ କରିଛନ୍ତି। ଆମେରିକାର ବ୍ରୁକ୍‌ହାଭେନ୍ ନ୍ୟାଶନାଲ ଲାବରେଟୋରୀରେ ପାୟୋନିୟରିଂ ହାଇ ଏନର୍ଜି ନ୍ୟୁକ୍ଲିୟର ଇଣ୍ଟରାକ୍‌ଶନ ଏକ୍ସପେରିମେଣ୍ଟ କଲା ବେଳେ ସେ ବହୁ ଉପାଦେୟ ତଥ୍ୟ ବାହାର କରିବାରେ ସକ୍ଷମ ହୋଇଛନ୍ତି। ତେବେ ଗବେଷଣା ସହ ପ୍ରଫେସର ମହାନ୍ତି ବହୁ ଅବୈତନିକ ପଦବୀରେ ରହି ଆସିଛନ୍ତି। ୨୦୦୪ରୁ ୨୦୧୦ ଯାଏ ବୋର୍ଡ ଅଫ୍ ରିସର୍ଚ୍ଚ ଇନ୍ ନ୍ୟୁକ୍ଲିୟର ସାଇନ୍ସ (ବିଆର୍‌ଏନ୍‌ଏସ୍) ବେସିକ୍ ସାଇନ୍ସ କମିଟିର ସଦସ୍ୟ ସଚିବ, ୨୦୧୨ରୁ ୨୦୧୬ ପର୍ଯ୍ୟନ୍ତ ଇଣ୍ଡିଆନ୍ ଫିଜିକ୍ସ ଆସୋସିଏଶନ ସାଧାରଣ ସମ୍ପାଦକ ଓ ପରେ ଏହାର ସଭାପତି ହୋଇଛନ୍ତି।

ଗବେଷଣା ଦିଗରେ ଅନନ୍ୟ ଅବଦାନ ଲାଗି ସେ ଅନେକ ପୁରସ୍କାର ଓ ସମ୍ମାନର ଅଧିକାରୀ ହୋଇପାରିଛନ୍ତି। ସେଗୁଡ଼ିକ ମଧ୍ୟରେ ରହିଛି ୧୯୮୮ରେ ଇଣ୍ଡିଆନ୍ ଫିଜିକାଲ ସୋସାଇଟି ପକ୍ଷରୁ ୟଙ୍ଗ୍ ଫିଜିସିଷ୍ଟ ଆୱାର୍ଡ, ଇଣ୍ଡିଆନ୍ ସାଇନ୍ସ ନ୍ୟାଶନାଲ ଏକାଡେମୀର ୟଙ୍ଗ୍ ସାଇଣ୍ଟିଷ୍ଟ ଆୱାର୍ଡ, ଡିପାର୍ଟମେଣ୍ଟ ଅଫ୍ ଆଟମିକ୍ ଏନର୍ଜି (ଡିଏଇ) ମୁମ୍ବାଇ ତରଫରୁ ହୋମି ଭାବା ଆୱାର୍ଡ ଫର୍ ସାଇନ୍ସ ଆଣ୍ଡ୍ ଟେକ୍‌ନୋଲଜି–୨୦୦୧, ଡିଏଇ ଗ୍ରୁପ୍ ଆଚିଭ୍‌ମେଣ୍ଟ ଆୱାର୍ଡ–୨୦୧୭ ଏବଂ ସର୍ନ ସାଇଣ୍ଟିଫିକ୍ ଆସୋସିଏଟ୍।

ବ୍ୟକ୍ତିଗତ ଜୀବନ କହିଲେ ବିଜ୍ଞାନରେ ଉଚ୍ଚଶିକ୍ଷିତା ସ୍ତ୍ରୀ ସ୍ୱର୍ଣ୍ଣମୟୀ ମହାନ୍ତି ଓ ପୁତ୍ର ସିଦ୍ଧାନ୍ତଙ୍କୁ ନେଇ ଅଜିତଙ୍କ ସଂସାର। ସିଦ୍ଧାନ୍ତ କମ୍ପୁଟେଶନାଲ ମ୍ୟାଥ୍‌ମେଟିକ୍ସରେ ପଢ଼ା ଶେଷ କରିବା ପରେ ଆମେରିକାର ଫାଇନାନ୍ସିଆଲ ସେକ୍ଟରରେ ଏବେ କାର୍ଯ୍ୟରତ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ପିଲାଙ୍କ ମନରେ ଦେଶଭକ୍ତିର ଭାବନା ଜାଗ୍ରତ କରିବା ପାଇଁ ସେମାନଙ୍କୁ ସେନା ପୋଷାକରେ ସଜାଇ ଦିଆଯାଉଛି। ଗୁଜରାଟରେ ଏପରି ଏକ ଅଭିଯାନ ଆରମ୍ଭ ହୋଇଛି। ଏହି ରାଜ୍ୟର ଏକ ସ୍କୁଲରେ ପିଟି କ୍ଲାସରେ ସେନା ପୋଷାକ ଉପରେ ଗୁରୁତ୍ୱ ଦିଆଯାଇଛି। କୈଳାସ ମାନସ ବିଦ୍ୟାମନ୍ଦିରରେ କିଛିଦିନ ହେଲା ଜାରି ରହିଛି ଏଭଳି ନିଆରା ପରମ୍ପରା। ଛୋଟ ପିଲାମାନେ ସେନା ପୋଷାକ ପିନ୍ଧି ନିଜକୁ କୁନି ଯବାନ ଭଳି ଅନୁଭବ କରୁଛନ୍ତି। ଦେଶମାତୃକାର ସେବା ପାଇଁ ସେମାନଙ୍କ ମଧ୍ୟରେ ଜାଗି ଉଠୁଛି ଅନନ୍ୟ ଭାବନା। ପିଲାଙ୍କୁ ଏଭଳି ପୋଷାକ ସପ୍ତାହରେ ୨ ଥର ପିନ୍ଧି ସ୍କୁଲକୁ ଆସିବାକୁ କୁହାଯାଇଥାଏ। ସ୍କୁଲର ଖେଳପଡିଆରେ ଡ୍ରିଲ ଅଭ୍ୟାସ କରାଯାଏ ଏବଂ ଦେଶଭକ୍ତିର ଭାବନା ଜାଗ୍ରତ କରିବା ପାଇଁ ସ୍ୱାଧୀନତା ସଂଗ୍ରାମୀ ଏବଂ ମହାପୁରୁଷଙ୍କ ଜୀବନୀକୁ ନେଇ କାହାଣୀ କୁହାଯାଏ। ଏହା ଶୁଣି ପିଲାମାନେ ଖୁସି ଅନୁଭବ କରନ୍ତି ଏବଂ ସେମାନଙ୍କ ମନରେ ଦେଶପ୍ରେମ ଜାଗ୍ରତ ହୁଏ। ଏହାଦ୍ୱାରା ସେମାନେ ଭବିଷ୍ୟତରେ ସୈନ୍ୟବାହିନୀରେ ଯୋଗଦେବା ପାଇଁ ଉତ୍ସାହିତ ହୋଇପାରିବେ ବୋଲି ସ୍କୁଲର ପ୍ରିନ୍ସିପାଲ୍ ସୂଚନା ଦେଇଛନ୍ତି।

### ଚିରନ୍ତନୀ

ମାନବ ଅନ୍ତର ତଳେ ଆଦିକାଳୁଁ ରହିଛି ଯେ ଦାଗ
କେତେ ଯତ୍ନେ କେତେ ପ୍ରାଣେ ବୋଳି ତହିଁ ନବ ଅନୁରାଗ,
କରଇ ଜୀବନ ଢାଳି ସେନେହେ ଲାଳିତ
କେତେ ଶଙ୍କା ଆବେଗରେ ଚିତ୍ତ।

(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୧୦ ମାର୍ଚ୍ଚ ୧୯୯୪

- ବୁରୁଣ୍ଡିର ରାଜଧାନୀ ବୁଜୁମ୍ବୁରା ସହରତଳି ଅଞ୍ଚଳରେ ଗୋଷ୍ଠୀ ସଂଘର୍ଷ ଘଟି ୨୦୦ ଲୋକଙ୍କ ପ୍ରାଣହାନି।
- ଉତ୍ତରକୋରିଆର ପରମାଣୁ କାର୍ଯ୍ୟକ୍ରମ ସମ୍ପର୍କରେ ଦକ୍ଷିଣ ଓ ଉତ୍ତରକୋରିଆ ମଧ୍ୟରେ ଅନୁଷ୍ଠିତ ଦ୍ୱିପାକ୍ଷିକ ଆଲୋଚନା ବିଫଳ ହୋଇଯାଇଛି।

## sudoku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 5 | | | | | 1 | 6 | | | | 8 | E | |
| 6 | 1 | | | 7 | | | | 0 | 4 | | | | | 2 |
| B | 3 | C | | 8 | | | | | | 0 | 1 | | | |
| | | | | | 2 | | D | | | | A | | | 6 |
| | | D | | | A | | 7 | | B | | 9 | | | 3 |
| | | | | | | E | 9 | | | | B | | | |
| | 4 | 3 | | | | | | | | C | | | 5 | |
| | B | | 7 | | | 6 | | 2 | | 1 | | E | D | |
| | 2 | 8 | | | B | | 4 | | E | | | 0 | 9 | |
| D | 9 | | | 1 | | | | A | | | 0 | C | 8 | |
| | | | | | | | | | | D | | | B | C |
| 7 | | | | | 3 | 1 | E | | | 6 | | 4 | A | |
| | | 1 | E | | | 0 | 6 | 4 | | | | | | 8 |
| | | | | | C | | | 8 | 5 | | | 6 | 1 | |
| 5 | D | | | | | B | A | | | | | 9 | | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଧରିତ୍ରୀ/ଓଡ଼ିଶାପୋଷ୍ଟ ନିରପେକ୍ଷ ଥିଲା ଓ ରହିବ

ମହାଶୟ,

ମାର୍ଚ୍ଚ ୫ ତାରିଖରେ ଧରିତ୍ରୀ/ଓଡ଼ିଶାପୋଷ୍ଟ ସମ୍ପାଦକ ତଥା ଢେଙ୍କାନାଳ ସାଂସଦ ତଥାଗତ ସତପଥୀ ଆଉ ରାଜନୀତିରେ ନ ରହି ସାମ୍ବାଦିକତା ପ୍ରତି ଦୃଷ୍ଟିଦେବେ ବୋଲି ଘୋଷଣା କରିଛନ୍ତି। ଦେଖାଯାଏ ହାତଗଣତି ଖବରକାଗଜକୁ ବାଦ୍ ଦେଲେ ଅଧିକାଂଶ ଖବରକାଗଜ କୌଣସି ନା କୌଣସି ରାଜନୈତିକ ନେତାଙ୍କର ଏବଂ ଏଥିରେ ନିରପେକ୍ଷ ଅନୁସନ୍ଧାନମୂଳକ ଖବର ଆଶା କରିବା ନିରର୍ଥକ। ତଥାଗତ ବାବୁଙ୍କର ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଏଣିକି ଦୈନିକ ଧରିତ୍ରୀରେ ସେ ନିୟମିତ ଏକ ସ୍ତମ୍ଭ ଲେଖିଲେ ଭଲହୁଅନ୍ତା। ଖବରକାଗଜର ସମ୍ପାଦକ ସ୍ୱାଧୀନ ତଥା ଚାପମୁକ୍ତ ରହିବା ଦରକାର। ତେବେ ତଥାଗତବାବୁ ଦଳୀୟ ରାଜନୀତି ଛାଡ଼ିବା ପରେ ଏଣିକି ତାଙ୍କ ସମ୍ପାଦିତ କାଗଜ ନିରପେକ୍ଷ ହେବ ବୋଲି ଅନେକେ ଯାହା ମତ ଦେଉଛନ୍ତି, ତାହା ଭୁଲ୍ କାରଣ ଧରିତ୍ରୀ ଓ ଓଡ଼ିଶାପୋଷ୍ଟ ଆଗରୁ ନିରପେକ୍ଷ ଥିଲା, ଏବେ ଅଛି ଓ ଆଗକୁ ବି ରହିବ– ଏ ବିଶ୍ୱାସ ଓଡ଼ିଶାବାସୀଙ୍କର ଅଛି।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

### ଧନ୍ୟ ଅଭିନନ୍ଦନ

ଧନ୍ୟ ଅଭିନନ୍ଦନ! ତୁମକୁ କୋଟି କୋଟି ସଲାମ୍। ପ୍ରକୃତରେ ତୁମେ ଭାରତମାତାର ଯୋଗ୍ୟ ପୁତ୍ର, ଯିଏ କି ଆମର ଆଜନ୍ମ ଶତ୍ରୁ ଦେଶରୁ ସସମ୍ମାନେ ଫେରିଆସିପାରିଛ। ତୁମକୁ ଶତ୍ରୁମାନେ ଅନେକ ଯାତନା ଦେବା ସତ୍ତ୍ୱେ ତୁମେ ଭାରତମାତାର ଜୟଗାନ କରି ଅସୀମ ଧୈର୍ଯ୍ୟ ଓ ସାହସ ଦେଖାଇଛ। ଏହି ଦୃଶ୍ୟକୁ ତ ମୁଁ ଯେଉଁଦିନ ଟିଭିରେ ଦେଖୁଥିଲି, ଗର୍ବରେ ମୋ ଛାତି ଫାଟି ପଡୁଥିଲା। ସତେଯେମିତି ଗୋଟିଏ ସିଂହ ଶତ୍ରୁପକ୍ଷକୁ ଘାଇଲା କରି ବୀରଦର୍ପରେ ନିଜ ସ୍ଥାନକୁ ଫେରୁଛି। ତୁମକୁ ଯେତେ ପ୍ରଶଂସା କଲେ ବି କମ୍ ହେବ।

ଅଜିତ୍ ଚୌଧୁରୀ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ମହିଳାଙ୍କ ପ୍ରତି ପୁରୁଷଙ୍କ ଆଚରଣରେ ପରିବର୍ତ୍ତନ ଘଟିଛି; କିନ୍ତୁ ତାହା ଯଥେଷ୍ଟ ନୁହେଁ।

-ବିଦିତା ବାଗ୍,
ବଲିଉଡ୍ ଅଭିନେତ୍ରୀ।






# ଆକାଶ-ଶ୍ଳୋକାଙ୍କ ବାହାଘର

**ମୁମ୍ବାଇ:** ଆକାଶ ଅମ୍ବାନୀ ଏବଂ ଶ୍ଳୋକା ମେହେଟାଙ୍କ ହାଇ ପ୍ରୋଫାଇଲ ବିବାହ ଉତ୍ସବ ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସର ଜିଓ ୱାର୍ଲଡ ସେଣ୍ଟରରେ ଅନୁଷ୍ଠିତ ହେଉଛି। ଜାତିସଂଘର ପୂର୍ବତନ ମହାସଚିବ ବାନ୍ କି-ମୁନ୍, ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର ଓ ତାଙ୍କ ସ୍ତ୍ରୀ ଚେରି ବ୍ଲେୟାର, ଗୁଗଲ୍ ସିଇଓ ସୁନ୍ଦର ପିଚାଇ, ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡେଲା ଏବଂ ବିଶିଷ୍ଟ ରାଜନେତା ଓ ବଲିଉଡ୍ କଳାକାର ଉକ୍ତ ବିଭାଘର ଉତ୍ସବରେ ଯୋଗ ଦେଇଛନ୍ତି। କ୍ରିକେଟ କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକର, ସ୍ତ୍ରୀ ଅଞ୍ଜଳି, ବଲିଉଡ୍ ଷ୍ଟାର ଆମିର ଖାନ୍ ଏବଂ ତାଙ୍କ ସ୍ତ୍ରୀ କିରନ୍ ରାଓ ଅତିଥିଙ୍କ ଗହଣରେ ଅଛନ୍ତି।



ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଚେୟାରମ୍ୟାନ୍ ମୁକେଶ ଅମ୍ବାନୀଙ୍କ ପୁତ୍ର ଆକାଶ ତାଙ୍କ ବାଲ୍ୟବାନ୍ଧବୀ ତଥା ବିଶିଷ୍ଟ ହୀରା ବ୍ୟବସାୟୀ ରସେଲ ମେହେଟା ଓ ମୋନାଙ୍କ କନ୍ୟା ଶ୍ଳୋକା ମେହେଟାଙ୍କୁ ବିବାହ କରୁଛନ୍ତି। ଉତ୍ସବ ସ୍ଥଳକୁ ରଙ୍ଗବେରଙ୍ଗ ଫୁଲରେ ସଜାଯିବା ସହିତ ଅତିଥିମାନଙ୍କୁ ପାରମ୍ପରିକ ଛତ୍ରି ଧରାଯାଇ ସ୍ୱାଗତ କରାଯାଉଛି। ଆକାଶଙ୍କ ଭଉଣୀ ଏବଂ ତାଙ୍କ ସ୍ୱାମୀ ଆନନ୍ଦ ପିରାମଲଙ୍କ ସମେତ ପିରାମଲ ଗ୍ରୁପ୍ ଚେୟାରମ୍ୟାନ ଅଜୟ ପିରାମଲ ଏବଂ ତାଙ୍କ ସ୍ତ୍ରୀ ସ୍ୱାତୀ ଅତିଥିଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍, ରେଳମନ୍ତ୍ରୀ ପୀୟୁଷ ଗୋୟଲ, ବାଣିଜ୍ୟ ମନ୍ତ୍ରୀ ସୁରେଶ ପ୍ରଭୁ ଏବଂ ପୂର୍ବତନ ବାଣିଜ୍ୟ ମନ୍ତ୍ରୀ ଆନନ୍ଦ ଶର୍ମା ଉତ୍ସବ ସ୍ଥଳରେ ଉପସ୍ଥିତ ଅଛନ୍ତି। କର୍ପୋରେଟ ଜଗତର ବିଶିଷ୍ଟ ବ୍ୟକ୍ତି ଏବଂ ବିଶ୍ୱନେତାମାନେ ଏଠାରେ ଏକତ୍ରିତ ହୋଇଛନ୍ତି। ଶନିବାର ବିବାହ ଉତ୍ସବ ପରେ ରବିବାର ଏକ ସେଲିବ୍ରେଶନ୍ ନାଇଟ୍ ପାଳନ କରାଯିବ। ଏହି ନୃତ୍ୟ-ସଂଗୀତ କାର୍ଯ୍ୟକ୍ରମରେ ଦେଶ ବିଦେଶରୁ ୧୫୦ କଳାକାର ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସୋମବାର ରିସେପ୍ସନ୍ ଅନୁଷ୍ଠିତ ହେବ।

# ପଟିଆଲା ଯୁବକଙ୍କ ହାତ ଧରିଲେ ପାକ୍ ଯୁବତୀ

## ବାଧକ ନୁହେଁ ସରହଦ



**ପଟିଆଲା(ପଞ୍ଜାବ):** ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନାକୁ ଖାତିର କରିନାହାନ୍ତି ଜଣେ ପାକିସ୍ତାନୀ ଯୁବତୀ। ପାକିସ୍ତାନର ପଞ୍ଜାବ ପ୍ରଦେଶର ଏହି ଯୁବତୀ ସ୍ଥାନୀୟ ଅଞ୍ଚଳର ଜଣେ ଶିଖ୍ ଯୁବକଙ୍କୁ ଶନିବାର ବିବାହ କରିଛନ୍ତି। ପାକିସ୍ତାନୀ ଯୁବତୀ ସରଜିତ୍ ହରିୟାଣା ଅମ୍ବାଲା ଜିଲାର ପରୱିନ୍ଦର ସିଂଙ୍କୁ ବିବାହ କରିଛନ୍ତି। ଚଣ୍ଡିଗଡଠାରୁ ପାଖାପାଖି ୮୦ କିଲୋମିଟର ଦୂର ପଟିଆଲାସ୍ଥିତ ଗୁରୁଦ୍ୱାର ଖେଲ୍ ସାହିବଠାରେ ଶିଖ୍ ପରମ୍ପରା ଅନୁଯାୟୀ ଉକ୍ତ ବିବାହ ଅନୁଷ୍ଠିତ ହୋଇଛି। ଗୁରୁଦ୍ୱାର ମୁଖ୍ୟଙ୍କ ଦ୍ୱାରା ଉକ୍ତ ଦମ୍ପତିଙ୍କୁ ବିବାହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ସରଜିତ୍ ଗଣମାଧ୍ୟମକୁ କହିଥିଲେ, ଏଠାରେ ବିବାହ କରି ସେ ବହୁତ ଖୁସି। ଉଭୟ ଦେଶର ଯୁବକଯୁବତୀ ବିବାହ କରିବା ଉଚିତ ହେବ ବୋଲି ସେ ପ୍ରକାଶ କରିଛନ୍ତି। ହିନ୍ଦୁ ସମ୍ପ୍ରଦାୟର ଏହି ଯୁବତୀ ପାକିସ୍ତାନର ସିଆଲକୋଟ ଜିଲାରେ ବାସ କରନ୍ତି।

# ବୟସ୍କା ମହିଳାଙ୍କ ବିଶ୍ୱରେକର୍ଡ




**ଟୋକିଓ:** ବିଶ୍ୱର ସବୁଠୁ ବୟସ୍କା ଜାପାନୀ ମହିଳା କାନେ ଟାନାକାଙ୍କୁ ଗିନିଜ୍ ୱାର୍ଲଡ ରେକର୍ଡସ ଦ୍ୱାରା ସମ୍ମାନିତ କରାଯାଇଛି। ଜାପାନର ଦକ୍ଷିଣ-ପଶ୍ଚିମ ନଗରୀ ଫୁକୁଓକାଠାରେ ଆୟୋଜିତ ଏକ ଉତ୍ସବରେ ତାଙ୍କ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା।

ଟାନାକା ୧୯୦୩ ଜାନୁୟାରୀରେ ଜନ୍ମଗ୍ରହଣ କରିଥିଲେ। ୮ ଭାଇଭଉଣୀଙ୍କ ମଧ୍ୟରେ ସେ ଥିଲେ ସପ୍ତମ ସନ୍ତାନ। ୧୯୨୨ରେ ହାଇଡିଓ ଟାନାକାଙ୍କୁ ସେ ବିବାହ କରିଥିଲେ। ଟାନାକା ପ୍ରତିଦିନ ସକାଳ ୬ଟାରେ ଶଯ୍ୟାତ୍ୟାଗ କରି ଗଣିତ କଷିବାକୁ ଭଲ ପାଆନ୍ତି।


TRIDENT HOTELS

**ନିମ୍ନଲିଖିତ ସାମଗ୍ରୀଗୁଡ଼ିକର ଯୋଗାଣ ପାଇଁ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଛି**

**୨୦୧୯-୨୦ ବର୍ଷ ପାଇଁ (ବାର୍ଷିକ ଆଧାରରେ)**

(୧) ପନିପରିବା, (୨) ଇଂରାଜୀ ପନିପରିବା, (୩) ଫଳ (ସ୍ଥାନୀୟ), (୪) ଇଂରାଜୀ ଫଳ, (୫) ଗ୍ରୋସେରିଜ୍ (ସ୍ଥାନୀୟ), (୬) ମାଛ, ମାଂସ, ଚିକେନ୍ ଏବଂ ଅଣ୍ଡା, (୭) ଦୁଗ୍ଧ ଜାତୀୟ ଦ୍ରବ୍ୟ (ପନିର, ଛେନାପୋଡ଼, ଖୁଆ, ମିଠା), (୮) ଅଫିସ୍ ଷ୍ଟେଶନେରି ଏବଂ ଛପା ସାମଗ୍ରୀ, (୯) ହାର୍ଡୱେର ସାମଗ୍ରୀ ଏବଂ (୧୦) ଫୁଲ। ଟେଣ୍ଡର ଫର୍ମ ତା୧୦।୦୩।୨୦୧୯ରୁ ୧୫।୦୩।୨୦୧୯ରିଖ ଅପରାହ୍ନ ଘ୨.୩୦ମି.ରୁ ଘ୪.୩୦ମି. ମଧ୍ୟରେ ସିକ୍ୟୁରିଟି କାର୍ଯ୍ୟାଳୟରେ ମିଳିପାରିବ। ଏହି ଅଫରକୁ କୌଣସି କାରଣ ନ ଦର୍ଶାଇ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବରେ ନାକଚ କରିବାର ଅଧିକାର ମ୍ୟାନେଜମେଣ୍ଟ ନିକଟରେ ସଂରକ୍ଷିତ ଅଛି।

**ଫର୍ମ ଦାଖଲର ଶେଷ ତାରିଖ: ୨୦।୦୩।୨୦୧୯**
**ମ୍ୟାନେଜମେଣ୍ଟ: ହୋଟେଲ ଟ୍ରାଇଡେଣ୍ଟ, ସିବି-୧, ନୟାପଲ୍ଲୀ, ଭୁବନେଶ୍ୱର**
**ଯୋଗାଯୋଗ: ୭୦୦୮୩୪୦୫୩୪ / ୮୬୩୭୨୧୧୧୨୩ / ୯୮୫୩୫୮୭୦୭୦**


ଇତିହାସର ଆଇନାରେ

## ମାର୍ଚ୍ଚ ୧୦ର ପ୍ରମୁଖ ଘଟଣା

୧୯୭୭ ମାର୍ଚ୍ଚ ୧୦ରେ ଜ୍ୟୋତିର୍ବିଜ୍ଞାନୀମାନେ ୟୁରେନସ ଗ୍ରହର ବଳୟ ଆବିଷ୍କାର କରିଥିଲେ। ସେମାନଙ୍କ ମଧ୍ୟରେ ଜେମ୍‌ସ ଏଲ୍. ଏଲିୟଟ୍, ଏଡୱାର୍ଡ ଡବ୍ଲ୍ୟୁ. ଡନହାମ୍ ଏବଂ ଜେସିକା ମିଙ୍କ୍ ଅନ୍ୟତମ।

୨୦୦୬ ମାର୍ଚ୍ଚ ୧୦ରେ ମାର୍ସ ରିକନାଇସାନ୍ସ ଅର୍ବିଟର ମଙ୍ଗଳରେ ପହଞ୍ଚିଥିଲା। ଏହାର ଡିଜାଇନ୍ ଏପରି ପ୍ରସ୍ତୁତ କରାଯାଇଥିଲା ଯାହା ମଙ୍ଗଳ ଗ୍ରହରେ ଅନୁସନ୍ଧାନ କରିବାକୁ ସମର୍ଥ ହୋଇପାରିଥିଲା।


**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ପିଏସ୍‌ସି ସ୍ଲିପର୍‌ର ବିନିର୍ମାଣ ଏବଂ ଯୋଗାଣ ପାଇଁ ଟେଣ୍ଡର ବିଜ୍ଞପ୍ତି**

ଇ-ଟେଣ୍ଡର ନଂ. ଏସ୍‌ଇସିଆର୍‌ଟିଏସ୍‌ଏସ୍‌ଏଲ୍‌ପି୦୧୧୯, ତାରିଖ: ୦୬।୦୩।୨୦୧୯
କାର୍ଯ୍ୟ: ପିଏସ୍‌ସି ସ୍ଲିପର୍ ଟି-୨୪୯୬ର ବିନିର୍ମାଣ ଓ ଯୋଗାଣ। ଟେଣ୍ଡର ମୂଲ୍ୟ: ₹୪୫,୬୧,୭୫,୬୩୬/-, ଇଏମ୍‌ଡି: ₹୨,୨୮,୦୮,୭୯୦/-। ଟେଣ୍ଡର ଦାଖଲ: ତା୧୦।୦୪।୨୦୧୯ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡର ଖୋଲାଯିବ: ତା୧୦।୦୪।୨୦୧୯ରିଖ ୧୫.୦୦ ଘଟିକା। ଉପରୋକ୍ତ ଇ-ସଂଗ୍ରହଣ ଟେଣ୍ଡର ବିଜ୍ଞପ୍ତିର ସମ୍ପୂର୍ଣ୍ଣ ସୂଚନା ୱେବ୍‌ସାଇଟ୍ https://www.ireps.gov.in ଏବଂ https://www.secr.indianrailways.gov.inରେ ଉପଲବ୍ଧ। ଉପରୋକ୍ତ ଟେଣ୍ଡର ପାଇଁ ଇ-ବିଡ୍ ବ୍ୟତୀତ ଅନ୍ୟ କୌଣସି ବିଡ୍ ଗ୍ରହଣ କରାଯିବ ନାହିଁ।

ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର/ଟିଏସ୍
CPR/10/440 ଏସ୍.ଇ.ସି. ରେଳପଥ, ବିଳାସପୁର
ସ୍ୱଚ୍ଛ ଭାରତ ଅଭିଯାନ



**ପୂର୍ବ ତଟ ରେଳପଥ**

**ଭଦ୍ରକ ଷ୍ଟେସନର ଯନ୍ତ୍ରୀକୃତ(MECHANIZED) ସଫେଇ**

ଟେଣ୍ଡର ବିଜ୍ଞପ୍ତି ସଂ. etender-BHC-Mech.Clng-31

**କାର୍ଯ୍ୟର ବିବରଣୀ :** କାର୍ଯ୍ୟ ଆରମ୍ଭ ହେବା ତାରିଖ ଠାରୁ 04 (ଚାରି)ବର୍ଷ (ଅର୍ଥାତ୍ 1460 ଦିନ) ଅବଧି ନିମନ୍ତେ ପ୍ଲାଟଫର୍ମ, ୟାର୍ଡ଼, ଟ୍ରାକ୍, କାର୍ଯ୍ୟାଳୟ ଭବନ, ଆରକ୍ଷଣ କାର୍ଯ୍ୟାଳୟ, କନକୋର୍ସ ଏରିଆ, ପରିକ୍ଷେତ୍ର, ପ୍ରତୀକ୍ଷା ହଲ୍, ହୋମ୍ ସିଗ୍‌ନାଲ ଠାରୁ ହୋମ୍ ସିଗ୍‌ନାଲ ପର୍ଯ୍ୟନ୍ତ ୟାର୍ଡ଼ଗୁଡ଼ିକ ସହିତ ଭଦ୍ରକ ଷ୍ଟେସନର ଯନ୍ତ୍ରୀକୃତ(Mechanized) ସଫେଇ।

**କାର୍ଯ୍ୟର ବିଜ୍ଞାପିତ ଟେଣ୍ଡର ମୂଲ୍ୟ (ଟଙ୍କାରେ) :** ₹ 3,64,43,540.89, EMD (ଟଙ୍କାରେ) : ₹ 3,32,220/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 11,800/- (ଫେରସ୍ତ ଯୋଗ୍ୟ ନୁହେଁ), ଚୁକ୍ତି ଅବଧି : କାର୍ଯ୍ୟ ଆରମ୍ଭ ହେବା ତାରିଖ ଠାରୁ 04(ଚାରି) ବର୍ଷ ଅର୍ଥାତ୍ 1460 ଦିନ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.05.04.2019 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ମଣ୍ଡଳ ଚିକିତ୍ସା ଅଧିକାରୀ/
PR-533/J/18-19 ଖୋର୍ଦ୍ଧା ରୋଡ୍



**REGIONAL PLANT RESOURCE CENTRE**
Ekamra Kanan, Nayapalli, Bhubaneswar - 751015, Odisha
FOREST & ENVIRONMENT DEPARTMENT, GOVERNMENT OF ODISHA
Tel no. 0674-2557925, 2552002, Email : rprcbbsr@gmail.com, Website : www.rprcbbsr.in

Advertisement No. 800/RPRC Dated : 08.03.2019

**WALK-IN-INTERVIEW**

Eligible candidates may attend Walk-in-Interview in P.K. Parija Hall in the premises of RPRC, Bhubaneswar on 16.3.2019 at 11.00 A.M. for selection of Senior Research Fellows, Junior Research Fellows and Field Assistants/ Lab. Asst. under different research projects to be implemented in the Centre. Details about the research projects, eligible criteria, emoluments, tenure of the projects etc. can be obtained from RPRC website (www.rprcbbsr.in) or from the notice board of RPRC, Bhubaneswar.

Sd/-
Chief Executive



INDIAN RAILWAYS

**ଗୁରୁତ୍ୱପୂର୍ଣ୍ଣ ସୂଚନା**

**ନିମ୍ନ ଅନୁଯାୟୀ ଛଅ ମାସର ଅବଧି ନିମନ୍ତେ ପରୀକ୍ଷାମୂଳକ ଭାବରେ ନିମ୍ନ ଟ୍ରେନ୍‌ଗୁଡ଼ିକୁ ବିଭିନ୍ନ ଷ୍ଟେସନ୍ ଠାରେ ରହଣି ପ୍ରଦାନ କରାଯିବ।**

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ରହଣି | ଆଗମନ | ପ୍ରସ୍ଥାନ | ତାରିଖ ଠାରୁ |
|---|---|---|---|---|---|
| 19317 | ଇନ୍ଦୋର - ପୁରୀ ହମ୍‌ସଫର ଏକ୍ସପ୍ରେସ୍ | ଗୋନ୍ଦିଆ | 0325 | 0327 | 12.03.2019 (ମଙ୍ଗଳବାର) |
| 19318 | ପୁରୀ - ଇନ୍ଦୋର ହମ୍‌ସଫର ଏକ୍ସପ୍ରେସ୍ | ଗୋନ୍ଦିଆ | 1725 | 1726 | 13.03.2019 (ବୁଧବାର) |
| 18401 | ପୁରୀ - ଓଖା ଏକ୍ସପ୍ରେସ୍ | ଦୋଣ୍ଡାଇଚା | 1922 | 1924 | 10.03.2019 (ରବିବାର) |
| 18402 | ଓଖା - ପୁରୀ ଏକ୍ସପ୍ରେସ୍ | ଦୋଣ୍ଡାଇଚା | 0202 | 0204 | 06.03.2019 (ବୁଧବାର) |
| 18405 | ପୁରୀ - ଅହମଦାବାଦ ଏକ୍ସପ୍ରେସ୍ | ଦୋଣ୍ଡାଇଚା | 2330 | 2332 | 06.03.2019 (ବୁଧବାର) |
| 18406 | ଅହମଦାବାଦ - ପୁରୀ ଏକ୍ସପ୍ରେସ୍ | ଦୋଣ୍ଡାଇଚା | 0202 | 0204 | 08.03.2019 (ଶୁକ୍ରବାର) |
| 18421 | ପୁରୀ - ଆଜମେର ଏକ୍ସପ୍ରେସ୍ | ଦୋଣ୍ଡାଇଚା | 0220 | 0222 | 07.03.2019 (ଗୁରୁବାର) |
| 18422 | ଆଜମେର - ପୁରୀ ଏକ୍ସପ୍ରେସ୍ | ଦୋଣ୍ଡାଇଚା | 1143 | 1145 | 08.03.2019 (ଶୁକ୍ରବାର) |
| 22974 | ପୁରୀ - ଗାନ୍ଧୀଧାମ ଏକ୍ସପ୍ରେସ୍ | ବୋବିଲି | 1813 | 1815 | 09.03.2019 (ଶନିବାର) |
| 22973 | ଗାନ୍ଧୀଧାମ - ପୁରୀ ଏକ୍ସପ୍ରେସ୍ | ବୋବିଲି | 1056 | 1058 | 06.03.2019 (ବୁଧବାର) |
| 22831 | ହାଓଡ଼ା - ଶ୍ରୀ ସତ୍ୟ ସାଇ ପ୍ରଶାନ୍ତି ନିଲୟମ୍ ଏକ୍ସପ୍ରେସ୍ | କାଳୁପଡ଼ାଘାଟ | 2321 | 2322 | 13.03.2019 (ବୁଧବାର) |
| 22832 | ଶ୍ରୀ ସତ୍ୟ ସାଇ ପ୍ରଶାନ୍ତି ନିଲୟମ୍ - ହାଓଡ଼ା ଏକ୍ସପ୍ରେସ୍ | କାଳୁପଡ଼ାଘାଟ | 0559 | 0600 | 15.03.2019 (ଶୁକ୍ରବାର) |
| 18645 | ହାଓଡ଼ା - ହାଇଦ୍ରାବାଦ ଇଷ୍ଟକୋଷ୍ଟ ଏକ୍ସପ୍ରେସ୍ | କେନ୍ଦୁଆପଦା | 1729 | 1730 | 09.03.2019 (ଶନିବାର) |
| 18646 | ହାଇଦ୍ରାବାଦ - ହାଓଡ଼ା ଇଷ୍ଟକୋଷ୍ଟ ଏକ୍ସପ୍ରେସ୍ | କେନ୍ଦୁଆପଦା | 1026 | 1027 | 08.03.2019 (ଶୁକ୍ରବାର) |
| 22839 | ରାଉରକେଲା - ଭୁବନେଶ୍ୱର I/C ଏକ୍ସପ୍ରେସ୍ | ନରାଜ ମାର୍ଥାପୁର | 1151 | 1152 | 09.03.2019 (ଶନିବାର) |
| 22840 | ଭୁବନେଶ୍ୱର - ରାଉରକେଲା I/C ଏକ୍ସପ୍ରେସ୍ | ନରାଜ ମାର୍ଥାପୁର | 1436 | 1437 | 09.03.2019 (ଶନିବାର) |
| 12893 | ଭୁବନେଶ୍ୱର - ବଲାଙ୍ଗୀର I/C ଏକ୍ସପ୍ରେସ୍ | ବାମୁର | 0958 | 0959 | 09.03.2019 (ଶନିବାର) |
| 12894 | ବଲାଙ୍ଗୀର - ଭୁବନେଶ୍ୱର I/C ଏକ୍ସପ୍ରେସ୍ | ବାମୁର | 1800 | 1801 | 09.03.2019 (ଶନିବାର) |
| 12871 | ହାଓଡ଼ା - ଟିଟିଲାଗଡ଼ ଇସ୍ପାତ ଏକ୍ସପ୍ରେସ୍ | ଡୁଙ୍ଗୁରିପାଲି | 1810 | 1811 | 09.03.2019 (ଶନିବାର) |
| 12872 | ଟିଟିଲାଗଡ଼ -ହାଓଡ଼ା ଇସ୍ପାତ ଏକ୍ସପ୍ରେସ୍ | ଡୁଙ୍ଗୁରିପାଲି | 0654 | 0655 | 09.03.2019 (ଶନିବାର) |
| 12875 | ପୁରୀ - ଆନନ୍ଦବିହାର ନୀଳାଚଳ ଏକ୍ସପ୍ରେସ୍ | ସୋର | 1508 | 1509 | 09.03.2019 (ଶନିବାର) |
| 12876 | ଆନନ୍ଦବିହାର - ପୁରୀ ନୀଳାଚଳ ଏକ୍ସପ୍ରେସ୍ | ସୋର | 1203 | 1204 | 08.03.2019 (ଶୁକ୍ରବାର) |
| 12879 | ଲୋକମାନ୍ୟ ତିଲକ ଟର୍ମିନସ୍ - ଭୁବନେଶ୍ୱର ଏକ୍ସପ୍ରେସ୍ | ବେଲପାହାଡ଼ | 2255 | 2257 | 13.03.2019 (ବୁଧବାର) |
| 12880 | ଭୁବନେଶ୍ୱର - ଲୋକମାନ୍ୟ ତିଲକ ଟର୍ମିନସ୍ ଏକ୍ସପ୍ରେସ୍ | ବେଲପାହାଡ଼ | 1421 | 1423 | 14.03.2019 (ଗୁରୁବାର) |
| 18495 | ରାମେଶ୍ୱରମ୍ - ଭୁବନେଶ୍ୱର ଏକ୍ସପ୍ରେସ୍ | ଚିଦାମ୍ବରମ୍ | 1618 | 1620 | 10.03.2019 (ରବିବାର) |
| 18496 | ଭୁବନେଶ୍ୱର - ରାମେଶ୍ୱରମ୍ ଏକ୍ସପ୍ରେସ୍ | ଚିଦାମ୍ବରମ୍ | 1253 | 1255 | 08.03.2019 (ଶୁକ୍ରବାର) |
| 18477 | ପୁରୀ - ହରିଦ୍ୱାର କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍ | ଜଇଥାରି | 1810 | 1812 | 08.03.2019 (ଶୁକ୍ରବାର) |
| 18478 | ହରିଦ୍ୱାର - ପୁରୀ କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍ | ଜଇଥାରି | 0759 | 0801 | 08.03.2019 (ଶୁକ୍ରବାର) |

**ଟ୍ରେନ ଗୁଡ଼ିକର ଚଳାଚଳ ଦିବସରେ ବୃଦ୍ଧି :**

- 18117/18118 ରାଉରକେଲା - ଗୁଣୁପୁର - ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ୍ ସପ୍ତାହରେ 3 ଦିନ ରୁ 6 ଦିନ ଚଳାଚଳ କରିବ। 18117 ରାଉରକେଲା-ଗୁଣୁପୁର ରାଜ୍ୟ ରାଣୀ ଏକ୍ସପ୍ରେସ୍ ରାଉରକେଲା ଠାରୁ ତା.14.03.2019ରିଖ ରୁ (ଶନିବାର ବ୍ୟତୀତ) ଏବଂ 18118 ଗୁଣୁପୁର-ରାଉରକେଲା ରାଜ୍ୟ ରାଣୀ ଏକ୍ସପ୍ରେସ୍ ଗୁଣୁପୁର ଠାରୁ ତା.13.03.2019ରିଖ ରୁ (ରବିବାର ବ୍ୟତୀତ)।
- 22606/22605 ଭିଲୁପୁରମ-ପୁରୁଲିଆ-ଭିଲୁପୁରମ ଏକ୍ସପ୍ରେସ୍ ଭିଲୁପୁରମ ଠାରୁ ତା.03.07.2019 ଏବଂ ପୁରୁଲିଆ ଠାରୁ ତା.05.07.2019ରିଖ ଠାରୁ ସାପ୍ତାହିକ ରୁ ଦ୍ୱି ସାପ୍ତାହିକ ଭାବରେ ଚଳାଚଳ କରିବ। ଏହି ଟ୍ରେନ୍ ହିଜିଳି ଏବଂ ପୁରୁଲିଆ ମଧ୍ୟରେ ତା.06.03.2019ରିଖ ରୁ 26.06.2019ରିଖ ଏବଂ ପୁରୁଲିଆ ଏବଂ ହିଜିଳି ମଧ୍ୟରେ ତା.08.03.2019ରିଖ ରୁ ତା.28.06.2019ରିଖ ପର୍ଯ୍ୟନ୍ତ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍ ଭାବରେ ଚଳାଚଳ କରିବ।
- ୦୨୪୧୦/୦୨୪୦୯ ରାୟଗଡ-ସମ୍ବଲପୁର-ରାୟଗଡ ସ୍ୱତନ୍ତ୍ର ଟ୍ରେନ୍ ରାୟଗଡ଼ ଠାରୁ ତା.17.03.2019ରିଖ ଠାରୁ ପ୍ରତ୍ୟେକ ମଙ୍ଗଳବାର, ବୁଧବାର, ଗୁରୁବାର, ଶୁକ୍ରବାର ଏବଂ ରବିବାର ଏବଂ ସମ୍ବଲପୁର ଠାରୁ ତା.18.03.2019ରିଖ ଠାରୁ ପ୍ରତ୍ୟେକ ବୁଧବାର, ଗୁରୁବାର, ଶୁକ୍ରବାର, ଶନିବାର ଏବଂ ସୋମବାର ଦିନ ଚଳାଚଳ କରିବ।

**ପୂର୍ବ ତଟ ରେଳପଥ**
PR-534/J/18-19
Follow us on : www.facebook/@EASTCOASTRailway1 | www.twitter/@eastcoastrail







ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସୱେରେ ଶନିବାର ଭୋର ସମୟରେ କାର୍-ଟ୍ରକ ଦୁର୍ଘଟଣାରେ ଗୋଟିଏ ପରିବାରର ୩ ସଦସ୍ୟଙ୍କ ସମେତ କାର୍‌ର ଡ୍ରାଇଭର ପ୍ରାଣ ହରାଇଛନ୍ତି। ମୃତକମାନେ ହେଲେ ଅରୁଣ ସିହ୍ନା, ତାଙ୍କ ସ୍ତ୍ରୀ ରେଖା, ପୁଅ ଅମିତ୍ ଏବଂ ଡ୍ରାଇଭର ରବିନ୍ଦ୍ର ବିଶ୍ୱକର୍ମା। ଅରୁଣଙ୍କ ଝିଅ ଶ୍ୱେତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପରିବାର ଲୋକେ ବାରାଣସୀରୁ କାର୍‌ରେ ଫେରୁଥିଲେ ବୋଲି ଏଏସ୍‌ପି ରାମ ବଦନ ସିଂ କହିଛନ୍ତି।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀକାନ୍ତଙ୍କ ଚିଠି
# କେନ୍ଦ୍ରାପଡ଼ା କଲେଜକୁ ବିଶ୍ୱବିଦ୍ୟାଳୟରେ ପରିଣତ କରାଯାଉ

ଭୁବନେଶ୍ୱର,୯।୩(ବ୍ୟୁରୋ)- କେନ୍ଦ୍ରାପଡ଼ା କଲେଜକୁ ବିଶ୍ୱବିଦ୍ୟାଳୟରେ ପରିଣତ କରାଯାଉ। ବିଶ୍ୱବିଦ୍ୟାଳୟ ହେଲେ ସେଠାରେ ମେଡିକାଲ ଏବଂ ଇଞ୍ଜିନିୟରିଂ ପାଠ୍ୟକ୍ରମ ପଢ଼ାଯାଇପାରନ୍ତା। ଏହି ମର୍ମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ସେ ଆହୁରି ଲେଖିଛନ୍ତି ଯେ, କେନ୍ଦ୍ରାପଡ଼ା ଜିଲାରେ ପ୍ରାୟ ୪୦ଟି ଛୋଟ ବଡ଼ କଲେଜ ରହିଛି। ତେଣୁ ଏଠାରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ଯଥେଷ୍ଟ ଆବଶ୍ୟକତା ରହିଛି। ଏହା ବର୍ତ୍ତମାନର ଛାତ୍ରୀଛାତ୍ର ଏବଂ ପୁରାତନ ଛାତ୍ରସଂଘର ଇଚ୍ଛା। ସେହିପରି କେନ୍ଦ୍ରାପଡ଼ା ସହରରେ ୩୫୦ ଶଯ୍ୟାବିଶିଷ୍ଟ ଏକ ସୁପର ସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଉ। ଏହାଦ୍ୱାରା ସ୍ଥାନୀୟ ଲୋକେ ହାତପାହାନ୍ତାରେ ସ୍ୱାସ୍ଥ୍ୟ ସୁବିଧା ପାଇପାରିବେ। ଉପରୋକ୍ତ ଦାବିକୁ ରାଜନୈତିକ ଦୃଷ୍ଟିକୋଣରେ ବିଚାର କରା ନ ଯାଉ ବୋଲି ଶ୍ରୀକାନ୍ତ କହିଛନ୍ତି।

# ବୈଜୟନ୍ତଙ୍କୁ ବିରୋଧ କରିବ ଦଳିତ ମହାସଭା

କେନ୍ଦ୍ରାପଡା ଅଫିସ, ୯।୩- ରାଷ୍ଟ୍ରୀୟ ଦଳିତ ମହାସଭା କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କୁ ବିରୋଧ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ଏନେଇ ଦଳିତ ମହାସଭା ଜିଲା ଶାଖା ପକ୍ଷରୁ ସହରର ପ୍ରେସ କ୍ଲବ ପରିସରରେ ଶନିବାର ଏକ ଖବରଦାତା ସମ୍ମିଳନୀ ଡକାଯାଇ ସୂଚନା ଦିଆଯାଇଛି। ମହାସଭାର କର୍ମକର୍ତ୍ତା ଅଶୋକ ମଲ୍ଲିକ, ଅଶୋକ ଦାସ, ନଗେନ୍ଦ୍ର ଜେନା ଓ ପ୍ରମିଳା ସେଠୀ ଏଥିରେ ଯୋଗଦେଇ କହିଥିଲେଯେ, ପୂର୍ବତନ ଏମପି ପଣ୍ଡା କେନ୍ଦ୍ରାପଡ଼ା ଜିଲାରୁ ୨ଥର ନିର୍ବାଚିତ ହୋଇ ଲୋକସଭାକୁ ଯାଇଛନ୍ତି। ଏଥିସହ ସେ ପୂର୍ବରୁ ରାଜ୍ୟ ସଭାରେ ଏମପି ଥିଲେ। ମାତ୍ର ଏହି ସମୟ ମଧ୍ୟରେ କେନ୍ଦ୍ରାପଡା ଜିଲାର ଦଳିତ ସମାଜ ପାଇଁ ସେ କୌଣସି ଜନହିତକର କାର୍ଯ୍ୟ କରିନାହାନ୍ତି। ଏନେଇ ଜିଲାରେ ୬୦ ଭାଗ ଦଳିତ ପଣ୍ଡାଙ୍କୁ ବିରୋଧ କରିବେ ସେମାନେ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଥିଲେ।

# ବନ୍ଦ ହେଲା ଜିନ୍ଦଲର କାଳିଆପାଣି ଖଣି

ଯାଜପୁର ଅଫିସ,୯।୩

- କର୍ମଚାରୀଙ୍କୁ ସାମୟିକ ଅପସାରଣ ନୋଟିସ
- ଶୁଣିଲେନି ରାଜ୍ୟ, କେନ୍ଦ୍ର ସରକାର

ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲର କାଳିଆପାଣି କ୍ରୋମାଇଟ ମାଇନ୍ସକୁ ଶନିବାର ବିଧିବଦ୍ଧ ଭାବେ ବନ୍ଦ ଘୋଷଣା କରାଯାଇଛି। ସରକାରଙ୍କ ଇଣ୍ଡଷ୍ଟ୍ରିଆଲ ଡିସ୍‌ପ୍ୟୁଟ ରୁଲ-୭୫(ଏ) ସେଣ୍ଟ୍ରାଲ ରୁଲ୍‌ସ ୧୯୫୭ ଓ କ୍ଷତିପୂରଣ ପ୍ରଦାନ ରୁଲ୍‌ସ ୨୫(ସି)ଅନୁଯାୟୀ ଏହି ନିଷ୍ପତ୍ତି ହୋଇଛି। ଫଳରେ ଖଣି କମ୍ପାନୀରେ କାର୍ଯ୍ୟରତ ହଜାର ହଜାର ଶ୍ରମିକଙ୍କ ଜୀବନଜୀବିକା ସଙ୍କଟରେ ପଡ଼ିଛି। ଜିନ୍ଦଲ କମ୍ପାନୀ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତଥା ଖଣି ଖାଦାନ ବିଭାଗ ସହ ଯୋଗାଯୋଗ କରି ଖଣିକୁ ପୁନଃକାର୍ଯ୍ୟକ୍ଷମ କରିବାକୁ ନିରନ୍ତର ଉଦ୍ୟମ କରିବା ପରେ ବି କିଛି ସୁଫଳ ନ ମିଳିବାରୁ କମ୍ପାନୀ ବାଧ୍ୟହୋଇ ଏହି ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି । ରାଜ୍ୟ ଶିଳ୍ପ ନିଗମ ପରିଚାଳିତ ଯାଜପୁର ଜିଲା ସୁକିନ୍ଦା କାଳିଆପାଣିସ୍ଥିତ ତଳଙ୍ଗୀ କ୍ରୋମାଇଟ ଖଣି ବନ୍ଦହେବାର ୪ ମାସ ପରେ ଜିନ୍ଦଲ କ୍ରୋମାଇଟ ଖଣି ବନ୍ଦ ହେବା ଘଟଣା ଶ୍ରମିକ ମହଲରେ ଶକ୍ତ ଧକ୍କା ଲାଗିଛି। ଏଥିଯୋଗୁ କଳିଙ୍ଗନଗର ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ ମଧ୍ୟ ଭବିଷ୍ୟତରେ ବନ୍ଦ ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ମତପ୍ରକାଶ ପାଇଛି।

ସୂଚନାଯୋଗ୍ୟ ଯେ, ଜିନ୍ଦଲ ଷ୍ଟେନ୍‌ଲେସ ଲିମିଟେଡକୁ କାଳିଆପାଣିଠାରେ ଥିବା ଏକ ଖଣିରୁ ବାର୍ଷିକ ଏକ ଲକ୍ଷ ଟନ୍ କ୍ରୋମାଇଟ ଉତ୍ତୋଳନ କରିବା ପାଇଁ ସରକାରଙ୍କ ତରଫରୁ ଅନୁମତି ମିଳିଛି। ଏହି ଖଣିକୁ ଜିନ୍ଦଲ କମ୍ପାନୀ କ୍ୟାପ୍ଟିଭ ମାଇନ୍ସ ଭାବରେ ବ୍ୟବହାର କରୁଛି। ଏହି ଖଣିରୁ ଯେତିକି କ୍ରୋମ୍ ପଥର ଉତ୍ତୋଳନ ହେଉଥିଲା ତାହା କଞ୍ଚାମାଲ୍ ଭାବରେ କେବଳ କଳିଙ୍ଗନଗରରେ ଥିବା କାରଖାନା ପାଇଁ ନିଅଣ୍ଟ ହେଉଛି। ସେଥିପାଇଁ କମ୍ପାନୀ ଅନ୍ୟ ବାଣିଜ୍ୟିକ ଖଣିରୁ ଅଧିକ ଅର୍ଥ ଦେଇ କ୍ରୋମପଥର କିଣି କଞ୍ଚାମାଲ ଭାବରେ କାରଖାନାରେ ବ୍ୟବହାର କରୁଛି। ଯାହାଦ୍ୱାରା କମ୍ପାନୀର ଉତ୍ପାଦନ ଖର୍ଚ୍ଚ ବଢ଼ିଯାଇ ପ୍ରତିଯୋଗିତାମୂଳକ ଇସ୍ପାତ ବଜାରରେ କ୍ଷତି ସହିବାକୁ ପଡୁଛି ବୋଲି କମ୍ପାନୀ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ କୁହାଯାଇଛି। ବିଜ୍ଞପ୍ତିରେ ଆହୁରି ଦର୍ଶାଯାଇଛି ଯେ, କମ୍ପାନୀ ତାହାର ନିଜସ୍ୱ ଖଣିରୁ ବାର୍ଷିକ ଏକ ଲକ୍ଷ ଟନ୍‌ରୁ ବୃଦ୍ଧି କରି ବାର୍ଷିକ ୨.୧୫ ଲକ୍ଷ ଟନ କ୍ରୋମ୍‌ପଥର ଉତ୍ତୋଳନ କରିବାକୁ ଅନୁମତି ଦେବା ନିମନ୍ତେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ବିଭାଗକୁ ଦରଖାସ୍ତ କରିଥିଲା। କିନ୍ତୁ କେନ୍ଦ୍ର ଜଙ୍ଗଲ ଓ ପରିବେଶ ବିଭାଗ ଅନୁମତି ଦେବା ପରବର୍ତ୍ତେ ଦରଖାସ୍ତକୁ ଅଗ୍ରାହ୍ୟ କରି ଖଣି ବନ୍ଦ କରିବାପାଇଁ ପତ୍ରସଂଖ୍ୟା ଜେ-୧୧୦୧୫/୧୬୩/୨୦୧୬-ଆଇଏ-୨/୨୧।୨।୨୦୧୮ରେ ନିର୍ଦ୍ଦେଶନାମା ଜାରି କରିଥିଲା। ସେହିଦିନଠାରୁ ପ୍ରାୟ ଏକବର୍ଷ ଧରି କମ୍ପାନୀ ରାଜ୍ୟ ସରକାରଙ୍କ ଖଣି ବିଭାଗ ଓ ଜଙ୍ଗଲ ବିଭାଗ ତଥା ବିଭିନ୍ନ ଫୋରମରେ ଖଣିକୁ କାର୍ଯ୍ୟକ୍ଷମ କରିବାକୁ ଜଣାଇ ଆସୁଛି। କମ୍ପାନୀର ଅନୁରୋଧକୁ ରାଜ୍ୟ ତଥା କେନ୍ଦ୍ର ସରକାର କର୍ଣ୍ଣପାତ କରି ନାହାନ୍ତି। ଟାଳଟୁଳ ନୀତି ଅବଲମ୍ବନ କରିବାରୁ ଖଣି ବନ୍ଦ ହେବାର ପରିସ୍ଥିତି ସୃଷ୍ଟି ହୋଇଛି। ଏହି ୧ବର୍ଷ ମଧ୍ୟରେ ଖଣିରେ କୌଣସି ଉତ୍ତୋଳନ ହେଉ ନ ଥିଲେ ମଧ୍ୟ ମାନବିକତା ଦୃଷ୍ଟିରୁ କମ୍ପାନୀ ସେଠାରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀ ତଥା ଠିକା କର୍ମଚାରୀଙ୍କ ପ୍ରାପ୍ୟ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ କରି ଆସୁଥିଲା। ଏପରିକି କମ୍ପାନୀ ନିର୍ଦ୍ଧାରିତ ସମୟ ମଧ୍ୟରେ ଋଣ ପରିଶୋଧ କରି ଏଥିରୁ ମୁକୁଳିବାର ଉଦ୍ୟମ ଚଳାଇଛି। ଏହିଭଳି ଅବସ୍ଥାରେ ଖଣି ବନ୍ଦ ରଖି ଦରମା ଦେବାର ବୋଝକୁ ସମ୍ଭାଳିବା କଷ୍ଟକର ହୋଇପଡିଛି ବୋଲି କମ୍ପାନୀ ପକ୍ଷରୁ ଦର୍ଶାଯାଇଛି। ତେବେ ଏହି ଖଣି ବନ୍ଦ ହେବା କଳିଙ୍ଗନଗରସ୍ଥିତ ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ୍ ପ୍ରତି ମଧ୍ୟ ବିପଦ ହୋଇଛି। ଚଢ଼ାଦରରେ କଞ୍ଚାମାଲ କିଣି କେତେଦିନ କାରଖାନା ଚଳାଇ ହେବ ବୋଲି କମ୍ପାନୀର ଉଚ୍ଚପଦସ୍ଥ ଅଧିକାରୀମାନେ ମତପୋଷଣ କରୁଛନ୍ତି। ଯଦି ଭବିଷ୍ୟତରେ କାରଖାନା ସମ୍ପୂର୍ଣ୍ଣ ବନ୍ଦ ହେବାର ପରିସ୍ଥିତି ସୃଷ୍ଟି ହୁଏ ତେବେ ହଜାର ହଜାର କର୍ମଚାରୀ ଓ ଶ୍ରମିକଙ୍କ ପରିବାର ଭୋକ ଉପାସରେ କାଳାତିପାତ କରିବା ନିଶ୍ଚିତ ବୋଲି ଆଶଙ୍କା କରାଯାଉଛି। ଶିଳ୍ପ କାରଖାନା ପ୍ରତିଷ୍ଠା ଉପରେ ସରକାର ଗୁରୁତ୍ୱ ଦେଉଥିବା କହୁଥିବାବେଳେ ଜିନ୍ଦଲ କ୍ଷେତ୍ରରେ ଏହା କେବଳ ପ୍ରହସନ ବୋଲି କୁହାଯାଉଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୁଃଖେ ସଞ୍ଚିତ ଯେତେ ଧନ**
**ସେ ନୁହେଁ ସୁଖେ ପ୍ରୟୋଜନ,**

ଯିଏ ଗୃହରେ ବାସ କରି କେବଳ ଫଳ ଆଶାରେ କର୍ମକରେ ସେ ଦୁଃଖ ଭୋଗ କରେ। ଧନ ଅର୍ଜନ ପାଇଁ ମନ ତା'ର ସବୁବେଳେ ବ୍ୟାକୁଳିତ ହୁଏ। ଯେତେ ସମ୍ପଦ ଅର୍ଜନ କଲେ ବି ସେଥିରୁ ସେ ଆନନ୍ଦ ରୂପକ ସୁଖ ପାଇ ପାରି ନ ଥାଏ। ଦୁଃଖ ବେଳରେ ସଞ୍ଚିତ ଧନ ସୁଖ ବେଳେ କାମରେ ଲାଗି ପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦେଖିଲେ କଥା ନ କହି**
**ନ ଦେଖିଲେ କାନ୍ଦୁଥାଇ,**
**ମୋରି ପିଣ୍ଡାରେ ବସି**
**ମୋତେ କରୁ ପରିହାସୀ ।**

ଉପର ଠାଉରିଆ ଭଲ ପାଇବା। ସମ୍ପୂର୍ଣ୍ଣ ଆନ୍ତରିକତା ନ ଥାଇ ଆନ୍ତରିକତା ଅଛି ବୋଲି ପ୍ରକାଶ କରିବା। ମନରେ ଛନ୍ଦ କପଟ ରଖି ଉପରକୁ ଭଲ ବୋଲି ଦେଖେଇହେବା। ଛଳନା ଏବଂ କପଟର ଇଏ ବି ଏକ ରୂପ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

### ■ ଗଛରେ ପିଟିହୋଇ ଜଳିଗଲା କାର
# ଯୋଗେଶ ସିଂ ଗୁରୁତର

ଅନୁଗୋଳ ଅଫିସ/ବଣ୍ଟଁରପାଳ/ ସୁନ୍ଦରଗଡ, ୯।୩


ଦୁର୍ଘଟଣାରେ କାର୍‌ଟି ଜଳିଯାଉଛି।

ଅନୁଗୋଳ ଉପକଣ୍ଠ ମହୀଧରପୁର ଅଞ୍ଚଳର ଖନ୍ଦାନାଳୀଠାରେ ଶୁକ୍ରବାର ବିଳମ୍ବିତ ରାତିରେ ସୁନ୍ଦରଗଡ ପୂର୍ବତନ ବିଧାୟକ ଯୋଗେଶ ସିଂଙ୍କ କାର୍ ଏକ ଗଛରେ ପିଟିହୋଇ ଜଳିଯାଇଛି। ଏଥିରେ ବିଧାୟକଙ୍କ ସମେତ ମୋଟ ୪ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ପିଏସ୍‌ଓ ବିକ୍ରମ ରାଉତ, ଗାଡ଼ି ମାଲିକ ସୁନ୍ଦରଗଡ ଜିଲା ବଡବଙ୍ଗା ଗ୍ରାମର ପ୍ରଦୀପ ସାହୁ ଓ ଡ୍ରାଇଭର ସରଗିପାଲି ଫାଣ୍ଡି ଲଖନପୁରର ଟଙ୍କଧର ବାଗ। ସମସ୍ତଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲ ଓ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଘଟଣାରୁ ପ୍ରକାଶ, ପୂର୍ବତନ ବିଧାୟକ ସିଂ ବ୍ୟକ୍ତିଗତ କାମରେ ପୁରୁଣା ସମ୍ବଲପୁର-କଟକ ରାଜପଥରେ କାର୍ (ଓଡ଼ି-୧୬-ଇ-୭୬୧୦) ଯୋଗେ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ରାତି ପ୍ରାୟ ୩ଟା ବେଳେ ମହୀଧରପୁର ନିକଟରେ ସାମ୍ନାରୁ ଏକ ଟ୍ରକ ତାଙ୍କ ଗାଡି ଆଡ଼କୁ ମାଡି ଆସିବାରୁ କାର୍ ଡ୍ରାଇଭର ଦୁର୍ଘଟଣାରୁ ବଞ୍ଚିବାକୁ ଚେଷ୍ଟା କରିଥିଲେ। ହେଲେ ଭାରସାମ୍ୟ ହରାଇ କାର୍‌ଟି ରାସ୍ତା କଡ଼ରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। କାର୍‌ଟିରୁ ପ୍ରବଳ ଧୂଆଁ ବାହାରିବାରେ ଲାଗିଥିଲା। ସେହି ବାଟ ଦେଇ ବିବାହ ଭୋଜିରୁ କୁଲାଡ଼ ଫେରୁଥିବା ଏକ ବରଯାତ୍ରୀ ଦଳ ସମସ୍ତଙ୍କୁ ଗାଡ଼ିରୁ ବାହାର କରିଥିଲେ। ପରେ କାର୍‌ଟି ହୁତୁହୁତୁ ହୋଇ ଜଳିବାରେ ଲାଗିଥିଲା। ମହୀଧରପୁର ଫାଣ୍ଡି ପୋଲିସ ସହାୟତରେ ସିଂ ଓ ବିକ୍ରମଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅନ୍ୟ ଏକ ଗାଡ଼ିରେ ପ୍ରଦୀପ ଓ ଟଙ୍କଧର ଡାକ୍ତରଖାନା ଆସିଥିଲେ। ଘଟଣାସ୍ଥଳରୁ ପୋଡ଼ି ହୋଇଯାଇଥିବା ଏକ ବନ୍ଧୁକ ପୋଲିସ ଉଦ୍ଧାର କରିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ବଣ୍ଟଁରପାଳ ଥାନାରେ ନଂ. ୭୩/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ କନକ ମାଝି ସୂଚନା ଦେଇଛନ୍ତି।

# ନ୍ୟାୟ ମିଳିଲାନି: ରାଜ୍ୟସାରା ବୁଲୁଛନ୍ତି ୨ ଭଉଣୀ

କେନ୍ଦ୍ରାପଡା ଅଫିସ, ୯।୩

ନ୍ୟାୟ ନ ମିଳିବାରୁ ବିଭିନ୍ନ ଜିଲା ବୁଲି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ପ୍ରଚାର କରୁଛନ୍ତି ୨ ଅନାଥ ଭଉଣୀ। ସେମାନେ ହେଲେ କୋରାପୁଟ ଜିଲା ମାଛକୁଣ୍ଡ ଥାନା ଅନ୍ତର୍ଗତ ଲମତାପୁଟ ଗ୍ରାମର ସ୍ୱର୍ଗତ ଦଶରଥ ମାଝିଙ୍କ ଝିଅ ଦଇମତୀ ଓ ପାର୍ବତୀ। ଏପର୍ଯ୍ୟନ୍ତ ୨ ଭଉଣୀ ରାଜ୍ୟର ୧୬ଟି ଜିଲା ବୁଲି ସାରିଥିବାବେଳେ ଏବେ ସେମାନେ ଆସି କେନ୍ଦ୍ରାପଡ଼ାରେ ପହଞ୍ଚିଛନ୍ତି। ଏ ସମ୍ପର୍କରେ ଦଇମତୀ କୁହନ୍ତି, ଲମତାପୁଟ ଗ୍ରାମର କେତେଜଣ ବ୍ୟକ୍ତି କଙ୍ଗାରୁ କୋର୍ଟକରି ସେମାନଙ୍କୁ ନିର୍ଯାତନା ଦେଇଛନ୍ତି। ଏପରିକି ବାପା ଦଶରଥଙ୍କ ମୃତ ଦେହ ସଂସ୍କାର କରିବାକୁ ମଧ୍ୟ ସୁଯୋଗ ଦେଇନାହାନ୍ତି। ଜମିବାଡିକୁ ଜବରଦଖଲ କରିରଖିଛନ୍ତି। ୨ ଭଉଣୀ ଏହା ବିରୋଧରେ ଥାନାରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ମାମଲାର ତଦନ୍ତ ନ କରି ଚାପି ଦିଆଯାଇଛି। ଏହାର ପ୍ରତିବାଦରେ ସେମାନେ ୨ ବର୍ଷ ହେବ ଭୁବନେଶ୍ୱର ଲୋୟର ପିଏମଜିରେ



ଧାରଣା ଦେଇଥିଲେ। ମାତ୍ର କୌଣସି ସୁଫଳ ମିଳିଲା ନାହିଁ। ଏନେଇ ସେମାନେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ସର୍ବୋଚ୍ଚ ନ୍ୟାୟାଳୟକୁ ଚିଠି ଦେଇଥିଲେ। ନ୍ୟାୟ ନ ମିଳିବାରୁ ଗତ ୨୦୧୮ ଡିସେମ୍ବରରୁ ରାଜ୍ୟର ବିଭିନ୍ନ ଜିଲା ବୁଲି ନିଜର ଦୁଃଖ ଜଣାଉଛନ୍ତି ବୋଲି କ୍ଷୋଭର ସହ ପ୍ରକାଶ କରିଛନ୍ତି। ତୁରନ୍ତ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା ଲାଗି ସାଧାରଣରେ ଦାବି ହୋଇଛି।

# ଦୁଗ୍ଧ ସଂଗ୍ରହରେ ଅଭିବୃଦ୍ଧି ଘଟିଛି: ଓମ୍‌ଫେଡ

ଭୁବନେଶ୍ୱର,୯।୩(ବ୍ୟୁରୋ)

ରାଜ୍ୟରେ ଦୁଗ୍ଧ ଉତ୍ପାଦନରେ ଅଭିବୃଦ୍ଧି ସହ ପଞ୍ଜୀକୃତ ଚାଷୀଙ୍କ ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିଛି। ୨୦୦୯-୧୦ରେ ରାଜ୍ୟରେ ୩୪୫୧ ଦୁଗ୍ଧ ଉତ୍ପାଦନ ସମିତି ଥିବା ବେଳେ ୨୦୧୬-୧୭ରେ ୩୭୨୬ ଏବଂ ଏବେ ସୁଦ୍ଧା ଏହା ୩୯୩୩କୁ ବୃଦ୍ଧି ପାଇଛି। ୨୦୨୦-୨୧ ସୁଦ୍ଧା ୪୭୦୫କୁ ବଢାଇବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ୨୦୦୯-୧୦ରେ ରାଜ୍ୟରେ ୨,୪୪,୨୯୫ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଏବେ ସୁଦ୍ଧା ତାହା ୨,୭୨,୦୪୬କୁ ବୃଦ୍ଧି ପାଇଛି। ୨୦୨୦-୨୧ ସୁଦ୍ଧା ୨,୯୫,୨୦୬କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଓମ୍‌ଫେଡ ପକ୍ଷରୁ କୁହାଯାଇଛି। ସେହିପରି ୨୦୦୯-୧୦ରେ ଦୈନିକ ଦୁଗ୍ଧ ସଂଗ୍ରହ ୨,୯୮,୧୨୦ କେଜି ଥିବା ବେଳ ଏବେ ୫,୦୮,୩୧୨ କେଜିକୁ ବୃଦ୍ଧି ପାଇଛି। ଚାଷୀଙ୍କୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାର ଦୁଗ୍ଧ ଲିଟର ପିଛା ୨ ଟଙ୍କା ବୃଦ୍ଧି କରିଛନ୍ତି । ନ୍ୟାଶନାଲ ଡାଇରି ଡେଭଲପମେଣ୍ଟ ବୋର୍ଡ(ଏନଡିଡିବି) ରାଜ୍ୟରେ ଦୁଗ୍ଧ ଉତ୍ପାଦନ ହ୍ରାସ ପାଉଥିବା ନେଇ ଦେଇଥିବା ତଥ୍ୟ ଠିକ୍ ନୁହେଁ ବୋଲି ଓମ୍‌ଫେଡ କର୍ତ୍ତୃପକ୍ଷ ସ୍ପଷ୍ଟିକରଣ ମାଧ୍ୟମରେ ଜଣାଇଛନ୍ତି । ଏ ନେଇ ଏନଡିଡିବିକୁ ଦୁଗ୍ଧ ସଂଗ୍ରହ ସମସ୍ତ ତଥ୍ୟ ଯୋଗାଇ ଦିଆଯିବା ସହ ନିଜର କର୍ତ୍ତବ୍ୟ ବିଷୟରେ ମଧ୍ୟ ସଚେତନ କରାଯାଇଥିବା କୁହାଯାଇଛି।

# ଛାତ୍ରୀଙ୍କୁ ଅସଦାଚରଣ: ସେବାଶ୍ରମ ପ୍ରଧାନଶିକ୍ଷକ ଗିରଫ

ଫୁଲବାଣୀ ଅଫିସ, ୯।୩:

ଫୁଲବାଣୀ ବ୍ଲକ ପକନାଗାଁ ସେବାଶ୍ରମରେ ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରି ଫେରାର ଥିବା ପ୍ରଧାନଶିକ୍ଷକଙ୍କୁ ସଦର ଥାନା ପୋଲିସ ଶନିବାର ଗିରଫ କରିଛି। ନାବାଳିକାଙ୍କୁ ଶିଶୁମଙ୍ଗଳ କମିଟିରେ ହାଜର କରାଯିବାପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରଧାନଶିକ୍ଷକ ଜଣକ ହେଲେ କାଶୀନାଥ ବେହେରା। ଏ ନେଇ ନଂ.୨୨/୧୯ରେ ଏକ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ରାଧାକାନ୍ତ ସାହୁ ସୂଚନା ଦେଇଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# ଜୟପୁରରେ ଡବଲ ମର୍ଡର

ଜୟପୁର,୯।୩
(ନି.ପ୍ର./ଡି.ଏନ୍.ଏ.)

## ଅବସରପ୍ରାପ୍ତ ପୋଲିସ ଅଫିସର, ସ୍ତ୍ରୀଙ୍କୁ ହତ୍ୟା

- ବନ୍ଦ ଘରୁ ମିଳିଲା ୨ ମୃତଦେହ
- ପୁଅ-ବୋହୂ ଅଟକ
- ସମ୍ପତ୍ତି ପାଇଁ ହତ୍ୟା ସନ୍ଦେହ

ଜୟପୁର ଜୟନଗରରେ ଡବଲ ମର୍ଡର ଘଟିଛି। ଅବସରପ୍ରାପ୍ତ ପୋଲିସ ଆଇଆଇସି ଏମ୍.କେ. ରହମନ (୮୨) ଓ ତାଙ୍କ ସ୍ତ୍ରୀ ହାଫିଜା ବିବି (୭୦)ଙ୍କୁ ନିର୍ମମ ଭାବେ ହତ୍ୟା କରାଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଦେଇଛି। ମୃତ ରହମନଙ୍କ ପୁଅ ଲତିଫ୍ ଓ ବୋହୂଙ୍କୁ ପୋଲିସ ତଦନ୍ତ ପରିସରକୁ ଆଣି ଅଟକ ରଖିଛି। ଏସ୍‌ପି କନୱର ବିଶାଳ ସିଂଙ୍କ ନିର୍ଦ୍ଦେଶରେ ଅପରାଧୀଙ୍କୁ ଧରିବା ପାଇଁ ୨ଟି ଟିମ୍ ଗଠନ କରାଯାଇଛି।

ସୂଚନା ଅନୁଯାୟୀ, ଜୟପୁର ସହରର ଜୟନଗର ବରଗଛ ଛକରେ ମହମ୍ମଦ କରିମ୍‌ଉଦ୍ଦିନ ରହମନ ଓ ତାଙ୍କ ସ୍ତ୍ରୀ ରହୁଥିଲେ। ପୁଅ ଲତିଫ (୪୦) ଓ ବୋହୂ ସେମାନଙ୍କଠାରୁ ଅଲଗା ରହୁଥିଲେ। ଲତିଫ୍‌ଙ୍କ କହିବା ଅନୁଯାୟୀ, ଶନିବାର ସକାଳ ୮ଟାରେ ସେ ମା'ବାପାଙ୍କ ପାଖକୁ ଆସିଥିବାବେଳେ ଘର ଭିତର ପଟୁ ବନ୍ଦ ଥିଲା। ବାଡ଼ିପଟ କବାଟର ବାହାରୁ ତାଲା ପଡ଼ିଥିଲା। ସେ ତାଲା ଭାଙ୍ଗି ଘରେ ପଶିବା ପରେ ଗୋଟିଏ କୋଠରିର ଖଟ ଉପରେ ପିତା ରହମନଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଓ ଅନ୍ୟ ଏକ କୋଠରି ଚଟାଣରେ ମା' ହାଫିଜାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ଓ ଜିଲା ପୋଲିସର ସାଇବର ସେଲ୍ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। କେସ୍ ନଂ ୪୯/୧୯ରେ ହତ୍ୟା ମାମଲା ରୁଜୁ କରାଯାଇଛି। ଏଏସ୍‌ପି ଉତ୍କଳ ରଞ୍ଜନ ଦାସ, ଜୟପୁର ଏସ୍‌ଡିପିଓ ସାଗରିକା ନାଥ, ବୋରିଗୁମ୍ମା ଏସ୍‌ଡିପିଓ ହରେକୃଷ୍ଣ ମାଝି ଓ ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି ତଦନ୍ତ ଚଳାଇଛନ୍ତି। ଲତିଫ୍‌ଙ୍କ ବୟାନ ଆଧାରରେ ତଦନ୍ତ ଚାଲିଥିବା ବେଳେ ଡକାୟତି ପାଇଁ ଏଭଳି ଜଘନ୍ୟ କାଣ୍ଡ ଘଟି ନ ଥିବା ପୋଲିସ ଅନୁମାନ କରୁଛି। ରହମନ ଓ ହାଫିଜାଙ୍କ ମୃତଦେହ ପୃଥକ୍ କୋଠରିରୁ ମିଳିଥିବା ବେଳେ ସେମାନଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ଭାଗରେ କ୍ଷତଚିହ୍ନ ରହିଛି। ଘରୁ ଗୋଟିଏ ଟାଙ୍ଗିଆ ଜବତ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ରହମନଙ୍କ ଏକମାତ୍ର ପୁଅ ଲତିଫ୍ କିଛି କାମଦାମ କରୁ ନଥିଲେ। ପୂର୍ବରୁ କେତୋଟି ଅପରାଧରେ ଟାଉନଥାନାରେ ତାଙ୍କ ନାଁରେ ମାମଲା ରହିଥିଲା। ଏନେଇ ବାପା-ପୁଅଙ୍କ ଭିତରେ ବିବାଦ ରହିଥିଲା। ଅନ୍ୟପକ୍ଷରେ ବାପାଙ୍କ ସମ୍ପତ୍ତିରୁ ଭାଗ ନେବା ପାଇଁ ଲତିଫ୍ ସବୁବେଳେ ପାଟିତୁଣ୍ଡ କରୁଥିବା ପଡ଼ୋଶୀ କହିଛନ୍ତି। ପୋଲିସର ସନ୍ଦେହ ହେବାରୁ ଲତିଫ ଏବଂ ତାଙ୍କ ସ୍ତ୍ରୀଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। କୋରାପୁଟ ସାଇଣ୍ଟିଫିକ ଟିମ୍‌ର କର୍ମଚାରୀ ଛୁଟିରେ ଥିବା ଯୋଗୁ ବ୍ରହ୍ମପୁର ସାଇଣ୍ଟିଫିକ ଏବଂ ଫୋରେନ୍ସିକ ଟିମ୍ ରବିବାର ଏଠାରେ ପହଞ୍ଚି ତଦନ୍ତ କରିବ। ଅନ୍ୟପକ୍ଷରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ଚିକିତ୍ସାଳୟକୁ ପଠାଯାଇଛି।

# ଭାଜପା ଆଇନ ସେବା ପ୍ରକୋଷ୍ଠ ପକ୍ଷରୁ କର୍ମଶାଳା ଅନୁଷ୍ଠିତ

ଭୁବନେଶ୍ୱର,୯।୩(ବ୍ୟୁରୋ)

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଭାଜପା ଆଇନ ସେବା ପ୍ରକୋଷ୍ଠ ପକ୍ଷରୁ ଆଇନ ସେବା କର୍ମଶାଳା ଅନୁଷ୍ଠିତ ହୋଇଛି। ନିର୍ବାଚନ ପାଇଁ ନାମାଙ୍କନ ପତ୍ର, ନାମାଙ୍କନ ପତ୍ର ପାଇଁ ଆବଶ୍ୟକ ଦଲିଲ, ନାମାଙ୍କନ ପତ୍ର ବୈଧତାର ସରକାରୀ ଯାଞ୍ଚ, ନିର୍ବାଚନ ଅଭିଯାନ /ପ୍ରଚାର, ଭୋଟଦାନ, ଗଣନା, ନିର୍ବାଚନ ବ୍ୟୟର ବିସ୍ତୃତ ବିବରଣୀ ନେଇ ଏହି କର୍ମଶାଳାରେ ଆଲୋଚନା କରାଯାଇଛି।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

FINANCE
ବାଲାଜୀ ଫାଇନାନ୍ସ କମ୍ପାନୀ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ।
୨% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765611461
7839995611

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପାଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିୟା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Bank Finance
Regd No.- (BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ ସବୁ ଋଣ ମାତ୍ର 24 ଘଣ୍ଟାରେ
9499135756
(ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି)
BALIKUDA, JAGATSINGHPUR

ଡିଜିଟାଲ ଉପକରଣ -କମ୍ପାନୀ-
SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
6205322038
7488802117
Bukaro malepur, jamui Bihar-811313

ଋଣ
ସିଟି ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟରେ ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ, 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
9205075808
9205047642
citifinanceindialtd@gmail.com
Add : - 41/14, Sec.1, Pushp Vihar, Delhi

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଶତ୍ରୁକୁ ମିତ୍ରରେ ପରିଣତ କରିବା ହେଉଛି ଅହିଂସାର ଏକ ଯାଦୁକରୀ ଶକ୍ତି
- ମହାତ୍ମା ଗାନ୍ଧୀ

# ମା' ଦୃଢ଼ବିଶ୍ୱାସୀ ଥିଲେ ଝିଅ ସଫଳତା ପାଇପାରିବେ

## ଏସ୍‌ପ୍ଲାନେଡ୍‌ରେ 'ସି ରକ୍ସ'ର ଦ୍ୱିତୀୟ ଦିବସ

ଭୁବନେଶ୍ୱର, ୯।୩(ବ୍ୟୁରୋ)

ମା'ମାନେ ଦୃଢ଼ବିଶ୍ୱାସୀ ଥିଲେ ଝିଅମାନଙ୍କର କିଛି ଅସୁବିଧା ହେବ ନାହିଁ। ଜୀବନରେ କିଛି କରିବାକୁ ହେଲେ ଅନେକ ଖାଲଢିପ ଦେଇ ଗତି କରିବାକୁ ପଡ଼ିଥାଏ। ଏ କ୍ଷେତ୍ରରେ ଝିଅମାନଙ୍କୁ ମା'ମାନେ ଯଦି ଉତ୍ସାହିତ ଓ ସହଯୋଗ କରିବେ ତେବେ ନିଶ୍ଚିତ ଭାବେ ସେମାନେ ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ। ଆଗକୁ ବଢ଼ିବାରେ କୌଣସି ବାଧାବିଘ୍ନ ବଡ଼ ବୋଲି ଲାଗିବ ନାହିଁ। ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରସୁଲଗଡ଼ସ୍ଥିତ ଏସ୍‌ପ୍ଲାନେଡ୍ ୱାନ୍ ଶପିଂ ମଲ୍ ପକ୍ଷରୁ ଆୟୋଜିତ 'ସି ରକ୍ସ' କାର୍ଯ୍ୟକ୍ରମର ଶନିବାର ଦ୍ୱିତୀୟ ଦିବସରେ ପରିଚୟ ଫାଉଣ୍ଡେଶନ ପ୍ରତିଷ୍ଠାତା ରୋଜାଲିନ ପାଟଶାଣୀ ଏହା କହିଛନ୍ତି। ଏହି ଦିବସରେ ମହିଳା ଉଦ୍ୟୋଗୀଙ୍କୁ ନେଇ ଏକ ଟକ୍ ଶୋ' ଅନୁଷ୍ଠିତ ହୋଇଥିଲା। ଏଥିରେ ରୋଜାଲିନ ଯୋଗଦେଇ ସବୁ ମା'ମାନଙ୍କୁ ଝିଅ ପୁଅଙ୍କ ମଧ୍ୟରେ କୌଣସି ପ୍ରଭେଦ ନ ରଖିବା ପାଇଁ ଅନୁରୋଧ କରିଥିଲେ। ଆଦି ଫାଉଣ୍ଡେଶନ୍‌ର ଚିଦାତ୍ମିକା ଖାଟୁନ, କଳାହାଣ୍ଡିରେ କୃଷି କ୍ଷେତ୍ରରେ କାର୍ଯ୍ୟ କରୁଥିବା ସାମାଜିକ କର୍ମୀ ଜୟନ୍ତୀ ମହାପାତ୍ର, 'ସାଥୀ'ର ମୁଖ୍ୟ ଚୈତାଲୀ ମିଶ୍ର ପ୍ରମୁଖ ଯୋଗଦେଇ ସେମାନେ କିପରି ବିଭିନ୍ନ ଘାତ ପ୍ରତିଘାତ ମଧ୍ୟରେ ସଫଳତା ପାଇଛନ୍ତି ତାହାକୁ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଯୋଗଦେଇ 'ଚାମ୍ପିୟନ' ଚଳଚ୍ଚିତ୍ରର ପ୍ରମୋଶନ କରିଥିଲେ। ଏହି ଚଳଚ୍ଚିତ୍ରରେ କିପରି ଜଣେ ଝିଅ ଗ୍ରାମରୁ ସହରକୁ ଆସି ସଫଳତା ପାଇଛନ୍ତି ସେ ବିଷୟରେ କହିଥିଲେ।

ଦ୍ୱିତୀୟଦିବସରବିଭିନ୍ନଅଧିବେଶନରେ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଟକ୍ ଶୋ', 'ଷ୍ଟାର୍ଟଅପ୍‌ରେ ମହିଳାଙ୍କ ପାଇଁ ସୁଯୋଗ ଏବଂ ସମ୍ଭାବନା' ଆଲୋଚନାଚକ୍ର, 'ସ୍ୱାସ୍ଥ୍ୟ ହିଁ ସମ୍ପଦ- ମହିଳାଙ୍କ ସ୍ୱାସ୍ଥ୍ୟ ଓ କର୍ମ ସନ୍ତୁଳନ' ଶୀର୍ଷକ କର୍ମଶାଳା ଆଦି ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ମହିଳା ଉଦ୍ୟୋଗୀ ଯୋଗଦେଇ ସେମାନଙ୍କ ଜୀବନ ସଂଘର୍ଷ ଓ ସଫଳତା ସମ୍ପର୍କରେ କହିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରବିବାର କାର୍ଯ୍ୟକ୍ରମର ଶେଷ ଦିବସରେ ମଧ୍ୟ ବିଭିନ୍ନ ସୋପାନରେ ଭିନ୍ନ ବିଷୟକୁ ନେଇ ଟକ୍ ଶୋ' ରହିଛି। ସନ୍ଧ୍ୟାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଓ ଶେଷରେ ଇଣ୍ଡିଆନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।




'ସି ରକ୍ସ' କାର୍ଯ୍ୟକ୍ରମର ଶନିବାର ଦ୍ୱିତୀୟ ଦିବସରେ ଉପସ୍ଥିତ ଅତିଥି, ଆୟୋଜକ ଏବଂ ଓଡ଼ିଆ ଫିଲ୍ମ 'ଚାମ୍ପିୟନ' ଟିମ୍‌ର ସଦସ୍ୟମାନେ।







କାର୍ଯ୍ୟକ୍ରମରେ ଇଣ୍ଡିଆନ ଡ୍ୟାନ୍ସ ଏକାଡେମୀ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ ଓ ଉପସ୍ଥିତ ଜନସାଧାରଣ।

## ସଂକ୍ଷେପରେ

### ହଜ ଗାଁରେ ହାତୀ ଉପଦ୍ରବ

**ଖୋର୍ଦ୍ଧା ଅଫିସ,୯।୩:** ଖୋର୍ଦ୍ଧା ଜିଲା ଜଙ୍କିଆ ଥାନାର ହଜ ଗାଁରେ ଶୁକ୍ରବାର ରାତିରେ ଦୁଇଟି ହାତୀଙ୍କ ଉପଦ୍ରବ ଲାଗି ରହିଥିଲା। ଗାଁର ଭିକାରୀ ବାରିକ, କବିରାଜ ବାରିକଙ୍କ ବାରିପଟ କବାଟ ଭାଙ୍ଗି ଦେଇଛନ୍ତି। ସେହିପରି ଲକ୍ଷ୍ମୀଧର ବେହେରାଙ୍କର ଦାଣ୍ଡ କବାଟ ଭାଙ୍ଗି ଧାନ ବସ୍ତାରୁ ଧାନ ଖାଇଛନ୍ତି । କିଛି ସମୟ ଦୁଇଟି ହାତୀ ଦାଣ୍ଡ ଓ ବାରିପଟେ ଉତ୍ପାତ କରିଥିଲେ।

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ଚୌଦ୍ୱାର,୯।୩(ଡି.ଏନ୍.ଏ.):** ୫୫ନଂ. ଜାତୀୟ ରାଜପଥ ଧୁମାବତୀ ଛକ ନିକଟରେ ଶନିବାର ସନ୍ଧ୍ୟାରେ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚୌଦ୍ୱାର ଥାନା ଅଧୀନ ବାଣିପଦା ପଞ୍ଚାୟତ ଗୌସନଗର ଗ୍ରାମର କ୍ଷୀରୋଦ ଚନ୍ଦ୍ର ମହାନ୍ତି(୫୪)। ପୋଲିସ ସୂଚନା ଅନୁଯାୟୀ, କ୍ଷୀରୋଦ ଜଗତପୁରରୁ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ମଙ୍ଗୁଳିରୁ ତାଳଚେର ଅଭିମୁଖେ ଯାଉଥିବା ଏକ ଟ୍ରକ୍ (ଓଡି ୩୫ସି ୭୭୯୪)ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା ଉପରେ ଛିଟିକି ପଡିବାରୁ ଟ୍ରକ ତାଙ୍କ ମୁଣ୍ଡ ଉପରେ ଚଢିଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ଚୌଦ୍ୱାର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୋଲିସ ଜବତ କରି ଥାନାକୁ ଆଣିଥିବା ବେଳେ ଡ୍ରାଇଭର ଫେରାର ଥିବା ପୋଲିସ କହିଛି।

## ୨୩ ଗ୍ରାମର ବ୍ରାଉନ୍‌ସୁଗାର ଜବତ, ବ୍ୟବସାୟୀ ଗିରଫ

ଭୁବନେଶ୍ୱର,୯।୩ (ବ୍ୟୁରୋ)

ନୟାପଲ୍ଲୀ ଥାନା ସାଲିଆସାହିସ୍ଥିତ ଇନ୍ଦିରାଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ନିକଟରେ ବ୍ରାଉନସୁଗାର ବ୍ୟବସାୟ କରୁଥିବା ଜଣେ ବ୍ୟକ୍ତିଙ୍କୁ କୁଇକ୍ ଆକ୍ସନ ଟିମ୍ (କ୍ୟୁଏଟି) ଶନିବାର ଧରିଛି। ସେ ହେଲେ ସାଲିଆସାହିର ରିଙ୍କୁ ନାୟକ (୨୩)। ତାଙ୍କ ନିକଟରୁ ୨୩ ଗ୍ରାମ ବ୍ରାଉନ ସୁଗାର, ୧୪୬୦ ଟଙ୍କା, ଗୋଟିଏ ମୋବାଇଲ ଫୋନ୍ ଓ ଏକ ବାଇକକୁ ଜବତ କରିଛି। ଏନେଇ କେସ୍ ନଂ.୧୨୪/୧୯ ଦଫା ୨୧(ବି) ଏନ୍‌ଡିପିଏସ୍‌ରେ ମାମଲା ରୁଜୁ କରାଯାଇଛି। ସୂଚନାନୁଯାୟୀ, ରିଙ୍କୁ ସାଲିଆସାହିରେ କିଛିଦିନ ହେବ ବ୍ରାଉନ ସୁଗାର ବେପାର କରୁଥିଲେ। ସେ ବାଲେଶ୍ୱରରୁ ବ୍ରାଉନ ସୁଗାର ଆଣି ଏଠାରେ ବିକ୍ରି କରନ୍ତି। ଏହି ଖବର ମିଳିବା ପରେ କ୍ୟୁଏଟି ରିଙ୍କୁ ଉପରେ ନଜର ରଖିଥିଲା। ଶନିବାର ମଧ୍ୟାହ୍ନରେ ସେ ବାଇକରେ ବସି ବ୍ରାଉନସୁଗାର ବେପାର କରୁଥିଲେ। କ୍ୟୁଏଟି ସେଠାରେ ଚଢାଉ କରି ତାଙ୍କୁ ଗିରଫ କରିଥିଲା। ସେ ମଧ୍ୟ ପୂର୍ବରୁ ପୋଲିସ ହାତରେ ଧରାପଡିଥିଲେ।

## ବିସିଜି ଟିକା ପ୍ରଦାନରେ ଅବହେଳା

କଟକ ସଦର,୯।୩(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ କିଶନନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବିସିଜି ଟିକା ପ୍ରଦାନରେ ଅବହେଳା କରାଯାଉଥିବା ସ୍ଥାନୀୟ ମେଡିକାଲ ଅଫିସରଙ୍କ ନିକଟରେ ଅଭିଯୋଗ ହୋଇଛି। ବାରଦା ଗ୍ରାମର ଭରତ ଚନ୍ଦ୍ର ପରିଡା ୪ମାସ ପୁଅକୁ ବିସିଜି ଟିକା ଦେବା ପାଇଁ ବାରମ୍ବାର ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ ମଧ୍ୟ ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟକର୍ମୀ ନିରାଶ କରିଥିବା ସେ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ କିଶନନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ବଞ୍ଚୁ ମାରାଣ୍ଡି କୁହନ୍ତି, ସମ୍ପୃକ୍ତ ଶିଶୁକୁ ଟିକା ଦେବାର ବ୍ୟବସ୍ଥା କରାଯିବା ସହ ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ଏହି ସପ୍ତାହର କାର୍ଯ୍ୟକ୍ରମ

**୧୦।୩।୨୦୧୯(ରବିବାର)**

**ଭୁବନେଶ୍ୱର**

- ପଥ ଉତ୍ସବ, ରାମ ମନ୍ଦିର,ଜନପଥ, ସକାଳ ୬ଟା ୩୦।
- ପ୍ରଥମ ବର୍ଷ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅବସରରେ ପୂର୍ଣ୍ଣାହୁତି, ଗାୟତ୍ରୀ ପାଲା, ରଘୁନାଥପୁର, ଧଉଳି, ସକାଳ ୮ଟାରୁ ରାତ୍ର ୮ଟା।
- ଓଡ଼ିଶା ରାଜ୍ୟ ଆନ୍ଧ୍ରା ବ୍ୟାଙ୍କ କର୍ମଚାରୀ ୟୁନିୟନର ତ୍ରୈବାର୍ଷିକ ସମ୍ମିଳନୀ, ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟର୍ସ, ସଚିବାଳୟ ମାର୍ଗ, ପୂର୍ବାହ୍ନ ୧୦ଟା।
- ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ, ଅବକାରୀ ମନ୍ତ୍ରୀଙ୍କ ବାସଭବନ ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି ପକ୍ଷରୁ ପ୍ରଦର୍ଶନୀ, ଗ୍ୟାଲେରି ପରିସର, ଫରେଷ୍ଟ ପାର୍କ, ପୂର୍ବାହ୍ନ ୧୧ଟା।
- ଆର୍ଥିକ ଦୁର୍ବଳ ଶ୍ରେଣୀ, ଓଡ଼ିଶା ଶାଖା ପକ୍ଷରୁ ବିକ୍ଷୋଭ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ଆଞ୍ଜେଲ ଏଭେନ୍ୟୁ ଆପାର୍ଟମେଣ୍ଟର ଧାରଣା, ଓଏଫଏସ୍‌ଏ ଭବନ, ଭିଆଇପି ଏରିଆ, ନୟାପଲ୍ଲୀ, ପୂର୍ବାହ୍ନ ୧୧ଟା।
- ସୀମା ଆର୍ଟୱାର୍କ ହାଲ୍‌ର ଉଦ୍‌ଘାଟନୀ ସମାରୋହ, ବିଜେବି ନଗର, ବିଡିଏ ପାର୍କ ନିକଟ, ଅପରାହ୍ନ ୩ଟା।
- କବିତା ସଂକଳନ 'ହୃଦୟର ଅନ୍ତର୍ଲିପି' ଲୋକାର୍ପଣ ଉତ୍ସବ, ହୋଟେଲ କ୍ରାଉନ, ନୟାପଲ୍ଲୀ, ଅପରାହ୍ନ ୫ଟା।
- ଦିବ୍ୟ ବିହାର ନାଗରିକ ସମିତିର ବସନ୍ତ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୫ଟା ୩୦।
- ଆଇଡିଆଲ୍ ଇଣ୍ଡିଆ ଫାଉଣ୍ଡେଶନ ପକ୍ଷରୁ ସମ୍ମାନିତ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ବୟନିକା, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଜାତୀୟ ହସ୍ତତନ୍ତ ମେଳା, ଇଡ୍‌କୋ ପ୍ରଦର୍ଶନୀ ପଡିଆ, ସନ୍ଧ୍ୟା ୬ଟା ୩୦।
- ନାଟକ 'ଭରତମିଳନ' ପରିବେଷଣ, ଶଙ୍କର ବଜାର ଛକ, କପିଳପ୍ରସାଦ, ରାତି ୭ଟା।
- ସ୍ରାଷ୍ଟି ହାସ୍ୟରସାତ୍ମକ ନାଟକ ଉତ୍ସବର ଦ୍ୱିତୀୟସନ୍ଧ୍ୟାରେ 'ବାଞ୍ଛାର ବଗିଚା' ନାଟକ ପରିବେଷଣ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**କଟକ**

- ଶ୍ରୀଗୋପାଳ କୃଷ୍ଣ ଗୌଶାଳା ପକ୍ଷରୁ ଲକ୍ଷେ ପଚିଶ ହଜାର ପାର୍ଥିବ ଶିବଲିଙ୍ଗ ନିର୍ମାଣ ମହାଯଜ୍ଞ, ଗୌଶାଳା ପରିସର, ନୂଆବଜାର, ସକାଳ ୭ଟା ।
- ଇଭିଏମ୍-ଭିଭିପାଟ୍ ପ୍ରଦର୍ଶନ ନିମନ୍ତେ ସ୍ୱତନ୍ତ୍ର ଶିବିର, ସିଡିଏମ୍‌ଓଙ୍କ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା ।
- 'ଅନେକ ବାଙ୍କର ଜୀବନ' ପୁସ୍ତକର ଲୋକାର୍ପଣ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ୩୦ ।

**ଖୋର୍ଦ୍ଧା**

- ପାଇକ ସଂସ୍କୃତି ଓ ପରମ୍ପରା ଉପରେ ଆଲୋଚନାଚକ୍ର, ବରୁରେଇ ପୀଠ, ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହର ନାମଯଜ୍ଞର ନଗର କୀର୍ତ୍ତନ, ମା' ଜାଙ୍କେଶ୍ୱରୀଙ୍କ ପୀଠ,ଜାଗୁଲେଇପାଟଣା, ପୂର୍ବାହ୍ନ ୧୦ଟା।

**ପୁରୀ**

- ସ୍ୱାମୀ ଚିଦାନନ୍ଦ ଦିବ୍ୟ ଦଶକ ସତସଙ୍ଗ, ଗୋପବନ୍ଧୁ ଆୟୁର୍ବେଦ କଲେଜ ସମ୍ମିଳନୀ କକ୍ଷ, ସକାଳ ୯ଟା।
- କିଶୋର କ୍ଲବ ପକ୍ଷରୁ ବାହୁକୁସ୍ତି ଚାମ୍ପିୟନଶିପ୍, ନିର୍ବାଣୀ ଲେନ୍, ବଡଶଙ୍ଖ, ସକାଳ୯.୩୦ମିନିଟ୍।
- ରାଜଯୋଗ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ କର୍ମଶାଳା, କାର୍ଯ୍ୟାଳୟ ପରିସର, ବଳିଆପଣ୍ଡ. ୧୦.୩୦ମିନିଟ୍ ।
- ବନ୍ଧୁ ମିଳନ, ମ୍ୟୁନିସିପାଲଟି ହାଇସ୍କୁଲ, ମଧ୍ୟାହ୍ନ ୧୨ଟା।

**୧୧।୩।୨୦୧୯(ସୋମବାର)**

**ଭୁବନେଶ୍ୱର**

- ନାଟକ 'ସୀତାଚୋରି' ପରିବେଷଣ, ଶଙ୍କର ବଜାର ଛକ, କପିଳପ୍ରସାଦ, ରାତି ୭ଟା।
- ଓଡ଼ିଶା ଭାଷା ପ୍ରତିଷ୍ଠାନ ପକ୍ଷରୁ ଶାସ୍ତ୍ରୀୟ ମାନ୍ୟତା ଦିବସ, ସଂସ୍କୃତି ଭବନସ୍ଥିତ, ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି ପକ୍ଷରୁ ପ୍ରଦର୍ଶନୀ, ଗ୍ୟାଲେରି ପରିସର, ଫରେଷ୍ଟ ପାର୍କ, ପୂର୍ବାହ୍ନ ୧୧ଟା।
- 'ଠିଆପାଲା' ନାଟକ ପରିବେଷଣ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**୧୨।୩।୨୦୧୯(ମଙ୍ଗଳବାର)**

**ଭୁବନେଶ୍ୱର**

- ପ୍ରାକ୍ଟିକାଲ ଆକ୍ସନ ତରଫରୁ ଫଟୋ ପ୍ରଦର୍ଶନୀ, ସୂଚନା ଭବନ, ସକାଳ ୧୦ଟା ୩୦।
- ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି ପକ୍ଷରୁ ପ୍ରଦର୍ଶନୀ, ଗ୍ୟାଲେରି ପରିସର, ଫରେଷ୍ଟ ପାର୍କ, ପୂର୍ବାହ୍ନ ୧୧ଟା।
- ସହଯୋଗ ଅନୁଷ୍ଠାନ ଓ ଅକ୍ସଫାମର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ଗୀତାଗୋବିନ୍ଦ ଭବନ(ଅଡିଟୋରିୟମ), ପୂର୍ବାହ୍ନ ୧୧ଟା।
- ନାଟକ 'ବାଳିବଧ' ପରିବେଷଣ, ଶଙ୍କର ବଜାର ଛକ, କପିଳପ୍ରସାଦ, ରାତି ୭ଟା।।
- 'ତା'ରି ଲାଗି' ନାଟକ ପରିବେଷଣ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**୧୩।୩।୨୦୧୯(ବୁଧବାର)**

**ଭୁବନେଶ୍ୱର**

- ପ୍ରାକ୍ଟିକାଲ ଆକ୍ସନ ତରଫରୁ ଫଟୋ ପ୍ରଦର୍ଶନୀ, ସୂଚନା ଭବନ, ସକାଳ ୧୦ଟା ୩୦।
- ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି ପକ୍ଷରୁ ପ୍ରଦର୍ଶନୀ, ଗ୍ୟାଲେରି ପରିସର, ଫରେଷ୍ଟ ପାର୍କ, ପୂର୍ବାହ୍ନ ୧୧ଟା।
- ନାଟକ 'ଲଙ୍କାପୋଡି' ପରିବେଷଣ, ଶଙ୍କର ବଜାର ଛକ, କପିଳପ୍ରସାଦ, ରାତି ୭ଟା।

**୧୪।୩।୨୦୧୯(ଗୁରୁବାର)**

**ଭୁବନେଶ୍ୱର**

- ପ୍ରାକ୍ଟିକାଲ ଆକ୍ସନ ତରଫରୁ ଫଟୋ ପ୍ରଦର୍ଶନୀ, ସୂଚନା ଭବନ, ସକାଳ ୧୦ଟା ୩୦।
- ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି ପକ୍ଷରୁ ପ୍ରଦର୍ଶନୀ, ଗ୍ୟାଲେରି ପରିସର, ଫରେଷ୍ଟ ପାର୍କ, ପୂର୍ବାହ୍ନ ୧୧ଟା।
- ନାଟକ 'ସେତୁବନ୍ଧ ପ୍ରତିଷ୍ଠା' ପରିବେଷଣ, ଶଙ୍କର ବଜାର ଛକ, କପିଳପ୍ରସାଦ, ରାତି ୭ଟା।।

**୧୫।୩।୨୦୧୯(ଶୁକ୍ରବାର)**

**ଭୁବନେଶ୍ୱର**

- ପ୍ରାକ୍ଟିକାଲ ଆକ୍ସନ ତରଫରୁ ଫଟୋ ପ୍ରଦର୍ଶନୀ, ସୂଚନା ଭବନ, ସକାଳ ୧୦ଟା ୩୦।

**୧୬।୩।୨୦୧୯(ଶନିବାର)**

**ଭୁବନେଶ୍ୱର**

- ପ୍ରାକ୍ଟିକାଲ ଆକ୍ସନ ତରଫରୁ ଫଟୋ ପ୍ରଦର୍ଶନୀ, ସୂଚନା ଭବନ, ସକାଳ ୧୦ଟା ୩୦।

## ୧୧୦ ଦଫାରେ ଡି ବ୍ରଦର୍ସର ଦୁଇ ସହଯୋଗୀ ଗିରଫ

କଟକ ଅଫିସ,୯।୩

ଆଇପିସି ଦଫା ୧୧୦ରେ ଡି ବ୍ରଦର୍ସର ଦୁଇ ସହଯୋଗୀଙ୍କୁ ଶନିବାର ଚାଉଳିଆଗଞ୍ଜ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଗଣ୍ଡରପୁର ଅଞ୍ଚଳର ଭାରତ ଭୂଷଣ ସ୍ୱାଇଁ ଓ ଶିବ ପ୍ରସାଦ ଗୋଛି। ପୋଲିସ ସୂଚନା ଅନୁଯାୟୀ, ଉଭୟ ଡି ବ୍ରଦର୍ସଙ୍କ ସହଯୋଗୀ ଭାବେ କାର୍ଯ୍ୟ କରୁଥିଲେ। ଉଭୟଙ୍କ ନାଁରେ ଚାଉଳିଆଗଞ୍ଜ ଥାନାରେ ବହୁ ଆପରାଧିକ ମାମଲା ରହିଛି। ଏପରି କି ସେମାନେ ଏବେ ବିଭିନ୍ନ ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ଥିବାରୁ ପୋଲିସ ସେମାନଙ୍କୁ ଗିରଫ କରିଛି।

## ଫୋରମ୍ ଫର୍ ସ୍ମାର୍ଟ ସିଟିଜେନ୍ସ ପକ୍ଷରୁ ସଡ଼କ ସୁରକ୍ଷା ଅଭିଯାନ ଶୁଭାରମ୍ଭ

# 'ଦୁର୍ଘଟଣାରେ ପ୍ରତିବର୍ଷ ୫ ହଜାର ଲୋକଙ୍କ ମୃତ୍ୟୁ ଘଟୁଛି'

ଭୁବନେଶ୍ୱର, ୯।୩ (ବ୍ୟୁରୋ)

ରାଜ୍ୟରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଏଥିରେ ପ୍ରତିବର୍ଷ ୫ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଉଛି। ଦୁର୍ଘଟଣା ରୋକିବାକୁ ପୋଲିସ ପ୍ରଶାସନ ଓ ରାଜ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ଲୋକେ ଟ୍ରାଫିକ ନିୟମ ମାନିବା ଦରକାର। ଗାଡ଼ି ଚଳାଇବାବେଳେ ଫୋନ ଓ ମଦଠାରୁ ଦୂରେଇ ରହିଲେ ଦୁର୍ଘଟଣା କିଛିମାତ୍ରାରେ କମିଯିବ ବୋଲି ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି। ଶନିବାର ସୂଚନା ଭବନରେ ଫୋରମ ଫର୍ ସ୍ମାର୍ଟ ସିଟିଜେନ୍ସ ପକ୍ଷରୁ ସଡ଼କ ସୁରକ୍ଷା ଅଭିଯାନର ଶୁଭାରମ୍ଭ କରି ଡିଜିପି ଏହା କହିବା ସହ ଫୋରମର ଏକ ୱେବ୍‌ସାଇଟ ଉନ୍ମୋଚନ କରିଥିଲେ।

ରାଜଧାନୀର ନାଗରିକଙ୍କ ମଧ୍ୟରେ ସଡକ ସୁରକ୍ଷା ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଏକ ମାସ ଧରି ଚାଲିବ। ଏହାର ପରିଚାଳନା ପାଇଁ ବଡଗାଁ ଆଇଆଇଟିଆଇର ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସର ୧୦୦ଜଣ କ୍ୟାଡେଟ ସ୍ୱେଚ୍ଛାକୃତ ଭାବେ ସାମିଲ ହୋଇଛନ୍ତି। ବିଭିନ୍ନ ପାର୍କ, ସ୍କୁଲ୍ ଓ ସର୍ବସାଧାରଣ ସ୍ଥାନରେ ଘଣ୍ଟାଏ ଧରି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବ। ଉଦ୍‌ଘାଟନ ସମୟରେ ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ, ପୂର୍ବତନ ମୁଖ୍ୟ ଶାସନ ସଚିବ ବି.କେ. ପଟ୍ଟନାୟକ, ପୂର୍ବତନ ଜାତୀୟ ରୋଡ୍ ସେଫ୍ଟି କାଉନ୍‌ସିଲ୍ ସାୟସ ମକବୁଲ ଅଲ୍ଲି, ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ଓ ପୂର୍ବତନ ବୀମା କମିଶନର ବି. କେ. ସାହୁ ପ୍ରମୁଖ ଯୋଗଦେଇଥିଲେ।




ସଡ଼କ ସୁରକ୍ଷା ଅଭିଯାନର ଶୁଭାରମ୍ଭ ଅବସରରେ ଡିଜିପି, ପୋଲିସ କମିଶନରଙ୍କ ସହ ଅନ୍ୟ ଅତିଥିମାନେ।



# ଆଦିବାସୀ, ବଙ୍ଗୀୟ ଭୋଟ ଉପରେ ନଜର

**ଦୁର୍ଯ୍ୟୋଧନ ପାତ୍ର**
**ମାଲକାନଗିରି,୯।୩**

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ମାନସ ମାଡକାମି | ୪୭,୭୭୩ |
| କଂଗ୍ରେସ | ମାଲା ମାଢ଼ି | ୪୪,୪୨୬ |
| ଭାଜପା | ଆଦିତ୍ୟ ମାଢ଼ି | ୩୬,୨୧୨ |

**ମୋଟ ଭୋଟର ସଂଖ୍ୟା** ୨,୨୫,୫୭୫

**ଅନ୍ୟାନ୍ୟ ଭୋଟର** ୮

**ପୁରୁଷ ଭୋଟର** ୧,୧୧,୮୦୧

**ମହିଳା ଭୋଟର** ୧,୧୩,୭୬୬




ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ମାଲକାନଗିରି ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରମୁଖ ରାଜନୈତିକ ଦଳଗୁଡିକରେ ଟିକେଟ ଆଶାୟୀମାନଙ୍କ ମଧ୍ୟରେ ସେତେ ତତ୍ପରତା ପରିଲକ୍ଷିତ ହେଉଛି। ସେମାନେ ସମର୍ଥକମାନଙ୍କ ସହ ନିଜ ସପକ୍ଷରେ ଲବି ଚଳାଇଛନ୍ତି। ରାଜନୈତିକ ଦଳଗୁଡିକ ଆଦିବାସୀ ଓ ବଙ୍ଗୀୟ ଭୋଟରଙ୍କ ଉପରେ ନଜର ରଖିଛନ୍ତି। ତଦନୁଯାୟୀ ସେମାନେ ସଙ୍ଗଠନ ଚଳାଇଛନ୍ତି। ବିଶେଷକରି ଯୁବ ବଙ୍ଗୀୟ ଓ ଆଦିବାସୀ ଭୋଟରଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ କରାଯାଉଥିବା ଦେଖିବାକୁ ମିଳୁଛି। ଏହି ନିର୍ବାଚନମଣ୍ଡଳୀରେ ୨୦୧୪ରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିଲା ବେଳେ ବର୍ତ୍ତମାନ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିଛି। ଗୋଷ୍ଠୀ କନ୍ଦଳ ଯୋଗୁ ଆଗାମୀ ଦିନରେ ଦଳ ପାଇଁ ସମସ୍ୟା ସୃଷ୍ଟି ହୋଇପାରେ ବୋଲି କୁହାଯାଉଛି।

୨୦୧୪ ବିଧାନସଭା ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ନିର୍ବାଚନ ମଇଦାନରେ ନିଜ ସପକ୍ଷରେ ଜନମତ ନେବାକୁ ଉଦ୍ୟମ କରିଥିଲେ। ତେବେ ବିଜେଡି ପ୍ରାର୍ଥୀ ମାନସ ମାଡକାମି ବିଜୟୀ ହୋଇଥିଲେ। ସେ ୪୭,୭୭୩ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ମାଲା ମାଢ଼ି ୪୪,୪୨୬ ଖଣ୍ଡ ଭୋଟ ପାଇଥିଲେ। ଭାଜପା ପ୍ରାର୍ଥୀ ଆଦିତ୍ୟ ମାଢ଼ି ୩୬,୨୧୨ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ସେତେବେଳେ ଏହି ନିର୍ବାଚନମଣ୍ଡଳୀରେ ୧୧ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ବର୍ତ୍ତମାନର ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି ଓଡିଶା ଜନ ମୋର୍ଚ୍ଚାରୁ ପ୍ରତିଦ୍ୱନ୍ଦ୍ୱିତା କରି ୩,୨୧୯ ଖଣ୍ଡ ଭୋଟ ପାଇଥିଲେ।

କୁହାଯାଉଛି ଯେ, ମାଲକାନଗିରି ବିଜେଡିରେ ଗୋଷ୍ଠୀ କନ୍ଦଳ ନ ଥିଲା। ୩ମାସ ତଳେ ହଠାତ୍ ବିଧାୟକ ମାଡକାମି ଜିଲା ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ ଏବଂ ଜିଲା ପର୍ଯ୍ୟବେକ୍ଷକ ରାଜେନ୍ଦ୍ର ପଣ୍ଡାଙ୍କୁ କୌଣସି କାରଣରୁ ନିଲମ୍ବିତ କରିଥିଲେ। ଏହା ପରଠାରୁ ଦଳରେ ଗୋଷ୍ଠୀ କନ୍ଦଳ ଆରମ୍ଭ ହୋଇଥିଲା। ଗତ ଫେବୃୟାରୀ ୨୧ରେ ମାଲକାନଗିରି ସଦର ମହକୁମା ସତୀଗୁଡାଠାରେ ବିଜେଡିର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇଥିଲା। ଏଠାରେ ଦଳର କର୍ମକର୍ତ୍ତା ଓ କର୍ମୀମାନେ ଆଗାମୀ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ବିଜୟ ଉପରେ ଆଲୋଚନା କରୁଥିବା ବେଳେ ସେହିଦିନ ସମାନ୍ତରାଳ ଭାବେ ଶିଖପାଲ୍ଲୀଠାରେ ବିଜୁ କୃଷକ ମୋର୍ଚ୍ଚା ପକ୍ଷରୁ ଜିଲା ବାହାରୁ ଆସିଥିବା ପର୍ଯ୍ୟବେକ୍ଷକ ସମାନ୍ତରାଳ ବୈଠକ କରିଥିଲେ। ଗତ ୨୭ତାରିଖରେ ମଧ୍ୟ ଏକ ବଡଧରଣର ସମାବେଶ ହେବାକୁ ନିଷ୍ପତ୍ତି ନିଆଯାଇ ସେହିଦିନ ସମାବେଶ ହୋଇଥିଲା। ଏଥିରେ କ୍ରୀଡାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ବିଧାୟକ ମାନସ ମାଡକାମି ଏବଂ ଅଭିନେତ୍ରୀ ପିଙ୍କି ପ୍ରିୟଦର୍ଶିନୀ ଯୋଗ ଦେଇଥିଲେ। ଏହାର ଦିନକ ପରେ ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି ବିଜେଡିରେ ଯୋଗ ଦେଇଥିଲେ। ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ସୋଡି ଦଳରେ ମିଶିବା ପାଇଁ ମାଲକାନଗିରିରୁ ନିଜ ସମର୍ଥକମାନଙ୍କୁ ନେଇ ଯାଇଥିଲେ। ସେହିପରି ମାଡକାମିଙ୍କ ସମର୍ଥକମାନେ ମଧ୍ୟ ଭୁବନେଶ୍ୱର ଯାଇ ଟିକେଟ୍ ପାଇଁ ମାଡକାମିଙ୍କ ସପକ୍ଷରେ ବିଭିନ୍ନ ମନ୍ତ୍ରୀ ଏବଂ ଦଳର ନେତାମାନଙ୍କୁ ସାକ୍ଷାତ୍ କରି ଫେରିଥିଲେ। ଅନ୍ୟ ପକ୍ଷରେ ମୁକୁନ୍ଦ ସୋଡିଙ୍କୁ ଟିକେଟ ଦେବାପାଇଁ ମଧ୍ୟ ଅନ୍ୟ ଏକ ଗୋଷ୍ଠୀ ସେମାନଙ୍କ ପ୍ରୟାସ ଜାରି ରଖିଛନ୍ତି। ତେଣୁ ଏହି ଉଭୟ ଗୋଷ୍ଠୀ ଭୋଟ ବିଭାଜନ କରିପାରନ୍ତି ଏହି ସମ୍ଭାବନାକୁ ଏଡାଯାଇ ନ ପାରେ।

ମାନସ ମାଡକାମି କହିଛନ୍ତି ଯେ, ସେ ୫ ବର୍ଷ ବିଧାୟକ ରହି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସବୁ ଜନହିତକର ଯୋଜନା ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇ ନିର୍ବାଚନ ମଣ୍ଡଳୀର ଉନ୍ନତି କରିଛନ୍ତି। ଆସନ୍ତା ନିର୍ବାଚନରେ ଯଦି ତାଙ୍କୁ ପୁଣି ଥରେ ମୁଖ୍ୟମନ୍ତ୍ରୀ ସୁଯୋଗ ଦିଅନ୍ତି, ତେବେ ଅବଶିଷ୍ଟ ଜନହିତକର କାର୍ଯ୍ୟକୁ ସମ୍ପୂର୍ଣ୍ଣ କରି ମାଲକାନଗିରି ନିର୍ବାଚନମଣ୍ଡଳୀକୁ ସବୁ କ୍ଷେତ୍ରରେ ଏକ ନମ୍ବରକୁ ଆଣିବେ। ଯଦି ଟିକେଟ ନ ମିଳେ ତେବେ ସେ ଦଳରେ ରହି କାର୍ଯ୍ୟ କରିବେ ବୋଲି କହିଛନ୍ତି। ମୁକୁନ୍ଦ ସୋଡି କୁହନ୍ତି, ସେ ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ମାଲକାନଗିରି ନିର୍ବାଚନମଣ୍ଡଳୀରେ ବିଜେଡି ବିଧାୟକ ଭାବେ କାର୍ଯ୍ୟ କରି ଲୋକଙ୍କ ସେବା କରିଛନ୍ତି। କେତେକ କାରଣରୁ ସେ ଦଳ ତ୍ୟାଗ କରି ଭାଜପାରେ ମିଶିଥିଲେ ବି ମୁଖ୍ୟମନ୍ତ୍ରୀଙ୍କ ଜନହିତକର କାର୍ଯ୍ୟ ତାଙ୍କୁ ଆକୃଷ୍ଟ କରିବାରୁ ସେ ପୁଣି ବିଜେଡିକୁ ଫେରିଆସିଛନ୍ତି। ମୁଖ୍ୟମନ୍ତ୍ରୀ ଟିକେଟ ଦେଲେ ସେ ଲୋକଙ୍କ ସେବା କରିବା ସହ ଦଳକୁ ସୁଦୃଢ଼ କରିବେ। ଯଦି ଟିକେଟ ନ ମିଳେ ଦୁଃଖ କରିବାର କିଛି ନାହିଁ, ଦଳରେ ରହି ଦଳପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି।

ଭାଜପା ଗତ ପଞ୍ଚାୟତ ନିର୍ବାଚନରେ ଏଠାରେ ଆଶାନୁରୂପ ସଫଳତା ହାସଲ କରି ଉଭୟ କଂଗ୍ରେସ ଏବଂ ବିଜେଡିକୁ ପଛରେ ପକାଇଛି। ଦଳରେ ଆଶାୟୀ ପ୍ରାର୍ଥୀ ଭାବେ ଆଦିତ୍ୟ ମାଢ଼ି, ଦଶରଥ ପଡିଆମି ରହିଛନ୍ତି। ଆଦିତ୍ୟ ଟିକେଟ ପାଇ ନିଶ୍ଚିତ ବିଜୟୀ ହେବେ ବୋଲି ଆଶା ରଖିଛନ୍ତି। ଦଶରଥ ପଡିଆମି କହିଛନ୍ତି, ଗତ ପଞ୍ଚାୟତ ନିର୍ବାଚନରେ ମାଲକାନଗିରି ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପାର ବିଜୟ ପାଇଁ ତାଙ୍କର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ପଦପଦବୀ ପ୍ରତି ତାଙ୍କର ଲୋଭ ନ ଥିଲେ ମଧ୍ୟ ଜନସାଧାରଣ ତାଙ୍କୁ ବିଧାୟକ ଭାବେ ଦେଖିବାକୁ ଚାହୁଁଛନ୍ତି। ସେଥିପାଇଁ ଟିକେଟ ପାଇବା ନେଇ ଆଶା ରଖିଛନ୍ତି। ଟିକେଟ ନ ମିଳିଲେ ବି ଦଳ ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି।

କଂଗ୍ରେସର ପ୍ରାର୍ଥୀ ହେବାକୁ କାଲିମେଳା ବ୍ଲକ ଅଧ୍ୟକ୍ଷ ମାଲା ମାଢ଼ି ଦାବିଦାର ଅଛନ୍ତି। ସେ କଂଗ୍ରେସର ଏକମାତ୍ର ଆଶାୟୀ ଥିବା ଜଣାପଡିଛି। ଏପରିକି କେବଳ ତାଙ୍କ ନାମ କଂଗ୍ରେସର ସମ୍ଭାବ୍ୟ ପ୍ରାର୍ଥୀ ତାଲିକାରେ ଥିବା କୁହାଯାଉଛି। ସେ କହିଛନ୍ତି, ଗତ ସାଧାରଣ ନିର୍ବାଚନରେ ସେ ଅଳ୍ପ ବ୍ୟବଧାନରେ ବିଜେଡି ପ୍ରାର୍ଥୀଙ୍କଠାରୁ ହାରିଥିଲେ। ବର୍ତ୍ତମାନ ମାଲକାନଗିରି ନିର୍ବାଚନ ମଣ୍ଡଳୀର ଭୋଟର ପରିବର୍ତ୍ତନ ଚାହୁଁଛନ୍ତି। ସେ ଟିକେଟ୍ ପାଇଲେ ନିଶ୍ଚିତ ବିଜୟୀ ହେବାକୁ ଆଶା ରଖିଛନ୍ତି। ଯଦି ଟିକେଟ୍ ନ ମିଳେ ତାହାହେଲେ ଦଳରେ ରହି କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। ସୂଚନାଥାଉକି, ପୂର୍ବତନ ଏମପି ପ୍ରଦୀପ ମାଝି ମାଲକାନଗିରି ଜିଲାକୁ ବାରମ୍ବାର ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି। କଂଗ୍ରେସ ସପକ୍ଷରେ ପଡୋଶୀ ଛତିଶଗଡ, ସୁକୁମା, ଦାନ୍ତେୱାଡା ଓ ବସ୍ତର ଜିଲାର କଂଗ୍ରେସ ନେତାମାନେ ମାଲକାନଗିରି ଆଦିବାସୀ ଅଞ୍ଚଳରେ କଂଗ୍ରେସ ସପକ୍ଷରେ ଭୋଟ ପ୍ରଚାର କରିବା ଲାଗି ଯୋଜନା ପ୍ରସ୍ତୁତ ହୋଇଛି। ସେମାନେ ଜିଲାରେ ପ୍ରଚାର କରି ଆଦିବାସୀ ଭୋଟକୁ ହାତେଇବା ଲାଗି ଉଦ୍ୟମ କରିବେ।

ମାଲକାନଗିରି ଜିଲାରେ ବର୍ତ୍ତମାନ ଏହି ୩ଟି ଦଳକୁ ବାଦ୍ ଦେଲେ ଅନ୍ୟ କେତେଜଣ ପ୍ରାର୍ଥୀ ହୋଇ ଭୋଟ ବିଭାଜନ କରିବେ। ତେବେ ଭୋଟର କାହା ମୁଣ୍ଡରେ ସୁନାକଳସ ଢାଳିବେ ତାହା ନିର୍ବାଚନ ପରେ ସ୍ପଷ୍ଟ ହୋଇଯିବ।


ମାନସ ମାଡ଼କାମି


ମୁକୁନ୍ଦ ସୋଡ଼ି


ଆଦିତ୍ୟ ମାଢ଼ି


ମାଲା ମାଢ଼ି


ଦଶରଥ ପଡ଼ିଆମି

# ହ୍ୟାଟ୍ରିକ ଲକ୍ଷ୍ୟରେ ପିନାକୀ, ଚର୍ଚ୍ଚାରେ ସମ୍ବିତ୍

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ପିନାକୀ ମିଶ୍ର | ବିଜେଡି | ୫,୨୩,୧୬୧ |
| ସୁଚରିତା ମହାନ୍ତି | କଂଗ୍ରେସ | ୨,୫୯,୮୦୦ |
| ଅଶୋକ ସାହୁ | ଭାଜପା | ୨,୧୫,୭୬୩ |

**ମୋଟ ଭୋଟର ସଂଖ୍ୟା** ୧୫,୨୫,୬୯୮

**ନୟାଗଡ଼** ୨,୧୮,୮୧୨

**ବ୍ରହ୍ମଗିରି** ୨,୧୪,୩୦୫

**ରଣପୁର** ୨,୦୬,୨୪୫

**ସତ୍ୟବାଦୀ** ୨,୦୪,୦୭୧

**ଚିଲିକା** ୨,୧୯,୩୪୦

**ପିପିଲି** ୨,୨୩,୪୯୪

**ପୁରୀ** ୨,୩୯,୪୩୧





ପିନାକୀ ମିଶ୍ର


ଅରୂପ ପଟ୍ଟନାୟକ


ସମ୍ବିତ୍ ପାତ୍ର


ଯୋଗେଶ୍ୱର ମହାପାତ୍ର

**ହେମନ୍ତ ନାୟକ**
**ପୁରୀ ଅଫିସ,୯।୩**


ଅମିୟ କୁମାର ପଟ୍ଟନାୟକ


ସୁଚରିତା ମହାନ୍ତି

ପୁରୀ ଲୋକ ସଭା ଆସନକୁ କଂଗ୍ରେସ ଅଧିକାଂଶ ସମୟ ନିଜ କବ୍ଜାରେ ରଖୁଥିଲା। ହେଲେ ବିଜେଡି ପ୍ରତିଷ୍ଠା ହେବା ପରଠାରୁ କଂଗ୍ରେସ ଆଉ ଖାତା ଖୋଲିପାରୁ ନାହିଁ। ୧୯୯୬ରେ ଶେଷଥର ପାଇଁ କଂଗ୍ରେସ ଏଠାରେ ଜିତିଥିଲା। ବର୍ତ୍ତମାନର ଏମ୍‌ପି ପିନାକୀ ମିଶ୍ର ସେତେବେଳେ କଂଗ୍ରେସରୁ ଜିତିଥିଲେ। ହେଲେ ପରେ କଂଗ୍ରେସ ଛାଡି ବିଜେଡିରେ ମିଶିଥିବା ପିନାକୀ ଗତ ଦୁଇଟି ନିର୍ବାଚନରେ ଜିତି ଆସୁଛନ୍ତି। ଆସନ୍ତା ସାଧାରଣ ନିର୍ବାଚନରେ ଏଠାରେ କାହାର ସ୍ଥିତି କ'ଣ ରହିବ ସେନେଇ ସାଧାରଣରେ ଅଙ୍କକଷା ଚାଲିଛି। ପ୍ରଥମଥର ଭାଜପା ଖାତା ଖୋଲିବ ନା କଂଗ୍ରେସ ପୂର୍ବପରି ଏଠାରେ ତା' ସ୍ଥିତି ଜାହିର କରିବ ନା ପୁଣି ଜିତି ପିନାକୀ ହ୍ୟାଟ୍ରିକ କରିବେ ତାକୁ ନେଇ ଚାଲିଛି ଚର୍ଚ୍ଚା।

ପୁରୀ ଜିଲାର ପୁରୀ, ସତ୍ୟବାଦୀ, ବ୍ରହ୍ମଗିରି, ପିପିଲି ଓ ନୟାଗଡ଼ ଜିଲାର ରଣପୁର, ନୟାଗଡ଼ ଏବଂ ଖୋର୍ଦ୍ଧା ଜିଲାର ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀକୁ ନେଇ ପୁରୀ ଲୋକ ସଭା ନିର୍ବାଚନ ମଣ୍ଡଳୀ ଗଠିତ। ୧୯୯୧ରୁ ଜନତା ଦଳରୁ ପ୍ରାର୍ଥୀ ହୋଇ ଜିତିଥିବା ବ୍ରଜକିଶୋର ତ୍ରିପାଠୀ ୧୯୯୮, ୧୯୯୯ ଏବଂ ୨୦୦୪ରେ ବିଜେଡିରୁ ପ୍ରାର୍ଥୀ ହୋଇ ଜିତିଥିଲେ। ୨୦୦୯ରେ ଦଳ ତାଙ୍କୁ ଚାହିଁ ନ ଥିଲା। କଂଗ୍ରେସରୁ ଆସିଥିବା ପିନାକୀଙ୍କୁ ପ୍ରାର୍ଥୀ କରି ଦଳ ସଫଳତା ପାଇଥିଲା। ସେହିପରି ୨୦୧୪ରେ ଦ୍ୱିତୀୟଥର ପ୍ରାର୍ଥୀ ହୋଇ ପିନାକୀ କଂଗ୍ରେସର ସୁଚରିତା ମହାନ୍ତିଙ୍କୁ ୨ଲକ୍ଷ ୬୩ ହଜାର ୩୬୧ ଭୋଟରେ ପରାସ୍ତ କରିଥିଲେ। ପିନାକୀ ୫,୨୩,୧୬୧ ଖଣ୍ଡ ଭୋଟ ପାଇଥିବା ବେଳେ ସୁଚରିତା ୨,୫୯,୮୦୦ ଏବଂ ଭାଜପାର ଅଶୋକ ସାହୁ ୨,୧୫,୭୬୩ ଖଣ୍ଡ ଭୋଟ ପାଇଥିଲେ। ବିଜେଡିକୁ ୫୦.୩୩ ପ୍ରତିଶତ ଭୋଟ ମିଳିଥିବା ବେଳେ କଂଗ୍ରେସକୁ ୨୫ ପ୍ରତିଶତ ଏବଂ ଭାଜପାକୁ ୨୦.୭୬ ପ୍ରତିଶତ ଭୋଟ ମିଳିଥିଲା।

୨୦୧୪ ନିର୍ବାଚନରେ ପୁରୀ ଲୋକ ସଭା ଅଧୀନ ୭ଟି ବିଧାନସଭା ମଧ୍ୟରୁ ୬ଟି ବିଜେଡି କବ୍ଜାରେ ରହିଛି। ପୁରୀର ୪ଟି, ନୟାଗଡ଼ର ୨ଟି ନିର୍ବାଚନମଣ୍ଡଳୀରେ ବିଜେଡି ବିଜୟୀ ହୋଇଥିବା ବେଳେ କେବଳ ଚିଲିକା ଆସନଟି ଭାଜପା ଦଖଲରେ ରହିଛି। ତେଣୁ ବିଜେଡି ଗଠନ ପରଠାରୁ ପୁରୀ ଲୋକ ସଭା ଆସନ ବିଜେଡିର ଏକ ଅଭେଦ୍ୟ ଦୁର୍ଗ ଭାବେ ପରିଗଣିତ ହୋଇଆସୁଛି। ହେଲେ ଏଥର ଏହି ନିର୍ବାଚନଣ୍ଡଳୀ ଉପରେ ସବୁ ଦଳର ରହିଛି କଡ଼ା ନଜର। ପ୍ରତ୍ୟେକ ରାଜନୈତିକ ଦଳ ପୁରୀର ଗୁରୁତ୍ୱକୁ ଉପଲବ୍ଧି କରି ଏଠାରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଠାରୁ ପ୍ରାର୍ଥୀ ହେଉଥିବା ନେଇ ଗତବର୍ଷ କଥା ଉଠିବା ପରେ ପୁରୀ ରାଜନୀତି ଚର୍ଚ୍ଚାର ପରିଧିକୁ ଆସିଯାଇଥିଲା। ହେଲେ ଏନେଇ ଆଉ କୌଣସି କଥା ଆଗକୁ ବଢ଼ି ନ ଥିବାବେଳେ ବର୍ତ୍ତମାନ ଭାଜପାର ପ୍ରାର୍ଥୀ ଭାବେ ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ୍ ପାତ୍ର, ଗୁଜରାଟର ପୂର୍ବତନ ପୋଲିସ ଡିଜି ତଥା ପୁରୀର ମୂଳବାସିନ୍ଦା ଯୋଗେଶ୍ୱର ମହାପାତ୍ର ଏବଂ ଡା. ବସନ୍ତ ପତିଙ୍କ ନାଁ ଚର୍ଚ୍ଚା ହେଉଛି।

ବିଜେଡିରୁ ପିନାକୀ ମିଶ୍ର ହ୍ୟାଟ୍ରିକ ଲକ୍ଷ୍ୟରେ ରହିଥିବା ବେଳେ ବମ୍ବେର ପୂର୍ବତନ ପୋଲିସ କମିଶନର ଅରୂପ ପଟ୍ଟନାୟକଙ୍କ ନାଁକୁ ନେଇ ବି ଚର୍ଚ୍ଚା ଚାଲିଛି। ସେହିପରି ଗତଥର ପିନାକୀଙ୍କଠାରୁ ପରାସ୍ତ ହୋଇଥିବା ସୁଚରିତା ମହାନ୍ତି, ପିସିସି କିଷାନ ସେଲ୍ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ପ୍ରାର୍ଥୀ ହେଉଥିବା ଦଳୀୟ ମହଲରେ ଆଲୋଚନା ହେଉଛି।

ଟିକେଟ ସମ୍ପର୍କରେ ଏମ୍‌ପି ପିନାକୀ ମିଶ୍ର କହିଛନ୍ତି, ଟିକେଟ ବାବଦରେ ଦଳର ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାହା ନିଷ୍ପତ୍ତି ନେବେ ତାହାକୁ ସମସ୍ତେ ମାନିନେବେ। ଯଦି ଦଳ ଚାହିଁବ ସେ ଲଢ଼ିବେ। ଦଳ ନ ଚାହିଁଲେ ସେ ଲଢିବେନି। ସେହିପରି ବମ୍ବେର ପୂର୍ବତନ ପୋଲିସ କମିଶନର ଅରୂପ ପଟ୍ଟନାୟକଙ୍କ ନାଁ ବି ଶୁଣିବାକୁ ମିଳୁଛି। ବିଜୁ ଯୁବ ବାହିନୀର ଦାୟିତ୍ୱ ବୁଝୁଥିବା ଅରୂପ ଡେଲାଙ୍ଗ ଅଞ୍ଚଳର ବାସିନ୍ଦା। ତେଣୁ ତାଙ୍କୁ ନିଜ ଜିଲାର ସେବା କରିବାକୁ ଦଳ ଚିନ୍ତା କରୁଥିବା ମଧ୍ୟ ଚର୍ଚ୍ଚା ହେଉଛି।

କଂଗ୍ରେସର ସୁଚରିତା ମହାନ୍ତି କହିଛନ୍ତି, କଂଗ୍ରେସ ଏକ ଜାତୀୟ ଦଳ। ଯେ କୌଣସି ନିଷ୍ପତ୍ତି ହେବ ଦଳର ସଭାପତି ରାହୁଲ ଗାନ୍ଧୀ ହିଁ ନେବେ। ଗତ ନିର୍ବାଚନରେ ଦଳ ପକ୍ଷରୁ ନିର୍ବାଚନ ଲଢି ଦ୍ୱିତୀୟ ସ୍ଥାନରେ ଥିଲେ। ତେଣୁ ଏଥର ଯଦି ରାହୁଲ ଗାନ୍ଧୀ ଚାହିଁବେ ନିଶ୍ଚିତ ଲଢିବେ। ସେହିପରି କଂଗ୍ରେସର ଅନ୍ୟତମ ଆଶାୟୀ ଅମିୟ କୁମାର ପଟ୍ଟନାୟକ କହିଛନ୍ତି, ବର୍ତ୍ତମାନ କୃଷକଙ୍କୁ ଫୋକସରେ ରଖି ସବୁ ରାଜନୈତିକ ଦଳ ଆଗାମୀ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରୁଛନ୍ତି। ବିଶେଷକରି ଚାଷ ଓ ଚାଷୀର ବିକାଶ ପାଇଁ କଂଗ୍ରେସ ସଂକଳ୍ପିତ। ସେ କୃଷକମାନଙ୍କ ପ୍ରତିନିଧି ଭାବେ ୨୦୦୬ରୁ ପିସିସି କୃଷକ ସେଲ୍‌ର ଅଧ୍ୟକ୍ଷ ରହିଆସିଛନ୍ତି। ଏଥିସହ ଏଆଇସିସି ସଭ୍ୟ ରହିଛନ୍ତି। ଦଳର ହାଇକମାଣ୍ଡଙ୍କ ଉପରେ ତାଙ୍କର ବିଶ୍ୱାସ ରହିଛି। ନିଶ୍ଚିତ ସେ ତାଙ୍କୁ ଏଥର ସୁଯୋଗ ଦେବେ ବୋଲି ଆଶା ରଖିଛନ୍ତି।

ଯୋଗେଶ୍ୱର ମହାପାତ୍ର କହିଛନ୍ତି, ପୁରୀ ହେଉଛି ତାଙ୍କ ଜନ୍ମଭୂମି। ହେଲେ ଏଠାରେ ବେଶି ସମୟ ରହିବାର ସୁଯୋଗ ପାଇନାହାନ୍ତି। ଯଦି ଭାଜପା ଜନ୍ମଭୂମିର ସେବା କରିବାର ସୁଯୋଗ ଦେବ ନିଶ୍ଚିତ ତାହାକୁ ଗ୍ରହଣ କରିବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଜାତୀୟ ସ୍ତରରେ ଭାଜପାର ମୁଖପାତ୍ର ଭାବେ ବେଶ୍ ଚର୍ଚ୍ଚିତ ସମ୍ବିତ ପାତ୍ରଙ୍କୁ ଦଳ ଏଥର ପୁରୀରୁ ପ୍ରାର୍ଥୀ କରୁଥିବା ଚର୍ଚ୍ଚା ହେଉଛି। ଇତିମଧ୍ୟରେ ସମ୍ବିତ ପୁରୀ ଆସି ବିଭିନ୍ନ ନିର୍ବାଚନମଣ୍ଡଳୀର ପ୍ରମୁଖ ଦଳୀୟ ନେତାଙ୍କୁ ସାକ୍ଷାତ୍ କରିଥିବା ବେଳେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ତେଣୁ ତାଙ୍କୁ ନେଇ ପୁରୀ ଭାଜପା ବେଶ୍ ଉତ୍ସାହିତ ହୋଇପଡିଛି।

# 'ମାଟିର ପୁଅକୁ ଚାହୁଁଛନ୍ତି ମୋରଡ଼ାବାସୀ'

**ଏଥର ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତାର ସମ୍ଭାବନା ଅଧିକ**

**ଭୁବନେଶ୍ୱର,୯।୩(ବ୍ୟୁରୋ)**




ରାଜ୍ୟର ୩୪ନଂ ବିଧାନସଭା ନିର୍ବାଚନ ମଣ୍ଡଳୀ ଭାବେ ପରିଚିତ ମୋରଡ଼ା। ମୟୂରଭଞ୍ଜ ଜିଲାର ବଣପାହାଡ ଘେରା ରାସଗୋବିନ୍ଦପୁର, ମୋରଡ଼ା ଏବଂ ଶୁଳିଆପଦା ବ୍ଲକକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ୨୦୦୯ରେ ବିଧାନସଭା କ୍ଷେତ୍ର ପୁନର୍ଗଠନ ପରେ ଏହି ଆସନ ସାଧାରଣବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ରହିଥିଲା। ବାରିପଦାର ରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ବିଜେଡି ପକ୍ଷରୁ ୨ଥର ବିଧାୟକ ଭାବେ ନିର୍ବାଚନ ଜିତିଥିଲେ। ଅଞ୍ଚଳର ବହୁବିଧ ବିକାଶ ହେବ ବୋଲି ଲୋକେ ଚାହିଁ ବସିଥିବା ବେଳେ ନୂତନ ଶିଳ୍ପାୟନ, ଜଙ୍ଗଲଜାତ ଦ୍ରବ୍ୟର କ୍ରୟ ଓ ବିକ୍ରୟ ପାଇଁ ନୂତନ ବଜାର ସୃଷ୍ଟି କରିବା, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ବିଦ୍ୟୁତ୍ ଭଳି ଅତ୍ୟାବଶ୍ୟକ ସୁବିଧାର ଭିତ୍ତିଭୂମି ବିକାଶ ହୋଇ ନ ଥିଲା। ଏ ପରି କି ଅନ୍ୟ ବିଧାନସଭା କ୍ଷେତ୍ର ତୁଳନାରେ ଏହା ବହୁ ପଛରେ ପଡ଼ିଥିବାରୁ ବିଭିନ୍ନ ସମୟରେ ବିରୋଧୀ ରାଜନୈତିକ ଦଳ ଏବଂ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରି ଧାରଣା ସହ ଆନ୍ଦୋଳନ କରିଥିଲେ। ଏଣୁ ଏହି ନିର୍ବାଚନମଣ୍ଡଳୀରେ ବାହାର ଅଞ୍ଚଳର ନେତାଙ୍କୁ ଲଦି ନ ଦେଇ ମାଟିର ପୁଅକୁ ନେତା କରିବା ସକାଶେ ଭୋଟରମାନେ ଚାହୁଁଥିବାର ଏବେ ଚର୍ଚ୍ଚା ଜୋର ଧରିଛି।

୨୦୧୪ ବିଧାନସଭା ନିର୍ବାଚନରେ ବିଜେଡି ପ୍ରାର୍ଥୀ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ୫୨ ହଜାରରୁ ଅଧିକ ଭୋଟ ପାଇ ନିର୍ବାଚିତ ହୋଇଥିଲେ। ଭାଜପା ପ୍ରାର୍ଥୀ ରାଜକିଶୋର ଦାସ ୪୭ ହଜାର, କଂଗ୍ରେସ ପ୍ରାର୍ଥୀ ପ୍ରଭାସ କର ମହାପାତ୍ର ୨୬ ହଜାର ଏବଂ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପ୍ରାର୍ଥୀ ମନୋରଞ୍ଜନ ଧଳ ୧୮ ହଜାରରୁ ଅଧିକ ଭୋଟ୍ ପାଇଥିଲେ। ତେବେ ଭଞ୍ଜଦେଓ ବିଧାୟକ ଭାବରେ ଦୁଇଥର ବିଜୟୀ ହୋଇ ସରକାରରେ ସାମିଲ ହୋଇଥିଲେ ବି ସ୍ଥାନୀୟ ସମସ୍ୟା ସୁଧୁରି ନ ଥିବା ଅଭିଯୋଗ ହୋଇଆସୁଛି। କେବଳ ନିର୍ବାଚନ ସମୟରେ ତାଙ୍କର ଦେଖା ମିଳିବା କଥା ସ୍ଥାନୀୟ ଭୋଟରମାନେ ଖୋଲାଖୋଲି କହୁଛନ୍ତି। ୨୦୧୯ ବିଧାନସଭା ନିର୍ବାଚନରେ ଦଳଗତ ନିର୍ବିଶେଷରେ ଆଞ୍ଚଳିକ ନେତୃତ୍ୱକୁ ଗୁରୁତ୍ୱ ଦେବା ସପକ୍ଷରେ ସ୍ଥାନୀୟ ଲୋକେ ରହିଥିବା ଭୋଟରମାନେ ଚର୍ଚ୍ଚା କରୁଛନ୍ତି। ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ଏଠାରୁ କଂଗ୍ରେସ ପ୍ରାର୍ଥୀ ଭାବେ ପ୍ରକାଶ କିଶୋର ନାୟକ, ହେମନ୍ତ ଦାସ ଓ ପ୍ରଭାସ କର ମହାପାତ୍ର ଲବିରେ ଥିବାବେଳେ ଭାଜପାରେ ରାଜକିଶୋର ଦାସ ଓ କୃଷ୍ଣଚନ୍ଦ୍ର ଦାସ ଏବଂ ସେହିପରି ବିଜେଡିରେ ବିଧାୟକ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଏବଂ ଆଦିତ୍ୟ ପଣ୍ଡା ଟିକଟ ଆଶାୟୀ ଥିବାର ଏବେଠାରୁ ସୂଚନା ମିଳୁଛି। କେବଳ ପ୍ରକାଶଙ୍କ ବ୍ୟତୀତ ଅନ୍ୟ ସମସ୍ତ ଆଶାୟୀ ପ୍ରାର୍ଥୀ ନିର୍ବାଚନମଣ୍ଡଳୀର ବାହାର ଅଞ୍ଚଳର ଲୋକ ହୋଇଥିବା ଚର୍ଚ୍ଚା ହେଉଛି।

## ଏମାନେ ଯାହା କୁହନ୍ତି

- ଏଠି ମାଟିର ପୁଅକୁ ଚାହୁଁଛି ମୋରଡ଼ା ନିର୍ବାଚନ ମଣ୍ଡଳୀ। ନିର୍ବାଚନ ସମୟରେ ନେତାମାନେ ମାଳମାଳ ହୋଇ ଆସନ୍ତି। ନିର୍ବାଚନ ଶେଷ ହେଲେ ସେମାନଙ୍କର ଦର୍ଶନ ମିଳେ ନାହିଁ। ସ୍ଥାନୀୟ ଲୋକ ପ୍ରତିନିଧି ହେଲେ ଲୋକଙ୍କ ଦୁଃଖସୁଖର ସାଥୀ ହୋଇପାରିବେ। ରାସଗୋବିନ୍ଦପୁର ବ୍ଲକ ତୋଟାପଡ଼ା ପଞ୍ଚାୟତ ପାଇକସାହିର ପ୍ରକାଶ କିଶୋର ନାୟକ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କଲେ ଆମେ ସ୍ୱାଗତ କରିବୁ।
  **–ଗୋପୀନାଥ ମହାନ୍ତି (ଚାଷୀ), ମହୁଲିଆ, ରାସଗୋବିନ୍ଦପୁର**

- ବିଜେଡି, ଭାଜପା, କଂଗ୍ରେସ ମଧ୍ୟରେ ଏଠାରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବା ସମ୍ଭାବନା ଅଧିକ। ବିଜେଡିକୁ 'କାଳିଆ' ଯୋଜନା ଅଡୁଆରେ ପକାଇବ। ସେହିପରି ବାହାର ଅଞ୍ଚଳର ପ୍ରାର୍ଥୀଙ୍କୁ ଭୋଟରମାନେ ନିଶ୍ଚିତ ବର୍ଜନ କରିବେ।
  **–ଉତ୍ତମ କୁମାର ମହାନ୍ତି, ଚା' ଦୋକାନୀ, ବଡାମପୁର, ରାସଗୋବିନ୍ଦପୁର**

- ସ୍ଥାନୀୟ ନେତୃତ୍ୱର ଅଭାବ କାରଣରୁ ମୋରଡ଼ା ବିଧାନସଭା କ୍ଷେତ୍ର ଅବହେଳିତ ହୋଇ ରହି ଆସିଛି। ଅଞ୍ଚଳର ୬୦% ଲୋକ ବୋବେଇ ଚାଷ ଏବଂ ବାଉଁଶ ବ୍ୟବସାୟ ଉପରେ ନିର୍ଭର କରି ପରିବାର ଭରଣପୋଷଣ କରିଥାନ୍ତି। ବୋବେଇ କିଣାବିକା ପାଇଁ ସତନ୍ତ୍ର ବଜାର ଏବଂ ବାଉଁଶ ଶିଳ୍ପ ପ୍ରତିଷ୍ଠା ନ ହେବା ଏ ଅଞ୍ଚଳ ପାଇଁ ଦୁର୍ଭାଗ୍ୟଜନକ।
  **–ଗୌରହରି ସେନାପତି, ବୁଦ୍ଧିଜୀବୀ, ଅସନଖାଲି**


ଗୋପୀନାଥ ମହାନ୍ତି


ଉତ୍ତମ କୁମାର ମହାନ୍ତି


ଗୌରହରି ସେନାପତି



ସମସ୍ତଙ୍କ ଆତ୍ମା ଅମର, କିନ୍ତୁ ନ୍ୟାୟବାନ ଲୋକର ଆତ୍ମା ହିଁ ଦେବତ୍ୱ ଲାଭ କରେ।
- ସକ୍ରେଟିସ



## ସଂକ୍ଷେପରେ

### ମା' ମଙ୍ଗଳାଙ୍କ ଅଳଙ୍କାର ଚୋରି

**ପୁରୀ ଅଫିସ,୯।୩:** କୁମ୍ଭାରପଡ଼ା ଥାନା ଅଧୀନ ବସ୍‌ଷ୍ଟାଣ୍ଡ ପରିସର ମା' ମଙ୍ଗଳା ମନ୍ଦିର ଗ୍ରିଲ୍ ତାଡ଼ି ଦୁର୍ବୃତ୍ତ ଶୁକ୍ରବାର ବିଳମ୍ବିତ ରାତିରେ ମା'ଙ୍କ ଲକ୍ଷାଧିକ ଟଙ୍କାର ରୁପା ଅଳଙ୍କାର ଚୋରି କରିଛନ୍ତି। ଦୁର୍ବୃତ୍ତମାନେ ମା'ଙ୍କ ରୁପାର ଆଖି, କାନ, ନାକ ସମେତ ମୁକୁଟ ଓ ଅନ୍ୟାନ୍ୟ ଅଳଙ୍କାର ନେଇଯାଇଛନ୍ତି। ଏ ନେଇ ଶନିବାର ଥାନାରେ ଅଭିଯୋଗ ହୋଇଛି। ପୂର୍ବରୁ ମଧ ମନ୍ଦିର ହୁଣ୍ଡିରୁ ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଥିଲା। ଦୁଇଥର ମନ୍ଦିରରୁ ଚୋରି ହୋଇଥିବା ବେଳେ ପୋଲିସ କେବଳ ଅଭିଯୋଗକୁ ରଖି ନୀରବ ସାଜିଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ବସ୍‌ଷ୍ଟାଣ୍ଡ ପରିସରରେ ସିସିଟିଭି ଖଞ୍ଜାଯାଇଛି। ତଥାପି ପୋଲିସକୁ କୌଣସି ସଫଳତା ମିଳିନାହିଁ। ସୂଚନା ମୁତାବକ, ପୂଜକ ଶନିବାର ଭୋର ୫ଟା ବେଳେ ମନ୍ଦିରକୁ ଆସିଥିଲେ। ମନ୍ଦିର ମୁଖ୍ୟ ଫାଟକ ତାଲା ଭଙ୍ଗାଯାଇଥିବା ଏବଂ ମା'ଙ୍କ ଅଳଙ୍କାର ନ ଥିବା ଦେଖି ସ୍ଥାନୀୟ ବାସିନ୍ଦାଙ୍କୁ ଜଣାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ତଦନ୍ତ କରିଥିଲା।

### ପୋଲିସ ବାରାକ୍‌ରେ ଚୋରି, ୨ ଧରାପଡ଼ିଲେ

**ଭୁବନେଶ୍ୱର,୯।୩ (ବ୍ୟୁରୋ):** ଶହୀଦନଗର ଥାନା ଅନ୍ତର୍ଗତ କଳିଙ୍ଗ ଷ୍ଟାଡିୟମ ନିକଟ ରିଜର୍ଭ ପୋଲିସ ବାରାକରେ ପଶି ଚୋରି କରୁଥିବାବେଳେ ଦୁଇଜଣ ଯୁବକ ଧରାପଡିଛନ୍ତି। ପୋଲିସ ସେମାନଙ୍କଠାରୁ ୧୦ ଚୋରି ମୋବାଇଲ ଜବତ କରିଛି। ପଚରାଉଚରା ପରେ ସେମାନେ ମୋବାଇଲ ସହ ବାଇକ୍ ଓ ସୁନାଗହଣା ଚୋରି କରିଥିବା ପୋଲିସ ଜାଣିବାକୁ ପାଇଛି। ଏହି ରାକେଟରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ଓ କେଉଁଠି ତାଙ୍କ ଗ୍ୟାଙ୍ଗ ଅପରାଧ ଘଟାଇଛି ତାହା ଜାଣିବାକୁ ପୋଲିସ ତନାଘନା ଚଳାଇଛି। ଅନ୍ୟମାନଙ୍କୁ ଧରିବାକୁ ପୋଲିସ ଚଢ଼ାଉ ଜାରି ରଖିଛି। ସୂଚନାନୁସାରେ, ପୂର୍ବରୁ ମଧ ସେମାନେ ପୋଲିସ ବାରାକରୁ ଚୋରି କରିଛନ୍ତି। ସେଠାରେ ରହୁଥିବା କେତେଜଣ ପୋଲିସ ଅଧିକାରୀଙ୍କ ସମ୍ପର୍କୀୟ କହି ବାରାକରେ ଅନ୍ୟମାନଙ୍କ ସହ ସମ୍ପର୍କ ଯୋଡୁଥିଲେ। ସେମାନଙ୍କ ରୁମ୍‌କୁ ଯିବାଆସିବା କରି ବିଶ୍ୱାସ ଜନ୍ମାଇବା ପରେ ସୁଯୋଗ ମିଳିବାମାତ୍ରେ ମୋବାଇଲ୍ ଫୋନ୍ ଓ ଅନ୍ୟ ସାମଗ୍ରୀ ଚୋରି କରୁଥିଲେ। ଶନିବାର ପୂର୍ବାହ୍ନ ୧୧ଟାରେ ଦୁଇ ଜଣ ଯୁବକ ପୋଲିସ ବାରାକକୁ ଯାଇ ପୂର୍ବଯୋଜନା ଅନୁସାରେ ମୋବାଇଲ୍ ଚୋରି କରୁଥିଲେ। ଏହି ସମୟରେ ବାରାକରେ ରହୁଥିବା ଜଣେ ଯୁବକ ସେମାନଙ୍କୁ ମାଡ଼ି ବସିଥିଲେ। ଉଭୟଙ୍କୁ କାବୁ କରିବା ପରେ ଥାନାକୁ ଫୋନ୍ କରି ପୋଲିସ ଜିମା ଦେଇଥିଲେ।

### ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପୂର୍ବତନ ଅଧକ୍ଷା ଶ୍ରୀଲେଖା ରାୟଙ୍କ ପରଲୋକ



**ଭୁବନେଶ୍ୱର, ୯।୩(ବ୍ୟୁରୋ):** ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପୂର୍ବତନ ଅଧକ୍ଷା ଡ. ଶ୍ରୀଲେଖା ରାୟଙ୍କ ୬୬ବର୍ଷ ବୟସରେ ଗୁରୁବାର ପରଲୋକ ଘଟିଛି। ସେ ଫୁସ୍‌ଫୁସ୍ ଓ ବୃକକ୍ ରୋଗରେ ପୀଡିତ ହୋଇ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। କଟକରେ ଜନ୍ମିତ ଡ. ରାୟ ରେଭେନ୍‌ଶା ମହାବିଦ୍ୟାଳୟରୁ ଅଧାପନା ଜୀବନ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସେ ଶୈଳବାଳା ମହିଳା ମହାବିଦ୍ୟାଳୟ, ଢେଙ୍କାନାଳ ମହିଳା ମହାବିଦ୍ୟାଳୟ, ରମାଦେବୀ ମହିଳା ମହାବିଦ୍ୟାଳୟରେ ଅଧାପିକା ଭାବେ କାର୍ଯ୍ୟ କରିଥିଲେ। ସେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଅଧକ୍ଷା ଭାବେ ଚାକିରିରୁ ଅବସର ନେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ବରିଷ୍ଠ ପ୍ରଶାସକ ଅନିରୁଦ୍ଧ ରାଉତଙ୍କ ସମେତ ପୁଅ, ବୋହୂ, ଝିଅ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ଏସ୍‌ସିବି ଅଗ୍ନିକାଣ୍ଡକୁ ନେଇ ବଢୁଛି ସନ୍ଦେହ

# କ୍ରାୟୋଷ୍ଟାର୍ଟ, ପେଷ୍ଟାହାର୍ଡ ମେଶିନ ଅଚଳ

**କଟକ ଅଫିସ,୯।୩**



ଏସ୍‌ସିବି ମେଡିକାଲ ପାଥୋଲୋଜି ବିଭାଗରେ ଗୁରୁବାର ବିଳମ୍ବିତ ରାତିରେ ଘଟିଥିବା ଅଗ୍ନିକାଣ୍ଡକୁ ନେଇ ସାଧାରଣରେ ସନ୍ଦେହ ବଢିବାରେ ଲାଗିଛି। ଅଗ୍ନିକାଣ୍ଡର ତଦନ୍ତ ନିମନ୍ତେ ମେଡିକାଲ ପକ୍ଷରୁ ୭ଜଣିଆ ତଦନ୍ତ କମିଟି ଗଠନ କରାଯାଇଛି। ୭ଦିନ ମଧରେ ଉକ୍ତ କମିଟି ରିପୋର୍ଟ ପ୍ରଦାନ କରିବ। କିନ୍ତୁ ଅଗ୍ନିକାଣ୍ଡରେ ପାଥୋଲୋଜି ବିଭାଗର ବହୁମୂଲ୍ୟ କ୍ରାୟୋଷ୍ଟାର୍ଟ ମେଶିନ, ପେଷ୍ଟାହାର୍ଡ ମେଶିନ ଓ ଇମ୍ୟୁନୋଫ୍ଲୋରୋସେନ୍ସ ମେଶିନ ଅଚଳ ହୋଇପଡିଥିବା ଜଣାପଡିଛି। ୨୦ଲକ୍ଷ ଟଙ୍କା ମୂଲ୍ୟର କ୍ରାୟୋଷ୍ଟାର୍ଟ ମେଶିନ ୯ବର୍ଷ ତଳୁ ଏସ୍‌ସିବିକୁ ଆସିଥିଲା। ଆସିବାର କିଛିଦିନ ପରେ ମେଶିନଟି ଅଚଳ ହୋଇପଡିଥିଲା। ଏହି ମେଶିନର ବିଶେଷତ୍ୱ ହେଉଛି ଏହାରି ମାଧ୍ୟମରେ କ୍ୟାନ୍‌ସର ରୋଗକୁ ୨୦ମିନିଟ ମଧରେ ଚିହ୍ନଟ କରାଯାଇଥାଏ। ୨ମାସ ତଳେ ମେଶିନ୍‌ର ସିଏମ୍‌ସି(କମ୍ପ୍ରେହେନସିଭ ଆନୁଆଲ ମେଣ୍ଟେନାନ୍ସ) କରାଯାଇ ତାହାକୁ କାର୍ଯ୍ୟକ୍ଷମ କରାଯାଇଥିଲା। ହେଲେ ଅଗ୍ନିକାଣ୍ଡ ପରେ ମେଶିନ୍‌ଟି କଳା ପଡିଯାଇଛି। ମେଶିନ୍‌ଟି ଠିକ୍ ଅଛି କି ନାହିଁ, ତାହାର ତଦାରଖ ନିମନ୍ତେ ଇଞ୍ଜିନିୟରଙ୍କୁ ଡକାଯାଇଥିବା ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ଅସରନ୍ତି କର କହିଛନ୍ତି। ସେହିପରି କିଡ୍‌ନୀ ଓ ଚର୍ମରୋଗ ପରୀକ୍ଷା ପାଇଁ ଆବଶ୍ୟକ ହେଉଥିବା ଇମ୍ୟୁନୋଫ୍ଲୋରୋସେନ୍ସ ମେଶିନ, ଏକସାଙ୍ଗରେ ୫ଜଣ ପାଥୋଲୋଜିଷ୍ଟ ବସି ପରୀକ୍ଷା କରିପାରୁଥିବା ଉନ୍ନତମାନର ପେଷ୍ଟାହାର୍ଡ ମେଶିନର ତଦାରଖ ପାଇଁ ମଧ ମେକାନିକ ଡକାଯାଇଥିବା ଡାକ୍ତର କର କହିଛନ୍ତି।

ପାଥୋଲୋଜି ବିଭାଗର ସାଇଟୋଲୋଜି ୟୁନିଟରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ତେଣୁ ସାଇଟୋଲୋଜି ବିଭାଗକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକ୍ଷମ କରାଯାଇଥିବା ଏସସିବି ଅଧୀକ୍ଷକ ପ୍ରଫେସର ଡାକ୍ତର ସିବିକେ ମହାନ୍ତି କହିଛନ୍ତି। ସେହିପରି ଗୁରୁବାର ବିଳମ୍ବିତ ରାତିରେ ଏହି ଅଗ୍ନିକାଣ୍ଡ ଘଟିଥିଲା। କିନ୍ତୁ ଶୁକ୍ରବାର ସକାଳୁ ଅଗ୍ନିକାଣ୍ଡ ସମ୍ପର୍କରେ ଜଣାପଡିଥିଲା। ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳକୁ ଆସି ନିଆଁ ଲିଭାଇଥିଲେ। ହେଲେ ଅଗ୍ନିକାଣ୍ଡର ପ୍ରାଥମିକ କାରଣ ସମ୍ପର୍କରେ ଅଗ୍ନିଶମ ବିଭାଗ ତଦନ୍ତ କରିନାହିଁ। ଏସ୍‌ସିବି ପରିସରରେ ଥିବା ଅଗ୍ନିଶମ ବିଭାଗର ଷ୍ଟେଶନ ଅଫିସର ନଟବର ନାୟକ କୁହନ୍ତି, ଦ୍ୱିତୀୟ ଶନିବାର ଯୋଗୁ ମେଡିକାଲ ଛୁଟି ଥିଲା। ସୋମବାର ଏହାର ତଦନ୍ତ କରାଯିବ। ବିଦ୍ୟୁତ୍ ବିଭାଗର ଜଣେ ଅଧିକାରୀଙ୍କ କହିବାନୁଯାୟୀ, ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ବିନା କାରଣରେ ମେଡିକାଲର ଅନେକ ବିଭାଗରେ ଏସିଗୁଡିକ ରାତି ସାରା ଚାଲୁଥାଏ। ପାଥୋଲୋଜି ବିଭାଗ ଅପରାହ୍ନ ୫ଟା ପରେ ବନ୍ଦ ହୋଇଯାଏ। ମାତ୍ର ବିଭାଗ ବନ୍ଦ ହେବା ପରେ ସାଇଟୋଲୋଜି ବିଭାଗରେ ଲାଗିଥିବା ୪ଟି ଯାକ ଏସି ଚାଲୁଥିଲା, ଯେଉଁଥିପାଇଁ ୪ଟି ଯାକ ଏସିର ଇନ୍‌ଡୋର ୟୁନିଟ୍ ପୋଡିଯାଇଛି। ମେଡିକାଲରେ ଯେତେଥର ଅଗ୍ନିକାଣ୍ଡ ଘଟିଛି ସବୁଥର ଶର୍ଟ ସର୍କିଟ ଯୋଗୁ ଘଟିଛି। ତେଣୁ ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ସାମାଜିକ କର୍ମୀ ଅଚ୍ୟୁତ କୁମାର ସାହୁଙ୍କ ମତରେ ଏସସିବିରେ ମାଗଣାରେ ଚିକିତ୍ସା ମିଳୁଥିବାରୁ ତାହା ଅନେକ ଘରୋଇ ମେଡିକାଲକୁ ଅଡୁଆ କରୁଛି। ତେଣୁ କିଭଳି ଏସସିବି ଯନ୍ତ୍ରପାତି ଅଚଳ ହେବ ସେ ନେଇ ଅନେକ ସମୟରେ ବାହାରୁ ଚକ୍ରାନ୍ତ ହୋଇଥାଏ। ତେଣୁ ଏହି ଅଗ୍ନିକାଣ୍ଡ ପଛରେ ସେଭଳି କିଛି ଚକ୍ରାନ୍ତ ଅଛି କି ନାହିଁ ତାହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାହୁ ଦାବି କରିଛନ୍ତି। ଏସ୍‌ସିବି ଜରୁରିକାଳୀନ ଅଧିକାରୀ ଡାକ୍ତର ଭୁବନାନନ୍ଦ ମହାରଣା କୁହନ୍ତି, ୭ଦିନ ମଧରେ ତଦନ୍ତ ରିପୋର୍ଟ ବାହାରିବ। ରିପୋର୍ଟ ଆଧାରରେ ଯାହା କରାଯିବା କଥା କରାଯିବ। ତେବେ ପ୍ରତ୍ୟେକ ଅଗ୍ନିକାଣ୍ଡ ପରେ ତଦନ୍ତ କମିଟି ବସିଥାଏ। ମାତ୍ର ରିପୋର୍ଟରେ କ'ଣ ବାହାରିଥାଏ ଓ ଏଥିରେ କେତେଜଣଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି ସେ ପ୍ରଶ୍ନରେ ଡାକ୍ତର ମହାରଣା ନୀରବ ରହିଥିଲେ।




ଭୁବନେଶ୍ୱର ଉତ୍କଳ ରଙ୍ଗମଞ୍ଚଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

# ହୃଦୟରେ ଓଡ଼ିଶାର ଆତ୍ମିକ ସୌନ୍ଦର୍ଯ୍ୟକୁ ଅନୁଭବ କରିହେବ

## ଲିପି-ଲିଟରେଚର ଉଦ୍‌ଘାଟିତ

**ଭୁବନେଶ୍ୱର, ୯।୩(ବ୍ୟୁରୋ)**

କଳା ଓ ସଂସ୍କୃତି ଏବଂ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଓଡ଼ିଶାର ବିକଳ୍ପ ନାହିଁ। ଭାଷାରେ ନୁହେଁ, କେବଳ ହୃଦୟରେ ହିଁ ଓଡ଼ିଶାର ଆତ୍ମିକ ସୌନ୍ଦର୍ଯ୍ୟକୁ ଅନୁଭବ କରିହେବ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ଉତ୍ତ୍ରଜା ଅନୁଷ୍ଠାନ ପକ୍ଷରୁ ଶନିବାର ଉତ୍କଳ ରଙ୍ଗମଞ୍ଚଠାରେ ଜାତୀୟ ସମ୍ମାନ ଲିପି–ଲିଟରେଚର ୨୦୧୯କୁ ଉଦ୍‌ଘାଟନ କର ରାଜ୍ୟପାଳ କହିଲେ, ଓଡ଼ିଶା ହେଉଛି ଆଧାତ୍ମିକତାର ଅନନ୍ୟ ପ୍ରବେଶ। ଏଠି ପ୍ରତ୍ୟେକ ସତ୍ତା, ସମ୍ପୃକ୍ତି ଓ ସୃଷ୍ଟିର ବିଶେଷ ମହିମା ରହିଛି। ଓଡ଼ିଆ ଲିପିରେ ମଧ ସେହି ଶାଶ୍ୱତ ଅନୁଭବକୁ ହୃଦୟଙ୍ଗମ କରିହେବ। ମହାପ୍ରଭୁ ଜଗନ୍ନାଥଙ୍କ ଚକା ଆଖିର ପ୍ରେରଣାରେ ଓଡ଼ିଆ ଲିପି ମୂର୍ତ୍ତ ହୋଇଥିବା ବେଶ୍ ଉଲ୍ଲେଖଯୋଗ୍ୟ। ଓଡ଼ିଆ ଲିପି, ଭାଷା ଓ ସାହିତ୍ୟ ବହୁ ଭାବରେ ପରିପୁଷ୍ଟ ଓ ପୃଥିବୀରେ ଏହାର କୌଣସି ସମସ୍କନ୍ଦ ସମ୍ପଦ ନ ଥିବା ରାଜ୍ୟପାଳ ପ୍ରକାଶ କରିଛନ୍ତି।

ଉତ୍ସବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ବିଶିଷ୍ଟ ଭାଷାତତ୍ତ୍ୱବିଦ୍ ତଥା ଆଇଆଇଟିର ପୂର୍ବତନ ପ୍ରଫେସର ବିଭୁଦେନ୍ଦ୍ର ନାରାୟଣ ପଟ୍ଟନାୟକ, ବିଶିଷ୍ଟ ଗବେଷକ ଓ ଲେଖକ ପ୍ରଫେସର ଡ. ବସନ୍ତ କୁମାର ପଣ୍ଡା ଓ ଓଡ଼ିଆ ଭାଷା ପ୍ରତିଷ୍ଠାନ ନିର୍ଦ୍ଦେଶକ ଡ. ତମସାରାଣୀ ଦାସ ମହାପାତ୍ର ପ୍ରମୁଖ ଓଡ଼ିଆ ଲିପି, ଭାଷା ଓ ସାହିତ୍ୟର ଅତୀତ ତଥା ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ। ଉତ୍ତ୍ରଜାର ସଭାପତି ସୁଷମା ନାୟକ, ଉପସଭାପତି ପ୍ରସନ୍ନ କୁମାର ନାୟକ, ଡ. କ୍ଷୀରୋଦ ଚନ୍ଦ୍ର ବେହେରା, ସମ୍ପାଦକ ଅଜିତ ଦାଶ ସମ୍ମିଳନୀର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଉତ୍ତ୍ରଜା ପ୍ରକାଶିତ ଏକ ପୁସ୍ତିକାକୁ ରାଜ୍ୟପାଳ ଉନ୍ମୋଚନ କରିଥିଲେ। ଏହି ପରିପ୍ରେକ୍ଷୀରେ ଓଡ଼ିଆ ଭାଷା ଓ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ଗବେଷକ ପ୍ରଫେସର ଡ. ଗଗନେନ୍ଦ୍ର ନାଥ ଦାଶ, ଭାଷାତତ୍ତ୍ୱବିଦ୍ ବିଭୁଦେନ୍ଦ୍ର ନାରାୟଣ ପଟ୍ଟନାୟକ, ପ୍ରଖ୍ୟାତ ଲେଖକ ଡ. ବିଭୂତି ପଟ୍ଟନାୟକଙ୍କୁ 'ଉତ୍ତ୍ରଜା ସମ୍ମାନ' ପ୍ରଦାନ କରାଯାଇଥିଲା। ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୋଖରୀରେ ବୁଡ଼ି ଛାତ୍ର ମୃତ

**ଆଠଗଡ଼,୯।୩(ସ୍ୱ.ପ୍ର.)**

ପୋଖରୀରେ ବୁଡ଼ି ଶନିବାର ଜଣେ ୫ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ ଢେଙ୍କାନାଳ ସଦର ଥାନା ଅଧୀନ ପର୍ବତୀୟା ଗ୍ରାମର ଶିଖର ରାଉତଙ୍କ ପୁଅ ଶ୍ରୀଧର ରାଉତ(୧୦)। ସକାଳୁଆ ସ୍କୁଲ ଥିବାରୁ ଶ୍ରୀଧର ସ୍କୁଲ ଯାଇ ୧୧ଟା୩ରେ ଫେରିଥିଲେ। ତାଙ୍କ ପରିବାରରେ ଏକାଦଶାହ ଥିବାରୁ ସେ ଘର ନିକଟ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ହେଲେ ଦୀର୍ଘ ସମୟ ଧରି ଫେରି ନ ଥିଲେ। ଘିଅ, ମହୂ ପାଇବା ପାଇଁ ପରିବାର ଲୋକେ ତାଙ୍କୁ ଖୋଜିଲାବେଳକୁ ସେ ଘରେ ନ ଥିଲେ। ପରେ ସନ୍ଦେହ ହେବାରୁ ପରିବାର ସଦସ୍ୟ ଓ ଗ୍ରାମବାସୀ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଏହି ସମୟରେ ଘର ନିକଟ ପୋଖରୀ ହୁଡ଼ାରେ ତାଙ୍କ ସାଇକଲେ ଥୁଆ ହୋଇଥିବା ଦେଖିବାକୁ ମିଳିଥିଲା। ଫଳରେ ସନ୍ଦେହରେ ପରିବାର ଲୋକେ ପୋଖରୀରେ ଖୋଜାଖୋଜି କରିଥିଲେ ଏବଂ ସେଠାରୁ ଶ୍ରୀଧରଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରିଥିଲେ। ଏହାପରେ ତାଙ୍କୁ ଆଠଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଆଠଗଡ଼ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶ୍ରୀଧର ଜଣେ ଭିନ୍ନକ୍ଷମ ହୋଇଥିଲେ ମଧ ମେଧାବୀ ଛାତ୍ର ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଦିବ୍ୟାଙ୍ଗ ଛାତ୍ରୀ ହରିୟାଣାରେ ବିକ୍ରି

**ଭୁବନେଶ୍ୱର,୯।୩ (ବ୍ୟୁରୋ)**

- ଫେବୃୟାରୀ ୨୪ରୁ ନିଖୋଜ ଥିବା ସୂଚନା
- ପରିବାର ଲୋକେ ବାହାଘର କରିଥିବା କହିଲେ କଲେଜ କର୍ତ୍ତୃପକ୍ଷ
- ଅଭିଯୋଗ ସତ୍ତ୍ୱେ ଗୁରୁତ୍ୱ ଦେଉନି ପୋଲିସ

କ୍ୟାପିଟାଲ ଥାନା ଅଞ୍ଚଳର ଏକ ମୂକ ବଧିର ମହାବିଦ୍ୟାଳୟରୁ ଜଣେ ଛାତ୍ରୀ ଗତ ଫେବୃୟାରୀ ୨୪ରୁ ନିଖୋଜ ଅଛନ୍ତି। ସେ ହରିୟାଣାରେ ଥିବା ସୂଚନା ପାଇବା ପରେ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କୁ କେହି ଦଲାଲ ଅପହରଣ କରି ନେବା ପରେ ସେଠାରେ ବିକ୍ରି କରି ଦେଇଥିବା ସନ୍ଦେହ କରିଛନ୍ତି ଛାତ୍ରୀଙ୍କ ବାପା। ଝିଅକୁ ଉଦ୍ଧାର ପାଇଁ ସେ ପୋଲିସକୁ ନିବେଦନ କରିଛନ୍ତି। ତେବେ ବାରମ୍ବାର ଥାନାକୁ ଯାଉଥିଲେ ମଧ ପୋଲିସ ତାଙ୍କ କଥା ଶୁଣୁ ନ ଥିବା ସେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, ନିଖୋଜ ଛାତ୍ରୀଙ୍କ ଘର କଳାହାଣ୍ଡି ଜିଲାରେ। ସେ ଉକ୍ତ କଲେଜରେ ଯୁକ୍ତ–୨ ପଢୁଥିଲେ। ପରିବାର ଲୋକେ ତାଙ୍କ ଫୋନ୍‌କୁ ବାରମ୍ବାର କଲ କରିଥିଲେ ମଧ ସେ ଉଠାଇ ନ ଥିଲେ। ସନ୍ଦେହ ହେବାରୁ ବାପା କଲେଜ କର୍ତ୍ତୃପକ୍ଷଙ୍କୁ ଫୋନ୍ କରି ନିରାଶ ହୋଇଥିଲେ। ପରେ କଲେଜ ପିଅନଙ୍କୁ ଫୋନ୍ କରି ପଚାରିବାରୁ ବାପାଙ୍କ ଦେହ ଖରାପ କହି ଝିଅ ଫେବୃୟାରୀ ୨୪ରୁ ଘରକୁ ଯାଇଥିବା ଜାଣିବାକୁ ପାଇଥିଲେ। ମାତ୍ର ଝିଅ ଘରେ ପହଞ୍ଚି ନ ଥିବାରୁ ସେ ତୁରନ୍ତ ଭୁବନେଶ୍ୱର ଆସି କଲେଜ କର୍ତ୍ତୃପକ୍ଷଙ୍କୁ ଭେଟି ସବୁକଥା ଜାଣିବା ପରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସହ ବାରମ୍ବାର ଥାନାକୁ ଆସି ପଚାରୁଛନ୍ତି। ହେଲେ ପୋଲିସ ସହଯୋଗ କରୁ ନ ଥିବାରୁ ସେ ଶେଷରେ ଗଣମାଧ୍ୟମର ସହଯୋଗ ଲୋଡ଼ିଛନ୍ତି। ସେ କହିଛନ୍ତି ଯେ, ତାଙ୍କ ମୋବାଇଲ ଫୋନ୍‌କୁ ଝିଅ ବିବାହ କରିଥିବା ନେଇ ଏକ ଫଟୋ ଆସିଥିଲା। ସଙ୍ଗେ ସଙ୍ଗେ ତାହା ପୁଣି ଡିଲିଟ୍ ହୋଇଯାଇଥିଲା। ସେହିଭଳି ଭିଡିଓ କଲିଂରେ ଝିଅ କିଛି ସମୟ କଥା ହୋଇଥିଲେ। ତା'ପରେ ହଠାତ୍ ଫୋନ୍ କଟିଯାଇଥିଲା। ଝିଅର କଥାବାର୍ତ୍ତାକୁ ନେଇ ବାପା ଚିନ୍ତା ପ୍ରକଟ କରିଛନ୍ତି। ତାଙ୍କ ଝିଅର ଜୀବନ ବିପଦରେ ଥିବା ଓ ତାଙ୍କୁ ତୁରନ୍ତ ଉଦ୍ଧାର ପାଇଁ ସହଯୋଗ କରିବାକୁ କହି ସେ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ କାନ୍ଦି ପକାଇଥିଲେ।

ଏନେଇ କଲେଜ ଅଧକ୍ଷା କହିଛନ୍ତି, ତାଙ୍କ ବାପା ମିଛ କହୁଛନ୍ତି। ସେ ନିଜେ ତାଙ୍କ ଝିଅଙ୍କୁ ହରିଆଣାରେ ବିବାହ କରାଇଛନ୍ତି। ଅନ୍ୟ କିଛି ଫାଇଦା ପାଇଁ ସେ ଏଭଳି ଅଭିଯୋଗ ଆଣୁଛନ୍ତି। କଲେଜ କର୍ତ୍ତୃପକ୍ଷ ଓ ନିଖୋଜ ଛାତ୍ରୀଙ୍କ ବାପାଙ୍କ କଥାରେ ତାଳମେଳ ରହୁନି। ଛାତ୍ରୀ ଜଣକ ମୂକ ଓ ବଧିର ହୋଇଥିବାବେଳେ କଲେଜ କର୍ତ୍ତୃପକ୍ଷ କିପରି ତାଙ୍କୁ ଏକୁଟିଆ ଘରକୁ ଛାଡ଼ିଥିଲେ ତାହାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଟଣା ସଂକ୍ରାନ୍ତରେ ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ କହିଛନ୍ତି, ଥାନାରେ ହୋଇଥିବା ଅଭିଯୋଗ ଆଧାରରେ ତଦନ୍ତ କରୁଛୁ। ସେ କେଉଁଠି ଜଣାପଡିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

## ସେଲ୍‌ଫି କର୍ନର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ । ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଆଲୋକ



ତାପସ



କୁନିଲତା



ନିତ୍ୟଜିତ



କାଦିର



ସୀମା



ମନୋଜ



ବିକାଶ

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୦ ମାର୍ଚ୍ଚ, ୨୦୧୯



ସବୁ ସଦ୍‌ଗୁଣର ମଜଭୂତ ମୂଳଦୁଆ ହେଲା ନମ୍ରତା:

-କନ୍‌ଫୁସିଅସ



## ସଂକ୍ଷେପରେ

### ୧ କୋଟିର ଲାଭାଂଶ ଦେଲା ଓଟିଡିସି

ଭୁବନେଶ୍ୱର, ୯।୩(ବ୍ୟୁରୋ)- ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ (ଓଟିଡିସି) ୨୦୧୮-୧୯ ଆର୍ଥିକ ବର୍ଷରେ କରିଥିବା ଲାଭାଂଶର ୧ କୋଟି ଟଙ୍କା ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛି। ଏ ନେଇ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ଓଟିଡିସିରେ ଅଂଶଧନ ସ୍ୱରୂପ ୯.୬୨ କୋଟି ଟଙ୍କା ବିନିଯୋଗ କରିଥିଲେ। ୨୦୦୨-୦୩ ମସିହା ପର୍ଯ୍ୟନ୍ତ ଓଟିଡିସି କ୍ଷତି ସହିଥିବା ବେଳେ ପରବର୍ତ୍ତୀ ସମୟରେ ଲାଭ କରିଥିଲା। ପ୍ରଥମଥର ପାଇଁ ୨୦୧୭-୧୮ ଆର୍ଥିକ ବର୍ଷରେ ଓଟିଡିସି ୧ କୋଟିର ଲାଭାଂଶ ପ୍ରଦାନ କରିଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ୧ କୋଟିର ଲାଭାଂଶ ପ୍ରଦାନ କରିଛି। ୨୦୧୮ ଡିସେମ୍ବର ସୁଦ୍ଧା ନିଗମ ୪.୮୩ କୋଟି ଟଙ୍କା ନିଟ୍ ଲାଭ କରିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଓଟିଡିସିର ସମୁଦାୟ ଲାଭ ପରିମାଣ ୨୫.୬୦ କୋଟିରେ ପହଞ୍ଚିଛି ବୋଲି ମନ୍ତ୍ରୀ ପଣ୍ଡା କହିଛନ୍ତି।

### ପାଲା ପରିଷଦ ପକ୍ଷରୁ ୧୧୮ଜଣ ସମ୍ମାନିତ

ବାରଙ୍ଗ,୯।୩(ଡି.ଏନ୍.ଏ.)- ମା' ଚମ୍ପାଦେଇ ଡାଳିଆସୁଣୀ ପାଲା ପରିଷଦ ପକ୍ଷରୁ ଚଣ୍ଡୀପ୍ରସାଦ ଗ୍ରାମରେ ହରିଦେବକୀ ସ୍ମୃତି ସମ୍ମାନ ସମ୍ବର୍ଦ୍ଧନା ମହୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବାରଙ୍ଗ ଆଞ୍ଚଳିକ ଶାନ୍ତି କମିଟିର ସମ୍ପାଦକ ସୁରେଶ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଶାସକ ରବିନାରାୟଣ ନନ୍ଦ, ପ୍ରତାପଚନ୍ଦ୍ର ପାଣି, ସଂଗ୍ରାମ କେଶରୀ ମହାପାତ୍ର, ସୁଧାକର ପାଣି, ମୁରଲୀଧର ପରିଡ଼ା, ପ୍ରମାନନ୍ଦ ସାହୁ, ଗୁରୁଚରଣ ଷଡଙ୍ଗୀ, ସରପଞ୍ଚ ସୁମିନା ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୂଜ୍ୟପୂଜାଙ୍କୁ ସମ୍ମାନ ଦେବାର ପରମ୍ପରା ଏବେ ବି ଗ୍ରାମାଞ୍ଚଳରେ ବଞ୍ଚି ରହିଥିବା କହିଥିଲେ। ଏହି ଅବସରରେ ବାରଙ୍ଗ ଅଞ୍ଚଳରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ୧୧୮ଜଣ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ହୃଦାନନ୍ଦ ବେଉରା ଧନ୍ୟବାଦ ଦେଇଥିଲେ।

# ବନ୍ଦ ପଡ଼ିଛି ପ୍ରାଚୀନ ସିଂହଦ୍ୱାର ଫାଟକ

**ପୁରୀ ଅଫିସ, ୯।୩**

ଦୀର୍ଘ ୫ ମାସରୁ ଊର୍ଦ୍ଧ୍ୱ ହେଲା ବନ୍ଦ ରହିଛି ପ୍ରାଚୀନ ସିଂହଦ୍ୱାର ଫାଟକ। ଏହା ଖୋଲାଯାଉ ନ ଥିବାରୁ ବିଭିନ୍ନ ପ୍ରକାର ସମସ୍ୟା ଉପୁଜୁଛି। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ସେବକମାନେ ବି ଅସୁବିଧାରେ ପଡୁଛନ୍ତି। ଏପରି କି ପରିଚାଳନା କମିଟି ସଦସ୍ୟ ମଧ୍ୟ ଏ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ହେଲେ ଶ୍ରୀମନ୍ଦିର ପ୍ରଶାସନ ଏହି ଫାଟକ ଖୋଲୁନାହିଁ।

ବର୍ତ୍ତମାନ ଯାହାକୁ ସିଂହଦ୍ୱାର ଗୁମୁଟ କୁହାଯାଉଛି, ତାହା ପ୍ରାଚୀନ ସିଂହଦ୍ୱାର ନୁହେଁ। ଆନନ୍ଦବଜାରରୁ ବାଇଶି ପାହାଚକୁ ଥିବା ଦ୍ୱାର ହିଁ ପ୍ରାଚୀନ ସିଂହଦ୍ୱାର। ରଥଯାତ୍ରା ସମୟରେ ମହାପ୍ରଭୁ ଜଗମୋହନ, ନାଟମଣ୍ଡପ, କୀର୍ତ୍ତନ ଚକଡ଼ା, ଆନନ୍ଦ ବଜାର ଗୁମୁଟ ଦେଇ ଆନନ୍ଦବଜାର ଅତିକ୍ରମ କରି ସିଂହଦ୍ୱାର ଦେଇ ବାଇଶି ପାହଚକୁ ବାହାରିଥାନ୍ତି। ସେହିପରି ନୀଳାଦ୍ରିବିଜେରେ ମଧ୍ୟ ଅନୁରୂପ ଭାବେ ବାଇଶି ପାହାଚରୁ ସିଂହଦ୍ୱାର ଦେଇ ପୁନଶ୍ଚ ଆନନ୍ଦବଜାର ଅତିକ୍ରମ କରି ଶ୍ରୀମନ୍ଦିର ଭିତରକୁ ଯାଇଥାନ୍ତି। ମହାପ୍ରଭୁ ସିଂହଦ୍ୱାର ଦେଇ ବାହାର ବିଜେ ଏବଂ ଭିତର ବିଜେ କରୁଥିବାରୁ ପ୍ରତି ଭକ୍ତମାନଙ୍କ ଭାବାବେଗ ସହ ଏହି ପ୍ରାଚୀନ ସିଂହଦ୍ୱାର ଜଡ଼ିତ। କିନ୍ତୁ ଗତ କାର୍ତ୍ତିକ ମାସରୁ ଅର୍ଥାତ୍ ଦୀର୍ଘ ୫ ମାସରୁ ଊର୍ଦ୍ଧ୍ୱ ହେବ ଏହି ସିଂହଦ୍ୱାର ଫାଟକରେ ତାଲା ପକାଇଛି ଶ୍ରୀମନ୍ଦିର ପ୍ରଶାସନ। ଫଳରେ ଏକ ପ୍ରାଚୀନ ପରମ୍ପରା କ୍ଷୁଣ୍ଣ ହେଉଛି।

ପ୍ରଶାସନ ଏକମୁଖୀ ପ୍ରବେଶ ବ୍ୟବସ୍ଥା ଲାଗୁ କରିଥିବାରୁ ଏହାକୁ ବନ୍ଦ କରିଥିବା କୁହାଯାଉଛି। କିନ୍ତୁ ଏହି ପ୍ରାଚୀନ ସିଂହଦ୍ୱାର ଫାଟକ ବନ୍ଦ ହେବା ଫଳରେ ନାନାପ୍ରକାର ସମସ୍ୟା ଉପୁଜୁଛି। ଆନନ୍ଦବଜାର ଗୁମୁଟ ଦେଇ ଭକ୍ତ ଆନନ୍ଦବଜାର ମଧ୍ୟକୁ ପ୍ରବେଶ କରୁଛନ୍ତି। ପୁଣି ସେହି ଗୁମୁଟ ଦେଇ ବାହାରୁଛନ୍ତି। ଏଥିସହ ବୋଝିଆମାନେ ଭୋଗ ନେଇ ସେହି ଗୁମୁଟ ଦେଇ ଯା'ଆସ କରୁଛନ୍ତି। ଫଳରେ ଅଧିକାଂଶ ସମୟ ଆନନ୍ଦବଜାର ଗୁମୁଟରେ ଗହଳି ହେଉଛି। ଏପରି କି ବୋଝିଆ ବେତା ନେଇ ଯିବା ବେଳେ ଭକ୍ତଙ୍କ ଦେହରେ ବାଜୁଛି।

ପ୍ରାୟ ପ୍ରତିଦିନ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ପୁରୀର ରାମଚନ୍ଦ୍ର ପଣ୍ଡା କହିଛନ୍ତି, ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନର ଏକମୁଖୀ ରାସ୍ତା ନିୟମ ଠିକ୍। ଗହଳି ଦିନମାନଙ୍କରେ ସିଂହଦ୍ୱାର ଫାଟକ ବନ୍ଦ ରଖି ପ୍ରଶାସନ ଶୃଙ୍ଖଳିତ ବ୍ୟବସ୍ଥା କରୁ। ଏହାକୁ କେହି ବିରୋଧ କରୁନାହାନ୍ତି। କିନ୍ତୁ ଅନ୍ୟ ଦିନମାନଙ୍କରେ ଏହି ଫାଟକ ଖୋଲା ରଖାଯାଉ। ଯାହାଫଳରେ କୌଣସି ଭକ୍ତ ଚାହିଁଲେ ବାଇଶି ପାହଚରୁ ଆନନ୍ଦବଜାରକୁ ଯାଇ ମହାପ୍ରସାଦ ଧରି ସହଜରେ ଯାଇପାରିବ। ଏ ସଂକ୍ରାନ୍ତରେ ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି କହିଛନ୍ତି, ଦୀର୍ଘ ୫ ମାସରୁ ଊର୍ଦ୍ଧ୍ୱ ହେବ ପ୍ରଶାସନ ସିଂହଦ୍ୱାର ଫାଟକ ବନ୍ଦ କରି ରଖିଛି। ଏହାଦ୍ୱାରା ଆନନ୍ଦବଜାର ଗୁମୁଟରେ ପ୍ରତ୍ୟହ ଭିଡ଼ ହେଉଛି। ଏହି ଗୋଟିଏ ବାଟରେ ଆନନ୍ଦବଜାରକୁ ଭକ୍ତ ପ୍ରବେଶ କରୁଛନ୍ତି ଏବଂ ବାହାରୁଛନ୍ତି। ବୋଝିଆ ମହାପ୍ରସାଦ ନେଇ ଆସିବା ସମୟରେ ଅଘଟଣ ଆଶଙ୍କା ବି ରହୁଛି। ବିଶେଷ ପର୍ବପର୍ବାଣି ତଥା ଭିଡ଼ ଦିନଗୁଡ଼ିକୁ ଛାଡ଼ି ପ୍ରଶାସନ ଅନ୍ୟ ଦିନମାନଙ୍କରେ ଏହି ଫାଟକ ଖୋଲା ରଖିବା ଦରକାର। ଫଳରେ ଆନନ୍ଦବଜାରରେ ହେଉଥିବା ଗହଳି ନିୟନ୍ତ୍ରଣ ହୋଇପାରିବ। ପରିଚାଳନା କମିଟି ବୈଠକରେ ସେ ଏକାଧିକଥର ଏହି ପ୍ରସଙ୍ଗ ଉଠାଇଲେଣି। ଏହା ଖୋଲାଯିବ ବୋଲି ବାରମ୍ବାର ପ୍ରତିଶ୍ରୁତି ଦିଆଯାଉଛି। ହେଲେ ପରବର୍ତ୍ତୀ ସମୟରେ ପୁଣି ପ୍ରଶାସନ ଚୁପ୍ ରହୁଛି ବାଲି ତିଆଡ଼ି କହିଛନ୍ତି।



ବନ୍ଦ ରହିଥିବା ପ୍ରାଚୀନ ସିଂହଦ୍ୱାର।



ବର୍ତ୍ତମାନର ଖୋଲା ରହିଥିବା ସିଂହଦ୍ୱାର।

- ଭକ୍ତଙ୍କ ମହଲରେ ଅସନ୍ତୋଷ
- ପରିଚାଳନା କମିଟି ସଦସ୍ୟଙ୍କ ଉଦ୍‌ବେଗ

### କୁକୁର ଭୟରେ ଲଜ୍‌ରେ ପଶିଲା ହରିଣ

**କୋଣାର୍କ, ୯।୩(ଡି.ଏନ୍.ଏ.)**

କୋଣାର୍କ ନିକଟସ୍ଥ ମାଉସୀମା ସାହି ଫରେଷ୍ଟ ଅଫିସ ପାଖରେ ଥିବା ଏକ ଲଜ୍ ଭିତରକୁ ଶନିବାର ପଶିଆସିଥିବା ଏକ ୪ବର୍ଷର ଅଣ୍ଡିରା ହରିଣ ଉଦ୍ଧାର ହୋଇଛି। ହରିଣଟି ଖାଦ୍ୟ ପାନୀୟ ଅନ୍ୱେଷଣରେ ଜନଗହଳି ଅଞ୍ଚଳକୁ ଆସିଥିବାବେଳେ ବୁଲା କୁକୁରଙ୍କ ହାବୁଡରେ ପଡିଯାଇଥିଲା। ହରିଣକୁ ଦେଖି କୁକୁରମାନେ ଗୋଡାଇବାରୁ ଜୀବନ ବଞ୍ଚାଇବାକୁ ହରିଣଟି ଲଜ୍ ଭିତରକୁ ପଶି ଯାଇଥିଲା। ପରେ ସ୍ଥାନୀୟ ଲୋକେ କୋଣାର୍କ ବନବିଭାଗକୁ ଖବର ଦେବା ପରେ ବନବିଭାଗର କର୍ମଚାରୀମାନେ ଆସି ଲଜ୍ ଭିତରୁ ହରିଣଟିକୁ ଉଦ୍ଧାର କରିଥିଲେ। ରାଜ୍ୟ ସରକାର ବନ୍ୟଜନ୍ତୁଙ୍କ ଖାଦ୍ୟ ପାଇଁ ଘାସ ଓ ପାନୀୟ ପାଇଁ ପୋଖରୀ ଖନନ କରିବାକୁ ଅର୍ଥ ମଞ୍ଜୁର କରୁଥିବାବେଳେ ଅନୁଦାନ ଅର୍ଥ ବାଟମାରଣା ହେବାରୁ ବନ୍ୟଜନ୍ତୁମାନେ ବାରମ୍ବାର ଜନବସତି ଅଞ୍ଚଳକୁ ଆସୁଛନ୍ତି। ବନବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ପରିବେଶବିତମାନେ ଦାବି କରିଛନ୍ତି।






ଭୁବନେଶ୍ୱର ରେଡ୍‌କ୍ରସ ଭବନରେ ଶନିବାର ଲୋହରାଖଣ୍ଡି ସାହିତ୍ୟ ସଂସଦ ପକ୍ଷରୁ ଅନୁଷ୍ଠିତ ଆଲୋଚନାଚକ୍ର, ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ରାଷ୍ଟ୍ରୀୟ ଲୋକ ଅଦାଲତରେ ୩୯ ମାମଲା ଫଇସଲା

**କଟକ ଅଫିସ,୯।୩**

କ୍ୟାଣ୍ଟନମେଣ୍ଟରୋଡସ୍ଥିତ ସ୍ଥାୟୀ ଲୋକ ଅଦାଲତ (ଜନଉପଯୋଗୀସେବା) ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହାକୁ ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ପ୍ରେମରାଜ ବହିଦାର, ସଦସ୍ୟ ତପନ କୁମାର ମଣ୍ଡଳ ଓ ପ୍ରଦୀପ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ। ଏଥିରେ ବିଚାର ପାଇଁ ଆଗତ ମୋଟ୍ ୬୧ଟି ମାମଲାର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୩୯ଟି ମାମଲାର ଫଇସଲା କରାଯାଇଥିଲା। ଏହି ମାମଲାଗୁଡିକ ମଧ୍ୟରେ କର୍ତ୍ତୃପକ୍ଷଙ୍କ ଅବହେଳାରୁ ସୌଭାଗ୍ୟ ଯୋଜନାରେ ବଞ୍ଚିତ ହୋଇଥିବା ୪ଜଣ ଆବେଦନକାରୀଙ୍କ ସମେତ ୩୦ଜଣ ଆବେଦନକାରୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନା ଓ ୪ଜଣ ଆବେଦନକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରି ତୁରନ୍ତ ପେନସନ ଦେବାକୁ ଅଦାଲତ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସୂଚନାଥାଉ କି, ୨୦୧୧ ମସିହାରୁ ଏହି ଅଦାଲତ ଲୋକଙ୍କ ସମସ୍ୟାର ଆଶୁ ସମାଧାନ କ୍ଷେତ୍ରରେ ନିରନ୍ତର ଭାବେ କାର୍ଯ୍ୟ କରିଆସୁଛି। ଜନଉପଯୋଗୀ ସେବା ଯଥା- ଯାତ୍ରୀ ପରିବହନ, ଡାକ ଓ ତାର, ଟେଲିଫୋନ୍-ଇଣ୍ଟରନେଟ, ବ୍ୟାଙ୍କ ସମେତ ବିଭିନ୍ନ ଆର୍ଥିକ ଅନୁଷ୍ଠାନ ଓ ବୀମା ଆଦି କ୍ଷେତ୍ରରେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଥିବା ଲୋକଙ୍କୁ ନ୍ୟାୟ ଦେବା କ୍ଷେତ୍ରରେ କାର୍ଯ୍ୟ କରୁଛି।

# ଆକ୍ରମଣ ଘଟଣା: ୨ ଗିରଫ



ଗିରଫ ଦୁଇ ଅଭିଯୁକ୍ତ ।



ଜବତ ବନ୍ଧୁକ, ମୋବାଇଲ୍।

**ବନ୍ଧୁକ, ଗୁଳି, କାର, ମୋବାଇଲ ଜବତ**

**କଟକ ଅଫିସ, ୯।୩**

କଟକ ସଦର ଥାନା ଅନ୍ତର୍ଗତ ୪୨ ମୌଜା ଅଞ୍ଚଳର ପବିତ୍ର ବେହେରାଙ୍କୁ ଆକ୍ରମଣ କରିବା ଘଟଣାରେ ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଦାମବାଡି ଥାନା ଅନ୍ତର୍ଗତ ପାଲାମଣ୍ଡପ ଅଞ୍ଚଳର ଚନ୍ଦ୍ରସୂର୍ଯ୍ୟ ରାଉତ ଓରଫ ବବି, ହୃଷୀକେଶ ସ୍ୱାଇଁ। ସେମାନଙ୍କ ଠାରୁ ପୋଲିସ ଦୁଇଟି ୯ଏମ୍ଏମ୍ ବନ୍ଧୁକ, ଦୁଇଟି ଗୁଳି, ଏକ କାର(ଓଆର୦୫ଏଇ-୯୯୯୩) ଏବଂ ୩ଟି ମୋବାଇଲ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ଫେବୃୟାରୀ ୧୪ ତାରିଖ ରାତିରେ ବବି ଏବଂ ତାଙ୍କର ୫ ଜଣ ସହଯୋଗୀ ୪୨ ମୌଜା ଅଞ୍ଚଳରେ ବନ୍ଧୁକ ସହ ବିଭିନ୍ନ ମାରଣାସ୍ତ୍ର ଧରି ଏକାଠି ହୋଇଥିଲେ। ପରେ ସେମାନେ ପୂର୍ବ ଶତ୍ରୁତାକୁ ନେଇ ପବିତ୍ରଙ୍କୁ ଆକ୍ରମଣ କରିବା ସହ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ହେଲେ ସୌଭାଗ୍ୟବଶତଃ ପବିତ୍ର ସେଠାରୁ ଖସିଆସି କଟକ ସଦର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୭୧/୧୯) ରୁଜୁ କରିବା ସହ ବବିଙ୍କୁ ଗିରଫ କରିଥିଲା। ପଚରାଉଚରା ପରେ ବବି ୪୨ ମୌଜା ଅଞ୍ଚଳରେ ଥିବା ତାଙ୍କର ଫାର୍ମ ହାଉସରେ ବନ୍ଧୁକ ରଖିଥିବା ମାନିଥିଲେ। ପୋଲିସ ସେଠାରେ ଚଢାଉ କରି ଗୋଟିଏ ବନ୍ଧୁକ, ଗୋଟିଏ ଗୁଳି ସହ ଉକ୍ତ କାରକୁ ଜବତ କରିଥିଲା। ପରେ ବବି ତାଙ୍କର ଅନ୍ୟ ସହଯୋଗୀ ହୃଷୀକେଶ ସ୍ୱାଇଁଙ୍କ ପାଖରେ ବନ୍ଧୁକ ଥିବା ପୋଲିସ ନିକଟରେ ପ୍ରକାଶ କରିଥିଲେ। ପୋଲିସ ହୃଷୀକେଶଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଗୋଟିଏ ବନ୍ଧୁକ ଏବଂ ଗୋଟିଏ ଗୁଳି ଜବତ କରିଥିଲା। ତେବେ ଉଭୟ ଅଭିଯୁକ୍ତ ବାଦାମବାଡି ଅଞ୍ଚଳରେ ରହୁଥିବା ପପୁନୁ ସେଠୀଙ୍କଠାରୁ ବନ୍ଧୁକ ଆଣିଥିବା ମାନିଥିଲେ। ପପୁନୁ ବେଆଇନ ବନ୍ଧୁକ କାରବାର କରୁଥିବା ପୋଲିସ ଜାଣିବାକୁ ପାଇଥିବା ବେଳେ ତାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଥିବା ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି।

### ରାଜ ପରିବାରର ଝିଅ ଚିନ୍ମୟୀ

# ଗୋ ସେବାରେ ସମର୍ପିତ ଜୀବନ

**ସେ ରାଜ ପରିବାରର ଝିଅ। ହେଲେ ମନରେ ସାମାନ୍ୟତମ ଗର୍ବ ନାହିଁ। ଗୋ ସେବାକୁ ଜୀବନର ବ୍ରତ ଭାବେ ଧରି ନେଇଛନ୍ତି। ଭୁଲି ଯାଇଛନ୍ତି ସମସ୍ତ ପ୍ରକାର ସୁଖ, ସ୍ୱାଚ୍ଛନ୍ଦ୍ୟ ଓ ଅଭିଳାଷକୁ। ରାଜ ପରିବାରର ସମ୍ଭ୍ରାନ୍ତ ଚଳଣିକୁ ପାସୋରି ଗୋ ସେବାରେ ବିତାଉଛନ୍ତି ଦିନ। ବାଟରେ ଘାଟରେ ଯେଉଁଠି ଆଘାତପ୍ରାପ୍ତ ପଶୁପକ୍ଷୀ ଦେଖିଲେ ସଙ୍ଗେ ସଙ୍ଗେ ସେମାନଙ୍କ ସେବାରେ ଲାଗିପଡନ୍ତି। ଏହି ସେବା ହିଁ ତାଙ୍କୁ ଦେଉଛି ଅଫୁରନ୍ତ ଆନନ୍ଦ। ଗୋ ସେବାରେ ନିଜକୁ ସମର୍ପିତ କରିଥିବା ଏହି ମହିଳା ଜଣଙ୍କ ହେଲେ ଚିନ୍ମୟୀ ଦେଓ।**

**ପୁରୀ ଅଫିସ, ୯।୩**

ବଣେଇ ରାଜ ପରିବାରର ଝିଅ ଚିନ୍ମୟୀ। ସେତେବେଳେ ରାଜ ଉଆସରେ ବହୁତଗୁଡ଼ିଏ ଗାଈ ରହୁଥିଲେ। ୩ ବର୍ଷ ବୟସରୁ ସେ ମା'ଙ୍କ ସହିତ ଗୋ ଶାଳାକୁ ଯାଆନ୍ତି। ସେଠାରେ ଛୋଟ ବାଛୁରୀଙ୍କ ସହିତ ଖେଳନ୍ତି। ଏପରି କି ଗାଈଙ୍କ ହମା ରଡି ଶୁଣି ସେ ଖୁସି ହୁଅନ୍ତି। ଧୀରେ ଧୀରେ ଏମିତି ଗୋ ସେବା ପ୍ରତି ତାଙ୍କର ମନ ଢଳେ। ସମୟକ୍ରମେ ରାଜଉଆସର ପରିଭାଷା ବଦଳିଯାଏ। ସେମିତି ଗାଈ ବି ଆଉ ରହିଲେ ନାହିଁ । ସେ ପରିବାର ସହ ପୁରୀ ପଳାଇ ଆସିଲେ। ସ୍ୱର୍ଗଦ୍ୱାର ନିକଟରେ ଥିବା ତାଙ୍କ ଘରେ ରହିଲେ। ପିଲାଟି ଦିନରୁ ଗୋ ସେବା ପ୍ରତି ରହିଥିବା ରୁଚି ତାଙ୍କୁ ଅସ୍ତବ୍ୟସ୍ତ କରିଦେଲା। ତେଣୁ ପ୍ରଥମେ ଗୋବର୍ଦ୍ଧନ ମଠ ଗୋଶାଳାକୁ ଯାଇ ଗୋ ସେବା କଲେ। ପରିବାର ସଦସ୍ୟ ବି ତାଙ୍କର ଆଗ୍ରହ ଦେଖି ଏଥିରେ ସହମତି ଜଣାଇଲେ। ଧୀରେ ଧୀରେ ଗୋ ସେବା ପ୍ରତି ସେ ଅଭ୍ୟସ୍ତ ହୋଇଗଲେ। ଏହାପରେ ବାଘ ଆଖଡା ମଠରେ ୨୦୧୭ ଅକ୍ଟୋବର ୨୮ ତାରିଖରେ ଶ୍ରୀଜଗନ୍ନାଥ ଗୋସେବା ସଂସ୍ଥାନମ୍ ଖୋଲିଲା। ସେହିଦିନଠାରୁ ଏଠାରେ ରହି ଗୋ ସେବା କରିଆସୁଛନ୍ତି ଚିନ୍ମୟୀ। ଏପରି କି ଗୋ ସେବା ପାଇଁ ଉପଯୁକ୍ତ ଶିକ୍ଷା ଗ୍ରହଣ କରି ପ୍ରମାଣପତ୍ର ବି ହାସଲ କରିଛନ୍ତି।

ପ୍ରତିଦିନ ସକାଳ ପ୍ରାୟ ୯ଟାରୁ ସେ ଘରୁ ବାହାରି ପଡନ୍ତି। ଚାଲି ଚାଲି ଆସି ଗୋ ସେବା ସଂସ୍ଥାନମ୍‌ରେ ପହଞ୍ଚନ୍ତି। ଆଜିକାଲି ଝିଅ ବା ମହିଳାମାନେ ଭ୍ୟାନିଟ୍‌ରେ ପ୍ରସାଧନ ସାମଗ୍ରୀ ରଖୁଥିବା ବେଳେ ଚିନ୍ମୟୀଙ୍କ ଭ୍ୟାନିଟ୍ କିନ୍ତୁ ଏଥିରେ ବ୍ୟତିକ୍ରମ। ତାଙ୍କ ଭ୍ୟାନିଟ୍‌ରେ କ୍ଷତାକ୍ତ ପଶୁପକ୍ଷୀଙ୍କ ପାଇଁ ଫାଷ୍ଟଏଡ୍‌ର ସମସ୍ତ ସାମଗ୍ରୀ ରହିଥାଏ। ବାଟରେ କୌଣସି ଗାଈ, ଗୋରୁ କିମ୍ବା ଷଣ୍ଢ କ୍ଷତାକ୍ତ ହୋଇ ପଡିଥିବା ଦେଖିଲେ ସଙ୍ଗେ ସଙ୍ଗେ ସେମାନଙ୍କ ସେବାରେ ଲାଗିପଡନ୍ତି। ପୂର୍ବାହ୍ନ ପ୍ରାୟ ୧୦ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଗୋ ସେବା ସଂସ୍ଥାନମ୍‌ରେ କାମ କରନ୍ତି। ଏହାପରେ ପୁଣି ଚାଲି ଚାଲି ଘରକୁ ଫେରିଯାନ୍ତି। ତାଙ୍କ ମତରେ ପିଲାଟି ଦିନରୁ ଗୋ ସେବା ପ୍ରତି ଆଗ୍ରହ ରହିଥିଲା। ଗୋ ମାତାଙ୍କ ଶରୀରରେ ୩୩ କୋଟି ଦେବତା ରହିଛନ୍ତି । କୌଣସି ଆଘାତ ହେଉ ବା ଅସୁସ୍ଥ ସମୟରେ ସେମାନେ ପାଟି ଖୋଲି କହିପାରନ୍ତି ନାହିଁ। ହେଲେ ଗୋ ମାତାର କଷ୍ଟ ଜଣେ ମହିଳା ହିଁ ଭଲ ଭାବେ ଜାଣିପାରିବ। ଏମିତି ବି ଗୋଟିଏ ଛୋଟ ବାଛୁରୀକୁ ମା'ପରି ବୋତଲରେ କ୍ଷୀର ପିଆଇ ତାକୁ ସ୍ନେହ ଆଦରରେ ବାନ୍ଧି ହେବ। ବିଶେଷକରି ତାଙ୍କ ସେବା ପାଇ ଯଦି କୌଣସି ଗୋ ମାତା ସୁସ୍ଥ ହୋଇଯାନ୍ତି ସେ ବହୁତ ଖୁସି ଅନୁଭବ କରନ୍ତି ବୋଲି କହିଛନ୍ତି ଚିନ୍ମୟୀ। ତେଣୁ ମହିଳା ଦିବସରେ ପ୍ରତ୍ୟେକ ମହିଳା କର୍ମମୟ ଜୀବନରୁ କିଛି ସମୟ ବାହାର କରି ଗୋ ସେବା କରିବାକୁ ନିବେଦନ କରିଛନ୍ତି ଏହି ରାଜ ପରିବାରର ଝିଅ। ଶ୍ରୀଜଗନ୍ନାଥ ଗୋସେବା ସଂସ୍ଥାନମ୍‌ର ସମ୍ପାଦକ ଗୋବିନ୍ଦ ପ୍ରସାଦ ମହାନ୍ତି କହିଛନ୍ତି, ଗୋ ସେବା ପ୍ରତି ସେ ସମ୍ପୂର୍ଣ୍ଣ ସମର୍ପିତ। ସକାଳେ ଘରୁ ଖାଇ ଟିଫିନ ଆଣି ଆସନ୍ତି। ଏଠାରେ ଗୋ ସେବାରେ ଲାଗିପଡନ୍ତି। ଦ୍ୱିପ୍ରହରରେ ଆଣିଥିବା ଟିଫିନ ଖାଇସାରିବା ପରେ ପୁଣି ଗୋ ସେବା କରିଥାନ୍ତି। ତାଙ୍କର ଏହି ନିସ୍ୱାର୍ଥପର ସେବା ନିଶ୍ଚିତ ଅନ୍ୟମାନଙ୍କୁ ପ୍ରେରଣା ଦେବ ବୋଲି ମୁଁ ଆଶା କରୁଛି ସମ୍ପାଦକ ମହାନ୍ତି କହିଥିଲେ।



## ଫଟୋରେ ଖବର



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଜୀବନରେଖା ନାଟ୍ୟସଂସ୍ଥା ପକ୍ଷରୁ ଆୟୋଜିତ ରଙ୍ଗ ଉତ୍ସବରେ ଶନିବାର ପରିବେଷିତ ନାଟକ 'କମଳ'ର ଏକ ଦୃଶ୍ୟ।



କଟକ ନୟାସଡ଼କସ୍ଥିତ ଶ୍ରୀଗୋପୀନାଥ ମନ୍ଦିରରୁ ନୟାବଜାର ଶ୍ରୀଗୋପାଳକୃଷ୍ଣ ଗୋଶାଳା ଅଭିମୁଖେ ବାହାରିଥିବା କଳସ ଶୋଭାଯାତ୍ରା।




ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ସ୍ରାଷ୍ଟି ହାସ୍ୟ ରସାତ୍ମକ ନାଟକ ଉତ୍ସବର ଶନିବାର ସନ୍ଧ୍ୟାରେ ନବୀନ ବର୍ଣ୍ଣାଳୀ ଥିଏଟର ଦ୍ୱାରା ପରିବେଷିତ ନାଟକ 'ବାଇ ଚଢେଇର ଡେଣା'ର ଏକ ଦୃଶ୍ୟ।



“ ଶାନ୍ତି ଠୁ ବଡ ତପସ୍ୟା, ସନ୍ତୋଷଠୁ ବଡ ସୁଖ, ତୃଷ୍ଣା ବା ଲୋଭଠୁ ବଡ଼ରୋଗ ଏବଂ ଦୟାଠୁ ବଡ଼ କୌଣସି ଧର୍ମ ନାହିଁ

- ଚାଣକ୍ୟ



## ■ ଶ୍ରୀଲିଙ୍ଗରାଜ ମହାପ୍ରଭୁ

# ଏଥର ବି ହେଲାନି ହାଣ୍ଡିଭଙ୍ଗା ଯାତ୍ରା

**ପୁରୁଣା ଭୁବନେଶ୍ୱର, ୯।୩(ଡି.ଏନ.ଏ.)**

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ଚଳିତବର୍ଷ ସୁରୁଖୁରୁରେ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ପୂର୍ବରୁ ଶେଷ ହୋଇଥିଲା। ଯେଉଁଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସେବାୟତମାନଙ୍କୁ ଦୁଇଦିନ ତଳେ ଏକ ସ୍ୱତନ୍ତ୍ର ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶନିବାର ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା ଥିଲା। ଚଳିତବର୍ଷ ମଧ୍ୟ ଏହି ଯାତ୍ରା ବନ୍ଦ ହେବା ସହ ସକାଳୁ ଭୋଗମଣ୍ଡପଠାରୁ ଦିଅଁଙ୍କ ଅନ୍ୟ ସବୁ ନୀତି ବନ୍ଦ ରହିଥିଲା। ସକାଳ ସାଢେ ୬ଟାରେ ମଙ୍ଗଳ ଆଳତି, ଅବକାଶ, ସାଢେ ୬ଟାରୁ ସାଢେ ୯ଟା ସାହାଣମେଲା ଦର୍ଶନ, ସାଢେ ୮ଟାରେ କୋଠ ରୋଷ ହୋମ ଏବଂ ପାକକାର୍ଯ୍ୟ ଆରମ୍ଭ ହୋଇଥିଲା। ପୂର୍ବାହ୍ନ ୧୦ଟାରେ

**ଭୋଗମଣ୍ଡପଠାରୁ ଦିଅଁଙ୍କ ନୀତି ବନ୍ଦ**

ମହାସ୍ନାନ ଏବଂ ୧୦ଟାରୁ ୧୧ଟା ମଧ୍ୟରେ ବେଶ, ସୂର୍ଯ୍ୟପୂଜା, ଠାକୁରାଣୀ ବଲ୍ଲଭ ନୀତି ଅନୁଷ୍ଠିତ ହୋଇଥିଲା। ପରେ ୧୧ଟାଠାରୁ ସାଢେ ୧୨ ମଧ୍ୟରେ ସକାଳ ଧୂପ ଓ ଭୋଗମଣ୍ଡପ ଅନୁଷ୍ଠିତ ହୋଇଥିଲା। ପରେ ବେଶ ହେବାର ଥିଲା। ମାତ୍ର ଏହି ବେଶଠାରୁ ସମସ୍ତ ନୀତିମାନ ବନ୍ଦ ରହିଥିଲା। ଯାହାକୁ ନେଇ ମନ୍ଦିର ପ୍ରଶାସନ ବିଭିନ୍ନ ନିଯୋଗ ପ୍ରମୁଖଙ୍କୁ ଡକାଇ ଆଲୋଚନା କରିଥିଲେ ମଧ୍ୟ ବିଫଳ ହୋଇଥିଲା।

ସୂଚନା ଯୋଗ୍ୟ ୨୦୧୫ ମସିହାଠାରୁ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଜାଗର ଯାତ୍ରା ଯିବାର ପ୍ରଥମ ଶନିବାର ହାଣ୍ଡିଭଙ୍ଗା ଯାତ୍ରାରେ କପିଳେଶ୍ୱର ମନ୍ଦିର ଯାତ୍ରା କରିଥାନ୍ତି। ଫେରିବା ବାଟରେ ଐଶାନେଶ୍ୱର ମନ୍ଦିର ମଧ୍ୟ ଯାତ୍ରା କରିଥାନ୍ତି। ମାତ୍ର ସେହିବର୍ଷ କପିଳେଶ୍ୱର ମନ୍ଦିରରେ ମଲିଆ ଏବଂ ଖୁଣ୍ଟିଆ ସେବାୟତଙ୍କ ମଧ୍ୟରେ ଉପୁଜିଥିଲା ଦ୍ୱନ୍ଦ୍ୱ, ଯାହାକୁ ତତ୍‌କାଳୀନ ଦେବୋତ୍ତର କମିଶନର ଡି. ଆଇ. ସମାଧାନ କରିବାରେ ବିଫଳ ହେବା ସହ ହାତ ଟେକି ଦେଇଥିଲେ। ସେହି ବର୍ଷଠାରୁ ଲିଙ୍ଗରାଜ ମହାପ୍ରଭୁଙ୍କର ୯୦୦ ବର୍ଷର ହାଣ୍ଡି ଭଙ୍ଗା ଯାତ୍ରାରେ ପଡିଥିଲା ପୂର୍ଣ୍ଣଚ୍ଛେଦ। ଇତିମଧ୍ୟରେ ୫ବର୍ଷ ଗଡିଯାଇଥିଲେ ହେଁ ଉଭୟ ଠାକୁରଙ୍କ ମଧ୍ୟରେ ଥିବା ଏହି ହାଣ୍ଡିଭଙ୍ଗା ଯାତ୍ରା ପରମ୍ପରା ବଞ୍ଚାଇ ରଖିବାରେ ମନ୍ଦିର ଓ ଜିଲା ପ୍ରଶାସନ ବିଫଳ ହୋଇଛନ୍ତି। ସମସ୍ତେ ହାତ ଟେକି ଦେଇଥିଲେ। ପ୍ରତିବର୍ଷ ଜାଗର ଆସିଲେ ହାଣ୍ଡିଭଙ୍ଗା ଯାତ୍ରା କଥା ମନେପଡେ। ସେତେବେଳେ ସେହି ଦିନ କେବଳ ଦିଅଁଙ୍କ ନୀତି ବନ୍ଦ ହେବା, ପ୍ରଶାସନ ସେବାୟତ ହୋହଲ୍ଲା କରିବା, ଭକ୍ତଙ୍କ ଅସନ୍ତୋଷ ବଢିବା ଦେଖାଦିଏ। ପରେ ଯେଉଁ କଥାକୁ ସେହି କଥା। ଶନିବାର ଏହି କାରଣରୁ ଠାକୁରଙ୍କ ନୀତି ବନ୍ଦ ହୋଇଥିବା ଜଣାପଡିଛି। ଯଦି ଦିଅଁ ବିଜେ ନ କରିବେ ତେବେ ବେଶର ଆବଶ୍ୟକତା ନାହିଁ, ଯାହାକୁ କେନ୍ଦ୍ରକରି ବ୍ରାହ୍ମଣ ନିଯୋଗ ପକ୍ଷରୁ ନୀତି ବନ୍ଦ ପାଇଁ ନୋଟିସ୍ ହୋଇଥିବାରୁ ବେଶଠାରୁ ଠାକୁରଙ୍କ ନୀତି ବନ୍ଦ କରାଯାଇଛି ବୋଲି ବଡୁ ନିଯୋଗ ସମ୍ପାଦକ କମଳାକାନ୍ତ ବଡୁ କହିଛନ୍ତି।



ହାଇକୋର୍ଟ ପରିସରରେ ଅନୁଷ୍ଠିତ ଜାତୀୟ ଲୋକ ଅଦାଲତ।


## ଓଡ଼ିଶା ସରକାର

# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

**SPL. LAOR. I.P.- JAJ-47/2018/ 227 R.I.P., Dated 31.01.2019**

**No. V-83:-** ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ କେନ୍ଦୁଝର ଜିଲ୍ଲାର ରେଙ୍ଗାଳି ଜଳସେଚନ ପ୍ରକଳ୍ପର ବାମ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- କାନପୁର, ଥାନା- ରାମଚନ୍ଦ୍ରପୁର, ତହସିଲ- ଘସିପୁରା, ଜିଲ୍ଲା-କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୯.୧୭୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

**Construct your Residential, Commercial and Industrial Civil Construction Projects with 20 years experienced with Expert Technical Team committed to delivering quality, cost effective construction within stipulated time & budgeted cost. SMPL. 9040008777.** D-11557

## GENERAL

### SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65350

Automatic stone crusher plant for sale at Khurdha. Contact: 9337767967, 9337102782. D-11575

## to-let

Prime location, luxury 3BHK flats, 3 bathrooms, rent: 20,000/- Lewis road. 9337124748. D-58057

Land for rent 25000 sft. near Dhauli for any commercial purpose. Contact: 8917576258. D-11364

Space available for restaurant & fast food corner in an upcoming premium hotel on NH-16 near Janla. Intrest parties having experience in this line may please contact. 9937196087, 9437103739. D-11428

Main road side modern building immediate occupation near Jharapada, flyover, Indian oil Petrol pump, Cuttack Road, Bhubaneswar suitable for office, hostel etc. Contact: 9438081042, 9438668573. D-11554

1800 sqft. office space for rent at Goutam Nagar, Bhubaneswar. Contact: 9337117523. D-62163

Hall room marble flooring for office near Kalpana 5200. 9439556644. D-65848

2450 sft. commercial building space for rent available at Bomikhal, Bhubaneswar near Reliance Fresh. Contact: 9337109028. D-64595

2BHK house with portico for vehicle is available in Bankers' Enclave Palasuni. Contact: 9425275445, 7747006625. D-11591

1850 sft. commercial 2nd floor, KIIT Square, infront of Big Bazar, Patia, Bhubaneswar. 9861041397. D-64594

2300 sqft. full furnished commercial office space available for rent at 2nd floor, Bomikhal, Cuttack road, Bhubaneswar. Contact: 09880193309, 09861282388. D-66024

Office space available 1000/2000 sqft. on 100' main road, AMRI Hospital, Khandagiri, Bhubaneswar. Contact: 8280329586. D-65850

For rent, well maintained 1BHK flat, with good society at Nirupamma Apartment near Kalinga Stadium, Nayapalli, Bhubaneswar. 7008730860, 7008856130. D-53641

3000 sqft. RCC godown, 23000 sqft. openspace for stockyard near NH-16, Hansapal, Bhubaneswar. 9437762395. D-65901

3BHK 3baths with car parking, tiled groundfloor, Ratnakarbag, Tankapani road, Bhubaneswar. Renting from 1st April. 9937024304. D-58060

3BR drawing, dining, ground floor Jagannath Ashram, Tankapani road, Bhubaneswar. No car parking. 9777662687. D-63938

3BHK marbled flat at Unit-8, Soubhagyanagar main road. Contact: 9000004523. D-64949

Two BHK, two toilet, two balcony at Satabdinagar, Unit-8 for family. Contact: 9861043575, 6372039533. D-64948

1BHK, 2BHK, 3BHK independent house for rent office, family Unit-8, Bhubaneswar. 9337435646, 7377471310. D-66025

Residential family accommodation available for rent 15000 Govt., Banks, Corporate employees may Contact: 9337120003. D-36458

Fully furnished office/ residence, AC, 4wheeler parking, Bomikhal, Bhubaneswar. 8249584100. D-66401

## ACCOMMODATION

7000 sqft. 15 bedrooms with garages marbel room, attached latrin bath rooms, guest house, hostel, company, office, residence, bank, Baramunda bus stand. Cont: 9937130297. D-11456

## packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-11547

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-65600

Rejuvenate and Ayurvedic full body massage by smart therapist. 9114402304. D-65599

Herbal full body massage with refreshment by well trained therapist. 7381239385, 06742540855. D-66017

Experience full body massage with us by experts. Enquiry. 0674259782 2, 7377048581. D-66018

Herbal full body massage by smart/ expert therapist. Contact: 8338067247. D-66019

Newly opening ayurvedic body massage smart therapist, Shree herbal. 7750020754. D-66020

Improving your health, skin care through expert therapist, excellent offer. 9668374480. D-66021

Physiotherapy, full body massage by trained ladies/ gents therapist: 7008773793. D-65495

Welcome to seva care relax your body smart therapist 9937062638. D-65499

Roshin ayurvedic massage club fully relaxed by smart lady home service facility available. 9937637219. D-65842

Newly ayurvedic fullbody massage ladies, gents: 7609923705, 7438851534. D-38550

## CLASSIFIED BOOKING STATIONS

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra Ph : 9438283428

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**BERHAMPUR**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**PADMINI LADIES CORNER**
Bhagban Sasmal, Sanjibani Market, Angul, Mob : 9668600631, 7788997720

**JAGADAMBA GIFT MALL**
Manoj Ku. Sahoo, Convent Road, Rayagada, Mob : 9439530999

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**BS COMMUNICATION**
Malipada Fatak, Sambalpur, Contact : Nabin Kumar Dash, Mob : 9776813356

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**21st Day Celebration**



**Viraj**

With all the very good wishes from: **Jeje, Jeje Maa, Papa, Mama, Bua, Aiee, Aja, Mousi, Mousa and Gugul Bhai**. D-11574

**ସପ୍ତମ ବିବାହ ବାର୍ଷିକୀ ଶୁଭେଚ୍ଛା**



**ପ୍ରଶାନ୍ତ ଓ ମଞ୍ଜୁ**
ଲୋଧାଚୂଆ, ରଣପୁର, ନୟାଗଡ଼

ଆଜି ଏହି ସପ୍ତମ ବିବାହ ବାର୍ଷିକ ଶୁଭ ଅବସରରେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଯେ ତୁମ ଜୀବନ ସଦାସର୍ବଦା ସୁଖମୟ ଓ ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ବାପା, ବୋଉ, ବନ୍ଧୁବାନ୍ଧବ ଓ ପରିବାରବର୍ଗ। ଧ-୬୫୮୫୧

**SABARI COMMUNICATION**
Bhejaput, Damanjodi, Koraput, Contact: Mr. Ashoka Khara, Mob: 9437182158, 9668847771.

**JOGESWAR DAS**
Rayagada Contact: Mr. Jogeswar Das, Mob: 9437234611, 06856 222611.

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera, Mob: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Aswini Kumar Panda Routray, Ph : 9040020034

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob:9861446268, 8763174237.

**M/S. S.R. SERVICES**
228, Kedar Gouri Vihar, Bhubaneswar-14, Bishnu Pada Das, Ph: 0674- 2434134, 9439353453, 9937071176.

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233

**MAHADEV REALESTATE CONSULTANCY**
A/M-16, Phase-I, Bhimtangi, Old Town, BBSR, Prabas Ku. Sundaray, Ph:0674- 2590575, 9937064680

**KANAN COMPUTERS**
Samantrapur, Ramakanta Sasmal, Mob : 9437439164

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, 9337124748 (What's app) 9439963384

**MAA SARALA ENTERPRISERS**
N-5/37, Nayapalli, BBSR, Tushar Pattnaik, 8018202611, 9937071279.

**ମନେ ପଡ଼ନ୍ତି**

**ଦ୍ୱାଦଶାହ ଉପଲକ୍ଷେ**



**ସ୍ୱର୍ଗତ ହେମନ୍ତ କୁମାର ରଥ**
(ରଥ ନିବାସ) ଉତ୍ତର ମଧୁବନ, ଢେଙ୍କାନାଳ
ଆବିର୍ଭାବ: ୦୫।୦୫।୧୯୩୨
(ଗୁରୁବାର) ଅମାବାସ୍ୟା
ତିରୋଧାନ: ୨୭।୦୨।୨୦୧୯
(ବୁଧବାର) ନବମୀ

ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ପ୍ରେରଣା ଆମମାନଙ୍କର ଚିରପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ ପରିବାରବର୍ଗ: ପତ୍ନୀ- ପଙ୍କଜିନୀ, ପୁତ୍ର- ନୀଳଲୋହିତ ଓ ପିନାକପାଣି, ପୁତ୍ରବଧୂ- ଶିବାନୀ (ମାମା) ଓ ଲିନା, ଝିଅ- ଅମିତା, ଅଜିତା, ଅରିତା ଓ ଅପର୍ଣ୍ଣା, ଜାମାତା- ଶରତ, ବିଭୂତି, ମନୋଜ ଓ ପୂର୍ଣ୍ଣଚନ୍ଦ୍ର, ନାତିନାତୁଣୀ-ଲିପୁ, ବିପୁ, ଲୋନି, ଚାନ୍‌ସୀ, ମାମାଲି, ଆନି, ସୋନା, ଇରା, ଇମାନ, ଅମନ ଓ ପରିବାର ତଥା ଆତ୍ମୀୟସ୍ୱଜନ। ଧ-୬୨୦୮୩



❝ ଏଥର ଆଇସିସି ଦିନିକିଆ ବିଶ୍ୱକପ୍ ସିଙ୍ଗଲ ଗ୍ରୁପ୍ ଫର୍ମାଟରେ ଖେଳାଯାଉଥିବାରୁ ପାକିସ୍ତାନ ଭଳି ଅସ୍ଥିର ପ୍ରଦର୍ଶନ କରୁଥିବା ଦଳ ଏଥିରୁ ଉପକୃତ ହେବେ।

– ଇଞ୍ଜାମାମ୍ ଉଲ୍ ହକ୍, ପାକିସ୍ତାନ ମୁଖ୍ୟ ଚୟନକର୍ତ୍ତା



❝ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୨ରେ ମହିଳା ଟି୨୦ କ୍ରିକେଟ ପ୍ରତିଯୋଗିତାକୁ ସାମିଲ କରାଯାଇ ପାରିଲେ ଏହା ଅଧିକ ଆକର୍ଷଣୀୟ ହୋଇପାରିବ।

–ଶେନ୍ ୱର୍ନ, ଏମ୍‌ସିସି ୱାର୍ଲ୍ଡ କ୍ରିକେଟ କମିଟିର ସଦସ୍ୟ

## ସଂକ୍ଷେପରେ

### ଫାଓ ମହିଳା ଲିଗ୍: ସାଇ ଚାମ୍ପିୟନ

**କଟକ ଅଫିସ,୯।୩:** ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଆନୁକୂଲ୍ୟରେ ବିଡ଼ାନାସୀ ଗ୍ରାଉଣ୍ଡରେ ଚାଲିଥିବା ଫାଓ ମହିଳା ଲିଗରେ ଚାମ୍ପିୟନ ହୋଇଛି ସାଇ ଦଳ। ସାଇ ଓ ଓଡ଼ିଶା ପୋଲିସ ଉଭୟ ପ୍ରତିଯୋଗିତାରେ ୮ ପଏଣ୍ଟ ଲେଖାଏ ହାସଲ କରିଥିଲେ ମଧ ଗୋଲ ବ୍ୟବଧାନ ଦୃଷ୍ଟିରୁ ସାଇ ଚାମ୍ପିୟନ ଟାଇଟଲ ହାସଲ କରିଥିଲା। ଓଡ଼ିଶା ପୋଲିସ ରନର୍ସଅପ ହୋଇଛି। ଚାମ୍ପିୟନ ସାଇ ଦଳ ଟ୍ରଫି ସମେତ ୨୫ ହଜାର ଟଙ୍କା ଓ ଓଡ଼ିଶା ପୋଲିସ ଟ୍ରଫି ଓ ୧୫ହଜାର ଟଙ୍କା ପୁରସ୍କାର ରାଶି ହାସଲ କରିଛି। ଅନ୍ୟପକ୍ଷରେ ଶନିବାର ଖେଳାଯାଇଥିବା ଅନ୍ତିମ ମ୍ୟାଚ୍‌ରେ ଓଡ଼ିଶା ପୋଲିସ ୨-୧ ଗୋଲରେ ସ୍ପୋର୍ଟସ ହଷ୍ଟେଲକୁ ହରାଇଥିଲା ।

### ଅନ୍ତର୍ଜାତୀୟ କାନୋଇଂ ସ୍ପ୍ରିଣ୍ଟ ଚାମ୍ପିୟନଶିପ ପରିଚାଳନା କମିଟିରେ ବିପିନ

**କଟକ ଅଫିସ,୯।୩:** ଇଣ୍ଡିଆନ କାୟାକିଂ ଓ କାନୋଇଂ ଆସୋସିଏଶନ ଆନୁକୂଲ୍ୟରେ ଆସନ୍ତା ୨୩ରୁ ଭୋପାଳଠାରେ ଅନ୍ତର୍ଜାତୀୟ କାନୋଇଂ ସ୍ପ୍ରିଣ୍ଟ ଚାମ୍ପିୟନଶିପ ଆରମ୍ଭ ହେବ। ପ୍ରତିଯୋଗିତାପରିଚାଳନା କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଭାବେ ଓଡ଼ିଶା କାୟାକିଂ ଓ କାନୋଇଂ ସଂଘ ସମ୍ପାଦକ ବିପିନ ଦାସଙ୍କୁ ନିଯୁକ୍ତ କରାଯାଇଛି। ଚାମ୍ପିୟନଶିପରେ କେନିୟା, ସ୍ୱିଡେନ, ପର୍ତ୍ତୁଗାଲ, ନାଇଜେରିଆ ସମେତ ୧୩ଟି ଦେଶ ଏଥିରେ ଅଂଶଗ୍ରହଣ କରିବେ। ଏକ ଅନ୍ତର୍ଜାତୀୟ ପ୍ରତିଯୋଗିତା ପରିଚାଳନା କମିଟିର ସଦସ୍ୟ ହୋଇଥିବା ବିପିନଙ୍କୁ ବିଭିନ୍ନ ବର୍ଗରୁ ଶୁଭେଚ୍ଛାର ସୁଅ ଛୁଟିଛି।

### ଭାଗ୍ୟଧର ଟ୍ରଫି ଆଜିଠାରୁ

**ଭୁବନେଶ୍ୱର, ୯।୩(ସ୍ପୋର୍ଟ୍ସ ବ୍ୟୁରୋ):** ଭୁବନେଶ୍ୱର ସିଟି କ୍ଲବ ଓ ଏସ୍.ଜି.ଓ. ନୟାପଲ୍ଲୀର ମିଳିତ ଆନୁକୂଲ୍ୟରେ ରବିବାରଠାରୁ ଭାଗ୍ୟଧର ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟର ୪ର୍ଥ ସଂସ୍କରଣ ଆରମ୍ଭ ହେବ। ଆସନ୍ତା ୧୭ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଯୋଗିତା ସ୍ଥାନୀୟ ଇନ୍ଦିରା ମଇଦାନଠାରେ ଖେଳାଯିବ। ଟୁର୍ନାମେଣ୍ଟରେ ଓଡ଼ିଶାର ବଛା ବଛା ୮ଟି ଟିମ୍ ଅଂଶଗ୍ରହଣ କରୁଛନ୍ତି। ଗ୍ରୁପ୍-ଏ'ରେ ବାରବାଟୀ ସ୍ପୋର୍ଟିଂ (କଟକ), ୟୁନାଇଟେଡ୍ କ୍ଲବ (ଭୁବନେଶ୍ୱର), କିଶୋର କ୍ଲବ (ଭୁବନେଶ୍ୱର) ଓ ନାଲକୋ କ୍ଲବ (ଅନୁଗୋଳ) ରହିଛନ୍ତି। ସେହିଭଳି ମଙ୍ଗଳା କ୍ଲବ (କଟକ), ଏସ୍.ଜି.ଓ. କ୍ଲବ (ଭୁବନେଶ୍ୱର), ସ୍ପୋର୍ଟ୍ସ ହଷ୍ଟେଲ (କଟକ) ଓ କ୍ଲବ-୭୩ (ଭୁବନେଶ୍ୱର) ଗ୍ରୁପ୍-ବି'ରେ ସ୍ଥାନ ପାଇଛନ୍ତି। ଟୁର୍ନାମେଣ୍ଟର ଚାମ୍ପିୟନ ଦଳକୁ ୧୫ ହଜାର ଓ ରନର୍ସଅପ୍ ଦଳକୁ ୧୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ଅପରାହ୍ନ ୩ଟା ୩୦ରେ ହେବାକୁ ଥିବା ଉଦ୍‌ଘାଟନୀ ମୁକାବିଲାରେ ବାରବାଟୀ ସ୍ପୋର୍ଟିଂ ଓ ୟୁନାଇଟେଡ୍ କ୍ଲବ ପରସ୍ପରକୁ ଭେଟିବେ। ଟୁର୍ନାମେଣ୍ଟକୁ ସୁଚାରୁରୂପେ ପରିଚାଳନା ପାଇଁ ଡ. ସୌର୍ଯ୍ୟରଞ୍ଜନ ପରିଜାଙ୍କ ଅଧକ୍ଷତାରେ ଆୟୋଜନ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍.ଜି.ଓ. ସଭାପତି ଭାଗ୍ୟଧର ଜଗଦେବ, ସିଟି କ୍ଲବ ସମ୍ପାଦକ ପ୍ରଦୀପ କୁମାର ରାଉତରାୟ, ସମ୍ପାଦକ ତପନ କୁମାର ଭଞ୍ଜ ଓ ସଦସ୍ୟ ଭାବେ ଯୋଗେନ୍ଦ୍ର ଜେନା, କାଶୀନାଥ ଜେନା, ଉମେଶ ବଲିୟାର ସିଂ, ନିଖିଳ ବଳବନ୍ତରାୟ, ତ୍ରିନାଥ ମଙ୍ଗରାଜ, କ୍ଷୀରୋଦ ବେହେରା ଓ ସତ୍ୟବାଦୀ ବାଘ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହିଥିଲେ।

# ଆଜିଠାରୁ ଜାତୀୟ ସିନିୟର ତୀରନ୍ଦାଜୀ

କଟକ ଅଫିସ,୯।୩

ରବିବାରଠାରୁ ବାରବାଟୀ ଷ୍ଟାଡିୟମରେ ଆରମ୍ଭ ହେବ ୩୯ତମ ସିନିୟର ଜାତୀୟ ତୀରନ୍ଦାଜୀ ଚାମ୍ପିୟନଶିପ। ଦୀର୍ଘ ୨୬ ବର୍ଷ ପରେ ରାଜ୍ୟରେ ହେଉଥିବା ଏହି ଜାତୀୟ ସିନିୟର ତୀରନ୍ଦାଜୀ ଚାମ୍ପିୟନଶିପ ନିମନ୍ତେ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ। ଉଭୟ ପୁରୁଷ ଓ ମହିଳା ବର୍ଗରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ସମସ୍ତ ରାଜ୍ୟ, କେନ୍ଦ୍ର ଶାସିତ ଅଞ୍ଚଳ ଓ ଅନୁବନ୍ଧିତ ୟୁନିଟରୁ ପ୍ରାୟ ୧୧୦୦ଜଣ ତୀରନ୍ଦାଜ ଅଂଶଗ୍ରହଣ କରିବେ। ପ୍ରତିଯୋଗୀମାନେ କଟକରେ ପହଞ୍ଚି ସାରିଲେଣି। ଅନ୍ତର୍ଜାତୀୟ ତଥା ଅର୍ଜ୍ଜୁନ ପୁରସ୍କାର ବିଜେତା ଖେଳାଳିମାନଙ୍କ ରହଣି ବ୍ୟବସ୍ଥା ହୋଟେଲ ଓ ସରକାରୀ ଡାକବଙ୍ଗଳାରେ ହୋଇଥିବା ବେଳେ ଅବଶିଷ୍ଟ ଖେଳାଳିମାନେ ବାରବାଟୀ ଷ୍ଟାଡିୟମର ବିଭିନ୍ନ ପ୍ରକୋଷ୍ଠରେ ରହିଛନ୍ତି। ରବିବାର ସକାଳ ୭.୩୦ରୁ ଆରମ୍ଭ ହେବ ଅଫିସିଆଲ ପ୍ରାକ୍ଟିସ। ୮.୩୦ରେ ମଇଦାନକୁ ଓହ୍ଲାଇବେ ପ୍ରତିଯୋଗୀମାନେ। ପ୍ରଥମ ଦିବସରେ ରିକର୍ଭ ରାଉଣ୍ଡ ପ୍ରତିଯୋଗିତା ହେବ। ଅଲିମ୍ପିଆନ ତଥା ଅର୍ଜ୍ଜୁନ ପୁରସ୍କାର ବିଜେତା ତଥା ତାରକା ତୀରନ୍ଦାଜ ଦୀପିକା କୁମାରୀଙ୍କ ମୁକାବିଲା ମଧ ରବିବାର ରହିଛି। ଦୀପିକା କୁମାରୀ ସମସ୍ତଙ୍କ ନଜରର କେନ୍ଦ୍ରବିନ୍ଦୁ ରହିବେ ବୋଲି ଚର୍ଚ୍ଚା ହେଉଛି। ଏହାଛଡ଼ା ଅପରାହ୍ନରେ ଉଦ୍‌ଘାଟନୀ ଉତ୍ସବ ସମେତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି ବୋଲି ରାଜ୍ୟ ତୀରନ୍ଦାଜୀ ଆସୋସିଏଶନ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ସୂଚନା ଦେଇଛନ୍ତି।





ଜାତୀୟ ସିନିୟର ତୀରନ୍ଦାଜୀ ପ୍ରତିଯୋଗିତା ପୂର୍ବରୁ ଶନିବାର ବାରବାଟୀ ଷ୍ଟାଡ଼ିୟମରେ ବିଭିନ୍ନ ରାଜ୍ୟର ତୀରନ୍ଦାଜ୍‌ମାନଙ୍କ ଅଭ୍ୟାସ।

**ନଜରରେ ରହିବେ ଦୀପିକା କୁମାରୀ**

୧୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ରିକର୍ଭ, କମ୍ପାଉଣ୍ଡ ଓ ଇଣ୍ଡିଆନ ରାଉଣ୍ଡରେ ମୁକାବିଲା ହେବ। ୧୦ ଓ ୧୧ ତାରିଖରେ ରିକର୍ଭ ରାଉଣ୍ଡର ମୁକାବିଲା ହେବ। ସେହିପରି କମ୍ପାଉଣ୍ଡ ରାଉଣ୍ଡ ୧୩ ଓ ୧୪ରେ, ଇଣ୍ଡିଆନ ରାଉଣ୍ଡ ପ୍ରତିଯୋଗିତା ୧୬ ଓ ୧୭ ତାରିଖରେ କରାଯିବ। ପ୍ରତିଯୋଗିତା ନିମନ୍ତେ ମୋଟ ୩୦ ଲକ୍ଷ ୫୬ ହଜାର ୫୦୦ଟଙ୍କାର ବଜେଟ କରାଯାଇଛି। ତୀରନ୍ଦାଜୀ କ୍ରୀଡ଼ା କ୍ଷେତ୍ରରେ ଭାରତର ଖ୍ୟାତନାମା ଖେଳାଳି ଦୀପିକା କୁମାରୀ, ପୋମ୍ବଲ୍ୟ ଦେବୀ, ଅମନ ସଇନି, ମୁସ୍କାନ କିରର, ମଧୁମିତା କୁମାରୀ, ଜୟନ୍ତ ତାଲୁକଦାର, ରଜତ ଚୌହ୍ୱାନ, ଅଭିଶେକ ବର୍ମା, ତରୁଣଦୀପ ରାୟ, ରାହୁଲ ବାନାର୍ଜୀ, ଅତନୁ ଦାସ ପ୍ରମୁଖ ଏହି ଟୁର୍ନାମେଣ୍ଟର ଯୋଗ ଦେବା ସହ ପ୍ରମୁଖ ଆକର୍ଷଣ ରହିବେ। ଏହାଛଡ଼ା ୨୦୧୯ ବିଶ୍ୱ ତୀରନ୍ଦାଜୀ ଚାମ୍ପିୟନଶିପ ପାଇଁ ଜାତୀୟ ଦଳ ଗଠନ ନିମନ୍ତେ ଏହି ପ୍ରତିଯୋଗିତା ଗୁରୁତ୍ୱପୂର୍ଣ୍ଣ ମଧ ରହିଛି।

**ପହଞ୍ଚିଲେ ୧୧୦୦ ତୀରନ୍ଦାଜ୍**

**ଓଡ଼ିଶା ଦଳ**

ଇଣ୍ଡିଆନ ରାଉଣ୍ଡ(ପୁରୁଷ)-ରାଜେଶ ଦୂରୁଆ, ସୂର୍ଯ୍ୟକାନ୍ତ କରଜି, ଅଭିରାମ ପଲେୟା। ମହିଳା- ମାଧବୀ ମାଝି, ଆଶାଲତା ସୋରେନ, ଶକୁନ୍ତଳା ସବର।

ରିକର୍ଭ ରାଉଣ୍ଡ(ପୁରୁଷ)- ସୂର୍ଯ୍ୟମଣି ମାଝି, ରଞ୍ଜିତ ନାୟକ, ପ୍ରଭାତ କୁମାର ମିଞ୍ଜ, ସୀମାଞ୍ଚଳ କଦ୍ରକ। ମହିଳା- ଆଶାଲତା ଦାସ, ସୁମି ମୁଣ୍ଡା, ଚନ୍ଦ୍ରମଣି ମୁଣ୍ଡା, ବାଲି ବନସିଂହ।

କମ୍ପାଉଣ୍ଡ ରାଉଣ୍ଡ(ପୁରୁଷ)- ଇରମା ପଡ଼ିଆମି, ବିକ୍ରମ ସିଂ ଠାକୁର, ପୂର୍ଣ୍ଣଚନ୍ଦ୍ର ମାଝି ।

## ଟାଟା ଉତ୍କଳିକା ଫୁଟ୍‌ବଲ ୧୨ରୁ

ଭୁବନେଶ୍ୱର, ୯।୩(ସ୍ପୋର୍ଟ୍ସ ବ୍ୟୁରୋ)

ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ଆସନ୍ତା ୧୨ରୁ ୨୧ତମ ଟାଟା ଉତ୍କଳିକା ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏହାର ଫାଇନାଲ ମ୍ୟାଚ୍ ମାର୍ଚ୍ଚ ୧୯ରେ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟରେ ଓଡ଼ିଶାର ୭ଟି ଦଳ ଅଂଶଗ୍ରହଣ କରିଥିବାବେଳେ ରାଜ୍ୟ ବାହାରୁ ଏକମାତ୍ର ଦଳ ଭାବେ ଟାଟା ଫୁଟ୍‌ବଲ ଏକାଡେମୀ ସାମିଲ ହୋଇଛି। ଡିଫେଣ୍ଡିଂ ଚାମ୍ପିୟନ ଫାଓ ଏକାଦଶ ଓ ରନର୍ସଅପ୍ ଟାଟା ଫୁଟ୍‌ବଲ ଏକାଡେମୀ ସମେତ ଓଡ଼ିଶା ପୋଲିସ, ସାଇ ହଷ୍ଟେଲ (କଟକ), ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ, ଫୁଲବାଣୀ ଫୁଟ୍‌ବଲ ଏକାଦଶ, ଆଇଜିଏଚ୍ ରାଉରକେଲା ଓ ଅହମ୍ମଦିଆ କ୍ଲବ (କେରଙ୍ଗ) ଦଳ ଅଂଶଗ୍ରହଣ କରୁଛନ୍ତି। ଏବର୍ଷ ନୂଆ କରି ଅହମ୍ମଦିଆ କ୍ଲବ ଓ ଆଇଜିଏଚ୍ (ରାଉରକେଲା)କୁ ଟୁର୍ନାମେଣ୍ଟରେ ସାମିଲ କରାଯାଇଛି। କେରଙ୍ଗ ଦଳର ଅଧିକାଂଶ ଖେଳାଳି ରାଜ୍ୟରୁ ପ୍ରତିନିଧିତ୍ୱ କରୁଥିବାବେଳେ ତୃଣମୂଳସ୍ତରରେ ବିଭିନ୍ନ ସ୍ପୋର୍ଟ୍ସ ହଷ୍ଟେଲରେ ପ୍ରଶିକ୍ଷଣ ନେଉଛନ୍ତି। ଟୁର୍ନାମେଣ୍ଟରେ ଚାମ୍ପିୟନ ଦଳକୁ ଟ୍ରଫି ସହ ୨୫ ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ପ୍ରଦାନ କରାଯିବ। ଏଥିସହିତ ପ୍ରତି ମ୍ୟାଚର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର, ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯିବ। ଉଦ୍‌ଘାଟନୀ ଦିବସରେ ଓଡ଼ିଶା ପୋଲିସ ଓ ଫୁଲବାଣୀ ଫୁଟ୍‌ବଲ ଟିମ୍ ପରସ୍ପରକୁ ଭେଟିବେ। ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନର ସଭାପତି ତପନ କୁମାର ମହାନ୍ତି, ସଭାପତି ନବରଞ୍ଜନ ପଟ୍ଟନାୟକ, ଅମୀୟକାନ୍ତ ମିଶ୍ର, ପ୍ରଦୀପ ଦାସ, ପ୍ରଫୁଲ୍ଲ କୁମାର ମିଶ୍ର, ଚିତ୍ତରଞ୍ଜନ ପାତ୍ର, ବାପି ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।

**କାର୍ଯ୍ୟସୂଚୀ**

୧୨/୩- ଫୁଲବାଣୀ ବନାମ ଓଡ଼ିଶା ପୋଲିସ
୧୩/୩- ୟୁନିଟ୍-୬ ବନାମ ଫାଓ ଏକାଦଶ
୧୪/୩- ଆଇଜିଏଚ୍, ରାଉରକେଲ ବନାମ ସାଇ ହଷ୍ଟେଲ
୧୫/୩- ଟାଟା ଫୁଟ୍‌ବଲ ଏକାଡେମୀ ବନାମ ଅହମ୍ମଦିଆ କ୍ଲବ
୧୬/୩- ପ୍ରଥମ ସେମିଫାଇନାଲ (୧୨ ଓ ୧୩ ବିଜେତା ମଧ୍ୟରେ)
୧୭/୩- ଦ୍ୱିତୀୟ ସେମିଫାଇନାଲ (୧୪ ଓ ୧୫ ବିଜେତା ମଧ୍ୟରେ)
୧୯/୩- ଫାଇନାଲ

## ପୂଜାରାଙ୍କୁ 'ଏ' ପ୍ଲସ୍ ଗ୍ରୁପ୍‌ରେ ସ୍ଥାନ ନ ମିଳିବା ଦୁଃଖଦାୟକ

ନୂଆଦିଲ୍ଲୀ, ୯।୩(ପିଟି)

ଅଷ୍ଟ୍ରେଲିଆରେ ଭାରତକୁ ଟେଷ୍ଟ ସିରିଜ୍ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରାଙ୍କୁ ବାର୍ଷିକ କେନ୍ଦ୍ରୀୟ ଚୁକ୍ତିର ଏ ପ୍ଲସ ଗ୍ରୁପରେ ସାମିଲ କରା ନ ଯିବା ପରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ପ୍ରଶାସକ କମିଟି (ସିଓଏ) ସହ ଆଲୋଚନା ପରେ ୨୦୧୮-୧୯ ବର୍ଷ ଲାଗି ଖେଳାଳିଙ୍କ କେନ୍ଦ୍ରୀୟ ଚୁକ୍ତି ତାଲିକା ଘୋଷଣା କରାଯାଇଛି। କେବଳ ବିରାଟ କୋହଲି, ରୋହିତ ଶର୍ମା ଓ ଯଶପ୍ରୀତ ବୁମରାଙ୍କୁ ଏ ପ୍ଲସ ଗ୍ରୁପ ସ୍ଥାନ ପାଇଛନ୍ତି। ପୂଜାରା ଶୀର୍ଷ ଗ୍ରୁପରେ ସ୍ଥାନ ନ ପାଇବା ଦୁଃଖଦାୟକ। ପ୍ରଶାସକ କମିଟି ଟେଷ୍ଟ ଫର୍ମାଟକୁ ଗୁରୁତ୍ୱ ଦିଆଯାଉ ନାହିଁ, ଯାହାକି କଦାପି ଉଚିତ ନୁହେଁ। ଗତ ବର୍ଷ ଅନ୍ତର୍ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ ପରେ ପୂଜାରା ଏ ପ୍ଲସ ବର୍ଗରେ ସ୍ଥାନ ପାଇବା ଲାଗି ଦାବିଦାର। ସିଓଏ ଯେଉଁଭଳି ଦେଶରେ କ୍ରିକେଟ ପରିଚାଳନା କରୁଛି, ତାହା ନ କହିବା ଭଲ ବୋଲି ପୂର୍ବତନ ବିସିସିଆଇ ତଥା ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ (ଏସ୍‌ସିଏ) ସମ୍ପାଦକ ନିରଞ୍ଜନ ଶାହ କହିଛନ୍ତି। ଉଲ୍ଲେଖଥାଉ କି, ପୂଜାରା କେବଳ ଟେଷ୍ଟ ଫର୍ମାଟରେ ଖେଳୁଛନ୍ତି। ୩ଟି ଫର୍ମାଟରେ ଖେଳୁଥିବା ଖେଳାଳି ଏ ପ୍ଲସ ଗ୍ରୁପରେ ସ୍ଥାନ ପାଇଛନ୍ତି।

**ବିସିସିଆଇ କେନ୍ଦ୍ରୀୟ ବାର୍ଷିକ ଚୁକ୍ତି**

■ ଅରବିନ୍ଦ ମେମୋରିଆଲ କ୍ରିକେଟ୍

## ସେମିରେ ରାମେଶ୍ୱର ସ୍ପୋର୍ଟିଂ




ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଆଶୁତୋଷ।

ଭୁବନେଶ୍ୱର, ୯।୩(ସ୍ପୋର୍ଟ୍ସ ବ୍ୟୁରୋ)

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଏଠାରେ ଚାଲିଥିବା ଅରବିନ୍ଦ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ (୧୫ ବର୍ଷରୁ କମ୍)ରେ ଦ୍ୱିତୀୟ ଦଳ ଭାବେ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଶନିବାର ଖେଳାଯାଇଥିବା ୨ୟ କ୍ୱାର୍ଟର ଫାଇନାଲରେ କଟକର ଜୁଭେନାଇଲ କ୍ରିକେଟ ଏକାଡେମୀକୁ ୪ ଉଇକେଟ୍‌ରେ ରାମେଶ୍ୱର ସ୍ପୋର୍ଟିଂ ପରାସ୍ତ କରିଛି। ଟସ୍ ଜିତି ଜୁଭେନାଇଲ ନିର୍ଦ୍ଧାରିତ ୪୦ ଓଭରରେ ୧୫୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଆଶୀର୍ବାଦ ସ୍ୱାଇଁ ୩୮, ଶିବସୁନ୍ଦର ଦାସ ୨୫ ରନ କରିଥିଲେ। ରାମେଶ୍ୱର ପକ୍ଷରୁ ଆଶୁତୋଷ ସାହୁ ୩ ଓ ପ୍ରତୀକ ସ୍ୱାଇଁ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ରାମେଶ୍ୱର ଓପନର୍ ଗୌତମ ଗୋପାଳ (୫୬ ରନ, ୯ ଚୌକା) ଓ ଆଶୁତୋଷ ସାହୁ (୪୭ ରନ, ୫ ଚୌକା, ୧ ଛକା)ଙ୍କ ଉପଯୋଗୀ ଇନିଂସ ବଳରେ ୩୪.୨ ଓଭରରେ ୬ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ପ୍ରତିପକ୍ଷ ବୋଲର ବଜରଙ୍ଗୀ ୩ ଓ ଦିପ୍ତାଂଶୁ ଦାସ ୨ଟି ଉଇକେଟ ନେଇଥିଲେ। ଆଶୁତୋଷଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ପାରାମାଉଣ୍ଟ କ୍ଲବର ବରିଷ୍ଠ ସଦସ୍ୟ ତଥା ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଡ. କେ.ସି. ପାତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସାଇ ପାତ୍ରଙ୍କୁ ଶ୍ରେଷ୍ଠ ଫିଲ୍ଡର ବିବେଚିତ କରାଯାଇଥିଲା। ମ୍ୟାଚ୍‌କୁ ଦୁଇ ଓସିଏ ଅମ୍ପାୟର ସୁଶାନ୍ତ ଦାସ ଓ ଦିଲୀପ ସାମଲ ପରିଚାଳନା କରିଥିଲେ। ରଶ୍ମି ମଲ୍ଲ ମାନୁଆଲ ସ୍କୋରର ଓ ଚିନ୍ମୟ ଅନ୍‌ଲାଇନ ସ୍କୋରିଂ ଦାୟିତ୍ୱ ତୁଲାଇଥିଲେ।

ରବିବାର କଟକର ୟୁନିୟନ ସ୍ପୋର୍ଟିଂ ଓ ଭୁବନେଶ୍ୱରର ଓସ୍କାର ସ୍ପୋର୍ଟିଂ ମଧ୍ୟରେ ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

## ମହିଳା ଟି୨୦ ସପକ୍ଷରେ ଏମ୍‌ସିସି

ବେଙ୍ଗାଲୁରୁ,୯।୩(ପିଟି)

**ରାଜ୍ୟଗୋଷ୍ଠୀ କ୍ରୀଡ଼ା**

ମେରିଲବୋନ୍ କ୍ରିକେଟ କ୍ଲବ (ଏମ୍‌ସିସି) ୱାର୍ଲ୍ଡ କ୍ରିକେଟ କମିଟି ସର୍ବସମ୍ମତିକ୍ରମେ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମହିଳା ଟି୨୦ ପ୍ରତିଯୋଗିତାକୁ ସାମିଲ କରିବାକୁ ସମର୍ଥନ କରିଛି। ଏହି କମିଟିରେ କିମ୍ବଦନ୍ତୀ ଲେଗ୍ ସ୍ପିନର ଶେନ୍ ୱର୍ନ ମଧ ଶନିବାର ଅନୁଷ୍ଠିତ ବୈଠକରେ ଉପସ୍ଥିତ ଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପରବର୍ତ୍ତୀ ସଂସ୍କରଣ ଇଂଲଣ୍ଡର ବର୍ମିଂହାମ୍‌ଠାରେ ଖେଳାଯିବ। ୧୯୯୮ ପରେ ପ୍ରଥମ ଥର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କ୍ରିକେଟକୁ ସାମିଲ କରିବା ସମ୍ପର୍କରେ ଏହାର ଆୟୋଜକମାନେ ଏପର୍ଯ୍ୟନ୍ତ ଘୋଷଣା କରିନାହାନ୍ତି। ଦୁଇଟି ବିଶ୍ୱକପ୍ ପରେ ମହିଳା କ୍ରିକେଟ ଲାଗି ଉତ୍ସାହିତ ହେବାର ସମୟ। କ୍ରିକେଟକୁ ବହୁ କ୍ରୀଡ଼ା ବିଶିଷ୍ଟ ଇଭେଣ୍ଟରେ ସାମିଲ କରିବା ଆଇସିସି ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଫେଡେରେଶନ ହାତରେ। ଏହାଠାରୁ ଆଉ ଅଧିକ କ'ଣ ଦରକାର। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କ୍ରିକେଟ ସାମିଲ ହେବା ଦ୍ୱାରା ବିଶ୍ୱରେ ଲୋକପ୍ରିୟତା ବୃଦ୍ଧି ପାଇବାକୁ ସୁଯୋଗ ମିଳିବ ବୋଲି ୱର୍ନ କହିଛନ୍ତି। ଗତବର୍ଷ ନିର୍ବାଚିତ ହେବା ପରେ ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର ପ୍ରଥମଥର ପାଇଁ ବୈଠକରେ ଯୋଗଦେଇଥିଲେ। ୨୦୧୭ଠାରୁ ଏମ୍‌ସିସି ସଦସ୍ୟ ଥିବା ପୂର୍ବତନ ନ୍ୟୁଜିଲାଣ୍ଡ ମହିଳା ଦଳର ଅଧିନାୟିକା ସୁଜି ବାଟେ କହିଛନ୍ତି, ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ା କ୍ରିକେଟ ପାଇଁ ଗେମ୍ ଚେଞ୍ଜର ହୋଇପାରେ। ବହୁ କ୍ରୀଡ଼ା ବିଶିଷ୍ଟ ଇଭେଣ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଅଲିମ୍ପିକ୍ସ ଭିନ୍ନ ଦର୍ଶକଙ୍କୁ ପ୍ରେରିତ କରେ। ମହିଳା କ୍ରିକେଟ ଲାଗି ନୂଆ ପ୍ରଶଂସକ ସୃଷ୍ଟି କରିବାର ଏହା ଏକ ବଡ଼ ସୁଯୋଗ। କ୍ରିକେଟକୁ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ଥାନ ଦେବା ଲାଗି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଓ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଯୁଗ୍ମ ଆବେଦନ କରାଯାଇଛି। ଆଇସିସି ମୁଖ୍ୟ କାର୍ଯ୍ୟକାରୀ ଡେଭିଡ ରିଚାର୍ଡସନ ମଧ ବେଙ୍ଗାଲୁରୁଠାରେ ଆୟୋଜିତ ଦୁଇ ଦିନିଆ ବୈଠକରେ ଯୋଗଦେଇଛନ୍ତି।



ପୁରସ୍କାର ସହ ଅତିଥିଙ୍କ ଗହଣରେ କୃତୀ ପ୍ରଶିକ୍ଷାର୍ଥୀମାନେ।

### ଟେନିସ କୋଚିଂ ଶିବିର ଉଦ୍‌ଯାପିତ

**ଭୁବନେଶ୍ୱର, ୯।୩(ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ ପରିସରରେ ଟେନିସ କୋଚିଂ କ୍ୟାମ୍ପ ଉଦ୍‌ଯାପିତ ହୋଇଯାଇଛି। ମାର୍ଚ୍ଚ ୫ରୁ ୪ ଦିନ ଧରି ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଆଇଟିଏଫ୍ କୋଚ୍ ବିନୋଦ ସେଠ୍ ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟ କୋଚ୍ ରହିଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଟିଏ ସମ୍ପାଦକ ତଥା ଆଇଏଏସ୍ ମଧୁସୂଦନ ପାଢ଼ୀ, ସିଇଓ ବି.କେ. ଦାସ, କୋଷାଧ୍ୟକ୍ଷ ଡି.କେ. ତୁଙ୍ଗ୍, ରବୀନ୍ଦ୍ର ସେନାପତି ଓ ଦାମୋଦର ପ୍ରଧାନି ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରଶିକ୍ଷାର୍ଥୀଙ୍କୁ ପୁରସ୍କୃତ କରିଥିଲେ।

■ ୧୯ ବର୍ଷରୁ ଚତୁଷ୍କୋଣୀୟ ଦିନିକିଆ ସିରିଜ୍

## ଭାରତ-ବି, ଦକ୍ଷିଣ ଆଫ୍ରିକା ବିଜୟୀ

ଥିରୁଭାନନ୍ତପୁରମ,୯।୩(ପି.ଟି.)

ଏଠାରେ ଚାଲିଥିବା ଚତୁଷ୍କୋଣୀୟ ୧୯ ବର୍ଷରୁ କମ୍ ଦିନିକିଆ ସିରିଜରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ବି' ଓ ଦକ୍ଷିଣ ଆଫ୍ରିକା ବିଜୟୀ ହୋଇଛନ୍ତି। ଭାରତ ଏ'କୁ ୩ ଉଇକେଟରେ ଭାରତ ବି' ହରାଇଥିବା ବେଳେ ଆଫଗାନିସ୍ତାନକୁ ୯ ରନରେ ଦକ୍ଷିଣ ଆଫ୍ରିକା ପରାସ୍ତ କରିଛି। ଏହି ବିଜୟ ସହ ଏହି ଦୁଇ ଦଳ ୧୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଫାଇନାଲ ମ୍ୟାଚ୍ ଖେଳିବାକୁ ଯୋଗ୍ୟତା ହାସଲ କରିଛନ୍ତି।

ସ୍ଥାନୀୟ ସେଣ୍ଟ ଜାଭିୟର କେସିଏ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ଏ' ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ୪୦.୩ ଓଭରରେ ୧୨୯ ରନ କରି ଅଲଆଉଟ ହୋଇଥିଲା। ଦଳ ତରଫରୁ ଓପନର ଯଶସ୍ୱୀ ଜୟସୁଆଲ ୩୦, ଉଇକେଟ କିପର ବ୍ୟାଟ୍ସମ୍ୟାନ ଧ୍ରୁବ ଜୁରେଲ ୪୦ ଓ ହର୍ଷ ଦୁବେ ୨୩ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଭାରତ ବି' ତରଫରୁ ଶିବମ ଶର୍ମା ୩, ପୂର୍ଣ୍ଣକ ତ୍ୟାଗୀ, ପ୍ରଭାତ ମୌର୍ଯ୍ୟ ଓ କରନ ଲାଲ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଭାରତ ବି ୪୧.୪ ଓଭରରେ ୭ ଉଇକେଟ ହରାଇ ୧୩୦ ରନ କରି ବିଜୟୀ ହୋଇଥିଲା। ଦଳ ତରଫରୁ ଅର୍ଯ୍ୟା ସେଠୀ ୫୧, ଅଥର୍ଭ ଅଙ୍କୋଲେକର ଅପରାଜିତ ୨୯, ତ୍ୟାଗୀ ଅପରାଜିତ ୧୪ ରନ ସଂଗ୍ରହ କରିଥିଲେ। ଭାରତ ଏ ତରଫରୁ ବୋଲିଂରେ ଶୁଭାଙ୍ଗ ହେଗଡେ, ଦୁବେ ଓ ଯୁବରାଜ ଚୌଧାରୀ ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଦ୍ୱିତୀୟ ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୪୯.୫ ଓଭରରେ ୨୦୦ ରନ କରି ଅଲଆଉଟ ହୋଇଥିଲା। ଦଳ ତରଫରୁ ଲୁକ୍ ବିୟୁଫୋର୍ଟ ୪୦, ବ୍ରାଏସ ପାର୍ସନ ୪୦ ଓ ଆଣ୍ଡିଲ ମୋଗାକେନ ୩୮ ରନ ସଂଗ୍ରହ କରିଥିଲେ। ବୋଲିଂରେ ଆଫଗାନିସ୍ତାନ ତରଫରୁ ରିୟାଜ ହୁସେନ ୩, ଆରିଫ ଖାଁ, ଅବିଦ ମହମ୍ମଦି ଓ ଶାଫିକୁଲ୍ଲ ଘଫାରି ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ। ଜବାବରେ ଆଫଗାନିସ୍ତାନ ୪୮.୩ ଓଭରରେ ୧୯୧ ରନ କରି ଅଲଆଉଟ ହୋଇଥିଲା। ଦଳ ତରଫରୁ ଅଧିନାୟକ ଫରହାନ ଜାଖିଲ ୬୩, ରିୟାଜ ହୁସେନ ୩୫, ଇସ୍‌ଲାମ ଜଜାଇ ୨୧, ଆରିଫ ଖାଁ ୧୮, ଇସାକ ଜଜାଇ ୨୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକାର ମାର୍କୋ ଜାନସେନ ୪, ବ୍ରାଏସ ପାର୍ସନ ୨ଟି ଉଇକେଟ ନେଇଥିଲେ।

“ଚଳିତ ପ୍ରିମିୟର ଲିଗ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଆମେ ଶ୍ରେଷ୍ଠ ୪ ମଧ୍ୟରେ ରହିବାକୁ ଚାହୁଁଥିବାରୁ ପ୍ରତ୍ୟେକଟି ମ୍ୟାଚ ଫାଇନାଲ ମନେ କରି ଖେଳୁଛୁ।
– ୱିଲିୟଆନ ବର୍ଜେସ ଡା ସିଲ୍‌ଭା, ବ୍ରାଜିଲ ପ୍ରଫେଶନାଲ ଖେଳାଳି



“ଅନ୍ତର୍ଜାତୀୟ କ୍ରିକେଟରେ ପ୍ରଥମ ଶତକ ହାସଲ କରିବା କଷ୍ଟକର ହୋଇଥିବାରୁ ଶୁକ୍ରବାର ଭାରତ ବିପକ୍ଷରେ ଏହି ସଫଳତା ମୋ ପାଇଁ ଖୁବ୍ ବଡ଼ କଥା।
–ଉସ୍‌ମାନ୍ ଖ୍ୱାଜା, ଅଷ୍ଟ୍ରେଲୀୟ କ୍ରିକେଟର।



## ସଂକ୍ଷେପରେ

### ଆଉ ୩ ସନ୍ତାନଙ୍କ ପିତୃତ୍ୱ ସ୍ୱୀକାର କଲେ ମାରାଡୋନା

**ବୁଏନ୍ସ ଆରିଜ,୯।୩(ପି.ଟି.):** ଆର୍ଜେଣ୍ଟିନା ଫୁଟବଲ୍ ଲିଜେଣ୍ଡ ଡିଏଗୋ ମାରାଡୋନା କ୍ୟୁବାରେ ଆଉ ୩ ସନ୍ତାନର ପିତୃତ୍ୱ ସ୍ୱୀକାର କରିଛନ୍ତି। ସେ ନିଜ ପତ୍ନୀଙ୍କ ସନ୍ତାନ ଛଡ଼ା ଅନ୍ୟ କୌଣସି ସନ୍ତାନର ଜନକ ହେବା କଥାକୁ ଅସ୍ୱୀକାର କରୁଥିଲେ ମଧ୍ୟ ଶେଷରେ ଏହା ସ୍ୱୀକାର କରିଛନ୍ତି। ପୂର୍ବରୁ ମଧ୍ୟ ସେ ୫ ସନ୍ତାନର ଜନକ ହେବା କଥା ସ୍ୱୀକାର କରିଥିଲେ। ଫଳରେ ୫୮ ବର୍ଷୀୟ ମାରାଡୋନା ୮ଜଣ ସନ୍ତାନଙ୍କ ପିତା ହେବା କଥା ଆନୁଷ୍ଠାନିକ ଭାବେ ସ୍ପଷ୍ଟ ହୋଇଛି। ଏହି ୩ ସନ୍ତାନ ଦୁଇ ଜଣ ମହିଳାଙ୍କଠାରୁ ଜନ୍ମ ନେଇଛନ୍ତି। ନିଶା ମୁକ୍ତ ହେବା ପାଇଁ ମାରାଡୋନା ୨୦୦୦ରୁ ୨୦୦୫ ମଧ୍ୟରେ କ୍ୟୁବାରେ ଚିକିତ୍ସିତ ହେଉଥିଲେ। ଖୁବ ଶୀଘ୍ର ଆପଣ ୧୧ ଜଣିଆ ଦଳ ଗଠନ କରିପାରିବେ ବୋଲି ମାରାଡୋନାଙ୍କ ୨୯ ବର୍ଷୀୟ ଝିଅ ଜିଆନିନା ଇନ୍‌ଷ୍ଟାଗ୍ରାମ୍‌ରେ ଉଲ୍ଲେଖ କରିଛନ୍ତି। ମାରାଡୋନା ଏବେ ମେକ୍ସିକୋର ସେକେଣ୍ଡ ଡିଭିଜନ କ୍ଲବ ଡୋରାଡୋସ ଡି ସିନାଲୋଆର କୋଚ୍ ରୂପେ କାର୍ଯ୍ୟ କରୁଛନ୍ତି।

### ୱେଷ୍ଟଇଣ୍ଡିଜ ୪୫ରେ ଅଲଆଉଟ୍

**ସେଣ୍ଟ କିଟ୍‌ସ, ୯।୩(ଏଏଫ୍‌ପି):** ଏଠାରେ ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ଦଳ ମାତ୍ର ୪୫ ରନ୍‌ରେ ଅଲଆଉଟ୍ ହୋଇଯାଇଛି। କ୍ରିକେଟ ଛୋଟିଆ ଫର୍ମାଟରେ ଏହା ଦ୍ୱିତୀୟ ନିମ୍ନତମ ଦଳଗତ ସ୍କୋର। ଏହି ମ୍ୟାଚ୍‌କୁ ଇଂଲଣ୍ଡ ଦଳ ୧୩୭ ରନ୍‌ରେ ଜିତିନେଇଛି, ଯାହାକି ଦଳର ସବୁଠୁ ବଡ଼ ବିଜୟ। ଏଥିସହ ଭ୍ରମଣକାରୀ ଇଂଲଣ୍ଡ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୨-୦ ବ୍ୟବଧାନରେ ଆଗୁଆ ଜିତିଛି। ଇଂଲଣ୍ଡ ବିଜୟରେ ସାମ ବିଲିଙ୍ଗ୍‌ସ ଓ କ୍ରିସ ଜୋର୍ଡାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ଦଳ ୨୦ ଓଭରରେ ୬ ଉଇକେଟ ହରାଇ ୧୮୨ ରନ୍ କରିଥିଲା। ଦଳ ପାଇଁ ବିଲିଙ୍ଗ୍‌ସ ୮୭ (୧୦ ଚୌକା ଓ ୩ ଛକା) ଓ ଜୋ ରୁଟ ୫୫ ରନ୍ କରିଥିଲେ। ୧୮୩ ରନ୍‌ର ବିଜୟ ଲକ୍ଷ୍ୟର ପିଛା କରୁଥିବା ୱେଷ୍ଟଇଣ୍ଡିଜ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଫଳରେ ଦଳ ମାତ୍ର ୧୧.୫ ଓଭରରେ ୪୫ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ କେବଳ ଦୁଇ ଜଣଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ସ୍କୋର ସ୍ପର୍ଶ କରିପାରି ନ ଥିଲେ। ବିଜୟୀ ଦଳ ପାଇଁ ଜୋର୍ଡାନ ମାତ୍ର ୨ ଓଭର ବୋଲିଂ କରି ୬ ରନ୍ ବ୍ୟୟରେ ୪ ଉଇକେଟ ନେଇଥିଲେ। ତାଙ୍କ ବ୍ୟତୀତ ଡେଭିଡ୍ ୱିଲି, ଆଦିଲ ରଶିଦ ଓ ଲିଆମ ପ୍ଲୁଙ୍କେଟ ୨ ଉଇକେଟ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ବିଜୟୀ ଦଳର ବିଲିଙ୍ଗ୍‌ସଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ କରାଯାଇଛି।

### ନ୍ୟୁଜିଲାଣ୍ଡ-ବାଂଲାଦେଶ ଟେଷ୍ଟ ଦ୍ୱିତୀୟ ଦିନ ଖେଳ ମଧ୍ୟ ହୋଇପାରିଲାନି

**ୱେଲିଂଟନ୍, ୯।୩ (ଏଏଫ୍‌ପି):** ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ ଆରମ୍ଭରେ ବିଳମ୍ବ ଘଟିଛି। ବର୍ଷା ଯୋଗୁ ଶନିବାର ଲଗାତର ଦ୍ୱିତୀୟ ଦିନ ପାଇଁ ଖେଳ ସମ୍ଭବ ହୋଇପାରି ନାହିଁ। ହାମିଲଟନ୍‌ଠାରେ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ନ୍ୟୁଜିଲାଣ୍ଡ ଏକ ଇନିଂସ ଓ ୫୨ରନରେ ବିଜୟ ଲାଭ କରି ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଆଗୁଆ ରହିଛି। ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ ଆସନ୍ତା ଶନିବାରଠାରୁ ଖ୍ରୀଷ୍ଟଚର୍ଚ୍ଚଠାରେ ଖେଳାଯିବ। ଅତୀତରେ ବର୍ଷା ଯୋଗୁ ଗୋଟିଏ ହେଲେ ବଲ୍ ବୋଲିଂ କରା ନ ଯାଇପାରି ମ୍ୟାଚ ବାତିଲ ହେବାର ଦୁଇଟି ଦୃଷ୍ଟାନ୍ତ ରହିଛି। ତାହା ହେଲା ଦେଶର ଦକ୍ଷିଣାଞ୍ଚଳ ଅନ୍ତର୍ଗତ ସହର ଡୁନେଡିନ୍‌ଠାରେ ୧୯୮୯ରେ ପାକିସ୍ତାନ ଏବଂ ୧୯୯୮ରେ ଭାରତ ବିପକ୍ଷରେ।

### ଆଗେଇଲେ ସେରେନା, ହାଲେପ

**ଇଣ୍ଡିଆନ୍ ୱେଲ୍ସ, ୯।୩(ଏଏଫ୍‌ପି):** କିମ୍ବଦନ୍ତୀ ମହିଳା ଟେନିସ ଖେଳାଳି ସେରେନା ୱିଲିୟମ୍ସ ଓ ସିମୋନା ହାଲେପ ଏଠାରେ ଚାଲିଥିବା ଇଣ୍ଡିଆନ୍ ୱେଲ୍ସ ଟୁର୍ନାମେଣ୍ଟର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ସେରେନା ୭-୫, ୬-୩ ସେଟ୍‌ରେ ଭିକ୍ଟୋରିଆ ଆଜରେଙ୍କାଙ୍କୁ ହରାଇ ଦେଇଛନ୍ତି। ଅନ୍ୟ ଏକ ମ୍ୟାଚ୍‌ରେ ଦ୍ୱିତୀୟ ସିଡ୍ ସିମୋନା ହାଲେପ ୬-୨, ୬-୪ ସେଟ୍‌ରେ ବାର୍ବୋରା ଷ୍ଟ୍ରିକୋଭାଙ୍କୁ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ସ୍ଲୋଆନେ ଷ୍ଟିଫେନ୍ସ ପରାଜୟ ସହ ଅଭିଯାନ ଶେଷ କରିଛନ୍ତି।

## ଆଜି ଚତୁର୍ଥ ଦିନିକିଆ

# ରିଷଭ ପନ୍ତଙ୍କ ଉପରେ ନଜର

**ମୋହାଲି,୯।୩(ପି.ଟି.)**

ସ୍ଥାନୀୟ ମୋହାଲି ଷ୍ଟାଡିୟମରେ ଭାରତ ଓ ଭ୍ରମଣକାରୀ ଅଷ୍ଟ୍ରେଲିଆ ମଧ୍ୟରେ ରବିବାର ଚତୁର୍ଥ ଦିନିକିଆ ମ୍ୟାଚ୍ ଖେଳାଯିବ। ବିଭିନ୍ନ ଦୃଷ୍ଟିକୋଣରୁ ଏହି ମ୍ୟାଚ୍ ବିଶେଷ ଗୁରୁତ୍ୱ ବହନ କରୁଛି। ୨-୧ରେ ଅଗ୍ରଣୀ ରହିଥିବା ଭାରତ ଏହି ମ୍ୟାଚ୍ ଜିତି ସିରିଜ ହାତେଇବାକୁ ଚେଷ୍ଟା କରିବ। ଅନ୍ୟପଟେ ଅଷ୍ଟ୍ରେଲିଆ ସିରିଜ ବଞ୍ଚାଇବାକୁ କର ବା ମର ପରିସ୍ଥିତିର ସମ୍ମୁଖୀନ ହୋଇଛି। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କୁ ବିଶ୍ରାମ ଦିଆଯାଇଥିବାରୁ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ଦଳରେ ସାମିଲ କରାଯାଇଛି। ପନ୍ତଙ୍କ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଇଂଲଣ୍ଡରେ ଆସନ୍ତା ମେ’ରେ ଆୟୋଜନ ହେବାକୁ ଥିବା ବିଶ୍ୱକପ ପାଇଁ ଦଳ ପନ୍ତଙ୍କୁ ସାମିଲ କରାଯିବା ନେଇ ଚର୍ଚ୍ଚା ହେଉଛି। ତେବେ ଏଥିପାଇଁ ଚଳିତ ସିରିଜର ବାକିଥିବା ଦୁଇଟି ମ୍ୟାଚ୍‌ରେ ପନ୍ତଙ୍କୁ ଦମ୍ ଦେଖାଇବାକୁ ପଡିବ। ସିରିଜରେ ଏପର୍ଯ୍ୟନ୍ତ ଭାରତୀୟ ଟପ୍ ଅର୍ଡର ବିଫଳ ପ୍ରଦର୍ଶନ କରିଛି। ଏପରିସ୍ଥଳେ ପନ୍ତଙ୍କ ଗୁରୁତ୍ୱ ବଢ଼ିଯାଇଛି। ବିଶ୍ୱକପ୍‌ରେ ସ୍ଥାନ ପାଇବାକୁ ଇଚ୍ଛା ରଖୁଥିବା ସବୁ ଖେଳାଳିଙ୍କୁ ଅଧିନାୟକ ବିରାଟ କୋହଲି ସୁଯୋଗ ଦେବାକୁ ଚାହୁଁଛନ୍ତି। ଫଳରେ ଏହି ଚତୁର୍ଥ ଓ ଅନ୍ତିମ ଦିନିକିଆରେ ଭାରତୀୟ ଦଳରେ କେତୋଟି ପରିବର୍ତ୍ତନ ହେବା ଆଶା କରାଯାଉଛି। ରାଞ୍ଚିରେ ଶୁକ୍ରବାର ଖେଳାଯାଇଥିବା ତୃତୀୟ ଦିନିକିଆରେ ଧୋନୀ ତାଙ୍କ ଶେଷ ଘରୋଇ ମ୍ୟାଚ୍ ଖେଳିଛନ୍ତି। ତାଙ୍କ ଉତ୍ତରାଧିକାରୀ ଭାବେ ପନ୍ତଙ୍କୁ ବିବେଚନା କରାଯାଉଛି। ପୂର୍ବରୁ ଦିନିକିଆରେ ପନ୍ତ ଜଣେ ବ୍ୟାଟ୍ସମ୍ୟାନ ଭାବେ ଖେଳିଛନ୍ତି। ତେବେ ଧୋନୀଙ୍କ ଅନୁପସ୍ଥିତିରେ ପନ୍ତ ଉଇକେଟ କିପିଙ୍ଗ୍ କରିବେ। ଗତ ମ୍ୟାଚ୍‌ରେ ଗୋଡରେ ଆଘାତ ପାଇଥିବା ମହମ୍ମଦ ସାମି ଦଳରୁ ବାଦ ପଡିଥିବା ବେଳେ ତାଙ୍କ ସ୍ଥାନରେ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଖେଳିବେ। ସାମିଙ୍କୁ ବିଶ୍ରାମ ଦିଆଯାଇଛି। ଆଗାମୀ ଦୁଇଟି ମ୍ୟାଚ୍‌ରେ କେତୋଟି ପରିବର୍ତ୍ତନ କରାଯିବ। ତେବେ ଖେଳାଳିମାନଙ୍କୁ ମ୍ୟାଚ୍ ବିଜୟ ପ୍ରଦର୍ଶନ କରିବାକୁ ହେବ ବୋଲି କୋହଲି କହିଛନ୍ତି। ଟପ୍ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ବିଫଳତା ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତା ସୃଷ୍ଟି କରିଛି। ଅବଶ୍ୟ କୋହଲି ଅଧିନାୟକ ଇନିଂସ ଖେଳି ଦଳ ପାଇଁ ସଙ୍କଟ ମୋଚକ ସାବ୍ୟସ୍ତ ହୋଇଛନ୍ତି। ଗତ ୩ଟି ମ୍ୟାଚ୍‌ରେ କୋହଲି ଦୁଇଟି ଶତକ ସହ ୨୮୩ ରନ ସଂଗ୍ରହ କରିଛନ୍ତି। ଏହାପରେ କେଦାର ଯାଦବ ୧୧୮ ରନ କରି ଦ୍ୱିତୀୟ ସଫଳତମ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଛନ୍ତି। ୩ଟି ଇନିଂସରେ ତାରକା ଓପନର ରୋହିତ ଶର୍ମା ମାତ୍ର ୫୧ ରନ ସଂଗ୍ରହ କରିପାରିଛନ୍ତି। ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ ୩ଟି ମ୍ୟାଚ୍‌ରୁ ମାତ୍ର ୩୩ ରନ ସଂଗ୍ରହ କରି ଆହୁରି ଖରାପ୍ ପ୍ରଦର୍ଶନ କରିଛନ୍ତି। ଅଭିଜ୍ଞ ଶିଖର ଧାୱନ ୩ଟି ମ୍ୟାଚ୍ ଖେଳି ମାତ୍ର ୨୨ ରନ ସଂଗ୍ରହ କରି ସାଂଘାତିକ ଭାବେ ବିଫଳ ହୋଇଛନ୍ତି। ବିଶ୍ୱକପ୍ ଦଳରେ ଧାୱନ ଓ ରୋହିତଙ୍କ ସ୍ଥାନ ପକ୍କା ହୋଇଥିଲେ ମଧ୍ୟ ଏମାନଙ୍କ ଫର୍ମ ମ୍ୟାନେଜମେଣ୍ଟ ପାଇଁ ଚିନ୍ତାର କାରଣ ହୋଇଛି। ଲୋକେଶ ରାହୁଲ ଖେଳିବା ମନେ ହେଉଥିଲେ ମଧ୍ୟ ସେ ଧାୱନ କିମ୍ବା ରାୟୁଡୁ, କାହା ବଦଳରେ ଖେଳିବେ ତାହା ଜଣାପଡିନାହିଁ।

ଅଷ୍ଟ୍ରେଲୀୟ ଲେଗ୍ ସ୍ପିନର ଆଡାମ ଜାମ୍ପା ଭାରତ ପାଇଁ ସମସ୍ୟା ସୃଷ୍ଟି କରିଛନ୍ତି। ରନ ବ୍ୟୟ କରିଥିଲେ ମଧ୍ୟ ସେ ସେ ଏକାଧିକ ବାର କୋହଲି ଓ ଧୋନୀଙ୍କୁ ଆଉଟ କରି ଭାରତକୁ ବ୍ୟାକ୍ ଫୁଟ୍‌କୁ ଠେଲି ଦେଇଥିଲେ। ଗତ ମ୍ୟାଚ୍‌ରେ ସେଭଳି ସୁବିଧାଜନକ ସ୍ଥିତି ନ ଥିଲେ ମଧ୍ୟ ଅଷ୍ଟ୍ରେଲିଆ ବେଶ୍ ଦମ୍‌ଦାର ପ୍ରଦର୍ଶନ କରିଥିଲା। ବୋଲିଂ, ବ୍ୟାଟିଂରେ ଦମ୍ ଦେଖାଇ ବିଜୟୀ ହେବା ସହ ସିରିଜ ବଞ୍ଚାଇବାରେ ସଫଳ ହୋଇଥିଲା। ଏବେ ଏହି ପ୍ରଦର୍ଶନ ଦୋହରାଇବା ଲକ୍ଷ୍ୟରେ ଅଷ୍ଟ୍ରେଲିଆ ରହିଛି। ଅନ୍ୟପଟେ ପରୀକ୍ଷା ନିରୀକ୍ଷା ସତ୍ତ୍ୱେ ଭାରତ ବିଜୟୀ ହେବା ପାଇଁ ସବୁମତେ ଚେଷ୍ଟା କରିବ ବୋଲି ଆଶା କରାଯାଉଛି। ମୋହାଲି ଉଇକେଟ ଫ୍ଲାଟ ହୋଇଥିବାରୁ ବ୍ୟାଟ୍ସମ୍ୟାନ ଭଲ ଖେଳିବେ। ରାତିରେ ଅବଶ୍ୟ କାକର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ।




| ଭାରତୀୟ ଦଳ | ଅଷ୍ଟ୍ରେଲିଆ ଦଳ |
|---|---|
| ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ରୋହିତ ଶର୍ମା, ଅମ୍ବାତି ରାୟୁଡୁ, କେଦାର ଯାଦବ, ବିଜୟ ଶଙ୍କର, କୁଲଦୀପ ଯାଦବ, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, ରବୀନ୍ଦ୍ର ଜାଡେଜା, ଯୁଜବେନ୍ଦ୍ର ଚହଲ, ଭୁବନେଶ୍ୱର କୁମାର ଓ ରିଷଭ ପନ୍ତ (ଉଇକେଟ କିପର)। | ଆରୋନ ଫିଞ୍ଚ୍ (ଅଧିନାୟକ), ଉସ୍‌ମାନ ଖ୍ୱାଜା, ପିଟର ହ୍ୟାଣ୍ଡ୍ସକମ୍ବ, ଶନ୍ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ, ମାର୍କସ ଷ୍ଟୋଇନିସ୍, ଅଷ୍ଟନ ଟର୍ନର, ଝେ ରିଚାର୍ଡଶନ, ଆଡାମ ଜାମ୍ପା, ଆଣ୍ଡ୍ରୁ ଟାଏ, ପ୍ୟାଟ କୁମିନ୍ସ, ନାଥନ କୁଲ୍ଟର ନିଲ, ଆଲେକ୍ସ କାରେ, ନାଥନ ଲିୟନ ଓ ଜାସନ ବେହରେନଡୋର୍ଫ। |

**ସମୟ: ଅପରାହ୍ନ ୧.୩୦** | **ସ୍ଥାନ: ମୋହାଲି** | **ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

### ଟିମ୍ ଇଣ୍ଡିଆର ମିଲିଟାରି ଟୋପି ପରିଧାନକୁ ପାକିସ୍ତାନର ବିରୋଧ

**ନୂଆଦିଲ୍ଲୀ,୯।୩(ପିଟି)**

ରାଞ୍ଚିଠାରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ୩ୟ ମ୍ୟାଚ୍‌ରେ ଭାରତୀୟ ଦଳର ସଦସ୍ୟମାନେ ମିଲିଟାରି କ୍ୟାପ୍ ପରିଧାନ କରିଥିଲେ। ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଟିମ୍ ଇଣ୍ଡିଆ ଏପରି କରିଥିଲା। ଏହାକୁ ପାକିସ୍ତାନ ବିରୋଧ କରିବା ସହ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ନିକଟରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଏହା କେବଳ କ୍ରିକେଟ ନୁହେଁ, ଜେଣ୍ଟଲମ୍ୟାନ୍‌ଙ୍କ କ୍ରୀଡ଼ାକୁ ରାଜନୀତୀକରଣ କରାଯାଇଛି। ଏଥିନେଇ ଆଇସିସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବ ବୋଲି ମୋର ଆଶା। ଭାରତୀୟ ଦଳକୁ ରୋକା ନ ଗଲେ କଶ୍ମୀରରେ ଚାଲିଥିବା ଅତ୍ୟାଚାର ପାଇଁ ପାକିସ୍ତାନ ଦଳର ଖେଳାଳିମାନେ ବିଶ୍ୱକୁ ଜଣାଇବା ଲାଗି କଳା ବ୍ୟାଣ୍ଡ ପିନ୍ଧିବା ଆବଶ୍ୟକ। ପିସିବି ଏ ସମ୍ପର୍କରେ ଅଭିଯୋଗ କରୁ ବୋଲି ପାକିସ୍ତାନ ମନ୍ତ୍ରୀ ଫୱାଦ ଚୌଧୁରୀ କହିଛନ୍ତି। ତାଙ୍କ ବ୍ୟତୀତ ପାକିସ୍ତାନ ସାମ୍ବାଦିକ ୱାଇସ ତୋହିଦ ଓ ମାଝାର ଆବ୍ବାସ ମଧ୍ୟ ସମାନ ମନ୍ତବ୍ୟ ଦେଇଛନ୍ତି। ବିରାଟ କୋହଲି ଓ ମହେନ୍ଦ୍ର ସିଂ ଧୋନୀଙ୍କ ଭଳି ହିରୋମାନେ ଏଭଳି ଭୀରୁଙ୍କ କାର୍ଯ୍ୟ କରିବା ଉଚିତ ନୁହେଁ। କ୍ରୀଡ଼ା ଦ୍ୱାରା ତିକ୍ତତା ହ୍ରାସ କରାଯାଇପାରିବ। ମାତ୍ର ଏଭଳି ଆଚରଣ ଦ୍ୱାରା ନୁହେଁ। ରାଜନୀତିକୁ କ୍ରିକେଟରଙ୍କୁ ଟଣା ନ ଯାଉ ବୋଲି ତୋହିଦ କହିଛନ୍ତି।

## ସୁପର ଲିଗ୍‌ରେ ନିରାଶ କଲା ଓଡ଼ିଶା

**କଟକ ଅଫିସ,୯।୩**

ମୁମ୍ବାଇର କାନ୍ଦିଭିଲି ସଚିନ ତେନ୍ଦୁଲକର ଜିମଖାନା ଗ୍ରାଉଣ୍ଡରେ ଶନିବାର ଖେଳାଯାଇଥିବା ସିନିୟର ମହିଳା ଟି-୨୦ ଟୁର୍ନାମେଣ୍ଟ ସୁପରଲିଗ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଓଡ଼ିଶା ୩ ଉଇକେଟରେ ହିମାଚଳପ୍ରଦେଶଠାରୁ ପରାସ୍ତ ହୋଇଛି। ଏହି ପରାଜୟ ସହ ଓଡ଼ିଶା ସୁପରଲିଗରୁ ବିଦାୟ ନେବା ନିଶ୍ଚିତ ହୋଇଛି। ସୁପରିଲଗ ରାଉଣ୍ଡରେ ୩ଟି ମ୍ୟାଚ ଖେଳିଥିବା ଓଡ଼ିଶା ଗୋଟିଏ ବିଜୟ ସହ ୪ ପଏଣ୍ଟ ପାଇ ପଏଣ୍ଟ ଟେବୁଲର ୩ୟ ସ୍ଥାନରେ ରହିଛି। କର୍ଣ୍ଣାଟକ ଓ ହିମାଚଳପ୍ରଦେଶ ୧୨ ପଏଣ୍ଟ ଲେଖାଏ ହାସଲ କରି ଉପର ଦୁଇ ସ୍ଥାନ ବଜାୟ ରଖିଛନ୍ତି। ଓଡ଼ିଶା ହାତରେ ଆଉ ମାତ୍ର ଗୋଟିଏ ମ୍ୟାଚ୍ ବାକି ରହିଛି। ସୋମବାର ଝାଡ଼ଖଣ୍ଡ ବିପକ୍ଷରେ ଓଡ଼ିଶା ୪ର୍ଥ ତଥା ଅନ୍ତିମ ମ୍ୟାଚ୍ ଖେଳିବ। ଶନିବାର ମ୍ୟାଚ୍‌ରେ ହିମାଚଳପ୍ରଦେଶ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ଓଡ଼ିଶା ପ୍ରଥମ ଉଇକେଟ ଭାଗୀଦାରିରେ ୩୭ ରନ ସଂଗ୍ରହ କରିବା ପରେ ପରବର୍ତ୍ତୀ ୫୬ ରନରେ ଅବଶିଷ୍ଟ ୯ଟି ଯାକ ଉଇକେଟ ହରାଇ ଓଡ଼ିଶା ଇନିଂସ ୯୩ ରନରେ ସୀମିତ ରହିଥିଲା। ଓପନର ମାଧୁରୀ ମେହେତା ୧୪, ଅଧିନାୟିକା ମଧୁସ୍ମିତା ବେହେରା ୨୪ ଓ ସରିତା ମେହେର ୩୨ ରନ କରିଥିବା ବେଳେ ଅନ୍ୟ କେହି ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ହିମାଚଳ ପ୍ରଦେଶର ସୁସ୍ମିତା କୁମାରୀ ସର୍ବାଧିକ ୪ଟି ଉଇକେଟ ଦଖଲ କରିଥିଲେ। ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ଅଧିନାୟିକା ସୁଷମା ବର୍ମାଙ୍କ ସଂଘର୍ଷପୂର୍ଣ୍ଣ ୪୩ ରନର ଅପରାଜିତ ଇନିଂସ ବଳରେ ହିମାଚଳପ୍ରଦେଶ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଓପନର ନିକିତା ଚୌହ୍ୱାନ ମଧ୍ୟ ୩୪ ରନ କରିଥିଲେ। ଓଡ଼ିଶା ପକ୍ଷରୁ ପ୍ରିୟଙ୍କା ପ୍ରିୟଦର୍ଶିନୀ ୩, ରୋଶନାରା ପରୱିନ ଓ ସୁଶ୍ରୀ ଦିବ୍ୟଦର୍ଶିନୀ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

### ୱାଡାକୁ ୨୦୧୭ରୁ ତଥ୍ୟ ଦେଇଆସୁଛି ବିସିସିଆଇ

**ମୋହାଲି, ୯।୩ (ପି.ଟି.)**

ବିସିସିଆଇ ୨୦୧୭ରୁ ଭାରତୀୟ ଟପ୍ କ୍ରିକେଟରଙ୍କ ‘ହୋୟାରଏବାଉଟ୍ସ’ ଅବା ଅବସ୍ଥିତି ସମ୍ପର୍କରେ ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା)କୁ ଅବଗତ କରାଇ ଆସୁଛି। ହେଲେ ବିସିସିଆଇ ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା) ପରିସରଭୁକ୍ତ ହେବାକୁ କୁଣ୍ଠିତ ହେଉଥିବାରୁ ୱାଡା ଏନେଇ ଆଇସିସି ନିକଟରେ ଚିନ୍ତା ପ୍ରକଟ କରିଛି। ୨୦୧୭ରେ ଚାମ୍ପିୟନ୍ସ ଟ୍ରଫିପରଠାରୁ ବିସିସିଆଇ ଏହାର ଖେଳାଳିମାନଙ୍କ ‘ହୋୟାରଏବାଉଟ୍ସ’ ୱାଡାର ଏଡିଏଏମ୍ଏସ୍ ( ଆଣ୍ଟି ଡୋପିଂ ଆଡମିନିଷ୍ଟ୍ରେଟିଭ୍ ଆଣ୍ଡ ମ୍ୟାନେଜମେଣ୍ଟ ସିଷ୍ଟମ) ଡାଟାବେସ୍‌ରେ ଅପ୍‌ଲୋଡ୍ କରି ଆସୁଛି। ଆଣ୍ଟିଡୋପିଂ ଗତିବିଧିରେ ଉପରେ ସମନ୍ୱିତ ରକ୍ଷା କରିବା ସହ ନିୟମାବଳୀର ଠିକଣା ପ୍ରଚଳନ ଦିଗରେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ଏଡିଏଏମ୍ଏସ୍ ସୃଷ୍ଟି କରାଯାଇଛି।

## ମହିଳା ଟି୨୦: ସିରିଜ ପୋଛିଲା ଇଂଲଣ୍ଡ

**ଗୁଆହାଟୀ,୯।୩**

ସ୍ଥାନୀୟ ବାର୍ସାପାରା କ୍ରିକେଟ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ରୋମାଞ୍ଚଭରା ୩ୟ ଟି୨୦ ମ୍ୟାଚ୍‌ରେ ଇଂଲଣ୍ଡଠାରୁ ଭାରତ ଏକ ରନ୍‌ରେ ପରାସ୍ତ ହୋଇଛି। ଏଥିସହ ୩ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ଇଂଲଣ୍ଡ ୩-୦ ବ୍ୟବଧାନରେ କ୍ଲିନ୍ ସୁଇପ୍ କରି ନେଇଛି। ୧୨୦ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଓହ୍ଲାଇଥିବା ଟିମ୍ ଇଣ୍ଡିଆ ଅଧିନାୟିକା ସ୍ମୃତି ମନ୍ଧାନାଙ୍କ ଅର୍ଦ୍ଧଶତକୀୟ ଇନିଂସ ସତ୍ତ୍ୱେ ୧୧୮ ରନ୍ କରିବାକୁ ସକ୍ଷମ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ଦଳ ଡାନିଏଲ ୱେଟ୍‌ଙ୍କ ୨୪, ଟାମି ବିମଣ୍ଟଙ୍କ ୨୯ ଓ ଆମି ଏଲେନ ଜୋନ୍ସଙ୍କ ୨୬ ରନ୍ ବଳରେ ଧାର୍ଯ୍ୟ ୨୦ ଓଭରରେ ୬ ଉଇକେଟ ହରାଇ ୧୧୯ ରନ୍ କରିଥିଲା। ଭାରତ ପକ୍ଷରୁ ବୋଲିଂରେ ଅନୁଜା ପାଟିଲ ଓ ହାର୍ଲିନ ଦେଓଲ ୨ଟି ଉଇକେଟ ନେଇଥିଲେ। ଜବାବରେ ଅଧିନାୟିକା ମନ୍ଧାନାଙ୍କ ୫୮ (୩୯ ବଲ୍, ୮ ଚୌକା ଓ ଗୋଟିଏ ଛକା) ଓ ମିଥାଲି ରାଜ୍‌ଙ୍କ ଅପରାଜିତ ୩୦ ରନ୍ ଯୋଗୁ ଘରୋଇ ଦଳ ୧୯ ଓଭର ସୁଦ୍ଧା ୧୧୭ ରନ୍ କରି ନେଇଥିଲା। ଘରୋଇ ଦଳକୁ ମ୍ୟାଚ୍ ଜିତିବା ପାଇଁ ଅନ୍ତିମ ଓଭରରେ ମାତ୍ର ୩ ରନ୍ ଦରକାର ଥିଲେ। ମିଥାଲି ନନ୍ ଷ୍ଟ୍ରାଇକ୍‌ରେ ଥିବାବେଳେ ଷ୍ଟ୍ରାଇକ୍‌ରେ ଥିଲେ ଭାରତୀ ଫୁଲମାଲି। ଭାରତୀ ପ୍ରଥମ ୩ଟି ବଲ ଡଟ୍ ଖେଳିଥିଲେ। ପରବର୍ତ୍ତୀ ବଲ୍‌କୁ ଘୂରାଇ ମାରିବାକୁ ଯାଇ କ୍ୟାଚ୍ ଆଉଟ୍ ହୋଇଥିଲେ। ଓଭରର ୫ମ ବଲ୍‌ରେ ଅନୁଜା ଷ୍ଟମ୍ପିଂ ହୋଇଯାଇଥିଲେ। ଅନ୍ତିମ ବଲକୁ ଶିଖା ପାଣ୍ଡେ ପଏଣ୍ଟ ଅଞ୍ଚଳକୁ ଖେଳି ଏକ ରନ୍ ନେବାକୁ ସଫଳ ହୋଇଥିଲେ। ଫଳରେ ଭାରତୀୟ ଦଳ ସମସ୍ତ ଓଭର ବ୍ୟାଟିଂ କରି ୬ ଉଇକେଟ ହରାଇ ୧୧୮ ରନ୍ କରିବାକୁ ସକ୍ଷମ ହୋଇଥିଲା।



ସିରିଜ୍ ଜିତିବା ପରେ ଟ୍ରଫି ସହ ଇଂଲଣ୍ଡ ଦଳ।

## ଚେନ୍ନାଇ ସିଟିକୁ ଟାଇଟଲ, ଇଷ୍ଟ ବେଙ୍ଗଲ ଦ୍ୱିତୀୟ

**କୋଏମ୍ବାଟୁର, ୯।୩(ପି.ଟି.)**

ଦେଶର ସର୍ବଶ୍ରେଷ୍ଠ ଫୁଟ୍‌ବଲ ଲିଗ୍ ଆଇ- ଲିଗ୍‌ର ୨୦୧୮-୧୯ ସେସନ ଶେଷ ହୋଇଛି। ଏଥର ଚେନ୍ନାଇ ଏଫ୍‌ସି ସିଟି ନୂଆ ଚାମ୍ପିୟନ କ୍ଲବ ଭାବେ ଉଭା ହୋଇଛି। ସ୍ଥାନୀୟ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଘରୋଇ ଦର୍ଶକଙ୍କ ସାମ୍ନାରେ ଚେନ୍ନାଇ ଶନିବାର ଅନୁଷ୍ଠିତ ଅନ୍ତିମ ଦିବସରେ ମିନେର୍ଭା ପଞ୍ଜାବକୁ ୩-୧ ଗୋଲରେ ହରାଇ ଲିଗ୍‌ରେ ସର୍ବାଧିକ ପଏଣ୍ଟ ହାସଲ କରି ପ୍ରଥମଥର ପାଇଁ ଟାଇଟଲ ହାସଲ କରିଛି। ଅପରପକ୍ଷରେ ଇଷ୍ଟ ବେଙ୍ଗଲ ୨-୧ ଗୋଲରେ ଗୋକୁଲମ କେରଳ ଏଫ୍‌ସିକୁ ହରାଇ ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ମୋଟ ଉପରେ ଚେନ୍ନାଇ ମୋଟ ଉପରେ ୨୦ଟି ମ୍ୟାଚ୍ ଖେଳି ୧୩ଟି ବିଜୟ, ୪ଟି ଡ୍ର ଓ ୩ଟି ପରାଜୟ ସହ ୪୩ ପଏଣ୍ଟ ହାସଲ କରି ପଏଣ୍ଟ ତାଲିକାର ଶୀର୍ଷରେ ରହିବା ସହ ଏଥର ବିଜେତା ସାବ୍ୟସ୍ତ ହୋଇଛି। ଅନ୍ୟପଟେ ଇଷ୍ଟ ବେଙ୍ଗଲ ୨୦ଟି ମ୍ୟାଚ୍ ଖେଳି ୧୩ଟି ବିଜୟ, ୩ଟି ଡ୍ର, ୪ ପରାଜୟ ସହ ୪୨ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଲିଗ୍‌ରେ ପଦାର୍ପଣ କରିଥିବା ରିୟଲ କଶ୍ମୀର ୧୯ଟି ମ୍ୟାଚ୍ ଖେଳି ୧୦ଟି ବିଜୟ, ୬ଟି ଡ୍ର ଓ ୩ଟି ପରାଜୟ ସହ ୩୬ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଛି।

ଚେନ୍ନାଇ ବିପକ୍ଷରେ ମିନେର୍ଭା ପ୍ରଥମ ଗୋଲ ଦେଇ ଅଗ୍ରଣୀ ହାସଲ କରିଥିଲା। ମିନେର୍ଭାର ରୋଲାଣ୍ଡ ବିଲାଲା ତୃତୀୟ ମିନିଟ୍‌ରେ ଗୋଲ ଦେଇଥିଲେ। ଚେନ୍ନାଇ ପକ୍ଷରୁ ୫୬ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ପେଡ୍ରୋ ମାଞ୍ଜି ଗୋଲ ଦେଇ ମ୍ୟାଚ୍‌କୁ ୧-୧ ସମାନସ୍ତରକୁ ଆଣିଥିଲେ। ଏହା ପରେ ଗୌରଭ ବୋରା ୬୯ ଓ ଇଞ୍ଜୁରି ଟାଇମ୍‌ର ତୃତୀୟ ମିନିଟ୍‌ରେ ଗୋଲ ଦେଇ ଚେନ୍ନାଇକୁ ୩-୧ରେ ଜିତାଇଥିଲେ। ଦଳର ପ୍ରଦର୍ଶନରେ ଚେନ୍ନାଇ କୋଚ୍ ଆକବର ନୱାସ ବେଶ୍ ଖୁସି ଜାହିର କରିଛନ୍ତି। ମାଞ୍ଜି ଓ ଚର୍ଚ୍ଚିଲ ବ୍ରଦର୍ସର ୱିଲିସ୍ ପ୍ଲାଜା ୨୧ ଲେଖାଏ ଗୋଲ ଦେଇ ଯୁଗ୍ମ ସର୍ବାଧିକ ସ୍କୋରର ସାବ୍ୟସ୍ତ ହୋଇଛନ୍ତି। ଶନିବାର ଖେଳାଯାଇଥିବା ଅନ୍ୟ ଦୁଇଟି ମ୍ୟାଚ୍‌ରେ ଆଇଜଲ ଏଫ୍‌ସି ୨-୧ ଗୋଲରେ ଚର୍ଚ୍ଚିଲ ବ୍ରଦର୍ସକୁ ହରାଇଥିବା ବେଳେ ଇଷ୍ଟ ବେଙ୍ଗଲ କୋଝିକୋଡରେ ଅନୁଷ୍ଠିତ ମ୍ୟାଚ୍‌ରେ ୨-୧ ଗୋଲରେ କେରଳ ଗୋକୁଲମକୁ ହରାଇଛି।




ଆଇ-ଲିଗ୍ ଚାମ୍ପିୟନ ଚେନ୍ନାଇ ସିଟିର ଖେଳାଳିମାନେ।

**ଆଇ- ଲିଗ୍ ଫୁଟବଲ**

## ରାମେଶ୍ୱର କପ୍ ଆଜିଠାରୁ

**ଭୁବନେଶ୍ୱର, ୯।୩ (ସ୍ପୋର୍ଟ୍ସ ବ୍ୟୁରୋ)**

ତୃତୀୟ ଏର୍‌ଆଇଏଲ୍ ରାମେଶ୍ୱର କପ୍ ୨୦୧୯ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟ ରବିବାରଠାରୁ ଆରମ୍ଭ ହେବ। ପୁରୁଣା ଭୁବନେଶ୍ୱରସ୍ଥିତ ବି.ଏମ୍. ହାଇସ୍କୁଲ ଖେଳପଡ଼ିଆରେ ମ୍ୟାଚଗୁଡ଼ିକ ମ୍ୟାଟିଂ ଉଇକେଟରେ ଖେଳାଯିବ। ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ରବିବାର ଏମ୍‌ସିସି ଓ ସହିଦ ସ୍ପୋର୍ଟିଂ ମଧ୍ୟରେ ହେବ। ଗ୍ରାଣ୍ଡ୍ ଫିନାଲେ ୨୪ ତାରିଖରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଗତଥରର ଚାମ୍ପିୟନ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ସିଧାସଳଖ କ୍ୱାର୍ଟରଫାଇନାଲ ଖେଳିବ।

### ଖେଳସୂଚୀ

୧୦।୩: (୧)ଏମ୍‌ସିସି ବନାମ ସହିଦ ସ୍ପୋର୍ଟିଂ।
୧୧।୩: (୨)କ୍ରାଉନ୍ ସ୍ପୋର୍ଟିଂ ବନାମ ବିଶ୍ୱ ଭାରତୀ।
୧୨।୩: (୩)ରାମେଶ୍ୱର ସ୍ପୋର୍ଟିଂ ବନାମ ପ୍ରଥମ ମ୍ୟାଚର ବିଜେତା ମଧ୍ୟରେ ପ୍ରଥମ କ୍ୱାର୍ଟରଫାଇନାଲ।
୧୩।୩: (୪)ସୋଲାର ବନାମ ଗ୍ରୀନ୍ସ କ୍ରିକେଟ ଏକାଡେମୀ।
୧୪।୩: (୫) ଦ୍ୱିତୀୟ ମ୍ୟାଚ୍‌ର ବିଜେତା ବନାମ ଚତୁର୍ଥ ମ୍ୟାଚର ବିଜେତା ମଧ୍ୟରେ ଦ୍ୱିତୀୟ କ୍ୱାର୍ଟରଫାଇନାଲ।
୧୫।୩: (୬)ରାଇଜିଂ ଷ୍ଟୁଡେଣ୍ଟ ବନାମ ଓସ୍କାର।
୧୬।୩: (୭)ତୃତୀୟ ମ୍ୟାଚର ବିଜେତା ବନାମ ୫ମ ମ୍ୟାଚର ବିଜେତା ମଧ୍ୟରେ ପ୍ରଥମ ସେମିଫାଇନାଲ।
୧୭।୩: (୮) ପ୍ରଗତୀ ସ୍ପୋର୍ଟିଂ ବନାମ ଜାଗୃତି କ୍ରିକେଟ କ୍ଲବ।
୧୮।୩: (୯)ପାରାମାଉଣ୍ଟ ସ୍ପୋର୍ଟିଂ ବନାମ ଜୁଭେନାଇଲ୍ କ୍ରିକେଟ କ୍ଲବ।
୧୯।୩: (୧୦) ନିମପୁର ସ୍ପୋର୍ଟିଂ ବନାମ ୟୁନିୟନ ସ୍ପୋର୍ଟିଂ ।
୨୦।୩: (୧୧) ଷଷ୍ଠ ମ୍ୟାଚର ବିଜେତା ବନାମ ୮ମ ମ୍ୟାଚର ବିଜେତା ମଧ୍ୟରେ ୩ୟ କ୍ୱାର୍ଟରଫାଇନାଲ।
୨୧।୩: (୧୨) ନବମ ମ୍ୟାଚର ବିଜେତା ବନାମ ୧୦ମ ମ୍ୟାଚର ବିଜେତା ୪ର୍ଥ କ୍ୱାର୍ଟରଫାଇନାଲ।
୨୨।୩ (ବିଶ୍ରାମ ଦିବସ)।
୨୩।୩: ୧୧ଶ ମ୍ୟାଚର ବିଜେତା ବନାମ ୧୨ଶ ମ୍ୟାଚର ବିଜେତା ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ।
୨୪।୩: ଗ୍ରାଣ୍ଡ ଫିନାଲେ

ଧରିତ୍ରୀ
DHARITRI



**ସଂକ୍ଷେପରେ**

## ପୁରୀ-କଟରା ନୂଆ ଟ୍ରେନ୍ ଚଳାଚଳ ଦାବି

**ପୁରୀ ଅଫିସ,୯।୩:** ପୁରୀରୁ ଜମ୍ମୁ-କଶ୍ମୀରର କଟରା ମଧ୍ୟରେ ସିଧାସଳଖ ନୂଆ ଟ୍ରେନ୍ ଚଳାଚଳ ଦାବି କରିଛି ନାଗରିକ ଅଧିକାର ସୁରକ୍ଷା ସମିତି। ଏ ନେଇ ସମିତି ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି। ଏଥିରେ ଦର୍ଶାଯାଇଛି ଯେ, ଭାରତର ପ୍ରମୁଖ ପର୍ଯ୍ୟଟନ ତଥା ଧର୍ମସ୍ଥଳୀ ମଧ୍ୟରେ ପୁରୀ ଏବଂ ବୈଷ୍ଣୋଦେବୀର ସ୍ୱତନ୍ତ୍ର ପରିଚୟ ରହିଛି। ପ୍ରତିଦିନ ପୁରୀ ଶ୍ରୀମନ୍ଦିର ଏବଂ କଟରାର ମା' ବୈଷ୍ଣୋଦେବୀ ମନ୍ଦିରକୁ ଲକ୍ଷାଧିକ ଭକ୍ତ ଦର୍ଶନ ପାଇଁ ଆସିଥାନ୍ତି। ଭାରତୀୟ ରେଳପଥ ପୂର୍ବରୁ ପୁରୀ ସହ ଦ୍ୱାରିକା, ହରିଦ୍ୱାର, କାମାକ୍ଷା, ତିରୁପତି ଏବଂ ବୈଦ୍ୟନାଥ ଧାମ ସହ ସଂଯୋଗ ଲାଗି ବ୍ୟବସ୍ଥା କରିଛି। ହେଲେ ଏ ପର୍ଯ୍ୟନ୍ତ ପୁରୀ ଏବଂ କଟରା ମଧ୍ୟରେ ସିଧାସଳଖ କୌଣସି ଟ୍ରେନ୍ ଚଳାଚଳ କରିନାହିଁ। ତେଣୁ ଭକ୍ତ ଏବଂ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଏହି ଦୁଇ ସହର ମଧ୍ୟରେ ନୂଆ ଟ୍ରେନ୍ ଚଳାଚଳ କରିବାକୁ ସମିତି ଦାବି କରିଛି। ଏହି ନୂଆ ଟ୍ରେନ୍‌ର ନାମ ବୈଷ୍ଣୋଦେବୀ ଏକ୍ସପ୍ରେସ୍ ରଖିବା ଲାଗି ମଧ୍ୟ ସମିତି ସଭାପତି ଅଶୋକ କୁମାର ଦାସ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

■ ଶହୀଦନଗର ଥାନା ଭଙ୍ଗାରୁଜା, ପୋଲିସକୁ ମାଡ଼ ମାମଲା

# ପ୍ରକାଶ ଗିରଫ, ବିଜେଡିରୁ ନିଲମ୍ବିତ

ଭୁବନେଶ୍ୱର,୯।୩ (ବ୍ୟୁରୋ)




ଗିରଫ ପ୍ରକାଶ ତ୍ରିପାଠୀ।

- ■ ଜାମିନ ନାମଞ୍ଜୁର ପରେ ଜେଲ୍ ଗଲେ
- ■ ପୂର୍ବରୁ ବିସିଜେଡିର ସାଧାରଣ ସମ୍ପାଦକଙ୍କ ସମେତ ୮ ଗିରଫ ହୋଇଥିଲେ
- ■ ଆତ୍ମସମର୍ପଣ ପରେ ପୋଲିସ ଗିରଫ କରିଥିବା ଚର୍ଚ୍ଚା

ଶହୀଦନଗର ଥାନା ଭଙ୍ଗାରୁଜା ଓ ପୋଲିସକୁ ମାଡ଼ ଘଟଣାର ମାଷ୍ଟରମାଇଣ୍ଡ ପ୍ରକାଶ ତ୍ରିପାଠୀଙ୍କୁ ଶନିବାର ସକାଳେ ଗିରଫ କରାଯାଇଛି। ତାଙ୍କୁ ଭିଏସ୍ଏସ୍ ନଗର ଅଞ୍ଚଳରୁ ଗିରଫ କରାଯାଇଥିବା ପୋଲିସ କହିଛି। ଆଇପିସି ଦଫା ୪୫୧, ୧୪୭, ୨୯୪, ୩୩୬, ୩୩୨, ୩୩୩, ୩୦୭, ୪୨୭, ୧୪୯ ଓ ସେକ୍ସନ ୩ ପିଡିପି ଏବଂ ୮ ସିଆର୍ଏଲ୍ ଅନୁଯାୟୀ (ମାମଲା ନଂ.୧୧୨/୧୯) ପ୍ରକାଶଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ପ୍ରକାଶ ଗିରଫ ହେବା ପରେ ତାଙ୍କୁ ବିଜେଡି ଓ ବିଜୁ ଯୁବ ଜନତା ଦଳର ଉପସଭାପତି ପଦରୁ ନିଲମ୍ବିତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ପ୍ରକାଶଙ୍କ ଉପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଅମରେଶ ପତ୍ରୀ ପ୍ରେସ୍ ଇସ୍ତାହାରରେ କହିଛନ୍ତି। ପୂର୍ବରୁ ଏହି ମାମଲାରେ ବିଜୁ ଛାତ୍ର ଜନତା ଦଳ(ବିସିଜେଡି)ର ରାଜ୍ୟ ସାଧାରଣ ସମ୍ପାଦକ ଅମିତ ଜେନାଙ୍କ ସମେତ ୮ଜଣ ଗିରଫ ହୋଇଛନ୍ତି।

ଏବେ ପ୍ରକାଶଙ୍କ ଗିରଫଦାରିକୁ ନେଇ ନାନା ଚର୍ଚ୍ଚା ହେଉଛି। ସେ ଆତ୍ମ ସମର୍ପଣ କରିବା ପରେ ତାଙ୍କୁ ଗିରଫ କରାଯାଇଥିବା ଶୁଣିବାକୁ ମିଳୁଛି। ଅଭିଯୁକ୍ତମାନେ ବିଜେଡି ନେତା ଓ ସହଯୋଗୀ ହୋଇଥିବାରୁ ପୋଲିସ ଉପରେ ପ୍ରବଳ ରାଜନୈତିକ ଚାପ ପଡିଥିଲା। ଅନ୍ୟପକ୍ଷରେ ପ୍ରକାଶ ଓ ସହଯୋଗୀଙ୍କ ମାଡ଼ରେ ଦୁଇଜଣ ଏଏସ୍ଆଇଙ୍କ ସହ ୪ଜଣ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଖାକିରୁ ରକ୍ତ ବୋହିବା ପରେ କମିଶନରେଟ ପୋଲିସର ଦକ୍ଷତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା। ଏ ପରିସ୍ଥିତିକୁ ନେଇ ପୋଲିସ ଅଡୁଆରେ ପଡିଯାଇଥିଲା। ପ୍ରକାଶ ଭୁବନେଶ୍ୱରରେ ଜଣେ ବିଧାୟକଙ୍କ ହେପାଜତରେ ବେଶ୍ ସୁରକ୍ଷିତ ଥିଲେ। ପୋଲିସ ଏସବୁ ଜାଣି ମଧ୍ୟ ଫେରାର ବୋଲି କହୁଥିଲା। ତାଙ୍କ ଉପରୁ ନଜର ହଟାଇବା ପାଇଁ ପୋଲିସ ଅନ୍ୟମାନଙ୍କୁ ଗିରଫ କରି ଚାଲିଥିଲା। ହେଲେ ଅଭିଯୁକ୍ତ ପ୍ରକାଶ ଓ ପୋଲିସର ସମ୍ପର୍କକୁ ନେଇ ଧରିତ୍ରୀରେ ଲଗାତର ତଥ୍ୟ ଭିତ୍ତିକ ଖବର ପ୍ରକାଶ ପାଇଥିଲା। ଏପରିକି ପ୍ରକାଶ ରାଜ୍ୟ ବାହାରେ ନୁହେଁ, ରାଜଧାନୀରେ ଜଣେ ବିଧାୟକଙ୍କ ଘରେ ରହିଥିବା କୁହାଯାଉଥିଲା। ଘଟଣା ପରେ ବିଧାୟକ ଜଣକ ପୋଲିସକୁ ଫୋନ୍ କରି ତାଗିଦ୍ କରିଥିବା ଶୁଣିବାକୁ ମିଳିଥିଲା। ଏବେ ପ୍ରକାଶ ଭୁବନେଶ୍ୱରରୁ ଧରାପଡିବା ପରେ ପୋଲିସ କରୁଥିବା ନାଟକବାଜି ଧରାପଡିଯାଇଛି। ତେବେ ପୋଲିସ ତାଙ୍କୁ ଚଢ଼ାଉ କରି ଧରିଥିଲା ନା ଆତ୍ମସମର୍ପଣ ପାଇଁ ଯୋଜନା କରାଯାଇଥିଲା ସେସମ୍ପର୍କରେ ଗଣମାଧ୍ୟମ ନିକଟରେ ସେ କିଛି ମୁହଁ ଖୋଲି ନ ଥିଲେ।

ଗତ ୩ ତାରିଖ ରବିବାର ରାତିରେ ବାଇକ୍‌ସହ କାର୍‌ଧକ୍କା ଲାଗିବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସୈନିକ ସ୍କୁଲ୍ ନିକଟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଆହତ ହୋଇଥିବା ଉଭୟ ଗୋଷ୍ଠୀର ୪ଜଣଙ୍କୁ ପୋଲିସ ପିସିଆର ଭ୍ୟାନ୍‌ରେ ଥାନାକୁ ନେଇଥିଲା। ପରେ ପ୍ରକାଶ ୩୦ରୁ ଊର୍ଦ୍ଧ୍ୱ ସମର୍ଥକଙ୍କ ସହ ଥାନାରେ ପହଞ୍ଚି ଆତଙ୍କ ଖେଳାଇଥିଲେ। ପ୍ରଥମେ ଥାନାରେ ଥିବା ଅନ୍ୟ ଗୋଷ୍ଠୀର ଯୁବକମାନଙ୍କୁ ମାଡ଼ ମାରିଥିଲେ। ସେମାନଙ୍କୁ ଉଦ୍ଧାର କରିବାକୁ ଯାଇ ପୋଲିସ ମଧ୍ୟ ଆକ୍ରମଣର ଶିକାର ହୋଇଥିଲା। ଏଏସ୍ଆଇ ଅଭୟ ରାଉତଙ୍କ ମୁଣ୍ଡ ଫାଟିଯାଇଥିବାବେଳେ ଅନ୍ୟ ୩ଜଣ ପୋଲିସ ଆହତ ହୋଇଥିଲେ। ଏପରି କି ଆକ୍ରମଣକାରୀମାନେ ଥାନାର ଟିଭି, ସିସିଟିଭି, ଫୋନ୍, ଚେୟାର ଓ ଫୁଲକୁଣ୍ଡ ଭାଙ୍ଗି ଦେବା ସହ ଥାନା ଭିତରକୁ ଟେକାପଥର ମାଡ଼ କରିଥିଲେ। ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତିଙ୍କୁ ଫୁଲ କୁଣ୍ଡ ଫୋପାଡି ଆକ୍ରମଣ ଉଦ୍ୟମ କରିଥିଲେ।



ପଠାଣି ସାମନ୍ତ ପ୍ଲାନେଟାରିୟମ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ସାହୁଙ୍କୁ ପୁରସ୍କୃତ କରାଯାଉଛି।

## ପଠାଣି ସାମନ୍ତ ପ୍ଲାନେଟାରିୟମ ନିର୍ଦ୍ଦେଶକଙ୍କୁ ମେଘନାଦ ସାହା ପୁରସ୍କାର

ଭୁବନେଶ୍ୱର, ୯।୩(ବ୍ୟୁରୋ)

ପଠାଣି ସାମନ୍ତ ପ୍ଲାନେଟାରିୟମ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ସାହୁଙ୍କୁ ଜାତୀୟ ସ୍ତରୀୟ ସମ୍ମାନଜନକ 'ଡ. ମେଘନାଦ ସାହା ପୁରସ୍କାର' ପ୍ରଦାନ କରାଯାଇଛି। ପ୍ଲାନେଟାରିୟମ୍ କାର୍ଯ୍ୟକ୍ରମଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଅନେକ ବଳିଷ୍ଠ ତଥା ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଥିବାରୁ ତାଙ୍କୁ ଏହି ସମ୍ମାନ ମିଳିଛଇ। ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଓରିଏଣ୍ଟାଲ ହେରିଟେଜ୍ ପକ୍ଷରୁ ଶନିବାର ନୂଆଦିଲ୍ଲୀର ଆଦ୍ୟା କାତ୍ୟାୟନୀ ଶକ୍ତିପୀଠ ଅଡିଟୋରିୟମଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କୈଳାସଙ୍କୁ ପୁରସ୍କୃତ କରାଯାଇଛି। ସୂଚନାଯୋଗ୍ୟ, ଗତ ତିନିବର୍ଷ ମଧ୍ୟରେ କୈଳାସ ଚନ୍ଦ୍ରଙ୍କ ନେତୃତ୍ୱରେ ପ୍ଲାନେଟାରିୟମ୍‌ରେ ଅନେକ ନୂତନ କାର୍ଯ୍ୟ ହାତକୁ ନିଆଯାଇଛି। ଆଗକୁ ପ୍ଲାନେଟାରିୟମ୍‌କୁ ଆହୁରି ଅଧିକ ଆଧୁନିକ ତଥା ଲୋକପ୍ରିୟ କରିବା ପାଇଁ ଅନବରତ ଚେଷ୍ଟା କରିବେ ବୋଲି କୈଳାସ କହିଛନ୍ତି।

■ ଏସ୍‌ସିଏସ୍ କଲେଜରେ ଛାତ୍ର ଉତ୍ତେଜନା

# ନମ୍ବର କମିବା ନେଇ ଗେଟ୍‌ରେ ତାଲା ପକାଇ ବିକ୍ଷୋଭ

ପୁରୀ ଅଫିସ,୯।୩

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶନିବାର ଛାତ୍ରଅଶାନ୍ତି ଦେଖାଦେଇଛି। ଯୁକ୍ତ ତିନି ପ୍ରଥମ ବର୍ଷ ଦ୍ୱିତୀୟ ସେମିଷ୍ଟର ଏବଂ ଇଣ୍ଟରନାଲ ପରୀକ୍ଷାରେ ପିଲାଙ୍କୁ କମ୍ ନମ୍ବର ଦିଆଯାଇଥିବା ଅଭିଯୋଗରେ ଶତାଧିକ ଛାତ୍ରୀଛାତ୍ର କଲେଜ ଗେଟ୍‌ରେ ତାଲା ପକାଇ ଦୀର୍ଘସମୟ ଧରି ଧାରଣା ଦେଇଥିଲେ। ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। କଲେଜ କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ପରେ ଧାରଣା ହଟିଥିଲା।

ନିକଟରେ ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ଦ୍ୱିତୀୟ ଇଣ୍ଟରନାଲ ଏବଂ ସେମିଷ୍ଟର ପରୀକ୍ଷା ଫଳ ବାହାରିଥିଲା। ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସବୁ ବିଭାଗରେ ପିଲାମାନଙ୍କୁ କମ୍ ନମ୍ବର ଦିଆଯାଇଥିବା ନେଇ ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। କେତେଜଣ ଛାତ୍ର କହିଛନ୍ତି, କଲେଜକୁ ଅଧ୍ୟାପକମାନେ ଠିକ୍ ସମୟରେ ଆସୁନାହାନ୍ତି। ପାଠପଢ଼ା ମଧ୍ୟ ଠିକ୍ ଭାବେ ହେଉନାହିଁ। ଅଧିକାଂଶ ସମୟରେ ଇଣ୍ଟରନାଲ ଏବଂ ସେମିଷ୍ଟରରେ ପିଲାଙ୍କୁ ଜାଣିଶୁଣି କମ୍ ନମ୍ବର ଦିଆଯାଉଛି। ଏହା ଦ୍ୱାରା ବହୁ ମେଧାବୀ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ କଲେଜ ଅଧ୍ୟକ୍ଷଙ୍କୁ ଲିଖିତ ଭାବେ ଅଭିଯୋଗ କରାଯାଇଥିଲା। ପରେ ଆଲୋଚନା କରାଯିବ ବୋଲି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କଲେନାହିଁ। କଲେଜ ଅଧ୍ୟକ୍ଷା ସୁଜାତା ମିଶ୍ର କୁହନ୍ତି, ପିଲାଙ୍କ ଅଭିଯୋଗର ତର୍ଜମା କରାଯିବ।



ଏସ୍‌ସିଏସ୍ କଲେଜ ଫାଟକରେ ଛାତ୍ରମାନେ ତାଲା ପକାଇ ଦେଇଛନ୍ତି।

# ପ୍ରାର୍ଥିତ୍ୱକୁ ନେଇ ଭାଜପାରେ ୨ ଦାବିଦାର

କଟକ ସଦର/କଟକ ଅଫିସ, ୯।୩(ଡିଏନଏ)

**କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀ**

ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ପରେ ବିଭିନ୍ନ ରାଜନୈତିକ ଦଳଗୁଡିକ ପକ୍ଷରୁ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। କିନ୍ତୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ନ ହେଉଣୁ କଟକ ସଦର ବିଧାନସଭା ଆସନରେ ଭାଜପାରେ ୨ ଗୋଷ୍ଠୀ ମୁଣ୍ଡ ଟେକିଛନ୍ତି। ୨୦୧୪ ସାଧାରଣ ନିର୍ବାଚନରେ ଏଠାରୁ ଦିଲୀପ ମଲିକ ଭାଜପାରୁ ପ୍ରାର୍ଥୀ ହୋଇ ବିଜେଡି ପ୍ରାର୍ଥୀ ଚନ୍ଦ୍ରସାରଥି ବେହେରାଙ୍କଠାରୁ ପରାଜୟବରଣ କରିଥିଲେ। ୨୦୧୯ରେ ଦିଲୀପ ପୁନର୍ବାର ପ୍ରାର୍ଥୀ ହେବା ପାଇଁ ଅଣ୍ଡା ଭିଡିଥିବା ବେଳେ ଦଳର ଆଉ ଏକ ଗୋଷ୍ଠୀ ଏବେ ଟିକେଟ ଦାବିଦାର ଭାବେ ଉଭା ହୋଇଛନ୍ତି। ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ରାମଚନ୍ଦ୍ର ସେଠୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଦଳୀୟ ଟିକେଟ ଦେବା ପାଇଁ ଉକ୍ତ ଗୋଷ୍ଠୀ ଏକ ସ୍ମାରକପତ୍ର ଦଳର ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ନିକଟକୁ ପଠାଇଛନ୍ତି। କାରଣ ସେଠୀଙ୍କ ସ୍ତ୍ରୀ ଅତୀତରେ ସଦର ନିର୍ବାଚନମଣ୍ଡଳୀରୁ ଜିଲା ପରିଷଦ ସଭ୍ୟାଭାବେ ନିର୍ବାଚିତ ହୋଇଥିଲେ। ତେଣୁ ସେଠୀଙ୍କର ପୂର୍ବରୁ ରାଜନେତିକ ପରିଚୟ ରହିଛି। ଏହାବାଦ୍ କଟକ ସଦର ନିର୍ବାଚନମଣ୍ଡଳୀରୁ କୌଣସି ବାହାର ଲୋକଙ୍କୁ ଟିକେଟ ନ ଦେବା ପାଇଁ ସ୍ମାରକପତ୍ରରେ ଦାବି କରାଯାଇଛି। ତେବେ ଓଡ଼ିଶାରେ ଭାଜପାର ମିଶନ ୧୨୦କୁ ପୂରଣ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ନେତୃତ୍ୱ ଯାହା ନିଷ୍ପତ୍ତି ନେବେ ତାହାକୁ ମାନିନେବି ବୋଲି ଦିଲୀପ କହିଛନ୍ତି। ଅନ୍ୟପକ୍ଷରେ ଟିକେଟ ଆଶାୟୀ ରାମଚନ୍ଦ୍ର ସେଠୀ କୁହନ୍ତି, ସେ କଟକ ସଦର ଅଞ୍ଚଳର ସ୍ଥାୟୀ ବାସିନ୍ଦା। ଉକ୍ତ ଅଞ୍ଚଳରେ ତାଙ୍କର ଲୋକପ୍ରିୟତା ରହିଛି। ତେଣୁ ଦଳ ତାଙ୍କ କଥା ନିଶ୍ଚିତ ବୁଝିବ ବୋଲି ରାମଚନ୍ଦ୍ର କହିଛନ୍ତି। ହେଲେ ଦଳୀୟ ଶୃଙ୍ଖଳାକୁ ସେ ମାନିନେବେ ବୋଲି କହିଛନ୍ତି।




୩ ମାଟ୍ରିକ୍ ପରୀକ୍ଷାର୍ଥୀଙ୍କୁ ସୁପରିଣ୍ଟେଣ୍ଡେଣ୍ଟଙ୍କ ମାଡ଼ ଘଟଣା

# ୪୦ ଘଣ୍ଟା ବିତିଲା, ପୋଲିସ ପ୍ରଶାସନ ଚୁପ୍

ଗୋପ, ୯।୩(ଡି.ଏନ୍.ଏ.)

ଗତ ଶୁକ୍ରବାର ଗୋପ ଥାନା ଅଧୀନ ଗଣେଶ୍ୱରପୁର ହାଇସ୍କୁଲରେ ୩ ଜଣ ମାଟ୍ରିକ୍ ପରୀକ୍ଷାର୍ଥୀଙ୍କୁ ସୁପରିଣ୍ଟେଣ୍ଡେଣ୍ଟଙ୍କ ମାଡ଼ ଘଟଣାକୁ ୪୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଅସନ୍ତୋଷ ଦେଖାଦେଇଛି। ଏପରିକି ଗୋପ ଥାନାରେ ଏହି ମାଡ଼ ଘଟଣା ସମ୍ପର୍କରେ ଛାତ୍ରଙ୍କ ଅଭିଭାବକଙ୍କ ପକ୍ଷରୁ ଏତଲା ଦିଆଯାଇଥିଲେ ବି ପୋଲିସ୍‌ର ନୀରବତାକୁ ନେଇ ସନ୍ଦେହ ଅଧିକ ଘନୀଭୂତ ହୋଇଛି। ପ୍ରକାଶ ଯେ, ପଞ୍ଚସଖା ଭକ୍ତ ବଳରାମ ବିଦ୍ୟାପୀଠ ବେଗୁନିଆଁର ଛାତ୍ରୀ/ଛାତ୍ରମାନେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରୁଥିବା ଉକ୍ତ ସେଣ୍ଟରର ସୁପରିଟେଣ୍ଡେଣ୍ଟ ଛାତ୍ରମାନଙ୍କୁ କପି ଚେକ୍ କରିଥିଲେ। ଏହି ସମୟରେ ଛାତ୍ରମାନଙ୍କ ନିକଟରୁ କପି ନ ବାହାରିବାରୁ ସୁପରିଟେଣ୍ଡେଣ୍ଟ ଛାତ୍ରମାନଙ୍କୁ ମାଡ଼ମାରିବା ସହ ଉଲଗ୍ନ କରିଥିବା ଅଭିଯୋଗ ହୋଇଥିଲା। ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ପରେ ବ୍ଲକ୍ ଶିକ୍ଷାଧିକାରୀ ସ୍କୁଲରେ ପହଞ୍ଚି ତଦନ୍ତ କରିବା ସହ ଜିଲା ଶିକ୍ଷାଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରିଥିଲେ। ପୋଲିସ୍ ଜାଣିଶୁଣି ଏହାକୁ ଚପାଇ ଦେଇଥିବା ନେଇ ଅଭିଯୋଗକାରୀମାନେ କହିଛନ୍ତି। ଏ ସମ୍ପର୍କରେ ଗୋପ ଥାନାଧିକାରୀ ସୌମ୍ୟଚିତ୍ ମିଶ୍ରଙ୍କୁ ପଚାରିବାରେ ତଦନ୍ତ ଚାଲିଛି କହି ଏପରି ଏକ ସ୍ପର୍ଶକାତର ବିଷୟକୁ ଏଡ଼ାଇ ଦେଇଥିଲେ।

# ଆଜୀବନ କଏଦୀଙ୍କ ମୃତ୍ୟୁ

କଟକ ଅଫିସ/ଚୌଦ୍ୱାର, ୯।୩ (ଡି.ଏନ୍.ଏ)

ଚୌଦ୍ୱାର ମଣ୍ଡଳ କାରାଗାରରେ ଆଜୀବନ ସଜା ଭୋଗୁଥିବା ଜଣେ କଏଦୀଙ୍କ ଶନିବାର ମୃତ୍ୟୁ ଘଟିଛି। ସେ ହେଲେ କଟକ ପୁରୀଘାଟ ଥାନା ଅନ୍ତର୍ଗତ କେଶରପୁର ଅଞ୍ଚଳର ଶୁଭ୍ରାଂଶୁ ଦାସ(୩୫)। ଚୌଦ୍ୱାର ମଣ୍ଡଳ କାରାଗାର ଅଧୀକ୍ଷକ ରବୀନ୍ଦ୍ର ନାଥ ସ୍ୱାଇଁଙ୍କ ସୂଚନା ଅନୁଯାୟୀ, ୨୦୧୩ ମସିହାରେ କଟକ ଦରଘାବଜାର ଅଞ୍ଚଳର କେଶବ ଚନ୍ଦ୍ର ବେହେରାଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ଶୁଭ୍ରାଂଶୁ ଗିରଫ ହୋଇ ଚୌଦ୍ୱାର ମଣ୍ଡଳ କାରାଗାରରେ ଆଜୀବନ ସଜା ଭୋଗୁଥିଲେ। ଶନିବାର ମଧ୍ୟାହ୍ନରେ ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ଜେଲ୍ ପରିସରରେ ଥିବା ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ହେଲେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ସ୍ୱାଇଁ କହିଛନ୍ତି। ଏ ନେଇ ଚୌଦ୍ୱାର ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୬/୧୯) ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଲେଖନୀ ଓ ତରବାରୀ ଉଭୟ ଶକ୍ତିଶାଳୀ, କିନ୍ତୁ ଶେଷରେ ଲେଖନୀର ହିଁ ଜୟ ହୁଏ।

-ନେପୋଲିୟନ



## ସଂକ୍ଷେପରେ

### ଲୋକ ଅଦାଲତରେ ୩୨ ମୋଟର ଯାନ ମାମଲା

ବଡ଼ମ୍ବା,୯।୩(ଡି.ଏନ.ଏ.): ବଡ଼ମ୍ବା ଦେୱାନୀ ଓ ଫୌଜଦାରୀ ଅଦାଲତ ପକ୍ଷରୁ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ବଡ଼ମ୍ବା ଜେଏମ୍ଏଫ୍ସି ରଜତ୍ କୁମାର ପଣ୍ଡା ଯୋଗଦେଇ ବିଭିନ୍ନ ମାମଲାର ବିଚାର କରିଥିଲେ। ମୋଟର ଜାନ ଉଲଘଂନ ଆଇନ୍ର ୩୨ ମାମଲା ବିଚାର କରାଯାଇ ଜରିମାନା ବାବଦକୁ ୩୧୬୦ଟଙ୍କା ଆଦାୟ କରାଯାଇଥିଲା। ୫ଟି ଫାଇନାଲ୍ ରିପୋର୍ଟ ମାମଲାର ବିଚାର କରାଯାଇଥିବାବେଳେ ଗୋଟିଏ ବୈବାହିକ ସମ୍ବନ୍ଧୀୟ ମାମଲାର ସମାଧାନ କରାଯାଇଥିଲା। ଅନ୍ୟପକ୍ଷରେ ବଡ଼ମ୍ବା ତହସିଲ୍ କାର୍ଯ୍ୟାଳୟର ୧୬୮ ରାଜସ୍ୱ ମୋକଦ୍ଦମାର ବିଚାର କରାଯାଇ ୮୦,୯୮୬.୪୫ ଟଙ୍କା ଆଦାୟ କରାଯାଇଥିଲା। ୟୁକୋ ବ୍ୟାଙ୍କ୍ ଶାଖା ତରଫରୁ ଋଣ ବାବଦକୁ ୧,୧୬,୦୦୦ ଟଙ୍କା ଅଦାୟ କରାଯାଇଥିଲା। ଅଦାଲତ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଓକିଲ ସଂଘ ସଦସ୍ୟ ଉପସ୍ଥିତ ଥିଲେ।

### ମହିଳା ଓ ଶିଶୁ ସୁରକ୍ଷା ସଚେତନତା

ବଡ଼ମ୍ବା,୯।୩(ଡି.ଏନ.ଏ.):ବଡ଼ମ୍ବା ତାଲୁକ ଆଇନ୍ ସେବା କମିଟି ପକ୍ଷରୁ ଶୁକ୍ରବାର ବିଶ୍ୱ ମହିଳା ଦିବସ ପାଳନ କରାଯିବା ସହ ମହିଳା ଓ ଶିଶୁ ସୁରକ୍ଷା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ଲକ ଅଧୀନ ଇଚ୍ଛାପୁରସ୍ଥିତ ସମୀର କୁମାର ହାଇସ୍କୁଲ୍ଠାରେ ତାଲୁକ ଆଇନ ସେବା କମିଟି ଅଧକ୍ଷ ତଥା ଜେଏମ୍ଏଫ୍ସି ରଜତ ପଣ୍ଡାଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଇନ୍ଜୀବୀ ନାରାୟଣ ଦାଶ, ସଞ୍ଜୁଲତା ଦେଈ, ସୁଦାମ ଚରଣ ନାୟକ, ପ୍ରମୋଦ ପୁହାଣ ପ୍ରମୁଖ ଯୋଗଦେଇ ମହିଳା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ। ଆଇନ୍ ସେବା କମିଟି ଅଧକ୍ଷ ପଣ୍ଡା ମହିଳାଙ୍କ ଉପରେ ହେଉଥିବା ନିର୍ଯାତନା, ନାବାଳିକା ବଳାତ୍କାର ଉପରେ ଥିବା ବିଭିନ୍ନ ଦଣ୍ଡ ବିଧାନ ବିଷୟରେ ସୂଚନା ପ୍ରଦାନ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ଅକ୍ଷୟ ବଳବନ୍ତରାୟ ଓ ଗ୍ରାମ୍ୟ କମିଟି ସଭାପତି ହରିହର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ମଞ୍ଚ କଳାକାରଙ୍କ ବିୟୋଗରେ ଶୋକ

ଆଠଗଡ଼,୯।୩(ସ୍ୱ.ପ୍ର.): ଆଠଗଡ଼ ଏନଏସି ଅନ୍ତର୍ଗତ କନ୍ତୋଲ ୧୨ନଂ ୱାର୍ଡର ଅଧିବାସୀ ତଥା ବିଶିଷ୍ଟ ମଞ୍ଚ କଳାକାର ଯୁଧିଷ୍ଠିର ପ୍ରଧାନ(୭୮)ଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରଧାନ ନାଟ୍ୟଗୁରୁ ସ୍ୱର୍ଗତ ରଘୁନାଥ ବେଉରାଙ୍କ ପ୍ରେରଣାରେ ମଞ୍ଚ ନାଟକ ଓ ସଂଗୀତ ରଚନା, ନିର୍ଦ୍ଦେଶନା ଆଦି କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିଲେ। ୧୦୦ରୁ ଉର୍ଦ୍ଧ୍ୱ ଗୀତିନାଟ୍ୟ ରଚନା କରିଥିଲେ ହେଁ, ଆର୍ଥିକ ଅନାଟନ ହେତୁ ତାହା ପାଣ୍ଡୁଲିପିରେ ସୀମିତ ହୋଇ ରହିଗଲା। ବୃତ୍ତିରେ ଦରଜୀ ହୋଇଥିଲେ ହେଁ ନାଟ୍ୟ, ସଂଗୀତ, ଗୀତିନାଟ୍ୟ ଆଦି ରଚନା କ୍ଷେତ୍ରରେ ଅଞ୍ଚଳରେ ତାଙ୍କର ଯଥେଷ୍ଟ ଖ୍ୟାତି ଥିଲା। ଶ୍ରୀଶ୍ରୀ ମା'ଚଣ୍ଡୀ ଯୁବକଳା ପରିଷଦର ନାଟ୍ୟଗୁରୁଭାବେ ତାଙ୍କର ଯଥେଷ୍ଟ ଅବଦାନ ରହିଥିଲ। ରାମଲୀଳା ନିର୍ଦ୍ଦେଶକଭାବେ ବିଭିନ୍ନ ଅଞ୍ଚଳରେ ସେ ବେଶ ପରିଚିତ ଥିଲେ। ଗତ ମଙ୍ଗଳବାର ଦେହାନ୍ତ ହେବା ଖବର ପାଇ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

### ୨୧ରେ ମାନପୁର ଦୋଳ ଯାତ୍ରା

ତିଗିରିଆ,୯।୩ (ଡି.ଏନ.ଏ.): ତିଗିରିଆ ଓ ବଡ଼ମ୍ବା ବ୍ଲକ ଅଧୀନ ମାନପୁର ଗ୍ରାମର ପ୍ରସିଦ୍ଧ ଦୋଳ ଯାତ୍ରା ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବ। ଏନେଇ ତିଗିରିଆ ମାନପୁର ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଗ୍ରାମର ଶନିଶ୍ଚର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମାନପୁର ଗ୍ରାମ ଶାନ୍ତି କମିଟି ସଭାପତି ଧନେଶ୍ୱର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚଳିତ ବର୍ଷର ଯାତ୍ରାକୁ କିଭଳି ଶାନ୍ତି ଶୃଙ୍ଖଳାର ସହିତ ସମ୍ପନ୍ନ କରାଯିବ ସେନେଇ ଆଲୋଚନା ହୋଇଥିଲା। ଯାତ୍ରା ପୂର୍ବରୁ ଗ୍ରାମରେ ଥିବା ଛୋଟମୋଟ ବିଶୃଙ୍ଖଳାର ତ୍ୱରିତ ସମାଧାନ ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା। ଗ୍ରାମର ନିଜସ୍ୱ ପରମ୍ପରାନୁଯାୟୀ ଏକାଦଶୀ ଦିନରୁ ଗ୍ରାମରେ ବିଜେ କପିଳେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତିମାଙ୍କ ଗ୍ରାମ ପରିକ୍ରମା ଆରମ୍ଭ ହେବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଗ୍ରାମର ୱାର୍ଡ ସଭ୍ୟ ସନ୍ତୋଷ ଦଳେଇ, ଗୁରୁବାରୀ ବେହେରା,ବନମାଳି ବାରିକଙ୍କ ସମେତ ସହ ଶାନ୍ତି କମିଟି ସଦସ୍ୟ ମାନସ ବାରିକ, ସୁବାସ ଚନ୍ଦ୍ର ନାୟକ, ରମେଶ ଶତପଥୀ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ। ଶେଷରେ ବାବୁଲି ଶତପଥୀ ଧନ୍ୟବାଦ ଦେଇଥିଲେ।

## ■ ବଢୁଛି ପୋଲିସର ଗୁଣ୍ଡାଗର୍ଦ୍ଦି

# ଆଚାର ସଂହିତା ମାନୁନାହାନ୍ତି ଅଫିସର

ତ୍ରିନାଥ ମହାନ୍ତି
ଭୁବନେଶ୍ୱର,୯।୩(ବ୍ୟୁରୋ)

■ କାର୍ଯ୍ୟାନୁଷ୍ଠାନ ବଦଳରେ ଖସାଇବା ପାଇଁ ବିଭାଗୀୟ ତଦନ୍ତ

■ ଦୋଷୀ ପୋଲିସଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ: ଡିଜିପି



ଥାନାକୁ ଅଭିଯୋଗ କରିବାକୁ ଗଲେ ଅଭିଯୋଗକାରୀଙ୍କୁ ଉତ୍ତମ ବ୍ୟବହାର ଦେଖାଇବା ପାଇଁ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ନିର୍ଦ୍ଦେଶ ରହିଛି। ଏପରି କି ଲୋକଙ୍କୁ କିଭଳି ବ୍ୟବହାର ଦେଖାଇବେ ସେନେଇ ପୋଲିସକୁ ତାଲିମ ମଧ୍ୟ ଦିଆଯାଉଛି। କିନ୍ତୁ ବାସ୍ତବରେ କିଛି ପରିବର୍ତ୍ତନ ହେଉନାହିଁ। ପୋଲିସ ବାବୁମାନେ ଆଚାର ସଂହିତା ମାନିବାକୁ ନାରାଜ। ପୋଲିସ ପୋଷାକ ପିନ୍ଧିଲେ କେତେଜଣ ଅଫିସର ଇନ୍ଦ୍ରଚନ୍ଦ୍ର ମାନୁନାହାନ୍ତି। ଯାହାର ଉଦାହରଣ ରାଜ୍ୟର ଏକାଧିକ ଘଟଣାରୁ ସ୍ପଷ୍ଟ ବାରି ହୋଇପଡୁଛି। ଏବେ ରାଜ୍ୟର ବିଭିନ୍ନ ସ୍ଥାନରେ ପୋଲିସ ବାବୁଙ୍କ ଗୁଣ୍ଡାଗର୍ଦ୍ଦି ବଢିଚାଲିଛି। ଏଭଳି ଗୁଣ୍ଡାଗର୍ଦ୍ଦିର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୋଲିସ ଉପରୁ ଏବେ ଲୋକଙ୍କ ଭରସା ତୁଟିବାରେ ଲାଗିଛି। ଅନ୍ୟପଟେ କିନ୍ତୁ ପୋଲିସକୁ ଶାସକ ଦଳର ଗୁଣ୍ଡାମାନେ ପିଟୁଥିବା ବେଳେ ପୋଲିସ ଚୁପ ହୋଇ ବସୁଛି। ଯେଉଁ ପୋଲିସ ଆଇନର ରକ୍ଷକ ସାଜୁଥିଲା ସେ ଏବେ ଭକ୍ଷକ ସାଜି ଲୋକଙ୍କ ଉପରେ ଜୁଲମ କରୁଛି। ଏଭଳି ଘଟଣା ଦେଖିବାକୁ ମିଳିଛି ରେଙ୍ଗାଲି, ପାଟଣାଗଡ଼ ଓ କଟକରେ।

କଟକରେ ଗତ ମଙ୍ଗଳବାର ଜଣେ ଏସ୍ପି ଯେଭଳି ଜଣେ ବ୍ୟକ୍ତିଙ୍କୁ ରାସ୍ତା ମଝିରେ ବିନା କାରଣରେ ପିଟିଲେ ତାହା ଏବେ ସମସ୍ତଙ୍କୁ ଚକିତ କରିଛି। ମଙ୍ଗଳବାର କଟକରେ ନିଶା ନିବାରଣ ଶୋଭାଯାତ୍ରା ଚାଲିଥିବା ବେଳେ ଜଣେ ଯୁବକଙ୍କୁ ହଠାତ୍ ବିନା କାରଣରେ କଟକ ଜୋନ୍-୨ ଏସିପି ଏସ୍କେ ସରିଫୁଦ୍ଦିନ ପିଟିଥିଲେ। ପୋଲିସ ବାବୁଙ୍କ ଭିଡିଓ ଭାଇରାଲ ହେବା ପରେ ଏବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ବଦଳରେ ବିଭାଗୀୟ ତଦନ୍ତ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସବୁଥର ପରି ଘଟଣା ପୁରୁଣା ହେଲେ ପୋଲିସ ମାମଲାକୁ ଚାପି ଦେବ ବୋଲି ଆଲୋଚନା ହେଉଛି।

ପାଟଣାଗଡ଼ରେ ମଧ୍ୟ ଅନୁରୂପ ଘଟଣା ଦେଖିବାକୁ ମିଳିଛି। ପାଟଣାଗଡ଼ ମେଡିକାଲରୁ ଚୋରି ହୋଇଥିବା ଶିଶୁର ବାପା ରୁଦ୍ରମଣି ତାଣ୍ଡିକୁ ପାଟଣାଗଡ ଥାନାର ଏଏସ୍ଆଇ ଅନାଦି ମଟାରି ରାସ୍ତାରେ ନିର୍ଘୃମ୍ ପିଟିଛନ୍ତି। ପିଲାକୁ ପାଇବା ପାଇଁ ରୁଦ୍ର ଓ ଅନ୍ୟମାନେ ରାସ୍ତାରେ ବିକ୍ଷୋଭ କରୁଥିଲେ। ଏପରି କି ତାଙ୍କ ପିଲାକୁ ତୁରନ୍ତ ଖୋଜି ଆଣି ଦେବାକୁ ସେ ପୋଲିସ ନିକଟରେ ଆକୁଳ ନିବେଦନ କରୁଥିଲେ। କିନ୍ତୁ ପୋଲିସ ଖୋଜିବା ବଦଳରେ ହଠାତ୍ ରାସ୍ତାରେ ଏଏସ୍ଆଇ ଅନାଦି ତାଙ୍କୁ ପିଟିଥିଲେ। ଏହି ଭିଡିଓ ଭାଇରାଲ ହେବା ପରେ ଏଏସଆଇ ଅନାଦିଙ୍କୁ ନିଲମ୍ବିତ କରାଯାଇଛି।

ସେହିପରି ରେଙ୍ଗାଲି ଥାନାର ଏଏସ୍ଆଇ ଦ୍ରୋଣାଚାର୍ଯ୍ୟ ସାହୁଙ୍କ ଗୁଣ୍ଡାଗର୍ଦ୍ଦିର ଭିଡଓ ଭାଇରାଲ ହୋଇଛି। ଭିଡିଓଟି ପୁରୁଣା ହୋଇଥିଲେ ମଧ୍ୟ ଏବେ ଲୋକଲୋଚନକୁ ଆସିବା ପରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଏସ୍ଆଇ ଦ୍ରୋଣାଚାର୍ଯ୍ୟ ଜଣେ ମହିଳାଙ୍କ ହାତ ମୋଡି ତାଙ୍କୁ ମାଡ଼ ମାରୁଛନ୍ତି। ମହିଳାଙ୍କୁ ଛୁଇଁବାକୁ ପୁରୁଷ ପୋଲିସର ନିୟମ ନ ଥିବା ବେଳେ କିଭଳି ଏଏସ୍ଆଇ ଦ୍ରୋଣାଚାର୍ଯ୍ୟ ତାଙ୍କ ହାତଧରି ମାଡ଼ ମାରିଛନ୍ତି ତାହା ସବୁଠୁ ଆଶ୍ଚର୍ଯ୍ୟ କରିଛି। ଭିଡିଓ ଭାଇରାଲ ହେବା ପରେ ସମ୍ପୃକ୍ତ ଏଏସ୍ଆଇଙ୍କୁ ନିଲମ୍ବିତ କରାଯାଇଛି।

ତଳତଳିଆ ପୋଲିସ ଅଫିସରଙ୍କ ବିରୋଧରେ ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇ ତାଙ୍କୁ ନିଲମ୍ବିତ କରାଯାଉଛି। କିନ୍ତୁ ଉଚ୍ଚପଦସ୍ଥ ଅଫିସରଙ୍କ ପାଇଁ ସବୁ ମାଫ। ପୂର୍ବରୁ ନୟାପଲ୍ଲୀ ଥାନାରେ ଦୁଇ ଦଳିତ ଭଉଣୀଙ୍କୁ ପୋଲିସ ମାଡ଼ ମାରି ମିଛ ମାମଲାରେ ଜେଲରେ ପୂରାଇଲେ। ହେଲେ ଥାନା ଅଧିକାରୀ ଓ ୩ଜଣ ଏସ୍ଆଇଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଅଦ୍ୟାବଧି ଗ୍ରହଣ କରାଯାଇନାହିଁ। ଏନେଇ ମାନବାଧିକାର କର୍ମୀ ପ୍ରଦୀପ ନାୟକ କହିଛନ୍ତ, ପୋଲିସର ଏଭଳି ଗୁଣ୍ଡାଗର୍ଦ୍ଦି ନୂଆ ନୁହେଁ। କିନ୍ତୁ ଦୋଷୀ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସେମାନେ ପୁଣି ଏଭଳି ଘଟଣା ଘଟାଇବାକୁ ସାହସ କରୁଛନ୍ତି। ଏ ସମ୍ପର୍କରେ ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି,ଏଭଳି ତିନୋଟି ଘଟଣା ମୋ ନଜରକୁ ଆସିଛି। ଏହାର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛି। ଦୋଷୀ ପୋଲିସ ଅଫିସରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଆଠଗଡ଼ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଆଠଗଡ଼,୯।୩(ସ୍ୱ.ପ୍ର.)

ଆଠଗଡ଼ ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ଶନିବାର ଅଦାଲତ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଆଇନସେବା କମିଟି ଅଧକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ଯୋଗଦେଇ ୮ଟି ମୋଟର ଜାନ ଦୁର୍ଘଟଣା ମାମଲା ବିଚାର କରି ୩୮ଲକ୍ଷ ୧୬ହଜାର ଟଙ୍କା କ୍ଷତିପୂରଣ ଆଦାୟ କରିଥିଲେ। ସିଭିଲ ଜଜ୍ ସିନିୟର ଡିଭିଜନ ଶରତ ଜେନା ୫ ବ୍ୟାଙ୍କ ଅନାଦେୟ ମାମଲାରୁ ୮ଲକ୍ଷ ୫୯ ହଜାର ୭୭୩ଟଙ୍କା ଆଦାୟ କରିବା ସହ ୨ଟି ବୈବାହିକ ଓ ଗୋଟିଏ ଦେୱାନୀ ମାମଲାର ଫଇସଲା କରିଥିଲେ। ଏସଡିଜେଏମ ଶାଶ୍ୱତୀ ମିଶ୍ର ୧୨୯ ଫୌଜଦାରୀ ମାମଲା ଫଇସଲା କରିଥିଲେ। ଜେଏମଏଫସି ପ୍ରଜ୍ଞା ପରମିତା ପ୍ରତିହାରୀ ଗୋଟିଏ ଫୌଜଦାରୀ ମାମଲା ଫଇସଲା କରିଥିଲେ। ତହସିଲଦାର ତପନ ଖୁଣ୍ଟିଆ ୧୧୪୦ ରାଜସ୍ୱ ମାମଲା ଫଇସଲା କରି ୨ଲକ୍ଷ ୨୭ହଜାର ୮୯୩ଟଙ୍କା ଆଦାୟ କରିଥିଲେ। ବ୍ୟାଙ୍କ ଗୁଡିକ ୪୯ ଅନାଦେୟ ମାମଲା ଫଇସଲା କରି ୧୦ଲକ୍ଷ ୮୧ହଜାର ୭୦୦ ଟଙ୍କା ଆଦାୟ ପାଇଁ ନିର୍ଦ୍ଧାରଣ କରିଥିଲେ। କାର୍ଯ୍ୟକ୍ରମରେ ଆଠଗଡ଼ର ସମସ୍ତ ଆଇନଜୀବୀ, ଅଦାଲତ ଓ ରାଜସ୍ୱ ବିଭାଗର କର୍ମଚାରୀ ସହଯୋଗ କରିଥିଲେ।

## ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥି।

ବାଙ୍କୀ,୯।୩(ସ୍ୱ.ପ୍ର.)

ଏପ୍ରିଲ ୧ ରେ ପାଳିତ ହେବାକୁ ଥିବା ଓଡ଼ିଶା ଦିବସ ପାଇଁ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବାଙ୍କୀ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସହକାରୀ ଜିଲାପାଳ ଦେବେନ୍ଦ୍ରନାଥ ଖଟୁଆ ଏଥିରେ ସଭାପତିତ୍ୱ କରିଥିଲେ। ଅତିରିକ୍ତ ତହସିଲଦାର କିଶୋର ଚନ୍ଦ୍ର ଦାସ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶାରଦା ପ୍ରସାଦ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଉତ୍କଳ ଦିବସ ଦିନ ଭୋର ୫ରେ ଡାକବାଜୀ ଯନ୍ତ୍ର ଯୋଗେ ବନ୍ଦେ-ଉତ୍କଳ ଜନନୀ ଗାନ କରାଯିବ। ପରେ ଚର୍ଚ୍ଚିକା ନୋଡାଲ ୟୁଜିଏମ୍ଇ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସକାଳ ୬ଟା୩୦ରେ ପ୍ରଭାତ ଫେରି କରାଯିବ। ଏହାପରେ ଛାତ୍ରୀଛାତ୍ର ଉପଜିଲାପଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉପସ୍ଥିତ ହେବେ। ସେଠାରେ ସ୍ଥାପିତ ମହାତ୍ମା ଗାନ୍ଧୀ, ଗୋପବନ୍ଧୁ ଦାସ, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଓ ପଣ୍ଡିତ ଗୋବିନ୍ଦ ରଥଙ୍କ ପ୍ରତିମୂର୍ତ୍ତିରେ ଉପଜିଲାପାଳ ମାଲ୍ୟାର୍ପଣ କରିବେ। ଏହି ଅବସରରେ ଆସନ୍ତା ୧୮ତାରିଖରେ ବକ୍ତୃତା ଓ ୧୯ରେ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଦିବସ ଦିନ ସକାଳ ୮ଟାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସାଧାରଣ ସଭା ହେବ। ସଭାରେ କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯିବ। ବୈଠକରେ କବି ଶରତ ଚନ୍ଦ୍ର ମହାପାତ୍ର, ସାମାଜିକ କର୍ମୀ କିଶୋର ଚନ୍ଦ୍ରମିଶ୍ର, ଅଖିଳବୀରବର ହରିଚନ୍ଦନ, ପ୍ରସନ୍ନ ମିଶ୍ର, ନଗେନ ମହାପାତ୍ର, ଯୁଧିଷ୍ଠିର କୁଣ୍ଡୁ, ଗୌରାଙ୍ଗ ବେହେରା, ଶିକ୍ଷକ ତ୍ରିଲୋଚନ ଜେନା, ସଂଗୀତଜ୍ଞ ସୁରେନ୍ଦ୍ର ନାଥ ମହାପାତ୍ର, କବି କମଳାକାନ୍ତ ମିଶ୍ର ଓ ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡାଙ୍କ ସମେତ ବହୁ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ୧୨୦ ଫୌଜଦାରୀ ମାମଲା ଫଇସଲା

ତିଗିରିଆ,୯।୩(ଡି.ଏନ.ଏ.)

ତିଗିରିଆ କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ତିଗିରିଆ ତାଲୁକ ଆଇନ ସେବା କମିଟି ଅଧକ୍ଷା ତଥା ବିଚାରପତି ସୌଦାମିନୀ ସିଂହ ପରିଚାଳନା କରିଥିଲେ। ଏଥିରେ ଗୋଟିଏ ପାରିବାରିକ ମାମଲା ସହ ମୋଟ୍ ୧୨୦ ଫୌଜଦାରୀ ମାମଲା ଫଇସଲା କରାଯାଇ ୬,୩୭୦ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ତିଗିରିଆ ୟୁକୋ ବ୍ୟାଙ୍କ ଓ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଯୋଗଦେଇ ୧୦ ମାମଲାର ଫଇସଲା କରି ୧,୫୬,୧୦୦ ଟଙ୍କା ବକେୟା ଋଣ ଆଦାୟ କରିଥିଲେ। ତିଗିରିଆ ତହସିଲ କାର୍ଯ୍ୟାଳୟର ୧୮୧ ରାଜସ୍ୱ ମାମଲା ଫଇସଲା କରାଯାଇ ୬,୨୪୫ଟଙ୍କା ଆଦାୟ ହୋଇଥିଲା। ଓକିଲ ସଂଘ ସଭାପତି ସରୋଜ ସାହୁ, ଉପସଭାପତି ସୁଭାଷ ଚନ୍ଦ୍ର ସାହୁ, ଲିଗାଲ ରିଟେନର ରଞ୍ଜନ ମହାରଣା, ଆଇନଜୀବୀ ସୂର୍ଯ୍ୟନାରାୟଣ ମହାନ୍ତି, ପ୍ରଶାନ୍ତ ପଟ୍ଟନାୟକ, ସରକାରୀ ଆଇନଜୀବୀ ରଶ୍ମିପ୍ରଭା ମହାପାତ୍ର ଓ ମଙ୍ଗଳକୃଷ୍ଣ ଦାସଙ୍କ ସମେତ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ।

## ଇଭିଏମ୍, ଭିଭିପାଟ ସଚେତନତା

ଆଠଗଡ,୯।୩(ସ୍ୱ.ପ୍ର.)

ଆଠଗଡ଼ ବ୍ଲକର ୩୪ ପଞ୍ଚାୟତରେ ଭୋଟରମାନଙ୍କୁ ଇଭିଏମ୍ ଓ ଭିଭିପାଟ ସମ୍ପର୍କରେ ସୂଚନା ଦେବା ପାଇଁ ୨ୟ ପର୍ଯ୍ୟାୟ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ୫ଟି ସଚେତନତା ରଥକୁ ବ୍ଲକ କାର୍ଯ୍ୟାଳୟ ପରିସରରେ ଉପଜିଲାପାଳ ଅମିୟ କୁମାର ସାହୁ ଏବଂ ତହସିଲଦାର ତପନ କୁମାର ଲେଙ୍କା ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ରଥ ବୁଧବାର ୨୨ଟି ଗ୍ରାମ ଓ ଗୁରୁବାର ୨୪ ଗ୍ରାମ ପରିକ୍ରମା କରି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଉଦଘାଟନୀ କାର୍ଯ୍ୟକ୍ରମରେ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପୂଜା ତ୍ରିପାଠୀ, ବ୍ଲକ ନିର୍ବାହୀ ଅଧିକାରୀ ଗଗନ ବିହାରୀ ଷଡ଼ଙ୍ଗୀ, ବ୍ଲକସ୍ତରୀୟ ସୁପରଭାଇଜର ନୀଳମଣି ନାୟକ ଏବଂ ସୂର୍ଯ୍ୟମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୪୮ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ



ଏକ ପ୍ରକଳ୍ପ ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ।

ନିଶ୍ଚିନ୍ତକୋଇଲି,୯।୩(ସ୍ୱ.ପ୍ର.)

ମାହାଙ୍ଗା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଶନିବାର ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳ ଗସ୍ତରେ ଆସି ୨ ପଞ୍ଚାୟତରେ ୪୮ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମନ୍ତ୍ରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟବକ୍ତା ମାହାଙ୍ଗା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ବିବେକାନନ୍ଦ ସାମନ୍ତରାୟ, ବ୍ଲକ ଅଧକ୍ଷା ସବିତା ଓଝା, ଜିଲାପରିଷଦ ସଭ୍ୟା ସବିତା ସାମଲ, ଯୁବନେତା ଅଶୋକ ଓଝା, ବିଜୁ ଯୁବବାହିନୀ ଉପଦେଷ୍ଟା ପତିତପାବନ ସ୍ୱାଇଁ ପମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ପ୍ରଥମେ ବରାଦ ପଞ୍ଚାୟତ ଗସ୍ତ କରି ବାସୁଦେବ କ୍ଲବ, ପାଟପୁର ଛକରୁ କମାର ଛନ୍ଦା ପିଏମଜିସିୱାଇ ରାସ୍ତା, ଶଙ୍କେଶ୍ୱର ମଣ୍ଡପ ସମେତ ୩୧ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ସରପଞ୍ଚ ନୃସିଂହ ବିଶ୍ୱାଳ, ସମିତିସଭ୍ୟ ରାଜୀବ ରାଉତ, ପଞ୍ଚାୟତ ସଭାପତି ରତ୍ନାକର ବିଶ୍ୱାଳ, ସୁଶାନ୍ତ ନାୟକ, ବସନ୍ତ ସେଠୀ ଓ ଅଭୟ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳାନା କରିଥିଲେ। ପରେ ମନ୍ତ୍ରୀ ବଡ଼କ୍ଷୀର ପଞ୍ଚାୟତ ଗସ୍ତ କରି ଭଗବତୀ ଠାକୁରାଣୀ ଘର, ରଙ୍ଗେଶ୍ୱରୀ କୋଠ ଘର ସମେତ ୧୪ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ଜ୍ୟୋତି ରଞ୍ଜନ ସ୍ୱାଇଁ, ସମିତିସଭ୍ୟ ଗାୟତ୍ରୀ ବେହେରା, ସରପଞ୍ଚ ବିନୋଦିନୀ ବେହେରା, ନାଏବ ସରପଞ୍ଚ ବୁଲୁ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ବଡ଼ମ୍ବାଗଡ଼ ସେବା ସମବାୟ ସମିତି ନୂତନ ଗୃହ ଉଦ୍‌ଘାଟିତ

ବଡ଼ମ୍ବା,୯।୩(ଡି.ଏନ.ଏ.)



ସେବା ସମବାୟ ସମିତି ନୂତନ ଗୃହ ଉଦ୍‌ଘାଟନ କରୁଛନ୍ତି ବିଧାୟକ ଦେବୀ ପ୍ରସାଦ ମିଶ୍ର।

ବଡ଼ମ୍ବାଗଡ଼ ସେବା ସମବାୟ ସମିତିର ନୂତନ ଗୃହ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଉକ୍ତ ଗୃହକୁ ବିଧାୟକ ଦେବୀପ୍ରସାଦ ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସେବା ସମବାୟ ସମିତି ସଭାପତି ମୂରଲୀଧର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷ ସଦାନନ୍ଦ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ସାହୁ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ରଘୁପତି ମହାନ୍ତି ଓ ସ୍ଥାନୀୟ କର୍ମକର୍ତ୍ତା ସରୋଜ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଆଠଗଡ଼ ଉପସହକାରୀ ନିବନ୍ଧକ ବିରଜା ନନ୍ଦ ଦାଶ, ସମବାୟ ନିରୀକ୍ଷକ ସୁରେଶ ବେଉରା, ସୁଶାନ୍ତ ମିଶ୍ର, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ବଡ଼ମ୍ବା ଶାଖା ପରିଚାଳକ ବ୍ରଜକିଶୋର ସାହୁ ପ୍ରମୁଖ ଯୋଗଦେଇ ସମିତିର ସଦସ୍ୟ ସଂଖ୍ୟା, ଋଣ ଲଗାଣ, ଧାନ ମଣ୍ଡି ଓ ଧାନ ସଂଗ୍ରହ ଉପରେ ସୂଚନା ପ୍ରଦାନ କରିଥିଲେ। ସମିତି ସମ୍ପାଦକ କେଶବ ଚନ୍ଦ୍ର ତରାସିଆ ଉପସ୍ଥିତ ଥିଲେ। ସମିତି ଉପସଭାନେତ୍ରୀ ଜ୍ୟୋସ୍ନାରାଣୀ ପାଟ୍ଟାଶାଣୀ ଧନ୍ୟବାଦ ଦେଇଥିଲେ।

## ସାଲେପୁର କଲେଜ ସାଂସ୍କୃତିକ ଉତ୍ସବ

ସାଲେପୁର,୯।୩(ଡି.ଏନ୍.ଏ.)

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ସରୋଜ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ତଥା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ବେହେରା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବଡ଼ ମଣିଷ ପରିବର୍ତ୍ତେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଉତ୍ସବରେ ସମ୍ମାନିତ ଅତିଥିଭାବେ ଚଳଚ୍ଚିତ୍ର ପ୍ରଯୋଜକ ଦିଲୀପ୍ କୁମାର ଦାଶ, ସିନେ କଳାକାର ବିଦୁସ୍ମିତା, ମନସ୍ୱିନୀ, ଗୁଡ୍ଡୁ, ଅମର ଓ ପ୍ରିୟା ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ସାଂସ୍କୃତିକ ଉତ୍ସବର ମହତ୍ୱ ସମ୍ପର୍କରେ ବୁଝାଇଥିଲେ। ପ୍ରାଧ୍ୟାପକ ଡ. ବିଜୟାନନ୍ଦ ସିଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ପ୍ରାଧ୍ୟାପକ ଡ. ଉମେଶଚନ୍ଦ୍ର ପତି, ଡ.ବସନ୍ତ କୁମାର ରାଉତ, ପ୍ରାଧ୍ୟାପିକା ଡ.ପ୍ରକାଶିନୀ ରାୟ, ଡ. ସଙ୍ଗୀତା ମିଶ୍ର ଓ ଡ. ବିଜୟ କୁମାର ଜେନା ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଡ. ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଦେଇଥିଲେ।




ସାଂସ୍କୃତିକ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ଶିମିଳିପୁର ଜାଗର ମହୋତ୍ସବ ଉଦ୍‌ଯାପିତ

ବାଙ୍କୀ,୯।୩(ସ୍ୱ.ପ୍ର.)



ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ଅତିଥି ଅଞ୍ଚଳର କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଡମପଡ଼ା ବ୍ଲକ ଅଧୀନ ଶିମିଳିପୁର-ହରିରାଜପୁର ହାଇସ୍କୁଲ ପଡ଼ିଆରେ ତୌର୍ଯ୍ୟତିକ କଳାସଂସଦ ଆନୁକୂଲ୍ୟରେ ଚାଲିଥିବା ଶିମିଳିପୁର ଜାଗର ମହୋତ୍ସବ ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କଳା ସଂସଦ ସଭାପତି ଦେବୀଦତ୍ତ ବିଭୂତିରାୟ ଅଧକ୍ଷତା କରିଥିଲେ। କଟକ ଜିଲା ଏସ୍.ପି. ରାଧାଗୋବିନ୍ଦ ପାଣିଗ୍ରାହୀ ମୁଖ୍ୟଅତିଥି, ବାଙ୍କୀ ପ୍ରେସ୍ କ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା, ସୁବାସ ଚନ୍ଦ୍ର ପାଢୀ, ଉପଖଣ୍ଡ ପୋଲିସ ଅଧିକାରୀ ପ୍ରସନ୍ନ ବିଶ୍ୱାଳ, ଉପକାରାଗାର ଅଧକ୍ଷ ପ୍ରସନ୍ନ ସାହୁ ଓ ଅଜୟ ରାଉତ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କଳାସଂସଦ ପକ୍ଷରୁ ମୁଖ୍ୟ ଅତିଥି ଏସ.ପି. ପାଣିଗ୍ରାହୀଙ୍କୁ ବିଭୂପସାଦ ସାମଲ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟର ବିଜୟୀ ଖୋର୍ଦ୍ଧା ଭୋଗଡ଼ା ଦଳ, ରନର୍ସ ଅପ୍ ବାଙ୍କୀ ତାଳବସ୍ତ ପଦନପୁର ଦଳ ଏବଂ ଶ୍ରେଷ୍ଠ ଖେଳାଳି ଭାବେ ପଦନପୁରର ପ୍ରତାପ ସ୍ୱାଇଁଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଜାଗର ପ୍ରିମିୟର ଲିଗ କ୍ରିକେଟ୍ ଟୁର୍ନାମେଣ୍ଟର ଚାମ୍ପିୟନ ଚର୍ଚ୍ଚିକା ଦଳ ଏବଂ ରନର୍ସ ଅପ୍ କଟକ ଉଗ୍ରେସର ଦଳକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ କାରିଗରଭାବେ ହରିରାଜପୁର ଗ୍ରାମର ଅର୍ଜ୍ଜୁନ ଭୋଇ, ନିବେଦିତା ନାୟକ, ଅଜୟ ନାୟକ, ଶିମିଳିପୁର ରାଧାକାନ୍ତ ଭାଗବତ ମଣ୍ଡଳୀ, କଳାସଂସଦ ଉପଦେଷ୍ଟା ପ୍ରଶାନ୍ତ ମହାପାତ୍ର, ଉଦ୍‌ଘୋଷକ ଅନନ୍ତ ରଣା, ରଦ୍ର ରଣା, ଦୃଶ୍ୟଶ୍ରାବ ପରିଚାଳନା ପାଇଁ ଶାରଦା ପ୍ରସନ୍ନ ସାହୁ ଓ ସମୀର ପିରୋଇଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। ସଂସଦ ସମ୍ପାଦକ ସୁବୋଧ ସାମଲ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭୁବନେଶ୍ୱର ଆରିୟାନ୍ ଡ୍ୟାନ୍ସଗ୍ରୁପ ଓ ସ୍ଥାନୀୟ କଳାକାର ସଂଗୀତ ପରିବେଷଣ କରିଥିଲେ। ଶେଷରେ ଲଟେରି ଉଠାଣ କରାଯାଇଥିଲା।



ଲେଖନୀ ଓ ତରବାରୀ ଉଭୟ ଶକ୍ତିଶାଳୀ, କିନ୍ତୁ ଶେଷରେ ଲେଖନୀର ହିଁ ଜୟ ହୁଏ।
– ନେପୋଲିୟନ



## ସଂକ୍ଷେପରେ

### ଭିନ୍ନକ୍ଷମ ପିଲାଙ୍କ ପାଇଁ ଚିହ୍ନଟ ଶିବିର

**କଟକ ଅଫିସ, ୯।୩:** ଭାରତୀୟ ରେଡକ୍ରସ ସୋସାଇଟି ଓଡ଼ିଶା ଶାଖା ସହାୟ ପକ୍ଷରୁ ଭିନ୍ନକ୍ଷମ ପିଲାମାନଙ୍କୁ ଚିହ୍ନଟ ପାଇଁ ଶନିବାର ଏକ ଶିବିର ବକ୍ସିବଜାରସ୍ଥିତ ଗାନ୍ଧୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ପିଲାଙ୍କୁ ଚିହ୍ନଟ କରାଯାଇଛି। କଟକ ଜିଲା ଓଟପୁରସ୍ଥିତ ଏସ୍.ଭି. ନିରତାର ଅକୁପେସ ଥେରାପିର ବିଭାଗୀୟ ମୁଖ୍ୟ ସୁବ୍ରତ ହାଲଦାରଙ୍କ ତତ୍ତ୍ୱାବଧାନରେ ଭିନ୍ନକ୍ଷମ ପିଲାମାନଙ୍କୁ ଚିହ୍ନଟ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକମାନେ ଶିବିର ପରିଚାଳନା କରିଥିଲେ।

### ୨୦ନମ୍ବର ୱାର୍ଡରେ ମୋକିମଙ୍କ ପଦଯାତ୍ରା

**କଟକ ଅଫିସ,୯।୩:** କଟକ ମହାନଗର ନିଗମର ୨୦ ନମ୍ବର ୱାର୍ଡରେ କଟକ ନଗର କଂଗ୍ରେସ କମିଟି ସଭାପତି ଇଂ. ମହମ୍ମଦ ମୋକିମ ଶନିବାର ପଦଯାତ୍ରା କରିଛନ୍ତି। ସେ ତାଙ୍କର ସମର୍ଥକମାନଙ୍କ ସହ ସ୍ଥାନୀୟ ସ୍ୱରାଜ ଆଶ୍ରମରୁ ବାହାରି ବାସକୋଷ ଲେନ, ବିଶ୍ୱନାଥ ଲେନ, ଶନିମନ୍ଦିର ଗଳି, ଫିରିଙ୍ଗି ବଜାର, ବାଖରାବାଦ ଛକ, ନଦୀ ସାହି ଆଦି ଅଞ୍ଚଳ ବୁଲି ୱାର୍ଡରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କିତ ଅଭିଯୋଗ ଲୋକମାନଙ୍କଠାରୁ ଶୁଣିଥିଲେ। ପଦଯାତ୍ରାରେ ମୋକିମ ୱାର୍ଡର ବିକାଶ ପାଇଁ ଆଗାମୀ ସାଧାରଣ ନିର୍ବାଚନରେ କଂଗ୍ରେସକୁ ଭୋଟ ଦେବାକୁ ଲୋକମାନଙ୍କୁ ଆହ୍ୱାନ ଦେଇଥିଲେ। ଏଥିରେ କେଦାର ବେହେରା, ଅଭିଷେକ ଯୋଶୀ, ବିଶ୍ୱଜିତ୍ ଦାସ ପ୍ରମୁଖ ସାମିଲ ହୋଇଥିଲେ।

### ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ପ୍ରଦାନ

**ଖୁଣ୍ଟୁଣୀ,୯।୩(ଡି.ଏନ୍.ଏ.):** ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ସାମାଜିକ ସ୍ତରରେ ପ୍ରତିଷ୍ଠା କରିବା ନିମନ୍ତେ ଶନିବାର ଖୁଣ୍ଟୁଣୀଠାରେ ସାମାଜିକ ଅର୍ଥନୈତିକ ଉନ୍ନୟନ ସଙ୍ଗଠନ ପକ୍ଷରୁ ପାଠ୍ୟ ଉପକରଣ କିଟ୍ସ ବଣ୍ଟନ କରାଯାଇଛି। ଏଥିରେ ଉପଖଣ୍ଡସ୍ତରୀୟ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକମାନେ ଯୋଗ ଦେଇଥିଲେ। ସଙ୍ଗଠନ ସଭାପତି ପ୍ରଫୁଲ୍ଲ କୁମାର ରାଉତଙ୍କ ସଭାପତିତ୍ୱରେ ଜାତୀୟ ଦୃଷ୍ଟିବାଧିତ ସଙ୍ଗଠନର ଓଡ଼ିଶା ଶାଖା ସଭାପତି ଅଜୟ କୁମାର ସାମଲ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଶିକ୍ଷାଧିକାରୀଙ୍କ ପ୍ରତିନିଧି ମମତା ମହାନ୍ତି, ବିଆରସି ବିସ୍ମିତା ମହାନ୍ତି ଓ ଆଠଗଡ ମଡେଲ ସ୍କୁଲର ପ୍ରଧାନ ଶିକ୍ଷକ ପର୍ଶୁରାମ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଆଠଗଡ, ବଡମ୍ବା, ତିଗିରିଆ ଓ ନରସିଂହପୁର ବ୍ଲକରୁ ଆସିଥିବା ୧୦ଜଣ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ଲେଖାପଢ଼ା ନିମନ୍ତେ ବ୍ରେଲ କିଟ୍ସ ପ୍ରଦାନ କରାଯାଇଥିଲା। ଶେଷରେ ସଙ୍ଗଠନ ସମ୍ପାଦକ ଦିବ୍ୟଜ୍ୟୋତି ଗଣ୍ଡିଆ ଧନ୍ୟବାଦ ଦେଇଥିଲେ।

### ମହିଳା ଓ ଶିଶୁ ସୁରକ୍ଷା ସଚେତନତା

**ବଡ଼ମ୍ବା,୯।୩(ଡି.ଏନ.ଏ.):** ବଡ଼ମ୍ବା ତାଲୁକ ଆଇନ୍ ସେବା କମିଟି ପକ୍ଷରୁ ଶୁକ୍ରବାର ବିଶ୍ୱ ମହିଳା ଦିବସ ପାଳନ କରାଯିବା ସହ ମହିଳା ଓ ଶିଶୁ ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଇଚ୍ଛାପୁରସ୍ଥିତ ସମୀର କୁମାର ହାଇସ୍କୁଲ୍‌ଠାରେ ତାଲୁକ ଆଇନ ସେବା କମିଟି ଅଧକ୍ଷ ରଜତ ପଣ୍ଡାଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଇନଜୀବୀ ନାରାୟଣ ଦାଶ, ସଞ୍ଜୁଲତା ଦେଇ, ସୁଦାମ ଚରଣ ନାୟକ, ପ୍ରମୋଦ ପୁହାଣ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅଧକ୍ଷ ପଣ୍ଡା ମହିଳାଙ୍କ ଉପରେ ହେଉଥିବା ନିର୍ଯାତନା, ନାବାଳିକା ବଳାତ୍କାର ଉପରେ ଥିବା ଦଣ୍ଡବିଧାନ ଉପରେ କହିଥିଲେ।

## ବଢ଼ୁଛି ପୋଲିସର ଗୁଣ୍ଡାଗର୍ଦ୍ଦି

# ଆଚାର ସଂହିତା ମାନୁନାହାନ୍ତି ଅଫିସର

ତ୍ରିନାଥ ମହାନ୍ତି
ଭୁବନେଶ୍ୱର,୯।୩(ବ୍ୟୁରୋ)



- କାର୍ଯ୍ୟାନୁଷ୍ଠାନ ବଦଳରେ ଖସାଇବା ପାଇଁ ବିଭାଗୀୟ ତଦନ୍ତ
- ଦୋଷୀ ପୋଲିସଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ: ଡିଜିପି

ଥାନାକୁ ଅଭିଯୋଗ କରିବାକୁ ଗଲେ ଅଭିଯୋଗକାରୀଙ୍କୁ ଉତ୍ତମ ବ୍ୟବହାର ଦେଖାଇବା ପାଇଁ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ନିର୍ଦ୍ଦେଶ ରହିଛି। ଏପରି କି ଲୋକଙ୍କୁ କିଭଳି ବ୍ୟବହାର ଦେଖାଇବେ ସେନେଇ ପୋଲିସକୁ ତାଲିମ ମଧ୍ୟ ଦିଆଯାଉଛି। କିନ୍ତୁ ବାସ୍ତବରେ କିଛି ପରିବର୍ତ୍ତନ ହେଉନାହିଁ। ପୋଲିସ ବାବୁମାନେ ଆଚାର ସଂହିତା ମାନିବାକୁ ନାରାଜ। ପୋଲିସ ପୋଷାକ ପିନ୍ଧିଲେ କେତେଜଣ ଅଫିସର ଇନ୍ଦ୍ରଚନ୍ଦ୍ର ମାନୁନାହାନ୍ତି। ଯାହାର ଉଦାହରଣ ରାଜ୍ୟର ଏକାଧିକ ଘଟଣାରୁ ସ୍ପଷ୍ଟ ବାରି ହୋଇପଡୁଛି। ଏବେ ରାଜ୍ୟର ବିଭିନ୍ନ ସ୍ଥାନରେ ପୋଲିସ ବାବୁଙ୍କ ଗୁଣ୍ଡାଗର୍ଦ୍ଦି ବଢ଼ିଚାଲିଛି। ଏଭଳି ଗୁଣ୍ଡାଗର୍ଦ୍ଦିର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୋଲିସ ଉପରୁ ଏବେ ଲୋକଙ୍କ ଭରସା ତୁଟିବାରେ ଲାଗିଛି। ଅନ୍ୟପଟେ କିନ୍ତୁ ପୋଲିସକୁ ଶାସକ ଦଳର ଗୁଣ୍ଡାମାନେ ପିଟୁଥିବା ବେଳେ ପୋଲିସ ଚୁପ ହୋଇ ବସୁଛି। ଯେଉଁ ପୋଲିସ ଆଇନର ରକ୍ଷକ ସାଜୁଥିଲା ସେ ଏବେ ଭକ୍ଷକ ସାଜି ଲୋକଙ୍କ ଉପରେ ଜୁଲମ କରୁଛି। ଏଭଳି ଘଟଣା ଦେଖିବାକୁ ମିଳିଛି ରେଙ୍ଗାଲି, ପାଟଣାଗଡ଼ ଓ କଟକରେ।

କଟକରେ ଗତ ମଙ୍ଗଳବାର ଜଣେ ଏସ୍‌ପି ଯେଭଳି ଜଣେ ବ୍ୟକ୍ତିଙ୍କୁ ରାସ୍ତା ମଝିରେ ବିନା କାରଣରେ ପିଟିଲେ ତାହା ଏବେ ସମସ୍ତଙ୍କୁ ଚକିତ କରିଛି। ମଙ୍ଗଳବାର କଟକରେ ନିଶା ନିବାରଣ ଶୋଭାଯାତ୍ରା ଚାଲିଥିବା ବେଳେ ଜଣେ ଯୁବକଙ୍କୁ ହଠାତ୍ ବିନା କାରଣରେ କଟକ ଜୋନ୍-୨ ଏସିପି ଏସ୍‌କେ ସରିଫୁଦ୍ଦିନ ପିଟିଥିଲେ। ପୋଲିସ ବାବୁଙ୍କ ଭିଡିଓ ଭାଇରାଲ ହେବା ପରେ ଏବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ବଦଳରେ ବିଭାଗୀୟ ତଦନ୍ତ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସବୁଥର ପରି ଘଟଣା ପୁରୁଣା ହେଲେ ପୋଲିସ ମାମଲାକୁ ଚାପି ଦେବ ବୋଲି ଆଲୋଚନା ହେଉଛି।

ପାଟଣାଗଡ଼ରେ ମଧ୍ୟ ଅନୁରୂପ ଘଟଣା ଦେଖିବାକୁ ମିଳିଛି। ପାଟଣାଗଡ଼ ମେଡିକାଲରୁ ଚୋରି ହୋଇଥିବା ଶିଶୁର ବାପା ରୁଦ୍ରମଣି ତାଣ୍ଡିକୁ ପାଟଣାଗଡ ଥାନାର ଏଏସ୍‌ଆଇ ଅନାଦି ମଟାରି ରାସ୍ତାରେ ନିର୍ଧୂମ୍ ପିଟିଛନ୍ତି। ପିଲାକୁ ପାଇବା ପାଇଁ ରୁଦ୍ର ଓ ଅନ୍ୟମାନେ ରାସ୍ତାରେ ବିକ୍ଷୋଭ କରୁଥିଲେ। ଏପରି କି ତାଙ୍କ ପିଲାକୁ ତୁରନ୍ତ ଖୋଜି ଆଣି ଦେବାକୁ ସେ ପୋଲିସ ନିକଟରେ ଆକୁଳ ନିବେଦନ କରୁଥିଲେ। କିନ୍ତୁ ପୋଲିସ ଖୋଜିବା ବଦଳରେ ହଠାତ୍ ରାସ୍ତାରେ ଏଏସ୍‌ଆଇ ଅନାଦି ତାଙ୍କୁ ପିଟିଥିଲେ। ଏହି ଭିଡିଓ ଭାଇରାଲ ହେବା ପରେ ଏଏସଆଇ ଅନାଦିଙ୍କୁ ନିଲମ୍ବିତ କରାଯାଇଛି।

ସେହିପରି ରେଙ୍ଗାଲି ଥାନାର ଏଏସ୍‌ଆଇ ଦ୍ରୋଣାଚାର୍ଯ୍ୟ ସାହୁଙ୍କ ଗୁଣ୍ଡାଗର୍ଦ୍ଦିର ଭିଡଓ ଭାଇରାଲ ହୋଇଛି। ଭିଡିଓଟି ପୁରୁଣା ହୋଇଥିଲେ ମଧ୍ୟ ଏବେ ଲୋକଲୋଚନକୁ ଆସିବା ପରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଏସ୍‌ଆଇ ଦ୍ରୋଣାଚାର୍ଯ୍ୟ ଜଣେ ମହିଳାଙ୍କ ହାତ ମୋଡି ତାଙ୍କୁ ମାଡ଼ ମାରୁଛନ୍ତି। ମହିଳାଙ୍କୁ ଛୁଇଁବାକୁ ପୁରୁଷ ପୋଲିସର ନିୟମ ନ ଥିବା ବେଳେ କିଭଳି ଏଏସ୍‌ଆଇ ଦ୍ରୋଣାଚାର୍ଯ୍ୟ ତାଙ୍କ ହାତଧରି ମାଡ଼ ମାରିଛନ୍ତି ତାହା ସବୁଠୁ ଆଶ୍ଚର୍ଯ୍ୟ କରିଛି। ଭିଡିଓ ଭାଇରାଲ ହେବା ପରେ ସମ୍ପୃକ୍ତ ଏଏସ୍‌ଆଇଙ୍କୁ ନିଲମ୍ବିତ କରାଯାଇଛି।

ତଳତଳିଆ ପୋଲିସ ଅଫିସରଙ୍କ ବିରୋଧରେ ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇ ତାଙ୍କୁ ନିଲମ୍ବିତ କରାଯାଉଛି। କିନ୍ତୁ ଉଚ୍ଚପଦସ୍ଥ ଅଫିସରଙ୍କ ପାଇଁ ସବୁ ମାଫ। ପୂର୍ବରୁ ନୟାପଲ୍ଲୀ ଥାନାରେ ଦୁଇ ଦଳିତ ଭଉଣୀଙ୍କୁ ପୋଲିସ ମାଡ଼ ମାରି ମିଛ ମାମଲାରେ ଜେଲରେ ପୂରାଇଲେ। ହେଲେ ଥାନା ଅଧିକାରୀ ଓ ୩ଜଣ ଏସ୍‌ଆଇଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଅଦ୍ୟାବଧି ଗ୍ରହଣ କରାଯାଇନାହିଁ। ଏନେଇ ମାନବାଧିକାର କର୍ମୀ ପ୍ରଦୀପ ନାୟକ କହିଛନ୍ତ, ପୋଲିସର ଏଭଳି ଗୁଣ୍ଡାଗର୍ଦ୍ଦି ନୂଆ ନୁହେଁ। କିନ୍ତୁ ଦୋଷୀ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସେମାନେ ପୁଣି ଏଭଳି ଘଟଣା ଘଟାଇବାକୁ ସାହସ କରୁଛନ୍ତି। ଏ ସମ୍ପର୍କରେ ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି,ଏଭଳି ତିନୋଟି ଘଟଣା ମୋ ନଜରକୁ ଆସିଛି। ଏହାର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛି। ଦୋଷୀ ପୋଲିସ ଅଫିସରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୪୦ବର୍ଷ ପରେ ଗାଁରେ ଜଳିଲା ବିଦ୍ୟୁତ୍ ଆଲୁଅ

ପୁରୁଣା ଭୁବନେଶ୍ୱର/
ଜଟଣୀ, ୯।୩(ଡି.ଏନ.ଏ.)

ରାଜଧାନୀ ଉପକଣ୍ଠରେ ଥାଇ ଦୀର୍ଘ ୪୦ବର୍ଷର ଏକ ଉପାନ୍ତ ଜନଜାତି ଗାଁରେ ଶନିବାର ବିଦ୍ୟୁତ୍ ଆଲୁଅ ଜଳିଛି। ଡିବିରି ଆଲୁଅରେ ଜୀବନ ବିତାଉଥିବା ଏହି ଆଦିବାସୀମାନେ ଶନିବାର ସନ୍ଧ୍ୟାରେ ବିଜୁଳି ଆଲୁଅ ଦେଖି ସ୍ୱପ୍ନ ସାକାର ହେଲା ବୋଲି କହିଛନ୍ତି। ଭୁବନେଶ୍ୱରଠାରୁ ୨୫କିମି ଦୂର ଜଟଣୀ ବ୍ଲକ ଛତାବର ପଞ୍ଚାୟତ ଅଧୀନ ଚନ୍ଦକା ଡମପଡା ହସ୍ତୀ ଅଭୟାରଣ୍ୟ କଡରେ ଥିବା କନ୍ଦଳେଇ ଗାଁର ଅଧିବାସୀଙ୍କ ଖୁସି ସତେ ଯେମିତି ଦୀପାବଳିର ମାହୋଲ ସୃଷ୍ଟି କରିଛି। ଗାଁକୁ ପ୍ରଥମ କରି ଆସିଥିବା ବିଦ୍ୟୁତ୍ ଆଲୁଅ ଖୁସିକୁ ପାଳିବାକୁ ଅପରାହ୍ଣରେ ସ୍ୱତନ୍ତ୍ର ସଭାଟିଏ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଛତାବର ସରପଞ୍ଚ ମନସ୍ୱିନୀ ଡେଙ୍ଗ, ପୂର୍ବତନ ସରପଞ୍ଚ ବିଷ୍ଣୁ ପ୍ରସାଦ ଡେଙ୍ଗ, ଜଟଣୀ ବ୍ଲକ ଉପାଧକ୍ଷ ଅମିୟ ପ୍ରସାଦ ଦଳେଇ, ଅଧକ୍ଷ ବନଜା ଜେନା, ସାମାଜିକ କର୍ମୀ ସୁଶାନ୍ତ ସାହୁ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ। ଗାଁର ମୁଖିଆ ଲୁନ୍ଦୁର କୁଙ୍କାଲ ସଭାରେ ଉପସ୍ଥିତ ଅତିଥିମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।



ସୁଜାତା ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଉଛି।

## ସାମାଜିକ କର୍ମୀ ସୁଜାତାଙ୍କୁ ବିଶ୍ୱନାଥ ସେବା ସମ୍ମାନ

କଟକ ଅଫିସ,୯।୩

କଟକ ସାରଳା ଭବନଠାରେ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ଦାସ ଚାରିଟେବୁଲ ଫାଉଣ୍ଡେଶନ ପକ୍ଷରୁ ସଂଗ୍ରାମୀ ଦାସଙ୍କ ଉଦ୍ଦେଶ୍ୟରେ ଶନିବାର ଏକ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମାନବିକ ଅଧିକାର ଆୟୋଗର ପୂର୍ବତନ ଅଧକ୍ଷ ଜଷ୍ଟିସ ବୀରକିଶୋର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କଥାଶିଳ୍ପୀ ବିଜୟିନୀ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସାମାଜିକ କର୍ମୀ ସୁଜାତା ପଟ୍ଟନାୟକଙ୍କୁ ମର୍ଯ୍ୟାଦାଜନକ ବିଶ୍ୱନାଥ ସେବା ସମ୍ମାନ ପ୍ରଦାନ କରାଯାଇଥିଲା। କୈଳାସ ଚନ୍ଦ୍ର ବରାଳ ସ୍ୱାଗତ ଭାଷଣ, ସଞ୍ଜିତ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ ଓ ଉମାକାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

## ଦାଶ ବେନହୁର ପାଇବେ ଅନନ୍ତ ପଟ୍ଟନାୟକ ଶିଶୁସାହିତ୍ୟ ସମ୍ମାନ

କଟକ ଅଫିସ, ୯।୩

ଶିଶୁ ସାହିତ୍ୟ ଲେଖକ ସମ୍ମେଳନ ପକ୍ଷରୁ ମର୍ଯ୍ୟାଦାଜନକ ଅନନ୍ତ ପଟ୍ଟନାୟକ ଶିଶୁ ସାହିତ୍ୟ ସମ୍ମାନ ଚଳିତବର୍ଷ ନିମନ୍ତେ ଦାଶ ବେନହୁରଙ୍କୁ ପ୍ରଦାନ କରାଯିବ। ଆସନ୍ତା ୧୭ତାରିଖ ପୂର୍ବାହ୍ନରେ ମହାନଦୀ ବିହାର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆୟୋଜନ ହେବାକୁ ଥିବା ଅନୁଷ୍ଠାନର ୧୮ତମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ସମ୍ମେଳନ ପକ୍ଷରୁ ଘୋଷଣା କରାଯାଇଛି। ଏହି ସମାରୋହରେ ରାଜ୍ୟର ବିଭିନ୍ନ ଜିଲାର ଅନେକ ଶିଶୁ ସାହିତ୍ୟିକଙ୍କୁ ମଧ୍ୟ ଭିନ୍ନଭିନ୍ନ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ ବୋଲି ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ସୂଚନା ଦେଇଛନ୍ତି।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

କଟକ ସଦର,୯।୩(ଡି.ଏନ୍.ଏ.)

କଟକ ସଦର ବିଧାୟକ ତଥା କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଶୁକ୍ରବାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ମହୁରା-କନ୍ଦରପୁର କଲେଜ ପ୍ରଧାନମନ୍ତ୍ରୀ ସଡ଼କ, କୋରପଦା ପାନୀୟଜଳ ପ୍ରକଳ୍ପ, କାରଦା ପଞ୍ଚାୟତ ମୁର୍ଗାକୂଳ ବାସୁଦେବପୀଠର ନୂତନ ଗୃହର ଶିଳାନ୍ୟାସ ମନ୍ତ୍ରୀ ବେହେରାଙ୍କ ଦ୍ୱାରା ହୋଇଯାଇଛି। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ପ୍ରମୋଦ ମହାପାତ୍ର, ସମର ବେହେରା, କାଳନ୍ଦୀ ସ୍ୱାଇଁ, ପ୍ରମୋଦ ରାଉତ, ରଜନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବାରଦା ପଞ୍ଚାୟତରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମର ବିଭିନ୍ନ ଗୋଷ୍ଠୀକେନ୍ଦ୍ର ଶିଳାନ୍ୟାସରେ ବ୍ଲକ ଉପାଧକ୍ଷ ବିଭୂତି ଭୂଷଣ ପରିଡା, ହିମାଂଶୁ ଦାସ, ଚିତ୍ତରଞ୍ଜନ ବେହେରା, ସରପଞ୍ଚ ରମେଶ ଚନ୍ଦ୍ର ସାହୁ ଓ ସମିତିସଭ୍ୟା ମନୀଷା ଲେଙ୍କା, ମନୋରଞ୍ଜନ ଉପସ୍ଥିତ ଥିଲେ।



ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

## ଓସ୍‌ମେଇ ପକ୍ଷରୁ ମହିଳା ଦିବସ ପାଳିତ

ଭୁବନେଶ୍ୱର, ୯-୩

ଶିଳ୍ପ ସଂଘ ଓସ୍‌ମେଇର ମହିଳା ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ କଟକର ଏକ ହୋଟେଲରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଶିଳ୍ପ ନିର୍ଦ୍ଦେଶକ ପ୍ରଣବ ଜ୍ୟୋତି ନାଥ ଉଦ୍‌ଘାଟନ କରିଥିଲେ। ଏଥିରେ ଓସ୍‌ମେଇ ମହିଳା ବିଭାଗର ସଭାପତି ଜ୍ୟୋତିର୍ମୟୀ ମହାନ୍ତି ପ୍ରଥମ ପିଢିର ମହିଳା ଉଦ୍ୟୋଗୀଙ୍କ ସଶକ୍ତିକରଣ ଦିଗରେ ସରକାରଙ୍କ ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଉଦ୍ୟୋଗୀମାନେ ନିଷ୍ଠାର ସହ କାର୍ଯ୍ୟକରିବା ନେଇ ମେଟ୍ରୋ ଗ୍ରୁପର ନିର୍ଦ୍ଦେଶିକା ସୋଫିଆ ଫିର୍‌ଦୋସ ମତ ରଖିଥିଲେ। ମହିଳା ଉଦ୍ୟୋଗୀଙ୍କ ଉନ୍ନତିକରଣ ଦିଗରେ ସରକାର ଗ୍ରହଣ କରୁଥିବା ବିଭିନ୍ନ ପଦକ୍ଷେପ ଉପରେ ଏମ୍‌ଏସ୍‌ଏମ୍‌ଇ ଡିଆଇ ଉପନିର୍ଦ୍ଦେଶିକା ଡ. ପ୍ରଜ୍ଞାସ୍ମିତା ସାହୁ ଆଲୋଚନା କରିଥିଲେ। ଏନ୍‌ଏସ୍‌ଆଇସି ପକ୍ଷରୁ ପ୍ରଦାନ କରାଯାଉଥିବା ସୁବିଧା ସୁଯୋଗ ସମ୍ପର୍କରେ ଏନ୍.ଅନୁପମ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଓସ୍‌ମେଇ ମହାସଚିବ ସାତ୍ତ୍ୱିକ ସ୍ୱାଇଁ, ପୂର୍ବତନ ଉପାଧକ୍ଷା ଅରୁନ୍ଧତୀ ସ୍ୱାଇଁ, ଅର୍ଥ ସଚିବ ଆଦିକନ୍ଦ ରାଉତ, କଟକ ଜିଲା ସଭାପତି ବିପନ୍ନ ନାରାୟଣ ମହାନ୍ତି, ମହିଳା ବିଭାଗ ସମ୍ପାଦିକା ଶ୍ୱେତା ପାଣି, ଲୋପାମୁଦ୍ରା ମିଶ୍ର ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

## ୧୫୧ ୟୁନିଟ୍ ରକ୍ତ ସଂଗ୍ରହ

ନରାଜ/କଟକ ଅଫିସ, ୯।୩

ମୁଣ୍ଡଳିସ୍ଥିତ ସିଆଇଏସ୍‌ଏଫ୍‌ର ସୁବର୍ଣ୍ଣଜୟନ୍ତୀ ପାଳନ ଅବସରରେ ସିଆଇଏସ୍‌ଏଫ ହସ୍ପିଟାଲ ପରିସରରେ ଶନିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୧୫୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଏହି ଶିବିରରେ ସିଆଇଏସ୍‌ଏଫର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଏ.କେ. ରାୟ, ଡ. କୃଷ୍ଣେନ୍ଦୁ ଦତ୍ତ ଓ ଡ. ତୁଳସୀ ଦାସ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଫୁଟବଲ୍ ଟୁର୍ନାମେଣ୍ଟ: ବିଶ୍ୱନାହାକାଣୀ ଚାମ୍ପିୟନ

ଟାଙ୍ଗୀ(କଟକ), ୯।୩(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ଗୁରୁବାର ଏକ ଦିବସୀୟ ଫୁଟବଲ୍ ଟୁର୍ନାମେଣ୍ଟ ସୁନିଆପଦା ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଫାଇନାଲ ମ୍ୟାଚ୍‌ରେ ବିଏନ୍‌କେ(ବିଶ୍ୱନାହାକାଣୀ) କ୍ଲବ ୩-୧ ଗୋଲରେ କିଆଝର ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଏହି ଟୁର୍ନାମେଣ୍ଟରେ ୧୦ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଯୁବ ବାହିନୀ ସଭାପତି ଯୁଗୋଳ କିଶୋର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସରପଞ୍ଚ ସୁବୋଧ କୁମାର ସାମଲ ଓ ସମିତିସଭ୍ୟ ସୁକାନ୍ତ କୁମାର ସାମଲ ଅତିଥିଭାବେ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଜିତେନ୍ଦ୍ର ତିରିଆ ଓ ଚଗଲା ତିରିଆ ଖେଳ ପରିଚାଳନା କରିଥିବାବେଳେ ପ୍ରକାଶ ସାହୁ, ଭଗବାନ ସାହୁ, ଆଲୋକ ବେଉରା, ଲମ୍ବୋଦର ପିଙ୍ଗୁଆ, ଦୀପକ ମଲ୍ଲିକ ଓ ମନୋରଞ୍ଜନ ମଲ୍ଲିକ ପ୍ରମୁଖ ସହାୟତା କରିଥିଲେ।

## ଶିଶୁଙ୍କ ସୁରକ୍ଷା ପାଇଁ ସମସ୍ତେ ଏକଜୁଟ ହୁଅ



ଆଲୋଚନା ଚକ୍ରରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଅତିଥି।

କଟକ ଅଫିସ,୯।୩

ସମାଜରେ ଶିଶୁମାନଙ୍କର ଅଧିକାର, ସୁରକ୍ଷା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ଶିଶୁମାନଙ୍କ ଶିକ୍ଷା, ମାନସିକତା ଓ ସାମାଜିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେମାନଙ୍କ ଆବଶ୍ୟକ ଯତ୍ନ ନେବା ଉଚିତ। ସମସ୍ତେ ଏକଜୁଟ ହୋଇ ଏ ଦିଗରେ ଚେଷ୍ଟା କରିବା ଉଚିତ ବୋଲି କହିଛନ୍ତି ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ଜେ.ପି. ଦାସ। ମଧୁସୂଦନ ଆଇନ ମହାବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ଶିଶୁ ଅଧିକାର-ସମସ୍ୟା ଓ ଆହ୍ୱାନ ଶୀର୍ଷକ କର୍ମଶାଳାରେ ଜଷ୍ଟିସ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ କିଟ୍ ଆଇନ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରଦୀପ କୁମାର ସରକାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ଅଧିକାର ଓ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନର ସଭାପତି ଶ୍ରୀକାନ୍ତ ନାୟକ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଶିଶୁ ସୁରକ୍ଷା ଆଇନର ତର୍ଜମା ଦିଗରେ ମତ ଦେଇଥିଲେ। କଟକ ଶିଶୁ ଉନ୍ନୟନ ସମିତି ଅଧକ୍ଷା ମନ୍ଦାକିନୀ ଜେମା ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଭିନ୍ନ ଯୋଜନା ହୋଇ ବି ଶିଶୁମାନେ କିପରି ସୁରକ୍ଷା ପାଇ ପାରୁନାହାନ୍ତି ସେ ସମ୍ପର୍କରେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ୭୦ଟି ସନ୍ଦର୍ଭ ପାଠ କରାଯାଇଥିଲା। ଡ. ସତ୍ୟନାରାୟଣ ମଲ୍ଲିକ ଧନ୍ୟବାଦ ଦେଇଥିଲେ।




କଟକ ମହାନଦୀ ବିହାରସ୍ଥିତ ଏକ ମଣ୍ଡପ ସମ୍ମିଳନୀ କକ୍ଷରେ ଭାଜପା ପକ୍ଷରୁ ଶନିବାର ଅନୁଷ୍ଠିତ କ୍ଷେତ୍ରୀୟ ଗଣମାଧ୍ୟମ କର୍ମଶାଳାରେ ଭାଜପା ନେତା ସଜନ ଶର୍ମା ଉଦ୍‌ବୋଧନ ଦେଉଛନ୍ତି।




ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସୋସିଓଲୋଜି ଡିପାର୍ଟମେଣ୍ଟ ପକ୍ଷରୁ ଶନିବାର ଆନେକ୍ସ-୨ ଠାରେ ଅନୁଷ୍ଠିତ ଜାତୀୟ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।



ଲେଖନୀ ଓ ତରବାରୀ ଉଭୟ ଶକ୍ତିଶାଳୀ, କିନ୍ତୁ ଶେଷରେ ଲେଖନୀର ହିଁ ଜୟ ହୁଏ:
- ନେପୋଲିୟନ



## ସଂକ୍ଷେପରେ

### ୪୦ବର୍ଷ ପରେ ଗାଁରେ ଜଳିଲା ବିଦ୍ୟୁତ୍ ଆଲୁଅ କନ୍ଦଳେଇ ଗାଁରେ ଖୁସିର ମାହୋଲ

ପୁରୁଣା ଭୁବନେଶ୍ୱର/ ଜଟଣୀ, ୯।୩(ଡି.ଏନ.ଏ.)- ରାଜଧାନୀ ଉପକଣ୍ଠରେ ଥାଇ ଦୀର୍ଘ ୪୦ବର୍ଷର ଏକ ଉପାନ୍ତ ଜନଜାତି ଗାଁରେ ଶନିବାର ବିଦ୍ୟୁତ୍ ଆଲୁଅ ଜଳିଛି। ଡିବିରି ଆଲୁଅରେ ଜୀବନ ବିତାଉଥିବା ଏହି ଆଦିବାସୀମାନେ ଶନିବାର ସନ୍ଧ୍ୟାରେ ବିଜୁଳି ଆଲୁଅ ଦେଖି ସ୍ୱପ୍ନ ସାକାର ହେଲା ବୋଲି କହିଛନ୍ତି। ଭୁବନେଶ୍ୱରଠାରୁ ମାତ୍ର ୨୫ କିମି ଦୂର ଜଟଣୀ ବ୍ଲକ ଛତାବର ପଞ୍ଚାୟତ ଅଧୀନ ଚନ୍ଦକା ଡମପଡା ହସ୍ତୀ ଅଭୟାରଣ୍ୟ କଡରେ ଥିବା କନ୍ଦଳେଇ ଗାଁର ଅଧିବାସୀଙ୍କ ଖୁସି ସତେ ଯେମିତି ଦୀପାବଳିର ମାହୋଲ ସୃଷ୍ଟି କରିଛି। ଗାଁକୁ ପ୍ରଥମ କରି ଆସିଥିବା ବିଦ୍ୟୁତ୍ ଆଲୁଅ ଖୁସିକୁ ପାଳିବାକୁ ଅପରାହ୍ନରେ ସ୍ୱତନ୍ତ୍ର ସଭାଟିଏ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ପୂର୍ବତନ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଛତାବର ସରପଞ୍ଚ ମନସ୍ୱନୀ ଡେଙ୍ଗ, ପୂର୍ବତନ ସରପଞ୍ଚ ବିଷ୍ଣୁ ପ୍ରସାଦ ଡେଙ୍ଗ, ଜଟଣୀ ବ୍ଲକ ଉପାଧ୍ୟକ୍ଷ ଅମିୟ ପ୍ରସାଦ ଦଳେଇ, ଅଧକ୍ଷ ବନଜା ଜେନା, ସାମାଜିକ କର୍ମୀ ସୁଶାନ୍ତ ସାହୁ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ। ଗାଁର ମୁଖିଆ ଲୁନ୍ଦୁର କୁଙ୍ଖାଲ ସଭାରେ ଉପସ୍ଥିତ ଅତିଥିମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ସନ୍ଧ୍ୟାରେ ଅଧିବାସୀମାନେ ନାଚଗୀତରେ ମସଗୁଲ ହୋଇଥିଲେ। ସୂଚନାଯୋଗ୍ୟ, ଡିବିରି ଆଲୁଅରେ ଗାଁର ଅନେକ କୋମଳମତି ଶିଶୁ ରାତି ସମୟରେ ପାଠ ପଢାରୁ ବଞ୍ଚିତ ରହୁଥିଲେ।

### ବଡ଼ପାରୀରେ ବିଶ୍ୱଶାନ୍ତି ଶୈବରୁଦ୍ର ମହାଯଜ୍ଞ

ଟାଙ୍ଗୀ (ଖୋର୍ଦ୍ଧା),୯।୩ (ଡି.ଏନ.ଏ.)- ଟାଙ୍ଗୀ ବ୍ଲକ କୁହୁଡି ଛଅଗଡର ବଡ଼ପାରୀରେ ବିଜେ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ୪ଦିନ ବ୍ୟାପୀ ବିଶ୍ୱଶାନ୍ତି ଶୈବ ରୁଦ୍ର ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସମ୍ପୂର୍ଣ୍ଣ ବୈଦିକ ରୀତିରେ ଆୟୋଜିତ ଏହି ଯଜ୍ଞର ପୂର୍ଣ୍ଣାହୁତି ଶନିବାର ଗୋଧୂଳି ଲଗ୍ନରେ ସମାହିତ ହୋଇଛି। ଏଥିରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

### ପଲାସପୁର, ଜାଗୁଲାଈପାଟଣାରେ ନାମଯଜ୍ଞ

ଖୋର୍ଦ୍ଧା ଅଫିସ,୯।୩:ଖୋର୍ଦ୍ଧା ବ୍ଲକର ଜାଗୁଲାଈପାଟଣା ଓ ପଲାସପୁରରେ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଜାଗଲେଈପାଟଣା ସ୍ଥିତ ମା' ଯାଜ୍ଞେଶ୍ୱରୀଙ୍କ ପୀଠରେ ଶନିବାର ୬୨ତମ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୋଗଡା, ନାରଗଦା, କଲ୍ୟାଣପୁର, ତରତୁଆ, ଜାଗୁଲେଈପାଟଣା, ସାରୁଅ, ଦେଉଳଟାଙ୍ଗୀ ଆଦି ୮ଟି ଭଜନ ଦଳ ଯୋଗ ଦେଇଥିଲେ। ରବିବାର ନଗରକୀର୍ତ୍ତନ ପରେ ଏହା ଉଦ୍‌ଯାପିତ ହେବ। ସେହିପରି ପଲାସପୁରର ଶ୍ରୀସିଦ୍ଧେଶ୍ୱରଙ୍କ ପୀଠରେ ଶୁକ୍ରବାର ନାମଯଜ୍ଞ ଓ ମହୋତ୍ସବ ଅନୁଷ୍ଠିତ ହୋଇଥିବାବେଳେ ଶନିବାର ନଗର କୀର୍ତ୍ତନ ହୋଇଥିଲା।

### କୃଷି ସମବାୟ ସମିତି ନୂତନ ଗୃହ ଉଦ୍‌ଘାଟିତ

ଖୋର୍ଦ୍ଧା ଅଫିସ,୯।୩:ଖୋର୍ଦ୍ଧା ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ ଉଦ୍‌ଘାଟନ କରିଥିଲେ। ସମିତି ସଭାପତି ପ୍ରତାପ ଦାସଙ୍କ ସଭାପତିତ୍ୱରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ପ୍ରଶାନ୍ତ ଦାସ, ମୁଖ୍ୟ କାର୍ଯ୍ୟନିର୍ବାହୀ ସୁବାସ ମିଶ୍ର, ଏଆରସିଏସ୍ ପ୍ରମୋଦ ମହାପାତ୍ର, ପୂର୍ବତନ ସଭାପତି ବିମଳ ଷଡଙ୍ଗୀ, ସଦର ଶାଖା ସମିତି ଖୋର୍ଦ୍ଧା କର୍ମଚାରୀ ସଂଘର ଖୋର୍ଦ୍ଧା ବ୍ଲକ ସଭାପତି ଝଜ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ସାହିତ୍ୟ ସଂସଦ ଗଠିତ

ଖୋର୍ଦ୍ଧା ଅଫିସ,୯।୩: ଖୋର୍ଦ୍ଧା ଜିଲା ଦକ୍ଷିଣ ବେଗୁନିଆ ଅନ୍ତର୍ଗତ ବୋତଲମା ପଞ୍ଚାୟତ ଅଠାରଙ୍ଗ ଗାଁର ରାଧାମୋହନ ଦେବ ପୀଠରେ ସୃଜନୀ ସାହିତ୍ୟ ସମାଜ ଗଠିତ ହୋଇଛି। ଏହାର ସଭାପତି ଭାବେ ବିଜୟ ଚନ୍ଦ୍ର ମହାପାତ୍ର, ସମ୍ପାଦକ ବଳରାମ ରଣସିଂହ, ଉପସଭାପତି ଲିଙ୍ଗରାଜ ମନ୍ଥନ, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ପ୍ରଧାନ, ସଙ୍ଗଠନ ସମ୍ପାଦକ ଫକୀର ଛୋଟରାୟ, ପ୍ରସାରଣ ସମ୍ପାଦକ ତ୍ରିଲୋଚନ ବାଘସିଂହ ନିର୍ବାଚିତ ହୋଇଛନ୍ତି।

■ ନବମ ଶ୍ରେଣୀରେ ଉପସ୍ଥାନ ପଡୁନି

# ପଢ଼ା ହେଉନି, ଛାତ୍ରୀଛାତ୍ର ହେଲେ ଫେରାଦ

**ଖୋର୍ଦ୍ଧା ଅଫିସ,୯।୩**



ସ୍କୁଲ ଗେଟ୍ ଚାବି ପଡିଥିବାରୁ ଜଣେ ଶିକ୍ଷକ ଆସି ଫେରିଯାଉଛନ୍ତି ।

- ■ ଯାଞ୍ଚ କରିବାରୁ ଏସଏମ୍‌ସି ସଭାପତିଙ୍କୁ ଅସଦ୍ ବ୍ୟବହାର
- ■ ଗଡ଼ମାଣତୀର ହାଇସ୍କୁଲରେ ତାଲା ପକାଇ ପ୍ରତିବାଦ
- ■ ବିଶୃଙ୍ଖଳିତ ଶିକ୍ଷକ ଦ୍ୱୟଙ୍କୁ ବଦଳି ପାଇଁ ପ୍ରସ୍ତାବ ଗୃହୀତ

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ସରକାରୀ ହାଇସ୍କୁଲରେ ନବମ ଶ୍ରେଣୀରେ ଉପସ୍ଥାନ ପଡୁନି। ଆଗକୁ ପରୀକ୍ଷା ଥିବାବେଳେ ଅଷ୍ଟମ ଶ୍ରେଣୀରେ ଗଣିତ, ଜ୍ୟାମିତି, ବିଜ୍ଞାନ ପଢା ଯାଉନାହିଁ। ପାଠପଢା ଉଦ୍ଦେଶ୍ୟରେ ଶ୍ରେଣୀ ଶିକ୍ଷକ ଓ ପ୍ରଧାନ ଶିକ୍ଷକଙ୍କ ଜରିଆରେ ଛାତ୍ରୀଛାତ୍ର ସ୍କୁଲ ପରିଚାଳନା କମିଟି(ଏସ୍‌ଏମ୍‌ସ)କୁ ଫେରାଦ ହୋଇଥିଲେ। ଏସ୍‌ଏମ୍‌ସି ପକ୍ଷରୁ ଶନିବାର ଯାଞ୍ଚ ପରେ ଅଭିଯୋଗ ଥିବା ଦୁଇଜଣ ଶିକ୍ଷକ ବିଳମ୍ବରେ ଆସି ପ୍ରତିବାଦ କରିଥିଲେ। ଜଣେ ଶିକ୍ଷକ ଜଣେ ଛାତ୍ରଙ୍କୁ ଅଟକାଇ ପ୍ରଧାନ ଶିକ୍ଷକଙ୍କୁ ଛୁଟି ଦରଖାସ୍ତ ଦେଇ ଦେବାକୁ କହି ଚାଲି ଯାଇଥିଲେ। ଅନ୍ୟ ଜଣେ ଏସ୍‌ଏମ୍‌ସି ସଭାପତିଙ୍କ ସହ ଯୁକ୍ତିତର୍କ କରି ଖରାପ ବ୍ୟବହାର ଦେଖାଇ ସ୍କୁଲ ଭିତରକୁ ଯିବାକୁ ଉଦ୍ୟମ କରିଥିଲେ। ପିଲାଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଏସ୍‌ଏମସି ପକ୍ଷରୁ ସ୍କୁଲ ଫାଟକରେ ତାଲା ପକାଇ ପ୍ରତିବାଦ କରାଯାଇଥିଲା। ପରେ ଏସ୍‌ଏମ୍‌ସି ବୈଠକ ବସି ଆଲୋଚନା ଚାଲିଥିଲା। ଏହି ସମୟରେ ବାପାଙ୍କର ଦରଖାସ୍ତ କାହିଁକି ଗ୍ରହଣ କଲ ନାହିଁ ଦର୍ଶାଇ ଜଣେ ଛାତ୍ରୀ ପ୍ରଧାନ ଶିକ୍ଷକ ଓ ପରିଚାଳନା କମିଟିକୁ ଗାଳିଗୁଲଜ କରିଥିଲେ। ପରେ ବିଶୃଙ୍ଖଳିତ ଦୁଇ ଶିକ୍ଷକଙ୍କୁ ହଟାଇବାକୁ ଏସ୍‌ଏମ୍‌ସି ପକ୍ଷରୁ ପ୍ରସ୍ତାବ ଗୃହୀତ ହୋଇଛି। ସୋମବାର ଏସ୍‌ଏମ୍‌ସି ପକ୍ଷରୁ ଜିଲା ଶିକ୍ଷା ଅଧିକାରୀଙ୍କୁ ଭେଟି ବିଶୃଙ୍ଖଳିତ ଦୁଇ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ କରାଯିବ ବୋଲି କୁହାଯାଇଛି।

ଏ ନେଇ ଏସ୍‌ଏମସି ସଭାପତି ଲୋକନାଥ ହରିଚନ୍ଦନ କୁହନ୍ତି, ସ୍କୁଲରେ ଦୁଇଜଣ ଶିକ୍ଷକ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଛନ୍ତି। ନିୟମିତ ସ୍କୁଲକୁ ଆସୁନାହାନ୍ତି। ସ୍କୁଲକୁ ଆସିଲେ ପଢ଼ାଇବାକୁ ଶ୍ରେଣୀକୁ ଯାଉନାହାନ୍ତି। କିଛି ସମୟ ପରେ ଘରକୁ ଯାଇ ଆଉ ଫେରୁନାହାନ୍ତି। ନବମ ଶ୍ରେଣୀରେ ଫେବୃୟାରୀରେ ଉପସ୍ଥାନ ପଡିଛି। ୬୭ ଛାତ୍ରୀଛାତ୍ରଙ୍କ ମଧ୍ୟରୁ କେବଳ ୨ ଜଣଙ୍କ ନାମ ଲେଖା ରହିଛି। ମାର୍ଚ୍ଚ ୯ ହୋଇଥିଲେ ମଧ୍ୟ ଏଯାବତ ଉପସ୍ଥାନ ପଡୁନି। ଅଷ୍ଟମ ଶ୍ରେଣୀରେ ପଢ଼ା ଯାଉ ନ ଥିବା ଗତ ୭ ତାରିଖରେ ଶ୍ରେଣୀ ଶିକ୍ଷକଙ୍କ ଜରିଆରେ ପ୍ରଧାନ ଶିକ୍ଷକଙ୍କ ସ୍ୱାକ୍ଷରରେ ମୋ ପାଖକୁ ପତ୍ର ଆସିଥିଲା। ଘଟଣାର ଯାଞ୍ଚ କରିବାକୁ ଏସ୍‌ଏମ୍‌ସି ପକ୍ଷରୁ ଶନିବାର ପଦକ୍ଷେପ ନିଆଯାଇଥିଲା। ଦୁଇଜଣ ଶିକ୍ଷକ ଅନୁପସ୍ଥିତ ଥିଲେ। ସକାଳ ୭ଟାରେ ସେମାନେ ଆସିଥିଲେ। ବିଳମ୍ବରେ ଆସିବାର କାରଣ ପଚାରିବାରୁ ମୋତେ ଖରାପ ବ୍ୟବହାର ଦେଖାଇଥିଲେ। ଜଣେ ଶିକ୍ଷକ ମୋତେ ଗାଳିଗୁଲଜ କରି ସ୍କୁଲ ଭିତରକୁ ପଶିବାକୁ ଉଦ୍ୟମ କରିବାରୁ ଗେଟରେ ତାଲା ପକାଇବାକୁ ପଡିଲା। ତେବେ ନୀରବତା ରକ୍ଷା କରି ଚାଲି ଯାଇଥିବା ଶିକ୍ଷକ ଦେହ ଖରାପ ଦର୍ଶାଇ ଜଣେ ଛାତ୍ରଙ୍କ ହାତରେ ଛୁଟି ଦରଖାସ୍ତ ପଠାଇଥିଲେ, ଯାହାକି ପ୍ରଧାନ ଶିକ୍ଷକ ଗ୍ରହଣ କରି ନ ଥିଲେ। ଏସ୍‌ଏମ୍‌ସି ବୈଠକ ଚାଲିଥିବାବେଳେ ସମ୍ପୃକ୍ତ ଶିକ୍ଷକଙ୍କ ଝିଅ(ଯିଏକି ଚଳିତବର୍ଷ ସ୍କୁଲରେ ଦଶମ ଶ୍ରେଣୀରେ ପଢୁଥିଲେ) ଆସି ଗାଳିଗୁଲଜ କରିଥିଲେ। ଏଣୁ ପିଲାଙ୍କ ଭବିଷ୍ୟତ ଦୃଷ୍ଟିରୁ ୨ ଶିକ୍ଷକଙ୍କୁ ବଦଳି କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି। ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସିଂ କୁହନ୍ତି, ସ୍କୁଲର ଦୁଇଜଣ ଶିକ୍ଷକ ପାଠ ନ ପଢାଇ ସବୁବେଳେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ତାଗିଦ୍ କଲେ ସୁଫଳ ମିଳୁନି। ନବମ ଶ୍ରେଣୀରେ ଉପସ୍ଥାନ ପଡୁ ନ ଥିବା ଓ ଅଷ୍ଟମ ଶ୍ରେଣୀରେ ପଢା ଯାଉ ନ ଥିବା ଠିକ୍। ଆଗକୁ ପରୀକ୍ଷା ଥିବାରୁ ଅନ୍ତତଃ ପିଲାଙ୍କୁ ପାଠପଢ଼ା ଠିକ୍‌ରେ ହେବା ଦରକାର। ସ୍କୁଲରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ୩୫୫ ଛାତ୍ରୀଛାତ୍ର ଥିଲେ। ଦଶମ ଶ୍ରେଣୀର ୬୯ ଜଣ ଚାଲିଯିବା ପରେ ୨୮୬ ଛାତ୍ରୀଛାତ୍ର ଅଛନ୍ତି। ଏଥିପାଇଁ ୧୨ ଜଣ ଶିକ୍ଷକ ନିଯୁକ୍ତ ହୋଇଛନ୍ତି।

# ଘର ଖଣ୍ଡିଏ ନ ପାଇ ଆଖି ବୁଜିଲେ ଲୋକନାଥ

**ବେଗୁନିଆ,୯।୩ (ଡି.ଏନ.ଏ.)**

ରାଜ୍ୟ ଓ କେନ୍ଦ୍ର ସରକାର ଗରିବ ଲୋକଙ୍କ ହିତ ପାଇଁ ବିଜୁ ପକ୍କା ଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କରିଛନ୍ତି। ଲୋକ ପକ୍କା ଘରେ ରହିବେ ବୋଲି ଉଭୟ ସରକାର କହୁଥିଲା ବେଳେ ଏହାର ସୁଫଳ ଲୋକେ ପାଉନାହାନ୍ତି। ଏଭଳି ଏକ ବ୍ୟତିକ୍ରମ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ସିକୋ ପଞ୍ଚାୟତ ଅଧୀନ ବେଲପଡା କୁମ୍ଭାରସାହିର ଲୋକନାଥ ମୁଦୁଲି (୬୯)ଙ୍କ କ୍ଷେତ୍ରରେ ଘଟିଛି। ସେ ଘର ଖଣ୍ଡିଏ ପାଇଁ ପ୍ରଶାସନ, ନେତାଙ୍କ ପାଖରେ ବାରମ୍ବାର ଗୁହାରି ହୋଇ ନ ପାଇ ଶେଷରେ ଶନିବାର ଅପରାହ୍ନରେ ଆଖି ବୁଜିଛନ୍ତି। ସେ ଜଣେ ଗରିବ ହୋଇଥିଲେ ମଧ୍ୟ ଘରଟିଏ ପାଇବାରୁ ବଞ୍ଚିତ ହୋଇଥିଲେ। ଏଥିସହ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପାଇବାର ବୟସଠାରୁ ୬ ବର୍ଷ ଅତିକ୍ରମ ପରେ ଏବେ ୨ ବର୍ଷ ହେଲା ଦିଆଯାଉଥିଲା। ସେହିପରି ବିଳମ୍ବରେ ରାଶନ ତାଲିକାରେ ସାମିଲ କରାଯାଇ ସାମଗ୍ରୀ ମିଳୁଥିଲା। ସେ ମାଟିରେ ତିଆରି ପାତ୍ର, ହାଣ୍ଡି ଗଢି ଜୀବିକା ନିର୍ବାହ କରୁଥିଲେ। ତାଙ୍କୁ ଏହି କାମରେ ପତ୍ନୀ ଏବଂ ଏକମାତ୍ର ମାନସିକ ବିକାରଗ୍ରସ୍ତ ପୁଅ ସହାୟତା କରୁଥିଲେ। ସେ ଏକାଧାରରେ କୁମ୍ଭକାର କାମ କରିବା ସହ ସ୍ଥାନୀୟ ଅଞ୍ଚଳରେ ଜଣେ ଭଲ କଳାକାର ଥିଲେ। ଗ୍ରାମାଞ୍ଚଳରେ ପରିବେଷିତ ହେଉଥିବା ପୁରାତନ ରାମ ନାଟକ, ଏକକ ଅଭିନୟ, ମୁକ୍ତ ମଞ୍ଚ ନାଟକ ଆଦିରେ ଅଭିନୟ କରୁଥିଲେ। ଲୋକନାଥଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପରିବାରକୁ ଏଯାଏ କୌଣସି ଆଖିଦୃଶିଆ ସରକାରୀ ସହାୟତା ଦିଆଯାଇ ନ ଥିବା ଯୋଗୁ ଅଞ୍ଚଳରେ ବୁଦ୍ଧିଜୀବୀମାନେ ନାପସନ୍ଦ କରୁଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ସୁରେଶ କୁମାର ସାହୁ କୁହନ୍ତି, ଲୋକନାଥ ଏବଂ ତାଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ବହୁ ବିଳମ୍ବରେ ହେଲେ ମଧ୍ୟ ବାର୍ଦ୍ଧକ୍ୟ ଭତ୍ତା, ରାଶନ ସାମଗ୍ରୀ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଛି। ମାତ୍ର ନୂତନ ଆବାସ ଯୋଜନା ତାଲିକାରେ ତାଙ୍କ ନାମ ପଞ୍ଜୀକରଣ ହୋଇଛି। ଲୋକନାଥଙ୍କ ପରିବାରକୁ ଖଣ୍ଡିଏ ଆବାସ ଖୁବ୍‌ଶୀଘ୍ର ଯୋଗାଇ ଦିଆଯିବାକୁ ବ୍ୟବସ୍ଥା କରାଯାଉଛି। ହରିଶ୍ଚନ୍ଦ୍ର ଯୋଜନା ପାଣ୍ଠିରୁ ମୃତଦେହ ସଂସ୍କାର ପାଇଁ ୨ ହଜାର ଟଙ୍କା ମଧ୍ୟ ସହାୟତା ଦିଆଯାଇଛି।

# ଭାଜପାର ବିଜୟ ସଙ୍କଳ୍ପ ଅଭିଯାନ

**ଖୋର୍ଦ୍ଧା ଅଫିସ,୯।୩**




ବିଜୟ ସଂକଳ୍ପ ଯାତ୍ରା ଲାଗି ଭାଜପା ପକ୍ଷରୁ ଅନୁଷ୍ଠିତ ବୈଠକ ।

କେନ୍ଦ୍ରରେ ପୁଣି ମୋଦି ସରକାରଙ୍କୁ ଫେରାଇବା ଓ ରାଜ୍ୟ ସରକାରଙ୍କୁ ବଦଳାଇ ଭାଜପାକୁ କ୍ଷମତାସୀନ କରାଇବାକୁ ନେଇ ୨୦୧୯ ସାଧାରଣ ନିର୍ବାଚନ ପାଇଁ ବିଜୟ ସଙ୍କଳ୍ପ ଅଭିଯାନ ମାର୍ଗଦର୍ଶିକା ଖସଡା ପ୍ରସ୍ତୁତ ହୋଇଛି। ଗୋଟିଏ ବିଧାନସଭା ନିର୍ବାଚନମଣ୍ଡଳୀରେ ଅତିକମରେ ୫୦ଟି ବିଜୟ ସଙ୍କଳ୍ପ ଅଭିଯାନ କାର୍ଯ୍ୟକ୍ରମ ହେବ। ଜିଲାରେ ୨୫୦ ସ୍ଥାନରେ କରାଯାଇ ୨ ଲକ୍ଷ ଲୋକଙ୍କ ସହ ସିଧାସଳଖ ସମ୍ପର୍କ ସ୍ଥାପନ କରାଯାଇ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଅବଗତ କରାଯିବ। ଚଳିତମାସ ୧୦ରୁ ୧୭ ତାରିଖ ପର୍ଯ୍ୟନ୍ତ ଏହା ଚାଲୁ ରହିବ ବୋଲି ସ୍ଥାନୀୟ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଖୋର୍ଦ୍ଧା ଜିଲା ସଭାପତି ସୁବାସ ଜେନା ପ୍ରକାଶ କରିଛନ୍ତି। ସଭାଗୁଡିକ ମୁଖ୍ୟତଃ ପୌର ପରିଷଦ, ବିଭିନ୍ନ ପଞ୍ଚାୟତର କାର୍ଯ୍ୟାଳୟ ସମ୍ମୁଖ, ପ୍ରମୁଖ ସ୍ଥାନଗୁଡିକରେ ହେବ। ଏଥିରେ ଜିଲାସ୍ତରୀୟ କାର୍ଯ୍ୟକର୍ତ୍ତା, ମୋର୍ଚ୍ଚା କାର୍ଯ୍ୟକର୍ତ୍ତା, ମଣ୍ଡଳ କାର୍ଯ୍ୟକର୍ତ୍ତା, ଆଶାୟୀ ପ୍ରାର୍ଥୀ, ମିଡିଆ ସେଲ୍ ଯୋଗଦେଇ ଭାଜପାର ବିଜୟ ସଙ୍କଳ୍ପକୁ ଲୋକଙ୍କ ପାଖରେ ପହଞ୍ଚାଇବେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିକୁଞ୍ଜ ପଟ୍ଟନାୟକ, ନଗର ସଭାପତି ଦିଲୀପ କୁମାର ହୋତା, ପ୍ରତାପ ମହାପାତ୍ର, ସେକ କବିର, ବସନ୍ତ ନାୟକ, ପ୍ରବକ୍ତା ମନୋଜ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

**ଟାଙ୍ଗୀ (ଖୋର୍ଦ୍ଧା),୯।୩(ଡି.ଏନ.ଏ.)**

ଟାଙ୍ଗୀ ବ୍ଲକ ପଣସପୁର ପାଟଣା ପ୍ରାଥମିକ ବିଦ୍ୟାଳୟରେ ଶନିବାର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ରୂପେ ପ୍ରାକ୍ତନ ଜିଲାପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଅବଧୂତ ଚମ୍ପତିରାୟ, ବାସୁଦେବ ସିଂହ, ରାଜକିଶୋର ମହାରଣା, ସଚ୍ଚିଦାନନ୍ଦ ଦାସ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ପରିଡା ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ସୁଜାତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସରୋଜିନୀ ମହାରଣା ଓ କମଳା ବେହେରା ସକ୍ରିୟ ସହଯୋଗ କରିଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

### ଜୟଦୁର୍ଗା କ୍ରିକେଟ:ଷ୍ଟାର ଇଲେଭେନ ବିଜେତା



ବିଜେତା ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି ।

**କୃଷ୍ଣପ୍ରସାଦ,୯।୩(ଡି.ଏନ.ଏ.)**

କୃଷ୍ଣପ୍ରସାଦ ବ୍ଲକର ହାତିଆଶୁଣୀ ଷ୍ଟାଡିୟମ ଠାରେ ବଳରାମପୁର ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ ପ୍ରତିଯୋଗିତାରେ ଷ୍ଟାର ଇଲେଭେନ ମୋରଡା ଦଳ ଚାମ୍ପିୟନ ହୋଇଛି । ଉଦଯାପନୀ ଦିବସରେ ବ୍ରହ୍ମଗିରି ଭାଜପା ନେତା ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିମନ୍ତ୍ରିତ ଅତିଥି ଭାବେ ବ୍ଲକ ଭାଜପା ସଭାପତି ଦୀନବନ୍ଧୁ ଜେନା,ବରିଷ୍ଠ ଶିକ୍ଷାବିତ୍ ଜୟରାମ ଦାସ,ବ୍ଲକ ଭାଜପା ଯୁବମୋର୍ଚ୍ଚା ପ୍ରଭାରୀ ଉତ୍ତମ କୁମାର ତରାଇ, ବ୍ଲକ ମିଡିଆ ସେଲ ମୁଖ୍ୟ ସଂଗ୍ରାମ କେଶରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଦିବସର ଖେଳ ଏସଏସବିଏ କ୍ରିକେଟ ଟିମ ମାଲୁଦ ବସ୍ତି ବନାମ ଷ୍ଟାର ଇଲେଭେନ କ୍ରିକେଟ ଟିମ ମୋରଡା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ମାଲୁଦ ଦଳ ପ୍ରଥମେ ବ୍ୟାଟିଂ କରି ୧୫ ଓଭର ମଧ୍ୟରେ ୧୦୧ ରନ୍ ସଂଗ୍ରହ କରିଥିବା ବେଳେ ମୋରଡା ଦଳ ଜବାବରେ ଆବଶ୍ୟକ ୧୦୨ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା।

### ରାଶନ କାର୍ଡ ନ ପାଇ ଗରିବ ପରିବାର ହନ୍ତସନ୍ତ

**ଟାଙ୍ଗୀ (ଖୋର୍ଦ୍ଧା) ୯।୩ (ଡି.ଏନ.ଏ.)**

ରାଶନକାର୍ଡ ପାଇ ନ ଥିବାରୁ ଖାଉଟି ସାମଗ୍ରୀ ନ ପାଇ ୮ ପ୍ରାଣୀ କୁଟୁମ୍ବ ଦୁର୍ଦ୍ଦଶା ଭୋଗୁଛନ୍ତି। ଏପରି ଘଟଣା ଟାଙ୍ଗୀ ବ୍ଲକ୍ ରାମଚନ୍ଦ୍ରପୁରର ପଣସପୁର ଗ୍ରାମରେ ଦେଖିବାକୁ ମିଳିଛି। ପରିବାରର ମୁଖ୍ୟ ହେଉଛନ୍ତି ଲକ୍ଷ୍ମଣ ପ୍ରଧାନ। ସ୍ତ୍ରୀଙ୍କ ସମେତ ତାଙ୍କର ଦୁଇ ବିବାହିତ ପୁଅ ଅଛନ୍ତି। ବଡପୁଅ ନବକିଶୋର ଅଲଗା ହୋଇ ଯାଇଥିଲେ ମଧ୍ୟ ଖାଉଟି ସାମଗ୍ରୀରୁ ବଞ୍ଚିତ। ବିପିଏଲ ତାଲିକାଭୁକ୍ତ ହୋଇ ଲକ୍ଷ୍ମଣ ପୂର୍ବରୁ ୨୫ କେଜି ଚାଉଳ ପାଉଥିଲେ। ରାଜ୍ୟ ସରକାର ନୂତନ ଖାଦ୍ୟ ସୁରକ୍ଷା ଯୋଜନା ପ୍ରଚଳନ କରିବା ପରେ ସର୍ଭେ ସମୟରେ କୌଣସି କାରଣରୁ ତାଙ୍କ ନାମ ନୂତନ ତାଲିକାରେ ଦରଜ ହୋଇପାରିଲା ନାହିଁ। ଫଳରେ ସେବେଠାରୁ ସେ ଏହି ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଲକ୍ଷ୍ମଣଙ୍କ ଜବ୍‌କାର୍ଡ ଥିଲେ ବି କୌଣସି କାମ ମିଳୁନାହିଁ। ଏହି ସମସ୍ୟା ନେଇ ସ୍ଥାନୀୟ ଲୋକପ୍ରତିନିଧି ଓ ବ୍ଲକ ଅଧିକାରୀଙ୍କୁ ଗୁହାରି କରୁଥିଲେ ମଧ୍ୟ କେବଳ ଆଶ୍ୱାସନା ପାଇ ଫେରୁଥିବା କଥା ସେ ଦୁଃଖର ସହ କହିଛନ୍ତି। ଏ ସମ୍ପର୍କରେ ଟାଙ୍ଗୀ ବିଡିଓ ଭାସ୍କର ରଇତଙ୍କୁ ପଚାରିବାରୁ ସେ କହିଥିଲେ, ବର୍ତ୍ତମାନ କିଛି କରିହେବ ନାହିଁ। ସାଧାରଣ ନିର୍ବାଚନ ପରେ ସରକାର ଏହା ପାଇଁ ପୁଣି ପଦକ୍ଷେପ ନେବା ଆରମ୍ଭ କଲେ ଲକ୍ଷ୍ମଣ ଏଥିରେ ସାମିଲ ହୋଇପାରିବେ।

### ଟିକାତାଲଠାରେ ଶିକ୍ଷକଙ୍କ ସ୍ମୃତି ଦିବସ

**ବୋଲଗଡ,୯।୩(ଡି.ଏନ.ଏ.)**



ସ୍ମୃତି ସ୍ତମ୍ଭ ନିକଟରେ ଦିବଂଗତ ଶିକ୍ଷକଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି ।

ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ଟିକାତାଲସ୍ଥିତ ଶହୀଦ ସ୍ମୃତିସ୍ତମ୍ଭ ଠାରେ ଶନିବାର ସ୍ମୃତି ଦିବସ ପାଳିତ ହୋଇଯାଇଛି। ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଡାକରାରେ ୧୯୭୮ ମସିହା ମାର୍ଚ୍ଚ ମାସ ୯ତାରିଖରେ ଭୁବନେଶ୍ୱରରେ ଶିକ୍ଷକମାନଙ୍କର ଏକ ଶୋଭାଯାତ୍ରାରେ ଯୋଗଦେବାପାଇଁ ଯାଉଥିବା ୬ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କର ଟିକାତାଲଠାରେ ୫୭ନଂ ଜାତୀୟ ରାଜପଥରେ ଏକ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା । ଦିବଂଗତ ୬ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ସ୍ମୃତି ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ଦୁର୍ଘଟଣା ସ୍ଥଳରେ ଶହୀଦ ସ୍ମୃତି ସ୍ତମ୍ଭ ନିର୍ମାଣ କରାଯାଇଛି । ସେହି ବର୍ଷଠାରୁ ଶିକ୍ଷକ ସଂଘ ପକ୍ଷରୁ ମାର୍ଚ୍ଚ ୯ତାରିଖରେ ଦିବଂଗତ ଶିକ୍ଷକମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି। ଶନିବାର ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ଭାବେ ଶିକ୍ଷକ ମହାସଂଘ ପକ୍ଷରୁ ବିବେକାନନ୍ଦ ଦାଶ ଯୋଗଦେଇଥିଲେ। ଓଷ୍ଟା ପକ୍ଷରୁ ଶିକ୍ଷକ ମନୋଜ କୁମାର ଗୁମାନସିଂହ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ଶିକ୍ଷୟିତ୍ରୀ ତଥା କବୟିତ୍ରୀ ସେବତୀ ପରିଡାଙ୍କ ସମେତ ଅନ୍ୟମାନେ ସ୍ମୃତି କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ।

■ ବଢୁଛି ପୋଲିସର ଗୁଣ୍ଡାଗର୍ଦ୍ଦି

# ଆଚାର ସଂହିତା ମାନୁନାହାନ୍ତି ଅଫିସର

**ତ୍ରିନାଥ ମହାନ୍ତି**
**ଭୁବନେଶ୍ୱର,୯।୩(ବ୍ୟୁରୋ)**

- ■ କାର୍ଯ୍ୟାନୁଷ୍ଠାନ ବଦଳରେ ଖସାଇବାକୁ ବିଭାଗୀୟ ତଦନ୍ତ
- ■ ଦୋଷୀ ପୋଲିସଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ: ଡିଜିପି



ଜଣେ ମହିଳାଙ୍କୁ ପୋଲିସ ଅଧିକାରୀ ମାଡ ମାରୁଛନ୍ତି ।

ଥାନାକୁ ଅଭିଯୋଗ କରିବାକୁ ଗଲେ ଅଭିଯୋଗକାରୀଙ୍କୁ ଉତ୍ତମ ବ୍ୟବହାର ଦେଖାଇବା ପାଇଁ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ନିର୍ଦ୍ଦେଶ ରହିଛି। ଏପରି କି ଲୋକଙ୍କୁ କିଭଳି ବ୍ୟବହାର ଦେଖାଇବେ ସେନେଇ ପୋଲିସକୁ ତାଲିମ ମଧ୍ୟ ଦିଆଯାଉଛି। କିନ୍ତୁ ବାସ୍ତବରେ କିଛି ପରିବର୍ତ୍ତନ ହେଉନାହିଁ। ପୋଲିସ ବାବୁମାନେ ଆଚାର ସଂହିତା ମାନିବାକୁ ନାରାଜ। ପୋଲିସ ପୋଷାକ ପିନ୍ଧିଲେ କେତେଜଣ ଅଫିସର ଇନ୍ଦ୍ରଚନ୍ଦ୍ର ମାନୁନାହାନ୍ତି। ଯାହାର ଉଦାହରଣ ରାଜ୍ୟର ଏକାଧିକ ଘଟଣାରୁ ସ୍ପଷ୍ଟ ବାରି ହୋଇପଡୁଛି। ଏବେ ରାଜ୍ୟର ବିଭିନ୍ନ ସ୍ଥାନରେ ପୋଲିସ ବାବୁଙ୍କ ଗୁଣ୍ଡାଗର୍ଦ୍ଦି ବଢିଚାଲିଛି। ଏଭଳି ଗୁଣ୍ଡାଗର୍ଦ୍ଦିର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୋଲିସ ଉପରୁ ଏବେ ଲୋକଙ୍କ ଭରସା ତୁଟିବାରେ ଲାଗିଛି। ଅନ୍ୟପଟେ କିନ୍ତୁ ପୋଲିସକୁ ଶାସକ ଦଳର ଗୁଣ୍ଡାମାନେ ପିଟୁଥିବା ବେଳେ ପୋଲିସ ଚୁପ ହୋଇ ବସୁଛି। ଯେଉଁ ପୋଲିସ ଆଇନର ରକ୍ଷକ ସାଜୁଥିଲା ସେ ଏବେ ଭକ୍ଷକ ସାଜି ଲୋକଙ୍କ ଉପରେ ଜୁଲମ କରୁଛି। ଏଭଳି ଘଟଣା ଦେଖିବାକୁ ମିଳିଛି ରେଙ୍ଗାଲି, ପାଟଣାଗଡ଼ ଓ କଟକରେ।

କଟକରେ ଗତ ମଙ୍ଗଳବାର ଜଣେ ଏସ୍‌ପି ଯେଭଳି ଜଣେ ବ୍ୟକ୍ତିଙ୍କୁ ରାସ୍ତା ମଝିରେ ବିନା କାରଣରେ ପିଟିଲେ ତାହା ଏବେ ସମସ୍ତଙ୍କୁ ଚକିତ କରିଛି। ମଙ୍ଗଳବାର କଟକରେ ନିଶା ନିବାରଣ ଶୋଭାଯାତ୍ରା ଚାଲିଥିବା ବେଳେ ଜଣେ ଯୁବକଙ୍କୁ ହଠାତ୍ ବିନା କାରଣରେ କଟକ ଜୋନ୍-୨ ଏସିପି ଏସ୍‌କେ ସରିଫୁଦ୍ଦିନ ପିଟିଥିଲେ। ପୋଲିସ ବାବୁଙ୍କ ଭିଡିଓ ଭାଇରାଲ ହେବା ପରେ ଏବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ବଦଳରେ ବିଭାଗୀୟ ତଦନ୍ତ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସବୁଥର ପରି ଘଟଣା ପୁରୁଣା ହେଲେ ପୋଲିସ ମାମଲାକୁ ଚାପି ଦେବ ବୋଲି ଆଲୋଚନା ହେଉଛି।

ପାଟଣାଗଡ଼ରେ ମଧ୍ୟ ଅନୁରୂପ ଘଟଣା ଦେଖିବାକୁ ମିଳିଛି। ପାଟଣାଗଡ଼ ମେଡିକାଲରୁ ଚୋରି ହୋଇଥିବା ଶିଶୁର ବାପା ରୁଦ୍ରମଣି ତାଣ୍ଡିଙ୍କୁ ପାଟଣାଗଡ ଥାନାର ଏଏସ୍‌ଆଇ ଅନାଦି ମଟାରି ରାସ୍ତାରେ ନିର୍ଘୃମ୍ ପିଟିଛନ୍ତି। ପିଲାକୁ ପାଇବା ପାଇଁ ରୁଦ୍ର ଓ ଅନ୍ୟମାନେ ରାସ୍ତାରେ ବିକ୍ଷୋଭ କରୁଥିଲେ। ଏପରି କି ତାଙ୍କ ପିଲାକୁ ତୁରନ୍ତ ଖୋଜି ଆଣି ଦେବାକୁ ସେ ପୋଲିସ ନିକଟରେ ଆକୁଳ ନିବେଦନ କରୁଥିଲେ। କିନ୍ତୁ ପୋଲିସ ଖୋଜିବା ବଦଳରେ ହଠାତ୍ ରାସ୍ତାରେ ଏଏସ୍‌ଆଇ ଅନାଦି ତାଙ୍କୁ ପିଟିଥିଲେ। ଏହି ଭିଡିଓ ଭାଇରାଲ ହେବା ପରେ ଏଏସଆଇ ଅନାଦିଙ୍କୁ ନିଲମ୍ବିତ କରାଯାଇଛି।

ସେହିପରି ରେଙ୍ଗାଲି ଥାନାର ଏଏସ୍‌ଆଇ ଦ୍ରୋଣାଚାର୍ଯ୍ୟ ସାହୁଙ୍କ ଗୁଣ୍ଡାଗର୍ଦ୍ଦିର ଭିଡଓ ଭାଇରାଲ ହୋଇଛି। ଭିଡିଓଟି ପୁରୁଣା ହୋଇଥିଲେ ମଧ୍ୟ ଏବେ ଲୋକଲୋଚନକୁ ଆସିବା ପରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଏସ୍‌ଆଇ ଦ୍ରୋଣାଚାର୍ଯ୍ୟ ଜଣେ ମହିଳାଙ୍କ ହାତ ମୋଡି ତାଙ୍କୁ ମାଡ଼ ମାରୁଛନ୍ତି। ମହିଳାଙ୍କୁ ଛୁଇଁବାକୁ ପୁରୁଷ ପୋଲିସର ନିୟମ ନ ଥିବା ବେଳେ କିଭଳି ଏଏସ୍‌ଆଇ ଦ୍ରୋଣାଚାର୍ଯ୍ୟ ତାଙ୍କ ହାତଧରି ମାଡ଼ ମାରିଛନ୍ତି ତାହା ସବୁଠୁ ଆଶ୍ଚର୍ଯ୍ୟ କରିଛି। ଭିଡିଓ ଭାଇରାଲ ହେବା ପରେ ସମ୍ପୃକ୍ତ ଏଏସ୍‌ଆଇଙ୍କୁ ନିଲମ୍ବିତ କରାଯାଇଛି।

ତଳତଳିଆ ପୋଲିସ ଅଫିସରଙ୍କ ବିରୋଧରେ ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇ ତାଙ୍କୁ ନିଲମ୍ବିତ କରାଯାଉଛି। କିନ୍ତୁ ଉଚ୍ଚପଦସ୍ଥ ଅଫିସରଙ୍କ ପାଇଁ ସବୁ ମାଫ। ପୂର୍ବରୁ ନୟାପଲ୍ଲୀ ଥାନାରେ ଦୁଇ ଦଳିତ ଭଉଣୀଙ୍କୁ ପୋଲିସ ମାଡ଼ ମାରି ମିଛ ମାମଲାରେ ଜେଲରେ ପୂରାଇଲେ। ହେଲେ ଥାନା ଅଧିକାରୀ ଓ ୩ଜଣ ଏସ୍‌ଆଇଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଅଦ୍ୟାବଧି ଗ୍ରହଣ କରାଯାଇନାହିଁ। ଏନେଇ ମାନବାଧିକାର କର୍ମୀ ପ୍ରଦୀପ ନାୟକ କହିଛନ୍ତ, ପୋଲିସର ଏଭଳି ଗୁଣ୍ଡାଗର୍ଦ୍ଦି ନୂଆ ନୁହେଁ। କିନ୍ତୁ ଦୋଷୀ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସେମାନେ ପୁଣି ଏଭଳି ଘଟଣା ଘଟାଇବାକୁ ସାହସ କରୁଛନ୍ତି। ଏ ସମ୍ପର୍କରେ ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି,ଏଭଳି ତିନୋଟି ଘଟଣା ମୋ ନଜରକୁ ଆସିଛି। ଏହାର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛି। ଦୋଷୀ ପୋଲିସ ଅଫିସରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

